ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୧ ସେପ୍ଟେମ୍ବର, ୨୦୧୯ | (୨୦ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 1 September, 2019 | ★★★★★

୧୫ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



## କନିଆଁ ବେଶରେ ଆଲିଆ

ଅଭିନେତ୍ରୀ ଆଲିଆ ଭଟ୍ଟ ଏକ ବିଜ୍ଞାପନ ଶୁଟିଂ ସେଟ୍‌ରୁ ନିଜର ଦୁଇଟି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି।

୦୨

୧୮

## ମୁକୁନ୍ଦଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଭାରତୀୟ ଟେନିସ୍ ଖେଳାଳି ଶଶୀ କୁମାର ମୁକୁନ୍ଦ ତାଙ୍କ କ୍ୟାରିୟରରେ ପ୍ରଥମ ଥର ଏକ ଏଟିପି ଚ୍ୟାଲେଞ୍ଜର ଟୁରରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଭାରତର ପ୍ରମୁଖ ସମସ୍ୟା

### ଆଜିର ମନ୍ତବ୍ୟ

"କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ବିକଳ୍ପ ନୁହେଁ ଯୁଦ୍ଧ ।

–ଶାହ ମେହମୁଦ୍ କୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜୁଲାଇ ସମୟରେ ଦେଶରୁ ସୂତା ଏବଂ କଟନ କପଡ଼ା ରପ୍ତାନି ୨୪% ହ୍ରାସ ଘଟିଛି।

– କଟନ ଟେକ୍ସଟାଇଲ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍

## ■ ପ୍ରକାଶ ପାଇଲା ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା

# ବାଦ୍ ପଡ଼ିଲେ ୧୯ ଲକ୍ଷ

ଗୁଆହାଟୀ,୩୧।୮ (ଆଇଏଏନ୍‌ଏସ୍)

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବହୁପ୍ରତୀକ୍ଷିତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଚୂଡ଼ାନ୍ତ ତାଲିକା ଶନିବାର ସକାଳେ ପ୍ରକାଶ ପାଇଛି। ଏଥିରୁ ଆସାମର ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡ଼ିଛନ୍ତି। ଏନ୍‌ଆର୍‌ସି କର୍ତ୍ତୃପକ୍ଷଙ୍କ ଘୋଷଣା ଅନୁଯାୟୀ ଚୂଡ଼ାନ୍ତ ତାଲିକାରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଥିବାବେଳେ ୧୯ ଲକ୍ଷ ୬ ହଜାର ୬୫୭ ଜଣଙ୍କ ନାମ ନାହିଁ। ଯେଉଁମାନେ ସାମିଲ ହୋଇନାହାନ୍ତି ସେମାନେ ନିଜକୁ ନାଗରିକ ଭାବେ ଦାବି ଉପସ୍ଥାପନ କରି ନ ଥିଲେ। ତେବେ ଏନ୍‌ଆର୍‌ସିରେ ସାମିଲ ହେବା ପାଇଁ ପରବର୍ତ୍ତୀ ସମୟରେ ସେମାନେ ଟ୍ରିବ୍ୟୁନାଲ ଓ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନିଜ ନାଗରିକତ୍ୱର ପ୍ରମାଣ ଦେଇପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଜମ୍ମୁ–କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପରେ ଆସାମ ଏନ୍‌ଆର୍‌ସି ତାଲିକା ଦ୍ୱିତୀୟ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ୫୨ ହଜାର କର୍ମଚାରୀ ନିୟୋଜିତ ଥିଲେ। ନୂଆ ତାଲିକାକୁ ନେଇ ସମ୍ଭାବ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିପାଇଁ ୨୧୮ କମ୍ପାନୀ ଅତିରିକ୍ତ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଥିଲା। କୌଣସି ସ୍ଥାନରେ ୪ରୁ ଅଧିକ ଲୋକ ଏକତ୍ର ହେବା ଉପରେ କଟକଣା ଜାରି କରାଯାଇଥିଲା। ପ୍ରକାଶିତ ଚୂଡ଼ାନ୍ତ ତାଲିକାରୁ ଆସାମର ଦ୍ୱିତୀୟ ପ୍ରଭାବଶାଳୀ ବିରୋଧୀ ଦଳ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍)ର ବିଧାୟକ ଅନନ୍ତ କୁମାର ମାଲୋ ଏବଂ ଅବସରପ୍ରାପ୍ତ ସେନା ଅଧିକାରୀ ବାଦ୍ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହମ୍ମଦ ସନାଉଲ୍ଲା ନାମକ ଏହି ଅଧିକାରୀ ସେନାରେ ଥିବାବେଳେ କଶ୍ମୀର ଏବଂ ମଣିପୁରରେ ଆତଙ୍କବାଦୀଙ୍କ ସହ ଲଢ଼ିଆସିଥିଲେ। ତେବେ ଗତ ମେ ମାସରେ ଫରେନର୍ସ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗିରଫ କରାଯାଇ ୧୨ ଦିନ ଅଟକ ରଖାଯାଇଥିଲା। ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଜାମିନରେ ଛଡ଼ାଯାଇଥିଲା। ଏବେ ବି ତାଙ୍କ ନାମରେ ମାମଲା ଚାଲିଛି। ଦେଶ ପାଇଁ ସେବା କରି କ'ଣ ପାଇଲି। ଜଣେ ଭାରତୀୟ ହୋଇ ମଧ୍ୟ ମୋତେ ବିଦେଶୀ ଘୋଷଣା କରାଯିବ, ତାହା କେବେ ବି ଭାବି ନ ଥିଲି ବୋଲି ସନାଉଲ୍ଲା କହିଛନ୍ତି। ☞ପୃଷ୍ଠା–୪



ନିଜ ନାମ ଯାଞ୍ଚ ପାଇଁ ଗୁଆହାଟୀସ୍ଥିତ ଏକ ସେବାକେନ୍ଦ୍ରକୁ ଯାଇଥିବା ଦୁଇ ମହିଳା ଦସ୍ତାବିଜ ଦେଖାଉଛନ୍ତି।

- ■ ହିନ୍ଦୁଙ୍କୁ ତଡ଼ିବାକୁ ଷଡ଼ଯନ୍ତ୍ର ହୋଇଛି: ରାଜ୍ୟ ଭାଜପା
- ■ ଲୋକଙ୍କୁ ଭୁଆଁ ବୁଲାଇବାକୁ ଭାଜପା ଉଦ୍ୟମ କରୁଛି: କଂଗ୍ରେସ
- ■ ଟ୍ରିବ୍ୟୁନାଲ ଓ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବାଦ୍ ପଡ଼ିଥିବା ବ୍ୟକ୍ତି

# କମ୍ପାନୀ ଅଧିକାରୀ ଏବେ ସରକାରୀ ବାବୁ

### କେନ୍ଦ୍ର ସରକାରଙ୍କ ପ୍ରଥମ ପଦକ୍ଷେପ

■ ଯୁଗ୍ମ ସଚିବ ପଦରେ ୯ ଜଣଙ୍କୁ ନିଯୁକ୍ତି

ନୂଆଦିଲ୍ଲୀ,୩୧।୮

ସାଧାରଣତଃ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଫିସରମାନଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ନିଯୁକ୍ତ କରାଯାଇଥାଏ। ଏହା ବ୍ୟତୀତ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ତିନିପର୍ଯ୍ୟାୟ ଚୟନ ପ୍ରକ୍ରିୟା ମାଧ୍ୟମରେ ମଧ୍ୟ କେତେଜଣଙ୍କୁ ଏହି ପଦବୀ ପାଇଁ ବଛାଯାଇଥାଏ। ତେବେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ଶୁକ୍ରବାର ଘରୋଇ କମ୍ପାନୀର ୯ ଜଣ ବିଶେଷଜ୍ଞଙ୍କୁ ବିଭିନ୍ନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଛି। ସେମାନେ ୩ ବର୍ଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବେ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି। ସପ୍ତମ ବେତନ କମିଶନଙ୍କ ପେ' ମାଟ୍ରିକ୍ସର ସ୍ତର ୧୪ରେ ସେମାନେ ରହିବେ।

ଘରୋଇ କମ୍ପାନୀରୁ ଆସି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ହେଲେ କାକୋଲି ଘୋଷ(କୃଷି ମନ୍ତ୍ରଣାଳୟ), ଅମ୍ବର ଦୁବେ (ବେସାମରିକ ବିମାନ ଚଳାଚଳ), ଅରୁଣ ଗୋଏଲ (ବାଣିଜ୍ୟ), ରାଜୀବ ସାକ୍‌ସେନା (ଆର୍ଥିକ ବ୍ୟାପାର), ସୁଜିତ କୁମାର ବାଜପେୟୀ (ପରିବେଶ ଓ ଜଙ୍ଗଲ), ସୌରଭ ମିଶ୍ର (ଆର୍ଥିକ ସେବା), ଦିନେଶ ଦୟାନନ୍ଦ ଜଗ୍‌ଦଲେ (ଅକ୍ଷୟ ଶକ୍ତି), ସୁମନ ପ୍ରସାଦ ସିଂ (ସଡକ ପରିବହନ ଓ ଜାତୀୟ ରାଜପଥ) ଏବଂ ଭୂଷଣ କୁମାର (ଜାହାଜ ଚଳାଚଳ)। ଲାଟେରାଲ ଏଣ୍ଟ୍ରି ପଦ୍ଧତି ବା ଘରୋଇ କମ୍ପାନୀରୁ ବିଶେଷଜ୍ଞମାନଙ୍କୁ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତି ପାଇଁ ଗତବର୍ଷ ଜୁନ୍‌ରେ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ପ୍ରଶାସନିକ ବ୍ୟବସ୍ଥା ମଧ୍ୟକୁ ନୂଆ ମେଧାବୀମାନଙ୍କୁ ଆଣିବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କର ଏହା ଅଭିନବ ପଦକ୍ଷେପ ବୋଲି କୁହାଯାଉଛି।




# ଆଜିଠୁ ନୂଆ ମୋଟର ଯାନ ଆଇନ

- ■ ବହୁଗୁଣା ହେଲା ଜରିମାନା ରାଶି
- ■ ବିନା ହେଲ୍‌ମେଟ, ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଗଲେ ୧ ହଜାର ଟଙ୍କା ଜରିମାନା
- ■ ଫିଟ୍‌ନେସ ନ ଥିଲେ, ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଦେବାକୁ ପଡ଼ିବ ୧୦ ହଜାର

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

ରାଜ୍ୟରେ ନୂଆ ମୋଟର ଯାନ ଆଇନ–୨୦୧୯ ରବିବାରଠାରୁ ଲାଗୁ କରାଯିବ। ମୋଟର ଯାନ ଆଇନ ୧୯୮୮କୁ କେନ୍ଦ୍ର ସରକାର ସଂଶୋଧନ କରିଛନ୍ତି। ସଡ଼କ ପରିବହନ ବିଭାଗ ଦ୍ୱାରା ଲୋକମାନଙ୍କୁ ଉତ୍ତମ ସୁବିଧା ଯୋଗାଇଦେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣାର ଶିକାର ଲୋକଙ୍କୁ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପାଇଁ ଏଥିରେ କେତେକ ସଂଶୋଧନ କରାଯାଇଛି। ଗାଡି ଧକ୍କାରେ ମୃତାହତ ଲୋକଙ୍କ ପାଇଁ ମୋଟର ଯାନ ଦୁର୍ଘଟଣା ସହାୟତା ପାଣ୍ଠି ଗଠନ କରାଯାଇଛି। ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ବୀମାଭୁକ୍ତ ☞ପୃଷ୍ଠା–୪

## ଆରମ୍ଭ ହେଲା ୨୦୩୫ ୱାର୍ଡ ଅଫିସ

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଲୋକସେବା ଭବନରୁ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଯୋଜନା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳ ପାଇଁ ଏକାଧିକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସରକାର ରାଜ୍ୟ ସହରାଞ୍ଚଳର ସମସ୍ତ ୨୦୩୫ ୱାର୍ଡରେ ୱାର୍ଡ ଅଫିସ ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟେକ ୱାର୍ଡରେ ଜଣେ ଅଧିକାରୀ କାର୍ଯ୍ୟ କରିବେ। ସ୍ଥାନୀୟ ପୌରସଂସ୍ଥାର ପ୍ରଶାସନିକ ମୁଖ୍ୟ ଏହି ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବେ ବୋଲି ଜଣାପଡ଼ିଛି। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବିତ ପୁରୀ ସହରର କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଅନ୍‌ଲାଇନରେ ସହାୟତା ରାଶି ମଧ୍ୟ ପ୍ରଦାନ କରିଥିଲେ। ଏଥିସହିତ କ୍ଷୁଦ୍ର ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର, ବିଡିଏରେ ଅନ୍‌ଲାଇନ ପ୍ଲାନ ଅନୁମୋଦନ ବ୍ୟବସ୍ଥା, ଅନ୍‌ଲାଇନ ବିବାହ ପ୍ରମାଣପତ୍ର ବ୍ୟବସ୍ଥା କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରାଯାଇଛି।

(ବିସ୍ତୃତ ରିପୋର୍ଟ ପୃଷ୍ଠା–୪)

NECC NATIONAL EGG CO-ORDINATION COMMITTEE | 31.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 51 | 94 | 104 |
| BHM | 50 | 93 | 103 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





"ଅଚ୍ଛେଦିନ୍ କଥା କହୁଥିବା ଭାଜପା ସରକାର ଅର୍ଥନୀତିକୁ ପଙ୍କଚର କରିଛି। ଜିଡିପି ଅଭିବୃଦ୍ଧି ହାରରୁ ଏହା ବେଶ୍ ଅନୁମେୟ।
-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ନାଳକୁ ବସ୍ ଖସି ୨୪ ମୃତ



**ପେଶାୱାର, ୩୧।୮(ପି.ଟି.):** ଉତ୍ତର-ପଶ୍ଚିମ ପାକିସ୍ତାନରେ ଏକ ଯାତ୍ରୀବାହୀ ବସ୍ ପୋଲ ଭାଙ୍ଗି ନାଳରେ ଖସିପଡ଼ିବାରୁ ଏଥିରେ ଥିବା ୨୪ ଜଣଙ୍କ ପ୍ରାଣହାନି ଘଟିଛି। ଅନେକ ଶିଶୁ ଓ ମହିଳା ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୋଟ ୩୫ ଯାତ୍ରୀଙ୍କୁ ନେଇ ବସ୍‌ଟି ବାଗ୍‌ରୁଠାରୁ କାଣ୍ଡିଆ ଅଭିମୁଖେ ଯାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣାର କିଛି ସମୟ ପରେ ପୋଲିସ ଓ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ।

### ବିବେକ ଜୋହ୍‌ରି ବିଏସ୍‌ଏଫ୍ ଡିଜି




**ନୂଆଦିଲ୍ଲୀ, ୩୧।୮(ପି.ଟି.):** ଆଇପିଏସ୍ ଅଫିସର ବିବେକ କୁମାର ଜୋହ୍‌ରି ଶନିବାର ବିଏସ୍‌ଏଫ୍‌ର ୨୫ତମ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଏସ୍‌ଏଫ୍ ମୁଖ୍ୟାଳୟଠାରେ ୧୯୮୪ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର୍‌ର ଏହି ଅଫିସର୍ ରଜନୀକାନ୍ତ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ 'ର'(ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ)ରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର ଇନ୍ ସ୍ପେଶାଲ ଡ୍ୟୁଟି(ଏସ୍‌ଓଡି)ଭାବେ ସେ କାର୍ଯ୍ୟ କରିଥିଲେ। ଭୋପାଳରେ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିବା ଜୋହ୍‌ରି ସିବିଆଇରେ ମଧ କାର୍ଯ୍ୟ କରିଛନ୍ତି। ସେ ଆସନ୍ତା ବର୍ଷ ସେପ୍ଟେମ୍ବରରେ ଅବସର ନେବେ।

## ■ ଧମକ କାମ ଦେଲାନି, ନରମିଲା ପାକିସ୍ତାନ

# ବିକଳ୍ପ ନୁହେଁ ଯୁଦ୍ଧ

ଇସ୍‌ଲାମାବାଦ/ୱାଶିଂଟନ, ୩୧।୮(ପି.ଟି.)



ଶାହ ମେହମୁଦ କୁରେଶୀ

କଶ୍ମୀର ପ୍ରସଙ୍ଗକୁ ନେଇ ଯୁଦ୍ଧ ବିକଳ୍ପ ନୁହେଁ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଶନିବାର କହିଛନ୍ତି। ୩୭୦ ଧାରା ଉଚ୍ଛେଦ ପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତ ବିରୋଧରେ ବାରମ୍ବାର ପରମାଣୁ ଯୁଦ୍ଧର ଧମକ ଦେଇ ଅନ୍ତର୍ଜାତୀୟ ସମୁଦାୟକୁ ଉସୁକାଉଥିବା ବେଳେ କୁରେଶୀ ଭିନ୍ନ କଥା କହିଛନ୍ତି। ଭାରତର କଡ଼ା ଆଭିମୁଖ୍ୟ ଆଗରେ ପାକିସ୍ତାନ ହାର୍ ମାନି ଶେଷରେ ନରମିଛି। ବିବିସି ଉର୍ଦ୍ଦୁକୁ ସାକ୍ଷାତ୍କାର ଦେଇ କୁରେଶୀ କହିଛନ୍ତି

**୩୭୦ ଧାରାର ପୁନର୍ବିଚାର ନ ହେଲେ ଭାରତ ସହ ଆଲୋଚନା ହେବନି: ଇମ୍ରାନ୍**

ଯେ, ପାକିସ୍ତାନ କୌଣସି ଆକ୍ରମଣାତ୍ମକ ମନୋଭାବ ରଖିନାହିଁ। ଏହା ସବୁବେଳେ ଶାନ୍ତିକୁ ଗୁରୁତ୍ୱ ଦେଇଥାଏ। ଦ୍ୱିପାକ୍ଷିକ ଆଲୋଚନା ଲାଗି ପାକିସ୍ତାନ ସରକାର ଭାରତକୁ ବହୁବାର ଅନୁରୋଧ କରି ବିଫଳ ହୋଇଛି। ଭାରତ ଆଲୋଚନା ଟେବୁଲକୁ ଆସୁନାହିଁ। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। କଶ୍ମୀର ଏବେ ଅନ୍ତର୍ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିବା ସେ କହିଛନ୍ତି। ତେଣୁ ଶାନ୍ତିରକ୍ଷା ଲାଗି ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଅନ୍ତର୍ଜାତୀୟ ସମୁଦାୟ ଏଥିଲାଗି ଆଗେଇ ଆସିବାକୁ କୁରେଶୀ କହିଛନ୍ତି। ପ୍ରକାଶଥାଉ କି, ପାକ୍ ପ୍ରଧାନମନ୍ତ୍ରୀ ପୁଣି ଶୁକ୍ରବାର ପରମାଣୁ ବୋମାର ଧମକ ଦେଇ ବିଶ୍ୱ ସମୁଦାୟକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଅନ୍ତର୍ଜାତୀୟ ସମୁଦାୟ କଶ୍ମୀରକୁ ନେଇ ମୁଣ୍ଡ ନ ପୂରାଇଲେ ଦୁଇ ଅଣୁ ଶକ୍ତିସମ୍ପନ୍ନ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧହେବା ନିଶ୍ଚିତ ବୋଲି ସେ କହିଥିଲେ। ଏହି ଯୁଦ୍ଧ ଲାଗି ବିଶ୍ୱ ସମୁଦାୟ ଦାୟୀ ରହିବେ ବୋଲି ମଧ ସେ ଉଲ୍ଲେଖ କରିଥିଲେ। ଏନେଇ ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଭାରତ ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତିରୁ ନ ଓହରିବା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଆଲୋଚନା ଅସମ୍ଭବ ବୋଲି ଇମ୍ରାନ ପ୍ରକାଶ କରିଛନ୍ତି। ଭାରତ ଗ୍ରହଣ କରିଥିବା କଶ୍ମୀର ନୀତିରୁ ହଟିବା ଲାଗି ବିଶ୍ୱ ଚାପ ନ ପକାଇଲେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରିବ ବୋଲି ସେ ଚେତାଇଛନ୍ତି।

## ସେନା ବନ୍ଧୁକ ଧରିଲେ ୫୭୫ କଶ୍ମୀର ଯୁବକ

**ନୂଆଦିଲ୍ଲୀ, ୩୧।୮(ପି.ଟି.):** ଜମ୍ମୁ-କଶ୍ମୀରର ୫୭୫ ଯୁବକ ଶନିବାର ଭାରତୀୟ ସେନାରେ ସାମିଲ ହୋଇଛନ୍ତି। ଶ୍ରୀନଗରରେ ଅନୁଷ୍ଠିତ ପାସିଂ ଆଉଟ୍ ପରେଡ୍‌ରେ ଏହି ଯୁବକମାନଙ୍କୁ ସେନାରେ ସାମିଲ କରାଯାଇଛି। ଦେଶ ମାତୃକାର ସେବା ଲାଗି ଏହି ଯୁବକମାନେ ଆଗେଇ ଆସିଥିବାବେଳେ ଦେଶ ଲାଗି ଜୀବନ ଦେବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଆଗାମୀ ଦିନରେ ଏଭଳି ଅଭିଯାନ ଜମ୍ମୁ-କଶ୍ମୀରରେ ଜାରି ରହିବ ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅଶ୍ୱିନୀ କୁମାର ପ୍ରକାଶ କରିଛନ୍ତି। ୩୭୦ ଧାରା ଉଚ୍ଛେଦ ପରେ ଭାରତୀୟ ସେନାରେ ସାମିଲ ହେବା ଲାଗି ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। କଶ୍ମୀରବାସୀ ଏବେ ଟେକା ବଦଳରେ ସେନା ବନ୍ଧୁକ ଧରିବାକୁ ପସନ୍ଦ କରିଥିବା ସେ ପ୍ରକାଶ କରିଛନ୍ତି। ପାକ୍ ସମର୍ଥିତ ଆତଙ୍କବାଦୀମାନେ ନିୟନ୍ତ୍ରଣରେଖା ନିକଟରେ ଅନୁପ୍ରବେଶ ଲାଗି ଅପେକ୍ଷାରେ ଥିବାବେଳେ କଶ୍ମୀର ଯୁବକମାନେ ଭାରତୀୟ ସେନାରେ ଯୋଗଦେବା ଦେଶ ଲାଗି ଉତ୍ସାହ ଆଣିଦେଇଛି।



## ■ କେମିକାଲ୍ ଫାକ୍ଟ୍ରିରେ ବିସ୍ଫୋରଣ

# ୧୩ ଶ୍ରମିକ ମୃତ, ୫୮ ଆହତ



ମୁମ୍ବାଇ, ୩୧।୮(ପି.ଟି.)

ମହାରାଷ୍ଟ୍ରର ଧୁଲେ ଜିଲାସ୍ଥିତ ୱାଘାଡି ଗ୍ରାମରେ ଏକ କେମିକାଲ୍ ଫାକ୍ଟ୍ରି (ରାସାୟନିକ କାରଖାନା)ରେ ଶନିବାର ନାଇଟ୍ରୋଜେନ୍ ଗ୍ୟାସ ଭର୍ତ୍ତି ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ୧୩ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାଯୋଗୁ ୫୮ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସିଲିଣ୍ଡରରୁ କେମିକାଲ ଲିକ୍ ହେବାରୁ ସିରିଜ୍ ବିସ୍ଫୋରଣ ହେବା ସହ ଅନେକ କ୍ଷତି ଘଟିଛି। ବିସ୍ଫୋରଣ ବେଳେ କାରଖାନାରେ ଶତାଧିକ ଶ୍ରମିକ କାମ କରୁଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବିସ୍ଫୋରଣ ପରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ଜଣାପଡ଼ିଛି। ପୋଲିସ, ଅଗ୍ନିଶମ ବିଭାଗ, ଏସ୍‌ଡିଆର୍‌ଏଫ୍‌ର ମିଳିତ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଛି। ଦୁର୍ଘଟଣାସ୍ଥଳରେ ଏସ୍‌ପି, ଜିଲାପାଳ ଓ ବରିଷ୍ଠ ଅଧିକାରୀମାନେ ପହଞ୍ଚି ସମୀକ୍ଷା କରିଥିବା ଜଣାପଡ଼ିଛି।

**ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ମିଳିବ ୫ ଲକ୍ଷ ସହାୟତା**

ଏନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଗଭୀର ଦୁଃଖ ପ୍ରକାଶ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି। ସମ୍ପୃକ୍ତ ରୁମିତ୍ କେମ୍‌ସିନ୍ଥ୍ କାରଖାନାରେ ଅତ୍ୟଧିକ କେମିକାଲ ବ୍ୟାରେଲ ଓ ଗ୍ୟାସ ରହିଥିବାରୁ ଏହା ବିସ୍ଫୋରଣ ହୋଇ ଭୟଙ୍କର ରୂପ ଧାରଣ କରିଥିଲା। ଆହତଙ୍କୁ ଧୁଲେ ସିଭିଲ୍ ହସ୍ପିଟାଲ ଓ ଶିର୍‌ପୁର କଟେଜ୍ ହସ୍ପିଟାଲକୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ଅପହୃତ ଶିଖ୍ ଯୁବତୀ ଘରକୁ ଫେରିଲେ

ନାନ୍‌କାନା ସାହିବ୍(ପାକିସ୍ତାନ), ୩୧।୮(ପି.ଟି.)

ପାକିସ୍ତାନରେ ବଳପୂର୍ବକ ଅପହରଣ କରି ଧର୍ମ ପରିବର୍ତ୍ତନ କରାଯାଇଥିବା ଶିଖ୍ ଯୁବତୀ ଜଣକ ଶନିବାର ଘରକୁ ଫେରିଛନ୍ତି। ଏନେଇ ନାନ୍‌କାନା ସାହିବ୍ ପୋଲିସ ସୂଚନା ଦେବା ସହ ଘଟଣାରେ ସମ୍ପୃକ୍ତ ଥିବା ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରିଛି। ଏହି ଯୁବତୀଙ୍କ ନାମ ଜଗଜିତ୍ କୌର(୧୯) ଓ ତାଙ୍କୁ ଜୋର୍‌ଜବରଦସ୍ତ ଜଣେ ମୁସଲ୍‌ମାନ ଯୁବକଙ୍କୁ ବିବାହ କରାଯାଇ ଧର୍ମ ପରିବର୍ତ୍ତନ କରାଯାଇଥିଲା। ଜଗଜିତ୍‌ଙ୍କ ବାପା ଭଗବାନ୍ ସିଂ ଗୁରୁଦ୍ୱାର ତମ୍ବୁ ସାହିବ୍‌ର ଜଣେ ପୂଜାରୀ ହୋଇଥିବାବେଳେ ଥାନାରେ ଝିଅର ନିଖୋଜ ନେଇ ମାମଲା ରୁଜୁ କରିଥିଲେ। ଗୁରୁବାର ଶିରୋମଣି ଅକାଳୀ ଦଳ ବିଧାୟକ ମନ୍‌ଜିନ୍ଦର ସିଂଏ ସମ୍ପର୍କରେ ଏକ ଭିଡିଓ ଶେୟାର୍ କରିଥିଲେ। ଏହା ପରେ ଶିଖ୍ ସମ୍ପ୍ରଦାୟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏନେଇ ସରକାରଙ୍କ ସହ କଥାହୋଇ ପାକିସ୍ତାନ ଉପରେ ଚାପ ପକାଇଥିଲେ।

# ଅନିଶ୍ଚିତତାରେ ୧୯ ଲକ୍ଷଙ୍କ ଭବିଷ୍ୟତ

ଗୁଆହାଟୀ,୩୧।୮(ପି.ଟି.)

ଦୀର୍ଘ ପ୍ରତୀକ୍ଷା ପରେ ଆସାମ ପାଇଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି, ଯେଉଁଥିରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଛନ୍ତି। ତାଲିକାରେ ସ୍ଥାନ ପାଇଥିବା ଲୋକେ ଦେଶର ପ୍ରକୃତ ନାଗରିକ ଭାବେ ଗଣ୍ୟ ହେବେ। ମୋଟ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିବାବେଳେ ସେଥିରୁ ୧୯ ଲକ୍ଷ ୬ ହଜାର ୬୫୭ ଜଣ ବାଦ୍ ପଡିଥିବା ଏନ୍‌ଆର୍‌ସି ରାଜ୍ୟ ଆବାହକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏବେ ପ୍ରଶ୍ନ ଉଠୁଛି ଯେଉଁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ବାଦ୍ ପଡିଛନ୍ତି ସେମାନଙ୍କ ଭବିଷ୍ୟତ କ'ଣ ହେବ। ସେମାନେ ଭାରତରେ ରହିବେ ନା ବହିଷ୍କୃତ ହେବେ। ଏଭଳି ଅନିଶ୍ଚିତତା ମଧ୍ୟରେ ଏବେ ଆସାମର ୧୯ ଲକ୍ଷ ଲୋକଙ୍କ ଭବିଷ୍ୟତ।

ଶନିବାର ପୂର୍ବାହ୍ନ ୧୦ଟାରେ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ଅନ୍‌ଲାଇନରେ ପ୍ରକାଶ ପାଇଛି। ଏଥିସହିତ ଏନ୍‌ଆର୍‌ସି ସେବାକେନ୍ଦ୍ର, ଉପକମିଶନରଙ୍କ କାର୍ଯ୍ୟାଳୟ ଏବଂ ସର୍କଲ ଅଫିସରଙ୍କ କାର୍ଯ୍ୟାଳୟରେ ସଂଯୋଗ ତାଲିକାର ହାର୍ଡକପି ଉପଲବ୍ଧ ହେଉଛି। ତାଲିକା ପ୍ରକାଶ ପାଇବା ପରେ ଶହ ଶହ ଲୋକ ଏହିସବୁ କାର୍ଯ୍ୟାଳୟ ଯାଇଥିବାବେଳେ କେତେକ ଅସନ୍ତୋଷରେ ଫେରିଥିବା ଦେଖାଯାଇଥିଲା।

**ଲୋକଙ୍କୁ ଭୁଆଁ ବୁଲାଉଛି ଭାଜପା: ତରୁଣ ଗୋଗୋଇ**



**ବଙ୍ଗାଳୀଙ୍କୁ ତଡ଼ିବା ପାଇଁ ଉଦ୍ୟମ କରୁଛି କେନ୍ଦ୍ର: ମମତା**



**ଆସାମ ଏନ୍‌ଆର୍‌ସି**


ଚୂଡ଼ାନ୍ତ ତାଲିକାକୁ ନେଇ ଶାସକ ଭାଜପା ସମେତ ବିରୋଧୀ ଦଳ କଂଗ୍ରେସ, ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନେକ ପ୍ରକୃତ ନାଗରିକ ତାଲିକାରୁ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ତେବେ ଯେଉଁମାନଙ୍କ ନାଁ ତାଲିକାରେ ନାହିଁ ସେମାନେ ଭୟ କରିବାର କୌଣସି କାରଣ ନାହିଁ ବୋଲି ସରକାର ଆଶ୍ୱାସନା ଦେଇଛନ୍ତି। କାରଣ ସେମାନଙ୍କୁ ସଙ୍ଗେ ସଙ୍ଗେ ବିଦେଶୀ ଘୋଷଣା କରାଯିବ ନାହିଁ କି ଅଟକ ରଖାଯିବ ନାହିଁ। ସେମାନେ ଆଇନ ଅଦାଲତର ଆଶ୍ରୟ ନେଇପାରିବେ। ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିବା ଲାଗି ସେମାନଙ୍କୁ ୪ ମାସ ସମୟ ଦିଆଯିବ। ଟ୍ରିବ୍ୟୁନାଲ ରାୟରେ ସନ୍ତୁଷ୍ଟ ନ ହେଲେ ସେମାନେ ଆସାମ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ ଆବେଦନ କରିପାରିବେ ବୋଲି ସରକାର କହିଛନ୍ତି। ତେବେ କେତେଜଣ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଯାଇପାରିବେ। କେତେଜଣଙ୍କୁ ପ୍ରକୃତ ନ୍ୟାୟ ମିଳିବ, ସରକାର କେତେଜଣଙ୍କୁ ଆଇନଗତ ସହାୟତା ଯୋଗାଇଦେଇପାରିବେ, ତାକୁ ନେଇ ପ୍ରଶ୍ନ ଉଠିଛି। ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ସରକାର ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ କଟକଣା ଲାଗୁ କରିଛନ୍ତି।

ସରକାରଙ୍କ ୩୪ ବର୍ଷର ଉଦ୍ୟମ ସତ୍ତ୍ୱେ ଚୂଡ଼ାନ୍ତ ତାଲିକା ଲୋକଙ୍କୁ ଖୁସି କରିପାରି ନାହିଁ। ଏହା ବିରୋଧରେ ବିଭିନ୍ନ ମହଲରୁ ସ୍ୱର ଉଠିଛି। ହିନ୍ଦୁ ଯୁବଛାତ୍ର ପରିଷଦ ରାସ୍ତାକୁ ଓହ୍ଲାଇବା ସହ ଏନ୍‌ଆର୍‌ସି ତାଲିକା ପୋଡିଛି। ଏନ୍‌ଆର୍‌ସି ପାଇଁ ଭାଜପା ଦୀର୍ଘଦିନରୁ ଦାବି କରିଆସୁଥିବାବେଳେ ଚୂଡ଼ାନ୍ତ ତାଲିକାରେ ତ୍ରୁଟି ଥିବାନେଇ ଉକ୍ତ ଦଳର ରାଜ୍ୟ ଶାଖା ସମାଲୋଚନା କରିଛି। ଅନେକ ପ୍ରକୃତ ନାଗରିକ ବାଦ୍‌ପଡିଥିବାବେଳେ ବେଆଇନ ଭାବେ ବସବାସ କରୁଥିବା ଅଧିକାଂଶ ତାଲିକାରେ ସ୍ଥାନ ପାଇଥିବା ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଶାସକ ଭାଜପା ତ୍ରୁଟିଶୂନ୍ୟ ଏନ୍‌ଆର୍‌ସି ପ୍ରସ୍ତୁତ କରିବାରେ ବିଫଳ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ଅଭିଯୋଗ କରିଛନ୍ତି। ଏନ୍‌ଆର୍‌ସି ପ୍ରକାଶ କରି ଗୈରିକ ଦଳ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି ବୋଲି ସେ ସମାଲୋଚନା କରିଛନ୍ତି। ଏଥିରୁ ପ୍ରକୃତ ନାଗରିକ ବାଦ୍ ପଡିଥିବାବେଳେ ବିଦେଶୀ ସାମିଲ ହୋଇଥିବା ସେ କହିଛନ୍ତି।

ଏନ୍‌ଆର୍‌ସି ନାମରେ ବଙ୍ଗାଳୀମାନଙ୍କୁ ଆସାମରୁ ବିଦା କରିବାକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଉଦ୍ୟମ କରୁଥିବା ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ତାଲିକାରୁ ବାଦ୍ ପଡିଥିବା ୧୯ ଲକ୍ଷ ଲୋକଙ୍କ ଦାୟିତ୍ୱ କେନ୍ଦ୍ର ସରକାର ନିଅନ୍ତୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ କହିଛନ୍ତି।

## ପୂର୍ବତନ ମନ୍ତ୍ରୀଙ୍କୁ ୭ ବର୍ଷ ଜେଲ, ୧୦୦ କୋଟି ଜରିମାନା

ମୁମ୍ବାଇ,୩୧।୮(ପି.ଟି.)



ସୁରେଶ ଜୈନ

**ମହାରାଷ୍ଟ୍ର ହାଉସିଂ ଦୁର୍ନୀତି**

ମହାରାଷ୍ଟ୍ରର ବହୁକୋଟି ଟଙ୍କାର ଘରକୁଲ୍ ହାଉସିଂ ଦୁର୍ନୀତି ମାମଲାର ବିଚାର କରି ଧୁଲେ ଜିଲାର ସେସନ୍ସ କୋର୍ଟ ପୂର୍ବତନ ମନ୍ତ୍ରୀ ସୁରେଶ ଜୈନ ଏବଂ ଏନ୍‌ସିପି ନେତା ଗୁଲାବ୍ରାଓ ଦେଓକରଙ୍କ ସମେତ ୪୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ବିଭିନ୍ନ ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ସୃଷ୍ଟି ନୀଳକଣ୍ଠ ପୂର୍ବତନ ମନ୍ତ୍ରୀ ଜୈନଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡାଦେଶ ସମେତ ୧୦୦ କୋଟି ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ଦେଓକରଙ୍କୁ ୫ ବର୍ଷ ଓ ଅନ୍ୟମାନଙ୍କୁ ୩ରୁ ୭ ବର୍ଷ ମଧ୍ୟରେ ଜେଲ୍‌ଦଣ୍ଡାଦେଶ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟିର କେତେଜଣ କାଉନସିଲର ଓ ଅଫିସର ଅଛନ୍ତି। କୋର୍ଟ ରାୟ ପ୍ରକାଶ ପାଇବା ପରେ ସେଠାରେ ଉପସ୍ଥିତ ଥିବା ଅପରାଧୀମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ୯୦ ଦଶକରେ ଶିବସେନା ନେତା ଜୈନ ରାଜ୍ୟ ଗୃହମନ୍ତ୍ରୀ ଥିବାବେଳେ ୨୯ କୋଟି ଟଙ୍କାର ହାଉସିଂ ଦୁର୍ନୀତି ହୋଇଥିଲା। ଏହି ମାମଲାରେ ତାଙ୍କୁ ୨୦୧୨ ମାର୍ଚ୍ଚରେ ଗିରଫ କରାଯାଇଥିଲା। ବର୍ଷେ ପରେ ସେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ। ସେହିପରି ଏନ୍‌ସିପି ନେତା ଦେଓକରଙ୍କୁ ୨୦୧୨ ମେ'ରେ ଗିରଫ କରାଯାଇଥିଲା ଓ ସେ ୩ ବର୍ଷ ଜେଲ୍ କାଟିସାରିଛନ୍ତି। ଦୁର୍ନୀତି ସମୟରେ ସେ ଜଲଗାଓଁ ମ୍ୟୁନିସିପାଲିଟିର କାଉନସିଲର ଥିଲେ। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରି ଜଣେ ବିଲ୍ଡରଙ୍କୁ ଉକ୍ତ ହାଉସିଂ ପ୍ରୋଜେକ୍ଟ କାମ ଦିଆଯାଇଥିଲା।

## 'ସିନେମାର କାହାଣୀ ଭଳି ମୋ ଜୀବନ'

**ନୂଆଦିଲ୍ଲୀ:** କୋଲକାତାର ରେଳଷ୍ଟେଶନ୍‌ରେ ସିନେମା ଗୀତ ଗାଇ ଭିକ ମାଗୁଥିବା ରାନୁ ମଣ୍ଡଳ ବର୍ତ୍ତମାନ ମୁମ୍ବାଇ ସଂଗୀତ ଜଗତର ଅନ୍ୟତମ ସେଲିବ୍ରିଟି। ତାଙ୍କ ଜୀବନ କାହାଣୀ ଏବଂ ଗାୟନ ଶୈଳୀକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଥିବାବେଳେ ତାଙ୍କ ଜୀବନୀକୁ ନେଇ ଫିଲ୍ମ ନିର୍ମାଣ କରାଯାଇପାରେ ବୋଲି ରାନୁ ମଣ୍ଡଳ ପ୍ରକାଶ କରିଛନ୍ତି। ୧୯୬୦ ନଭେମ୍ବର ୫ରେ ସେ ଏକ ଧନିକ ପରିବାରରେ ଜନ୍ମ ହୋଇଥିଲେ ହେଁ ମାତାପିତାଙ୍କଠାରୁ ତାଙ୍କୁ ପୃଥକ୍ କରିଦିଆଯାଇଥିଲା। ବଲିଉଡ ଷ୍ଟାର ଫିରୋଜ ଖାନ୍‌ଙ୍କ ରୋଷେଇଆକୁ ସେ ବିବାହ କରିବା ପରେ ନିଜ ରାଜ୍ୟ ପଶ୍ଚିମବଙ୍ଗରୁ ମୁମ୍ବାଇ ଚାଲିଯାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ରାନୁଙ୍କ ଜୀବନ ଆକାଶରେ କଳାବାଦଲ ଘୋଟି ଆସିବାରୁ ସେ ବଞ୍ଚିବା ପାଇଁ ସଂଗ୍ରାମ କରିଥିଲେ। ରାନାଘାଟ ଷ୍ଟେଶନ୍ ସିଙ୍ଗରରୁ ରାନୁ ଆଜି ପାଲଟିଯାଇଛନ୍ତି ବଲିଉଡ୍ ସିଙ୍ଗର। ଇଣ୍ଟରନେଟ୍‌ରେ ତାଙ୍କୁ ନେଇ ଖୁବ୍ ଚର୍ଚ୍ଚା ଲାଗିରହିଛି। ରାନୁ କହିଛନ୍ତି, ତାଙ୍କ ଜୀବନ କାହାଣୀ ଖୁବ୍ ଲମ୍ବା। ଏହାକୁ ନେଇ ଏକ ଫିଲ୍ମ ନିର୍ମାଣ କରାଯାଇପାରେ। କିଛି ସପ୍ତାହ ତଳେ ତାଙ୍କୁ ନେଇ ଏକ ଭିଡିଓ ବେଶ ଭାଇରାଲ ହୋଇଥିଲା। ରାନାଘାଟ ରେଳୱେ ପ୍ଲାଟଫର୍ମରେ ନିଜର ସୁଲଳିତ କଣ୍ଠରେ ଲତା ମଙ୍ଗେସ୍‌କରଙ୍କ ବହୁଚର୍ଚ୍ଚିତ ସଂଗୀତ 'ଏକ ପ୍ୟାର କା ନଗ୍‌ମା ହୈ' ସୋସିଆଲ ମେଡିଆରେ ଭାଇରାଲ ହେବାପରେ ବହୁ ସଂଗୀତ ପ୍ରେମୀ ଓ ଜନସାଧାରଣ ମନ୍ତ୍ରମୁଗ୍ଧ ହୋଇଥିଲେ। ସଂଗୀତ ନିର୍ଦ୍ଦେଶକ ହିମେଶ ରେଶ୍‌ମିଆ ବଲିଉଡର ପ୍ରଚ୍ଛଦପଟ ଗାୟିକା ଭାବରେ ତାଙ୍କୁ ସୁଯୋଗ ଦେଇଥିଲେ। ବର୍ତ୍ତମାନ ସେ ଛୋଟକାଟର ବଲିଉଡ୍ ଷ୍ଟାର ପାଲଟିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।

ଆଜି ଯେଉଁ ସ୍ତରରେ ସେ ପହଞ୍ଚିଛନ୍ତି ତାହା ସ୍ୱପ୍ନ ଭଳି ଲାଗୁଛି ବୋଲି ସେ ବର୍ଣ୍ଣନା କରିଛନ୍ତି। ସେ କହନ୍ତି, 'ମୁଁ ଫୁଟପାଥ୍‌ରେ ଜନ୍ମ ହୋଇ ନ ଥିଲି। ମୋ ପରିବାରର ବଂଶମର୍ଯ୍ୟାଦା ଥିଲା। ୬ ମାସର ହୋଇଥିବାବେଳେ ମାତାପିତାଙ୍କଠାରୁ ପୃଥକ୍ କରିଦିଆଯାଇଥିଲା। ଜେଜେ ମା'ଙ୍କ ଆଦରଯତ୍ନରେ ପ୍ରତିପାଳିତ ହୋଇଥିଲେ ବି ବଞ୍ଚିବା ଥିଲା ଖୁବ୍ କଷ୍ଟଦାୟକ। ପେଟ ପୋଷିବାକୁ ରେଳଷ୍ଟେଶନ୍‌ରେ ଗୀତ ଗାଇ ଭିକ ମାଗିବାକୁ ପଡୁଥିଲା।' ରାନୁ ତାଙ୍କ ଯାତ୍ରାପଥରେ କେତେ ଦୂର ଯାଇପାରୁଛନ୍ତି ତାହା ସମୟ କହିବ।



ରାନୁ ମଣ୍ଡଳ

### [ଇତିହାସର ଆଇନାରେ]


### ସେପ୍ଟେମ୍ବର ୧ର ପ୍ରମୁଖ ଘଟଣା

୧୯୮୫ ସେପ୍ଟେମ୍ବର ୧ରେ ଆମେରିକା ଓ ଫ୍ରାନ୍ସର ମିଳିତ ଅଭିଯାନ ଦ୍ୱାରା ସର୍ବବୃହତ୍ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଠାବ କରାଯାଇଥିଲା। ୧୯୧୨ରେ ବ୍ରିଟେନ୍‌ର ଏହି ଯାତ୍ରୀବାହୀ ଜାହାଜ ସାଉଥଆମ୍ପଟନ୍‌ରୁ ନ୍ୟୁୟର୍କ ସିଟି ଯାଉଥିବାବେଳେ ଏକ ବରଫ ଖଣ୍ଡ ସହ ପିଟିହୋଇ ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ବୁଡିଯାଇଥିଲା।

୧୯୯୧ ସେପ୍ଟେମ୍ବର ୧ରେ ସୋଭିଏଟ ସଂଘରୁ ଉଜ୍‌ବେକିସ୍ତାନ ସ୍ୱାଧୀନ ହୋଇଥିଲା। ଉଜବେକିସ୍ତାନ କେନ୍ଦ୍ରୀୟ ଏସିଆର ଏକ ରାଷ୍ଟ୍ର। ଏହା ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସାମ୍ବିଧାନିକ ସାଧାରଣତନ୍ତ୍ର ରାଷ୍ଟ୍ର। ୧୨ଟି ପ୍ରଦେଶ, ଏକ ସ୍ୱୟଂଶାସିତ ଅଞ୍ଚଳ ଏବଂ ଗୋଟିଏ କ୍ୟାପିଟାଲ୍ ସିଟିକୁ ନେଇ ଏହା ଗଠିତ। ଉଜ୍‌ବେକିସ୍ତାନର ଉତ୍ତରରେ କାଜାଖସ୍ତାନ, ଉତ୍ତର-ପୂର୍ବରେ କିର୍‌ଗିଜସ୍ତାନ, ଦକ୍ଷିଣରେ ଆଫଗାନିସ୍ତାନ ଏବଂ ଦକ୍ଷିଣ-ପଶ୍ଚିମରେ ତୁର୍କମେନିସ୍ତାନ ରହିଛି।

## କନିଆଁ ରୂପରେ ଆଲିଆ

**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ କନିଆଁ ବେଶରେ ନିଜ ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। 'ରାଜି' ଫିଲ୍ମର ଏହି ଅଭିନେତ୍ରୀ ଶନିବାର ଏକ ବିଜ୍ଞାପନ ଶୁଟିଂ ସେଟ୍‌ରୁ ନିଜର ଦୁଇଟି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ କନିଆଁ ସାଜି ପ୍ରଶଂସକଙ୍କ ମନ ଜିଣିବାକୁ ଚେଷ୍ଟା କରିଛନ୍ତି। ଏକ ଲାଲ୍ ଲେହେଙ୍ଗା ପରିଧାନ କରି ଆଲିଆ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ସେ ଏକ ରତ୍ନହାର ପିନ୍ଧିବା ସହିତ ଖୁବ୍ ସୁନ୍ଦର ବେଶରେ ସଜେଇ ହୋଇଛନ୍ତି। ନିଜ ଫଟୋ ତଳେ ଲେଖିଛନ୍ତି 'କନିଆଁ ବେଶର ଅନୁଭବ'। ଆଲିଆ ସତେ ଯେମିତି କନିଆଁ ବେଶରେ ସଜେଇ ହୋଇ ବାହା ହେବାକୁ ଯାଉଥିବା ମନେହେଉଛି। ଅନେକ ସୋସିଆଲ ମିଡିଆ ୟୁଜର 'ରଣବୀର କୀ ଦୁହ୍ଲନ୍' ବୋଲି ମତାମତ ଦେଇଛନ୍ତି। ଆଉ ଜଣେ ୟୁଜର ଲେଖିଛନ୍ତି 'ରଣବୀର ଦୁହ୍ଲନ ଲେ ଜାଏଙ୍ଗେ'। ସୂଚନାଯୋଗ୍ୟ ଯେ, ଆଲିଆ ଭଟ୍ଟ ଅଭିନେତା ରଣବୀର କପୁରଙ୍କ ନିବିଡ ସମ୍ପର୍କରେ ଥିବା ଚର୍ଚ୍ଚା ହୋଇଆସୁଛି। ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍‌ଙ୍କ ଭଳି ରଣବୀର କପୁର ଓ ଆଲିଆ ଭଟ୍ଟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଲେକ୍ କୋମୋଠାରେ ବିବାହ କରିବେ ବୋଲି ଚଳିତବର୍ଷ ପ୍ରାରମ୍ଭରେ ଖୁବ୍ ଚର୍ଚ୍ଚା ହେଉଥିଲା। କିନ୍ତୁ ଏକ ସାକ୍ଷାତ୍କାରରେ ଆଲିଆଙ୍କ ମା' ସୋନି ରାଜଦାନ ଏହି ବିବାହକୁ ଅସ୍ୱୀକାର କରିବା ସହିତ ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ।




## ସଂକ୍ଷେପରେ

### ମାଓବାଦୀ ମୁକାବିଲା ରଣନୀତି ପ୍ରସ୍ତୁତି

## ଚିତ୍ରକୋଣ୍ଡାରେ ବିଏସ୍‌ଏଫ୍ ଡିଆଇଜି

ଚିତ୍ରକୋଣ୍ଡା, ୩୧।୮ (ଡି.ଏନ.ଏ.): ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳକୁ ସ୍ଥିତି ସମୀକ୍ଷା ପାଇଁ ଶନିବାର ଭୁବନେଶ୍ୱରରୁ ବିଏସ୍‌ଏଫ୍ ଡିଆଇଜି ଅରୁଣ ସିଂ ରାଠୋର ଗସ୍ତ କରିଛନ୍ତି। ସେ ହେଲିକପ୍ଟର ଯୋଗେ ଆସି ଚିତ୍ରକୋଣ୍ଡାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ପରେ ସେ ୮ନଂ. ବିଏସ୍‌ଏଫ୍ କ୍ୟାମ୍ପରେ ମାଓବାଦୀ ମୁକାବିଲା ନେଇ ରଣନୀତି ପ୍ରସ୍ତୁତ କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ କଡା ନଜର ରଖି ସେମାନଙ୍କ ଦୃଢ଼ ମୁକାବିଲା ପାଇଁ ଯବାନମାନଙ୍କୁ ମନ୍ତ୍ର ଦେଇଥିଲେ। ଏହି ସମୟରେ ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ସତବୀର ପାଲ୍ ସିଂ ସିଦ୍ଧୁ, ୯ ନଂ. ବାଟାଲିୟନର ଆର.ଏସ୍. ମିଞ୍ଜ, ୧୫ନଂ. ବାଟାଲିୟନର ବି. ଶର୍ମା, ୧୬୦ ନଂ. ବାଟାଲିୟନର ଟି. ଆଚାରି ଏବଂ ୮ ନଂ. ବାଟାଲିୟନ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ଆଜିଠୁ ଆରମ୍ଭ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା



- ବିଏମ୍‌ସିରୁ ଆରମ୍ଭ ହେଲା ପାଇଲଟ୍ ପ୍ରକଳ୍ପ
- ସବୁ ପିଡିଏସ୍ କେନ୍ଦ୍ରରୁ ହିତାଧିକାରୀ ନେଇପାରିବେ ରାଶନ
- ଆଧାର ଲିଙ୍କ୍ ହେଲେ ୯୭ ପ୍ରତିଶତ ପରିବାର

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ଆଧାରକାର୍ଡ ନ ଥିଲେ ମିଳିବନି ରାଶନ। ୱାନ ନେଶନ ୱାନ ରାଶନ ବ୍ୟବସ୍ଥା ରବିବାରଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଲାଗୁ ହେବ। ସେପ୍ଟେମ୍ବର ୧ ରୁ ୨୫ ତାରିଖ ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍‌ଏସ୍‌ଏସ୍) ହିତାଧିକାରୀ ଏକକାଳୀନ ଦୁଇମାସର ରାଶନ ନେଇପାରିବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରହୁଥିବା ୨ ଲକ୍ଷ ହିତାଧିକାରୀ ସହରର ଯେକୌଣସି ସାଧାରଣ ଖାଉଟି ବଣ୍ଟନ ଡିଲରଙ୍କ ପାଖରୁ ରାଶନ ନେଇପାରିବେ। ନିଜ ଅଞ୍ଚଳର ଡିଲର ନିକଟରେ ଆଉ ସେମାନେ ବନ୍ଧା ହୋଇ ରହିବେ ନାହିଁ। ଏଥିପାଇଁ ରାଶନ କାର୍ଡଧାରୀଙ୍କୁ ଆଧାର ଲିଙ୍କ କରିବା ବାଧ୍ୟତାମୂଳକ କରାଯାଇଛି। ଆଧାର ନ ଥିଲେ ଖାଦ୍ୟ ସାମଗ୍ରୀ ମିଳିବ ନାହିଁ। ବିଏମସି ଅଞ୍ଚଳର ୧୨୭ଟି ସରକାରୀ ପାଇକାରି ଦୋକାନରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଅନ୍‌ଲାଇନ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିୟମିତ ମନିଟରିଂ କରିବ। ଏହି ସହରାଞ୍ଚଳରେ ଇଣ୍ଟରନେଟ ସୁବିଧା ଥିବାରୁ ପାଇଲଟ୍ ପ୍ରକଳ୍ପ ଭାବେ ଏଠାରୁ ଆରମ୍ଭ କରାଯାଇଛି। ଅଙ୍ଗୁଳିଛାପ କିମ୍ବା ଆଖି ସଙ୍କେତ ମାଧ୍ୟମରେ ହିତାଧିକାରୀଙ୍କୁ ଏହି ରାଶନ ଦିଆଯିବ। ପ୍ରତ୍ୟେକ ପାଇକାରି ବିକ୍ରେତାଙ୍କୁ ଆଖି ଚିହ୍ନ ନେବାକୁ ଆଇଆରଆଇଏସ୍ ମେଶିନ ଯୋଗାଇ ଦିଆଯାଇଛି। ତେବେ ଯେଉଁମାନଙ୍କର ଆଙ୍ଗୁଠି ଚିହ୍ନ ନେଉ ନ ଥିବ କିମ୍ବା ହିତାଧିକାରୀ ବୟସ୍କ, ଦୁରାରୋଗରେ ପୀଡ଼ିତ, କୁଷ୍ଠରୋଗୀମାନଙ୍କୁ ବିନା ଆଧାରକାର୍ଡରେ ଚାଉଳ ଯୋଗାଇ ଦିଆଯିବ। ମାର୍କେଟ ଇଣ୍ଟେଲିଜେନ୍ସ ଅଧିକାରୀ ସେହି ହିତାଧିକାରୀଙ୍କ ତାଲିକା ଯୋଗାଣ ବିଭାଗକୁ ପ୍ରଦାନ କରିବେ। ବିଭାଗ ଏହାକୁ ସନ୍ଦେହ ତାଲିକାରେ ରଖିବ। ମିଥ୍ୟା ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ୧୧୪ଟି ସହରାଞ୍ଚଳରେ ଲାଗୁ କରାଯିବ। ଯେଉଁଠି ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ପୂର୍ବ ଭଳି କାର୍ଡ ଦେଖାଇ ରାଶନ ନେଇ ପାରିବେ। ରାଜ୍ୟରେ ଏ ପର୍ଯ୍ୟନ୍ତ ୯୭ ପ୍ରତିଶତ ପରିବାର ଏବଂ ୯୩ ପ୍ରତିଶତ ଏନ୍‌ଏସ୍‌ଏସ୍‌ଏ ହିତାଧିକାରୀଙ୍କର ଆଧାର ସଂଯୋଗ କରାଯାଇଛି। ବାଟମାରଣା ରୋକିବାକୁ ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା ଅନ୍‌ଲାଇନ୍ କରାଯିବ। ପର୍ଯ୍ୟାୟ କ୍ରମେ ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ନୂତନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ବିଏମ୍‌ସି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି।

### ■ ମଠ, ମନ୍ଦିର ଉଚ୍ଛେଦକୁ ନେଇ ବର୍ଷିଲେ ଜଗଦ୍‌ଗୁରୁ

# ଆଧ୍ୟାତ୍ମିକ ବାତାବରଣ ନଷ୍ଟ ଲାଗି ଚକ୍ରାନ୍ତ



- ଶଙ୍କରାଚାର୍ଯ୍ୟ ପୀଠକୁ ସରକାରଙ୍କ ଉପେକ୍ଷା
- ବି.ପି. ଦାସ କମିଟି ରିପୋର୍ଟରେ ବି ଅଣଦେଖା
- ଧାର୍ମିକ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ବିକାଶ ହେବା ଉଚିତ

ପୁରୀ ଅଫିସ, ୩୧।୮

ଶ୍ରୀମନ୍ଦିରଠାରୁ ୭୫ମିଟର ପରିସରସ୍ଥ ମଠ, ମନ୍ଦିର ଉଚ୍ଛେଦ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶନିବାର ଗୋବର୍ଦ୍ଧନ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଆଳରେ ବର୍ତ୍ତମାନ ପୁରାତନ ମଠ, ମନ୍ଦିରଗୁଡ଼ିକୁ ଭାଙ୍ଗିଦିଆଯାଉଛି। ଏହାଦ୍ୱାରା ପୁରୀର ଆଧ୍ୟାତ୍ମିକ ବାତାବରଣ ନଷ୍ଟ ଲାଗି ଚକ୍ରାନ୍ତ ଚାଲିଛି। ବିକାଶର ପରିଭାଷା ଆଧୁନିକତା କିମ୍ବା ଐତିହ୍ୟ, ସଂସ୍କୃତି ନଷ୍ଟ କରାଯିବା ନୁହେଁ। ଏଭଳି ପ୍ରକ୍ରିୟା ଜାରି ରହିଲେ ଏହାର ଅସ୍ତିତ୍ୱ ଲୋପ ପାଇଯିବ। ସେହିପରି ଶଙ୍କରାଚାର୍ଯ୍ୟ ପୀଠ ବିଶ୍ୱକୁ ମାର୍ଗଦର୍ଶନ କରୁଛି। ଅଥଚ ଏହି ଧାର୍ମିକ ତଥା ଐତିହାସିକ ପୀଠକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଶ୍ରୀମନ୍ଦିର ପରିଚାଳନା କିମ୍ବା ସଂସ୍କାରମୂଳକ ନିଷ୍ପତ୍ତି କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ମତାମତ ନେଉନାହାନ୍ତି। ଶ୍ରୀମନ୍ଦିର ସଂସ୍କାର ନେଇ ବି.ପି. ଦାସ କମିଟି ରିପୋର୍ଟ ପ୍ରସ୍ତୁତ ବେଳେ ମଧ୍ୟ ତାଙ୍କର ମତ ନିଆଯାଇ ନାହିଁ। ତାଙ୍କଠାରୁ ମତ ନ ନେବାକୁ କିଏ ମନା କରିଥିଲେ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ଜଗଦ୍‌ଗୁରୁ।

ରାଜ୍ୟ ସରକାର ଓ ପ୍ରଶାସନ ଉପରେ ପ୍ରବଳ ବର୍ଷିଛନ୍ତି ଶଙ୍କରାଚାର୍ଯ୍ୟ। ସେ କହିଛନ୍ତି, ଏବେ ସଂସ୍କୃତି ଓ ଐତିହ୍ୟର ବିଲୁପ୍ତ ଲାଗି ଷଡ଼ଯନ୍ତ୍ର ଚାଲିଛି। ଗୋବର୍ଦ୍ଧନ ପୀଠର ୪.୫ ଏକର ଜମି ହସ୍ତାନ୍ତର ଲାଗି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଉନାହିଁ। ସରକାର କ'ଣ ଶଙ୍କରାଚାର୍ଯ୍ୟଙ୍କ ପୀଠକୁ ଦୟା କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା ରେଲୱେ ଟାଇମ ଟେବୁଲ ପରି ନୁହଁ, ବରଂ ଧାର୍ମିକ ଓ ଆଧ୍ୟାତ୍ମିକ ବିଚାରଧାରାରେ ହେବା ଉଚିତ। ଏହାର ପରିଚାଳନା ମୁଖ୍ୟ ପ୍ରଶାସକ ନୁହେଁ ବରଂ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ହେବା ଆବଶ୍ୟକ। କୌଣସି ଗଣତାନ୍ତ୍ରିକ ସରକାର ଧାର୍ମିକ କ୍ଷେତ୍ରରେ ହସ୍ତକ୍ଷେପ କରିପାରିବେ ନାହିଁ। ଶ୍ରୀକ୍ଷେତ୍ର ହେଉଛି ଏକ ଧାର୍ମିକ ତଥା ଆଧ୍ୟାତ୍ମିକ କ୍ଷେତ୍ର। ଏହି ତପୋଭୂମିକୁ ଭୋଗଭୂମି କରାଯିବା ଅନୁଚିତ ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଢେଙ୍କାନାଳ ଜିଲା ଯୋଜନା କମିଟି ବୈଠକ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଢେଙ୍କାନାଳ ଜିଲା ଯୋଜନା କମିଟିର ପ୍ରଥମ ସୌଜନ୍ୟମୂଳକ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କମିଟିର ସଦସ୍ୟଗଣ ଜିଲାରେ ଜାରି ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ୨୦୧୯-୨୦ ଆର୍ଥିକବର୍ଷ ପାଇଁ ଯୋଜନା ପ୍ରସ୍ତୁତ ସହ ଖୁବ୍‌ଶୀଘ୍ର ସମୀକ୍ଷା ବୈଠକ କରିବାକୁ ମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଢେଙ୍କାନାଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟକାରିତା ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଯୋଜନାଗୁଡିକ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ର ଆଧାରରେ ଶେଷ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୋଜନା କମିଟି ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠୀ, ଅର୍ଥନୈତିକ ପରାମର୍ଶଦାତା ଛାୟାକାନ୍ତ ମିଶ୍ର ଏବଂ ଅର୍ଥ ବିଶେଷଜ୍ଞ ସୁନୀଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ କଳାଧନ ବିରୋଧରେ ଲଢ଼େଇ

# ଆଜିଠୁ ମିଳିବ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ତଥ୍ୟ

ନୂଆଦିଲ୍ଲୀ,୩୧।୮

ମୋଦି ସରକାରଙ୍କ କଳାଧନ ବିରୋଧରେ ଲଢ଼େଇ ଆହୁରି ଜୋର୍‌ଦାର ହେବାକୁ ଯାଉଛି। ରବିବାରଠାରୁ ସୁଇସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ଆକାଉଣ୍ଟ ତଥ୍ୟ ସିଧାସଳଖ ଆୟକର ବିଭାଗ ନିକଟରେ ପହଞ୍ଚିବ। ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ବ୍ୟାଙ୍କିଙ୍ଗ୍ ସୂଚନା ସ୍ୱତଃ ଆଦାନପ୍ରଦାନ ଚୁକ୍ତି ସେପ୍ଟେମ୍ବର ପହିଲାରୁ କାର୍ଯ୍ୟକାରୀ ହେଉଛି। ଫଳରେ ସୁଇସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ଆକାଉଣ୍ଟ ଉପରୁ ପର୍ଦ୍ଦା ଉଠିବାକୁ ଯାଉଛି। କଳାଧନ ବିରୋଧରେ ଲଢ଼େଇ ଅଧିକ ଶକ୍ତିଶାଳୀ ହେବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି)କହିଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦେଶ ଭିତରେ ହୋଇଥିବା ଚୁକ୍ତି ଅନୁଯାୟୀ ସେପ୍ଟେମ୍ବର ପହିଲାରୁ ସୁଇସ୍ ବ୍ୟାଙ୍କ ସହ ଜଡ଼ିତ ଗୋପନୀୟତା ଶେଷ ହୋଇଯିବ। ସିବିଡିଟି କହିଛି ଯେ, ସୂଚନା ଆଦାନପ୍ରଦାନ ସ୍ୱତଃ ଆରମ୍ଭ କରିବା ପୂର୍ବରୁ ସୁଇଜରଲାଣ୍ଡର ଏକ ପ୍ରତିନିଧି ଦଳ ଗତ ୨୯ ଓ ୩୦ରେ ଭାରତ ଗସ୍ତ କରି ରାଜସ୍ୱ ସଚିବ ଏ.ବି.ପାଣ୍ଡେ, ବୋର୍ଡ ଅଧ୍ୟକ୍ଷ ପି.ସି.ମୋଦି ଓ ବୋର୍ଡ ସଦସ୍ୟ(ଆଇନ) ଅଖିଳେଶ ରଞ୍ଜନଙ୍କୁ ଭେଟିଥିଲେ। ସୁଇଜରଲାଣ୍ଡର ଅନ୍ତଃରାଷ୍ଟ୍ରୀୟ ଅର୍ଥ ବ୍ୟାପାରର ଷ୍ଟେଟ୍ ସେକ୍ରେଟେରିଏଟ୍ ଟିକସ ବିଭାଗ ଉପମୁଖ୍ୟ ନିକୋଲାସ ମାରିଓ ଲୁସର୍ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଭାରତ କ୍ୟାଲେଣ୍ଡର ବର୍ଷ ୨୦୧୮ ସୁଦ୍ଧା ସମସ୍ତ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସେପ୍ଟେମ୍ବରରୁ ସ୍ୱତଃ ହାସଲ କରିବ। ଏହି ସମୟରେ ବନ୍ଦ ହୋଇଥିବା ଆକାଉଣ୍ଟ ତଥ୍ୟକୁ ମଧ୍ୟ ସାମିଲ କରାଯିବ।







# ୧୫କୁ ବଢ଼ିଲା ଆଧାର କାର୍ଡ ସଂଯୋଗ ଅବଧି

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

**ସେପ୍ଟେମ୍ବର ୧୦ ଯାଏ ଚାଷୀ ପଞ୍ଜୀକରଣ ଚାଲିବ**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ରାଶନ କାର୍ଡଧାରୀମାନଙ୍କ ପାଇଁ ଆଧାର ସଂଯୋଗ ଓ ସଂଶୋଧନ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରକ୍ରିୟା ଅଗଷ୍ଟ ୩୧ ତାରିଖରେ ଶେଷ ହେବାର ଥିଲା। ଯେଉଁମାନେ ଆଧାର ସଂଯୋଗ କରିପାରିନାହାନ୍ତି ସେମାନେ ଏହି ସମୟ ମଧ୍ୟରେ କରିପାରିବେ। ଯେପରି କେହି ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ନ ହେବେ ତାହାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ସମୟ ମଧ୍ୟରେ ରାଶନ କାର୍ଡଧାରୀମାନେ ଆଧାର ସଂଯୋଗ କରି ସରକାରୀ ଖୁଚୁରା ଦୋକାନରୁ ରାଶନ ସାମଗ୍ରୀ ନେଇପାରିବେ। ରାଜ୍ୟରେ ଅଗଷ୍ଟ ୩୦ ଯାଏ ଏହି ଯୋଜନାରେ ଅନ୍ତର୍ଭୁକ୍ତ ୮୬ ଲକ୍ଷ ୩୬ ହଜାର ୫୪୪ ପରିବାର ମଧ୍ୟରୁ ୮୪ ଲକ୍ଷ ୩୬ ହଜାର ୩୯୪ ପରିବାର ଆଧାର ସଂଯୋଗ କରିଛନ୍ତି। ସେହିପରି ୯୩.୫ ପ୍ରତିଶତ ବ୍ୟକ୍ତିଙ୍କ ଆଧାର ସଂଯୋଗ କରାଯାଇଛି। ୨୦୧୯-୨୦ ଖରିଫ ଋତୁରେ ଧାନ ସଂଗ୍ରହ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କାର୍ଯ୍ୟ ଅଗଷ୍ଟ ୩୧ରେ ଶେଷ ହୋଇଥିବାବେଳେ ଏହି ଅବଧି ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଯେଉଁ ଚାଷୀମାନେ ପଞ୍ଜୀକରଣ କରିପାରି ନାହାନ୍ତି ସେମାନେ ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ପ୍ରିୟୁ
ପରିବାରବର୍ଗ


ପଙ୍କଜିନୀ
ପରିବାରବର୍ଗ


ବଂଶିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ■ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ

# ଫନୀ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା


ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ୱାର୍ଡ ଅଫିସ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୩୧।୮(ବ୍ୟୁରୋ)

■ ଅନ୍‌ଲାଇନ ବିଲ୍ଡିଂ ପ୍ଲାନ୍, ବିବାହ ପଞ୍ଜୀକରଣ
■ ସାରା ରାଜ୍ୟ ପାଇଁ ୩୪୨ ମାଇକ୍ରୋ କମ୍ପୋଜିଟ୍ ୟୁନିଟ୍

ରାଜ୍ୟସ୍ତରୀୟ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ଏହା ଏକ ଐତିହାସିକ ଦିନ। ସାରା ରାଜ୍ୟର ସହରାଞ୍ଚଳବାସୀଙ୍କ ପାଇଁ ଲୋକକୈନ୍ଦ୍ରିକ ଯୋଜନାର ଆରମ୍ଭ ହେଲା। ଫନୀ କ୍ଷତିଗ୍ରସ୍ତ ପୁରୀର କ୍ଷୁଦ୍ର ବ୍ୟବସାୟୀଙ୍କୁ ୧୦,୦୦୦ ଟଙ୍କା ଲେଖାଏ ଅନ୍‌ଲାଇନ ଟ୍ରାନ୍ସଫର କରାଯାଇଛି। ଏଥିପାଇଁ ବହୁତ ଖୁସି, ରାଜଧାନୀ ପାଇଁ ଫାଷ୍ଟ ଟ୍ରାକ ବିଲ୍ଡିଂ ପ୍ଲାନ ମଧ୍ୟ ଅନୁମୋଦନ କରାଯାଇଛି। ନଗର ଉନ୍ନୟନ ବିଭାଗ ଏଥିପାଇଁ ମାତ୍ର ଏକମାସ ସମୟ ନେଇଥିବାରୁ ସେ ଧନ୍ୟବାଦ ଦେଇଛନ୍ତି। ସେହିପରି ପ୍ରତ୍ୟେକ କାର୍ଯ୍ୟରେ ୫' ଟି ମନ୍ତ୍ରର ପ୍ରୟୋଗ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ବର୍ଷକ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଆବର୍ଜନାମୁକ୍ତ ସହର କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ଯୋଗଦାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ନାଗରିକ ସେବା, ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। ୫' ଟି ପଦ୍ଧତିକୁ ଅନୁଶୀଳନ କରିବା ଦ୍ୱାରା ଆମେ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ଶିଳାନ୍ୟାସଗୁଡିକ ମଧ୍ୟରେ ରହିଛି ୧୧୪ ପୌରସଂସ୍ଥାର ୩୪୨ଟି ମାଇକ୍ରୋ କମ୍ପୋଜିଟ୍ ୟୁନିଟ୍ । ୨୬ ପୌରାଞ୍ଚଳର ୭୦ କୋଟି ଟଙ୍କା ବ୍ୟୟରେ ୪୦ଟି ମଳପଙ୍କ ବିଶୋଧନ ବ୍ୟବସ୍ଥାର ଶିଳାନ୍ୟାସ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ୪ ଲକ୍ଷ ଲିଟର ମଳପଙ୍କ ବିଶୋଧିତ ହେବା ସହ ୮ ଲକ୍ଷ ଲୋକ ଉପକୃତ ହୋଇପାରିବେ। ଫନୀ ସମୟରେ କ୍ଷତିଗ୍ରସ୍ତ ପୁରୀର ୪୧୦୩ ରାସ୍ତାକଡ ବ୍ୟବସାୟୀଙ୍କ ମଧ୍ୟରୁ ୧୩୬୯ଜଣଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ମୁଖ୍ୟମନ୍ତ୍ରୀ ପୁରୀ, ଭୁବନେଶ୍ୱର ଏବଂ ବ୍ରହ୍ମପୁର ସହରାଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଏପିସି ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ଦୁର୍ନୀତିଗ୍ରସ୍ତଙ୍କ ଉପରେ ପୁଣି କାର୍ଯ୍ୟାନୁଷ୍ଠାନ


# ୬ ଅଫିସର ବିଦା

ଭୁବନେଶ୍ୱର,୩୧।୮(ବ୍ୟୁରୋ)

■ ୪ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ

ରାଜ୍ୟ ପ୍ରଶାସନରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଏହିକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ୬ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ୪ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ୍ ସୁବିଧା ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ଉପରୋକ୍ତ ସମସ୍ତ ଅଧିକାରୀ ଭିନ୍ନ ଭିନ୍ନ ମାମଲାରେ ରାଜ୍ୟ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁଇ ସପ୍ତାହ ପୂର୍ବେ ମୁଖ୍ୟମନ୍ତ୍ରୀ ଅନୁରୂପ ଭାବେ ୧୫ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହିତ ୨ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ କରିଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୨୧ ଅଧିକାରୀଙ୍କୁ ବରଖାସ୍ତ କରାଯାଇଥିବାବେଳେ ୬ ଜଣଙ୍କ ପେନ୍‌ସନ୍ ବନ୍ଦ ରଖାଯାଇଛି।

ସଦ୍ୟ ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଉଛନ୍ତି ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ତହସିଲର କନିଷ୍ଠ କିରାଣି ସଞ୍ଜିତ କୁମାର ରାୟ। ସେ ପୂର୍ବରୁ ରାଉରକେଲା ଆରଟିଓ ଅଫିସରେ ମଧ୍ୟ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ବିହାରୀ ପ୍ରଧାନ। ସେ ବର୍ତ୍ତମାନ କୋରାପୁଟ ଜିଲା ଜୟପୁର ଆଇଟିଡିଏରେ କାର୍ଯ୍ୟରତ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଭେଟେନାରୀ ଡାକ୍ତର ଭାଗୀରଥି ବିଶ୍ୱାଳ। ସେ ସମ୍ବଲପୁର ନାକଟିଦେଉଳରେ କାର୍ଯ୍ୟରତ ଥିଲେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଢେଙ୍କାନାଳ ଜିଲା କାମାକ୍ଷାନଗରରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ପାତ୍ର, ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ କୁତ୍ରା ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିଲୋଚନ ସେଠ୍ ଏବଂ ବଣାଇଗଡ ବ୍ଲକର ପଞ୍ଚାୟତ କାର୍ଯ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଷ୍ଟମ ଚନ୍ଦ୍ର ପଟେଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ପେନ୍‌ସନ୍‌ ବନ୍ଦ କରାଯାଇଥିବା ୪ ଅଫିସର ହେଲେ ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌତମ ଚନ୍ଦ୍ର ପୃଷ୍ଟି, ଓସିସିର ପୂର୍ବତନ ଜେନେରାଲ ମ୍ୟାନେଜର ବିକ୍ରମ କେଶରୀ ପଟ୍ଟନାୟକ, କଟକ ଡ୍ରେନେଜ ମୁଖ୍ୟ ଯନ୍ତ୍ରୀ ତଥା କାର୍ଯ୍ୟାଳୟର ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ରବୀନ୍ଦ୍ର କୁମାର ଜେନା ଓ ବାରିପଦା ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ମହାନ୍ତି। ସେହିପରି ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଥିବା ମାମଲାଗୁଡିକର ତଦନ୍ତ ସହ ତର୍ଜମା ଜାରି ରହିଛି। ତେଣୁ ଆଗକୁ ମଧ୍ୟ ବରଖାସ୍ତ ଅଧିକାରୀଙ୍କ ତାଲିକା ବୃଦ୍ଧି ପାଇବାର ସମ୍ଭାବନା ରହିଛି।


ପଶ୍ଚିମବଙ୍ଗର ନଦୀୟାସ୍ଥିତ ଏକ ପୋଖରୀରେ ମାଛ ଧରିବା ପାଇଁ ଜାଲ ବିଛାଉଛନ୍ତି ଜଣେ ଯୁବକ।

### ■ ତିନିମାସରେ ୯୧୨.୪ମିମି ବର୍ଷା

# ସ୍ୱାଭାବିକଠାରୁ ୧.୨% କମ୍

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

■ ୫ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା
■ ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି, ଗଜପତିରେ ସର୍ବନିମ୍ନ ୬୧୬.୬ମିମି

ରାଜ୍ୟରେ ନିଅଣ୍ଟିଆ ବର୍ଷା ରହିଛି। ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ କିଛି ସ୍ଥାନରେ ବନ୍ୟା ପରିସ୍ଥିତି ଦେଖାଦେଇଥିବାବେଳେ ଆଉ କିଛି ସ୍ଥାନରେ ବର୍ଷାର ନାଁ ଗନ୍ଧ ନାହିଁ। ଏବେ ବି ରାଜ୍ୟରେ ୧.୨% କମ୍ ବର୍ଷା ହୋଇଛି। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୯୧୨.୪ମିମି ବର୍ଷା ହେବା କଥା। କିନ୍ତୁ ୯୦୧ମିମି ବର୍ଷା ହୋଇଛି। ଏହି ତିନି ମାସରେ କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଓ ଝାରସୁଗୁଡ଼ା ଆଦି ୫ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅର୍ଥାତ୍ ୧୯%ରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ସେହିପରି କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କଟକ, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ଯାଜପୁର, ଗଜପତି, କେନ୍ଦ୍ରାପଡ଼ା, ଭଦ୍ରକ, ନୂଆପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ୨୧ଜିଲାରେ ସ୍ୱାଭାବିକ ବର୍ଷା (+୧୯%ରୁ - ୧୯% ମଧ୍ୟରେ)ହୋଇଛି। ହାରାହାରି ବୃଷ୍ଟିପାତକୁ ତୁଳନା କଲେ କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଦେବଗଡ଼ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଏହି ତିନି ମାସରେ ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି ବର୍ଷା ହୋଇଥିବା ବେଳେ ଗଜପତି ଜିଲାରେ ସର୍ବନିମ୍ନ ୬୧୬.୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାଲକାନଗିରିରେ ୩୪.୬% ଅଧିକ ବର୍ଷା ହୋଇଥିବା ବେଳେ ଗଜପତିରେ ୯.୮% କମ୍ ବର୍ଷା ହୋଇଛି।

ବ୍ଲକ୍ ସ୍ତରରେ ଦେଖିବାକୁ ଗଲେ ଏହି ତିନି ମାସରେ ୬୬ ବ୍ଲକ୍‌ରେ ଅଧିକ ବର୍ଷା ହୋଇଥିବା ବେଳେ ୧୬୯ ବ୍ଲକ୍‌ରେ ସ୍ୱାଭାବିକ ଓ ୬୮ବ୍ଲକ୍‌ରେ କମ୍ ବର୍ଷା ହୋଇଛି। ୧୧ଟି ବ୍ଲକ୍‌ରେ ଅତ୍ୟଧିକ କମ୍ ବର୍ଷା ହୋଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର ବ୍ଲକ୍‌ରେ -୪୨.୦% ଓ ନୀଳଗିରିରେ -୪୨.୬%, ଦେବଗଡ଼ ଜିଲାର ରିଆମାଳ ବ୍ଲକ୍‌ରେ -୪୧.୮%, କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ୍‌ରେ -୩୯.୯%, ଚମ୍ପୁଆରେ -୪୩.୬%, ଝୁମ୍ପୁରାରେ -୪୪.୫%, ଯୋଡ଼ାରେ -୪୭.୯%, କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ୍‌ରେ -୪୪.୫, ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ୍‌ରେ -୪୭.୭%, ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ବ୍ଲକ୍‌ରେ -୪୧.୦% ଓ ବଣାଇ ବ୍ଲକ୍‌ରେ -୪୪.୮% କମ୍ ବର୍ଷା ହୋଇଛି। ସେହିପରି ତିନି ମାସ ମଧ୍ୟରେ ହାରାହାରି ୪୦.୯ ବର୍ଷା ଦିନ ହେବା କଥା କିନ୍ତୁ ମୋଟ ୩୫.୭ ବର୍ଷା ଦିନ ହୋଇଛି। ଜୁନ୍‌ରେ ୭.୪, ଜୁଲାଇରେ ୧୩.୭ ଓ ଅଗଷ୍ଟରେ ୧୪.୬ ବର୍ଷାଦିନ ହୋଇଥିଲା।

ଅନ୍ୟପଟେ ଅଗଷ୍ଟ ମାସରେ କିନ୍ତୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଅଗଷ୍ଟରେ ୪୪୪.୩ ମିଲିମିଟର ବର୍ଷା ହୋଇଛି। ଅଗଷ୍ଟରେ ହାରାହାରି ୩୫୬ମିମି ବର୍ଷା ହେବା କଥା, କିନ୍ତୁ ଏଥର ୨୪.୫% ଅଧିକ ବର୍ଷା ହୋଇଛି। ମାଲକାନଗିରି ଜିଲାରେ ସର୍ବାଧିକ ୭୬୩.୩ମିମି ବର୍ଷା ହୋଇଛି। ଏଠାରେ ୬୧.୫% ଅଧିକ ବର୍ଷା ହୋଇଛି। ସେହିପରି ପୁରୀ ଜିଲାରେ ସର୍ବନିମ୍ନ ୨୮୭.୬ମିମି ବର୍ଷା ହୋଇଛି। ଏଠାରେ ୩.୪% କମ୍ ବର୍ଷା ହୋଇଥିବା ଜଣାପଡ଼ିଛି।

# ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହଟିବ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

**ଅକ୍ଟୋବର ୨ରୁ 'ସବ୍‌କୀ ଯୋଜନା ସବ୍‌କା ବିକାଶ' ଅଭିଯାନ**

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରି ଆର୍ଥିକ ସ୍ୱଚ୍ଛଳ ବର୍ଗରେ ପରିଣତ କରିବାକୁ କେନ୍ଦ୍ର ସରକାର 'ସବ୍‌କୀ ଯୋଜନା ସବ୍‌କା ବିକାଶ' ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏ ନେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସଚିବ ଅମରଜିତ ସିହ୍ନା ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏହି ଅଭିଯାନ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଡିସେମ୍ବର ୩୧ ତାରିଖ ଯାଏ ଚାଲିବ। ଗ୍ରାମାଞ୍ଚଳରେ ସମ୍ବିଧାନର ଏକାଦଶ ପରିଚ୍ଛେଦରେ ଗ୍ରାମ ପଞ୍ଚାୟତକୁ ଦିଆଯାଇଥିବା ୨୯ ବିଭାଗ ଉପରେ ଏହି ଅଭିଯାନରେ ପଦକ୍ଷେପ ନିଆଯିବ। ଏଥିରେ ମୁଖ୍ୟତଃ କୃଷି, ଚାଷ ଜମିର ବିକାଶ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ, ମତ୍ସ୍ୟ ଚାଷ, ଜଙ୍ଗଲ, କ୍ଷୁଦ୍ର ଶିଳ୍ପ, ଗ୍ରାମ୍ୟ ଖଦି ଉଦ୍ୟୋଗ, ଗ୍ରାମୀଣ ଗୃହ, ପାନୀୟ ଜଳ, ରାସ୍ତାଘାଟ, ଗ୍ରାମ୍ୟ ବିଦ୍ୟୁତୀକରଣ, ଅଣପାରମ୍ପରିକ ଶକ୍ତି, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ଧନ୍ଦାମୂଳକ ଶିକ୍ଷା, ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ବଜାର ଓ ମେଳା, ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ସାଧାରଣ ବଣ୍ଟନ ବ୍ୟବସ୍ଥା ଇତ୍ୟାଦି ବିଷୟ ଅନ୍ତର୍ଭୁକ୍ତ କରାଯାଇଛି।

ସମସ୍ତ ବିଭାଗର ସଚିବମାନଙ୍କ ବୈଠକ ଡାକି ଏ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଅଲଗା ବଜେଟ ପ୍ରସ୍ତୁତ କରିବା ସହ ପଞ୍ଚାୟତସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବମାନେ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବେ। ଉକ୍ତ ଅଭିଯାନକୁ କାର୍ଯ୍ୟକାରୀ କରିବାକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା (ଜିପିଡିପି) ପ୍ରସ୍ତୁତ କରାଯିବ। ଏହି ସମୟ ମଧ୍ୟରେ ପଞ୍ଚାୟତ ଗୁଡ଼ିକର ଭୌଗୋଳିକ ସ୍ଥିତି ଏବଂ ଜନସଂଖ୍ୟା ଆଧାରରେ ର୍‍ୟାଙ୍କ କରିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ଅଗଷ୍ଟ ୨୭ରେ ମୁଖ୍ୟ ଶାସନ ସଚିବଙ୍କ ସହ ମନ୍ତ୍ରଣାଳୟ ସଚିବ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରିଛନ୍ତି। କେନ୍ଦ୍ରଠାରୁ ନିର୍ଦ୍ଦେଶ ପାଇବା ପରେ ପଞ୍ଚାୟତିରାଜ ବିଭାଗ ଏ ନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶୁଭଚନ୍ଦ୍ର କାର୍ଯ୍ୟ ସିଦ୍ଧି ସହ ଯାତ୍ରାକୁ ସୁଗମ କରିବ। କର୍ମକ୍ଷେତ୍ରରେ ଆପଣଙ୍କ ଅପ୍ରିୟ ସତ୍ୟ କଥା ସହକର୍ମୀ କିମ୍ବା ନିକଟ ସମ୍ପର୍କୀୟଙ୍କ ମନରେ ଦୁଃଖ ଦେଇପାରେ। ଅବହେଳାରୁ ପୁରାତନ ରୋଗପୀଡ଼ା ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ବ୍ୟକ୍ତିଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ବୃଷ** ଯାହାକୁ କିଛି କହିବେ ବୋଲି ଭାବୁଥିଲେ ଆଜି ହଠାତ୍ ପାଖରେ ପାଇ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ପୂର୍ବରୁ ଭଲ ନ ଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ଭାଗ୍ୟସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ସୌଭାଗ୍ୟପ୍ରଦ ହେବ। କିନ୍ତୁ ପାପଗ୍ରହ ପ୍ରଭାବରେ ମୃଗଶିରା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ସମସ୍ୟା ସୁଧୁରିବା କଷ୍ଟକର ହୋଇପଡ଼ିବ। ଭାବପ୍ରବଣତା ବୃଦ୍ଧି ପାଇବ, ଯାହାକି ଅଶାନ୍ତିର ହେତୁ ସ୍ୱରୂପ ହେବାର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**କର୍କଟ** ଧନଭାବର ସୁପ୍ରଭାବରେ ଆକସ୍ମିକ ଅର୍ଥଲାଭ ସହ ସମସ୍ୟା ସମାଧାନରୁ ଆଶ୍ୱସ୍ତି ଅନୁଭବ କରିବେ। କେତେକ କାମ ଅଟକି ରହିଥିବା କାରଣରୁ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଅଫିସରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆଲୋଚନା ବେଳେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି।

**ସିଂହ** ଆଜିର ଗ୍ରହସ୍ଥିତି ସମସ୍ତ ସମସ୍ୟାକୁ ପ୍ରତିହତ କରି କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ପରିବାରରେ ଭୁଲ୍ ବୁଝାମଣାରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ି ନ ପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବ।

**କନ୍ୟା** ପ୍ରତିକୂଳ ଗ୍ରହସ୍ଥିତି ସମସ୍ତ ଅନର୍ଥର କାରଣ ହୋଇପାରେ। ଅତଏବ ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ଚଳିବା ଭଲ ହେବ। ପରିବାରର ବିଭିନ୍ନ ପ୍ରକାର ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସହଜସାଧ ହୋଇ ନ ପାରେ।

**ତୁଳା** ଦ୍ୱାଦଶସ୍ଥ ଚନ୍ଦ୍ର ଯୋଗୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବହୁତ ଦିନହେଲା ବାରମ୍ବାର ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ନ ହେବାରୁ ମନ ଭଲ ରହିବ ନାହିଁ। ଏପରିକି ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦିନରେ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତ ଅନୁଭବ କରିବେ।

**ବିଛା** ରାଶିରେ ବୃହସ୍ପତି ଏକାଦଶସ୍ଥ ଚନ୍ଦ୍ର ଲକ୍ଷ୍ୟହାସଲରୁ ମାନସିକ ସ୍ତରରେ ପ୍ରସନ୍ନତା ଆସିବ। କିନ୍ତୁ ଶନି ଦୃଷ୍ଟ ଚନ୍ଦ୍ର ହେତୁ ଉପସ୍ଥିତ ପରିବେଶରେ କ'ଣ କରିବେ କିମ୍ବା ନ କରିବେ, ସେହି ନିଷ୍ପତ୍ତି ନେବା ମଧ୍ୟ ସହଜ ନ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ବ୍ୟବସାୟ ଓ ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି।

**ଧନୁ** ରାଶିରେ ଶନିଙ୍କ ଅବସ୍ଥିତି କାରଣ ଯୋଗୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଏଣେ ଯେତେ ନେହୁରା ହେଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବିଶେଷ ଖରାପ ରହିବ ନାହିଁ। ଶିକ୍ଷା, ଲେଖାପଢ଼ା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ମକର** ଦଶମ ଚନ୍ଦ୍ର ପ୍ରଭାବରେ ବନ୍ଧୁମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଏଣୁତେଣୁ ବିଗତ କଥାକୁ ମନରେ ସ୍ଥାନ ଦେଇ ସାୟାହ୍ନେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଶ୍ରବଣା ନକ୍ଷତ୍ର ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ।

**କୁମ୍ଭ** ରାଶ୍ୟାଧିପତିଙ୍କ ସୁଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରିଚାଲନ୍ତୁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ତାହା ବେଶିକ୍ଷଣ ରହିବ ନାହିଁ।

**ମୀନ** ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିବ ଏବଂ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ଯୋଗୁ ଅନୁତାପ କରିବେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବାଳିତୃତୀୟା ରବିବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ନିକୁଳୀଳା ଓ ଅନ୍ଧପ୍ରସ୍ତାବ, ଖୁଦୁରୁକୁଣୀ ଓଷା ତୃତୀୟପାଳି, ମୁସ୍‌ଲିମ୍ ନବବର୍ଷ, ଅଲ୍-ହିଜରା, ମହରମ୍ ମାସ ଆରମ୍ଭ, ସେପ୍ଟେମ୍ବର ୧ ତାରିଖ, ୧୪୪୧ ସାଲ ପ୍ରବେଶ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶି-ନକ୍ଷତ୍ର ଦିବା ଘ୧୧।୪୭ମି. ଗତେ, ହସ୍ତା/କନ୍ୟା, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୪।୫୬ମି. ଗତେ, ଘ୬।୧୭ମି. ମଧ୍ୟେ ଅମୃତବେଳା। ସକାଳ ଘ୫।୩୪ମି. ଗତେ ଘ୬।୨୪ମି. ମଧ୍ୟେ ମାହେନ୍ଦ୍ରବେଳା।

## ବାଦ୍ ପଡ଼ିଲେ...

ପ୍ରକାଶିତ ତାଲିକାକୁ ନେଇ ଭାଜପା ରାଜ୍ୟ ଶାଖାର ସଦସ୍ୟମାନେ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ୧୯୭୧ ପୂର୍ବରୁ ବାଂଲାଦେଶରୁ ପଳାଇଆସିଥିବା ଶରଣାର୍ଥୀଙ୍କ ସମେତ ଅନେକ ପ୍ରକୃତ ନାଗରିକ ବାଦ୍ ପଡିଥିବା ସେମାନେ କହିଛନ୍ତି। ଶରଣାର୍ଥୀମାନଙ୍କ ପ୍ରମାଣପତ୍ରକୁ ଏନ୍‌ଆର୍‌ସି ଗ୍ରହଣ କରି ନ ଥିବା ଆସାମ ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଟୁଇଟ୍ କରିଛନ୍ତି। ତଥ୍ୟ ଜାଲିଆତି କରାଯାଇ ଅନେକଙ୍କୁ ତାଲିକାରେ ସାମିଲ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ହିନ୍ଦୁମାନଙ୍କୁ ବାଦ୍ ଦେବା ଏବଂ ମୁସଲମାନଙ୍କୁ ସହାୟତା କରିବା ଷଡ଼ଯନ୍ତ୍ରର ଏହା ଅଂଶବିଶେଷ ବୋଲି ଭାଜପା ବିଧାୟକ ଶିଳାଦିତ୍ୟ ଦେବ କହିଛନ୍ତି। ଏନ୍‌ଆର୍‌ସି ସଫ୍ଟୱେର ତ୍ରୁଟିଯୁକ୍ତ ଏବଂ ନାଗରିକ ତାଲିକା ପ୍ରସ୍ତୁତି ପ୍ରଣାଳୀ ଦୁର୍ନୀତିପୂର୍ଣ୍ଣ ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନ୍‌ଆର୍‌ସି ଜରିଆରେ ଭାଜପା ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି ବୋଲି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ତରୁଣ ଗୋଗୋଇ ସମାଲୋଚନା କରିଛନ୍ତି। ଯେଉଁମାନେ ଚୂଡ଼ାନ୍ତ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଅଟକ ରଖାଯିବନି ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ ଫରେନର୍ସ ଟ୍ରିବ୍ୟୁନାଲ୍ ଓ ପରେ ଆବଶ୍ୟକ ପଡ଼ିଲେ ଉଚ୍ଚତର ଅଦାଲତଙ୍କ ଆଶ୍ରୟ ନେଇପାରିବେ। ଏଥିପାଇଁ ରାଜ୍ୟରେ ୪୦୦ ଟ୍ରିବ୍ୟୁନାଲ ଖୋଲାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ଗରିବ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ଆଇନଗତ ସହାୟତା ଯୋଗାଇଦିଆଯିବ। ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ସହାୟତା ଯୋଗାଇଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ବେଆଇନ ଭାବେ ରହିଥିବା ବାଂଲାଦେଶୀଙ୍କୁ ବହିଷ୍କାର କରିବା ଏନ୍‌ଆର୍‌ସିର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ୧୯୭୯ରୁ ୧୯୮୫ ପର୍ଯ୍ୟନ୍ତ ୬ ବର୍ଷଧରି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଜୋରଦାର ଆନ୍ଦୋଳନ ହୋଇଥିଲା। ଶେଷରେ ୧୯୮୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ ଏବଂ ଅଲ୍ ଆସାମ ଗଣ ସଂଗ୍ରାମ ପରିଷଦର ନେତାମାନଙ୍କ ମଧ୍ୟରେ ଆସାମ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ୨୦୧୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ଏନ୍‌ଆର୍‌ସି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୨୦୧୫ ମେ'ରୁ ଆବେଦନପତ୍ର ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିଲେ। ଗତବର୍ଷ ଜୁଲାଇ ୩୦ରେ ଏନ୍‌ଆର୍‌ସି ଚିଠା ପ୍ରକାଶ ପାଇଥିଲା, ଯେଉଁଥିରେ ୨,୮୯,୮୩,୬୭୭ ଜଣଙ୍କୁ ଯୋଗ୍ୟବିବେଚିତ କରାଯାଇଥିବାବେଳେ ୪୧ ଲକ୍ଷ ବାଦ୍ ପଡିଥିଲେ। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଏଥିରେ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ବାଦ୍ ପଡିଥିବା ୩୬, ୨୬,୬୩୦ ଜଣ ଏନ୍‌ଆର୍‌ସିରେ ସାମିଲ ପାଇଁ ପୁନର୍ବାର ଆବେଦନ କରିଥିଲେ।

## ଆଜିଠୁ ନୂଆ...

କରିବା ପାଇଁ ଏହି ଆଇନରେ ବ୍ୟବସ୍ଥା ହୋଇଛି। ସଡକ ସୁରକ୍ଷାରେ ଉନ୍ନତି, ପରିବହନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା, ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାରେ ଉନ୍ନତି, ଅଟୋମେଶନ ଓ କମ୍ପ୍ୟୁଟରୀକରଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ତେବେ ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଏଥିରେ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି। ଅପ୍ରାପ୍ତ ବୟସ୍କ ପିଲା ଗାଡି ଚଲାଇଲେ ସେମାନଙ୍କ ମାତାପିତା ଓ ଯାନବାହନ ମାଲିକଙ୍କୁ ଜରିମାନା ଦେବା ସହିତ ଜେଲ ଯିବାକୁ ପଡିବ। ଦ୍ରୁତ ଗତିରେ ଗାଡି ଚଲାଇବା, ବିନା ହେଲ୍‌ମେଟ ଓ ମୋବାଇଲରେ କଥା ହୋଇ ଗାଡି ଚଲାଇଲେ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ। ସଂଶୋଧିତ ଆଇନରେ ଜରିମାନା ରାଶିକୁ ବହୁଗୁଣା ବୃଦ୍ଧି କରାଯାଇଛି। ସାଧାରଣ ନିୟମ ଉଲ୍ଲଂଘନ କଲେ ପୂର୍ବରୁ ପ୍ରଥମ ଥର ପାଇଁ ୧୦୦ ଟଙ୍କା ଜରିମାନା କରାଯାଉଥିବା ବେଳେ ଦ୍ୱିତୀୟ ଥର ପାଇଁ ୩୦୦ ଟଙ୍କା ହେଉଥିଲା। ସେପ୍ଟେମ୍ବର ପହିଲାରୁ ଏହା ଯଥାକ୍ରମେ ୫୦୦ ଓ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡ୍ରାଇଭିଂ ନିୟମ ଉଲ୍ଲଂଘନ କଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ବିନା ଟିକେଟରେ ଯାତ୍ରା କଲେ ୨୦୦ରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ପରିବହନ କର୍ତ୍ତୃପକ୍ଷଙ୍କ ନିୟମକୁ ଅବମାନନା କଲେ ୫୦୦ ବଦଳରେ ୨ ହଜାର, ଜାଣିଶୁଣି ସୂଚନା ନ ଦେଲେ ୫୦୦ରୁ ୨ ହଜାର, ଅନ୍ୟକୁ ଗାଡି ଚଲାଇବାକୁ ଦେଲେ ୧ ହଜାରରୁ ୫ ହଜାର, ବିନା ଲାଇସେନ୍ସରେ ଗାଡି ଚଲାଇଲେ ୫୦୦ରୁ ୫ ହଜାର, ଅଯୋଗ୍ୟ ଘୋଷିତ ପରେ ଗାଡି ଚଲାଇଲେ ୫ରୁ ୧୦ ହଜାର ଟଙ୍କାର ଜରିମାନା ବ୍ୟବସ୍ଥା କରାଯାଇଛି। କଣ୍ଡକ୍ଟର ଲାଇସେନ୍ସ ଅପରାଧ ମାମଲା ପାଇଁ ୧୦୦ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏହି ସଂଶୋଧିତ ଆଇନରେ କେତେକ ନୂତନ ଜରିମାନାର ବ୍ୟବସ୍ଥା କରାଯାଇଛି। ମୋଟର ଯାନ ଆଇନ ସପ୍ତମ ପରିଚ୍ଛେଦକୁ ଉଲ୍ଲଂଘନ କରି ଯାନବାହନ ବିକ୍ରି କଲେ ନିର୍ମାତା, ଡିଲରଙ୍କ ଉପରେ ପ୍ରତ୍ୟେକ ଗାଡି ପିଛା ୧ ଲକ୍ଷ ଟଙ୍କାର ଜରିମାନା କରାଯିବ। ସେହିପରି ଯଦି ଗାଡି ନିର୍ମାତା ଆଇନକୁ ଉଲ୍ଲଂଘନ କରିବେ ତେବେ ତାଙ୍କୁ ୧୦୦ କୋଟି ଟଙ୍କା, ବିପଦପୂର୍ଣ୍ଣ ଗାଡିକୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବିକ୍ରି କଲେ ୧ ଲକ୍ଷ, ଆଇନ ବିରୋଧରେ ଗାଡିର କୌଣସି ଯନ୍ତ୍ରାଂଶକୁ ବଦଳାଇଲେ ପ୍ରତିବଦଳ ଅଂଶ ପାଇଁ ୫ ହଜାର, ଅଣପଞ୍ଜୀକୃତ ଏବଂ ଗାଡିର

ପ୍ରଥମ ପୃଷ୍ଠାରୁ...

ଫିଟ୍‌ନେସ ନ ଥିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ହାଲୁକା ଯାନକୁ ଦ୍ରୁତ ଗତିରେ ଚଲାଇଲେ ୧ ହଜାର ବଦଳରେ ୨ ହଜାର, ଯାତ୍ରୀବାହୀ ଗାଡିକୁ ଅତ୍ୟଧିକ ବେଗରେ ଚଲାଇଲେ ୪ ହଜାର, ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କଲେ ୧ ହଜାର ପରିବର୍ତ୍ତେ ୧୦ ହଜାର, ଟ୍ରାଫିକ୍‌ରେ ନାଲିବତି ଉଲ୍ଲଂଘନ, ବନ୍ଦ ଥିବା ବେଳେ ଯିବା, ଗାଡି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାର, ନୋ ଓଭର ଟେକିଂ ଜୋନରେ ଓଭରଟେକ କରିବା, ଯାନବାହନର ବିପରୀତ ଦିଗରୁ ଗାଡି ଚଲାଇବା, ବିପଦପୂର୍ଣ୍ଣ ଭାବେ ଗାଡି ଚଲାଇଲେ ପ୍ରଥମ ଥର ପାଇଁ ୫ ହଜାର ଓ ଦ୍ୱିତୀୟ ଥର ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସେହିପରି ମଦ୍ୟପାନ କରି ଗାଡି ଚଲାଇଲେ ୩ ହଜାର ବଦଳରେ ୧୫ ହଜାର, ମାନସିକ ଓ ଶାରୀରିକ ଅସୁସ୍ଥ ବ୍ୟକ୍ତି ଗାଡି ଚଲାଇବା ପାଇଁ ୫୦୦ରୁ ୨ ହଜାର, ଦୁର୍ଘଟଣା ଘଟାଇବା ପାଇଁ ୧ ହଜାରରୁ ୧୦ ହଜାର, ରେସିଂ ସ୍ପିଡ୍‌ରେ ଗାଡି ଚଲାଇଲେ ୫୦୦ରୁ ୧୦ ହଜାର, ଅସୁରକ୍ଷିତ ଯାନକୁ ଚଲାଇବା ପାଇଁ ୧ ହଜାରରୁ ୧୫୦୦, ବାୟୁ ଓ ଶବ୍ଦ ପ୍ରଦୂଷଣ ପାଇଁ ୨ ହଜାରରୁ ୧୦ ହଜାର, ଶରୀର କିମ୍ବା ସମ୍ପତ୍ତିକୁ କ୍ଷତି ପହଞ୍ଚାଇଲେ ୧ ହଜାରରୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ। ସେହିପରି ଯାନବାହନରେ ବିସ୍ଫୋରକ ସାମଗ୍ରୀ ନେବା ପାଇଁ ୫ ହଜାରରୁ ୧୦ ହଜାର, ବିନା ସିଟ୍ ବେଲ୍‌ଟରେ ଗାଡି ଚଲାଇଲେ ୧ ହଜାର, ଦୁଇଚକିଆ ଯାନରେ ଦୁଇଜଣରୁ ଅଧିକ ଗଲେ ୧ ହଜାର, ବିନା ହେଲ୍‌ମେଟରେ ଗାଡି ଚଲାଇଲେ ୧ ହଜାର, ବିନା ପଞ୍ଜୀକରଣରେ ଗାଡି ଚଲାଇଲେ ୧୦ ହଜାର, ବିନା ଅନୁମତିରେ ଗାଡି ଚଲାଇଲେ ୧୦ ହଜାର ଟଙ୍କା ଜରିମାନା ଗଣିବାକୁ ପଡିବ। ସେହିପରି ଗାଡି ପଞ୍ଜୀକରଣ ପାଇଁ ଆବେଦନ ନ କରି କିମ୍ବା ଜାଲ କାଗଜପତ୍ର କରି ଗାଡି ବିକିଲେ ଡିଲରଙ୍କୁ ୧୫ଗୁଣା ଟିକସ ଆକାରରେ ଜରିମାନା ଦେବାକୁ ହେବ। ଓଭର ଲୋଡିଂ ପାଇଁ ୨୦ ହଜାର ଏବଂ ପ୍ରତି ଟନ ପିଛା ୨ ହଜାର, ଅଧିକ ଯାତ୍ରୀ ନେଲେ ପ୍ରତି ଯାତ୍ରୀ ପିଛା ୨୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ପଡିବ। ଏହିପରି ଆହୁରି ଅନେକ ଜରିମାନା ବ୍ୟବସ୍ଥା ମଧ୍ୟ ରହିଛି। କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ମୋଟର ଯାନ ଆଇନ ସେପ୍ଟେମ୍ବର ପହିଲାରୁ କଡାକଡି ଭାବେ ଲାଗୁ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଶନିବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ହାତୀ ମୃତ୍ୟୁ ରୋକିବାକୁ ବନ ବିଭାଗର ନୂଆ ପ୍ରୟାସ

# ସୁରକ୍ଷା ପାଇଁ ସାମିଲ ହେବେ ଗଜବନ୍ଧୁ

■ ହାତୀ ଚଳପ୍ରଚଳ ରାସ୍ତାରେ ଲାଗିବ ସିସି କ୍ୟାମେରା

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ରାଜ୍ୟରେ ବଢୁଥିବା ହାତୀ ମୃତ୍ୟୁ ସଂଖ୍ୟା ଉପରେ ରୋକ୍ ଲଗାଇବାକୁ ବନ ବିଭାଗ ନୂଆ ଖସଡ଼ା ପ୍ରସ୍ତୁତ କରିଛି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବା ପରେ ବନ ବିଭାଗର ନିଦ ହଜିଛି। ତେଣୁ ହାତୀ ମୃତ୍ୟୁ ସଂଖ୍ୟା କିଭଳି ହ୍ରାସ ପାଇବ ସେଥିପାଇଁ ଅଣ୍ଟା ଭିଡ଼ିଛି ବନ ବିଭାଗ। ଏଣିକି ହାତୀଙ୍କ ସୁରକ୍ଷାରେ 'ଗଜବନ୍ଧୁ' ସାମିଲ ହେବେ। ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଖସଡ଼ା ଅନୁସାରେ ଏଣିକି ହାତୀଙ୍କ ସମ୍ପର୍କରେ ସୂଚନା ଦେବାକୁ ସାଧାରଣ ଲୋକେ ମୁତୟନ ହେବେ। ଯେଉଁମାନଙ୍କୁ 'ଗଜବନ୍ଧୁ' ଭାବେ ଆଖ୍ୟା ଦିଆଯିବା ସହ ପାରିଶ୍ରମିକ ମଧ୍ୟ ମିଳିବ। ହାତୀ ଚଳପ୍ରଚଳ ଅଞ୍ଚଳରେ ଥିବା ରାସ୍ତାରେ ସିସି କ୍ୟାମେରା ଲଗାଯିବ। ଏଥିସହିତ ଦଳ ଛାଡ଼ି ଆସି ଉତ୍ପାତ କରୁଥିବା ହାତୀ ଉପରେ ନଜର ରଖିବା ପାଇଁ ତା' ଦେହରେ ରେଡିଓ କଲାର ଲଗାଇବାକୁ ମଧ୍ୟ ଯୋଜନା କରାଯାଉଛି। କିଛିଦିନ ତଳେ କେନ୍ଦୁଝର ଅଞ୍ଚଳରେ ରାସ୍ତା ପାର ହେଉଥିବାବେଳେ ବସ୍ ଧକ୍କାରେ ୩ ହାତୀଙ୍କର ମୃତ୍ୟୁ ହୋଇଥିଲା। ତେଣୁ ରାସ୍ତା ଦୁର୍ଘଟଣାରେ ହାତୀ ମୃତ୍ୟୁର ପୁନରାବୃତ୍ତି ନ ହେବ ସେଥିପାଇଁ ହାତୀ ଚଳପ୍ରଚଳ କରୁଥିବା ରାସ୍ତାରେ ସ୍ପିଡ୍ ବ୍ରେକର, ରମ୍ବଲର୍ସ ବ୍ୟବସ୍ଥା କରିବାକୁ ଯୋଜନା ହେଉଛି। ଏଥିପାଇଁ ରାଜ୍ୟର ୬୫ ସ୍ଥାନ ଚିହ୍ନଟ ହୋଇଛି। ସେହିଭଳି ହାତୀ କରିଡର ଦେଇ ଯାଇଥିବା ସମ୍ବଲପୁର-ଅନୁଗୋଳ ରାସ୍ତା ଓ ଆଠଗଡ଼ ଅଞ୍ଚଳରେ କିଛି ରାସ୍ତାରେ ହାତୀଙ୍କ ଚଳାଚଳରେ ବ୍ୟାଘାତ ସୃଷ୍ଟି ନ କରିବାକୁ ମୋଟ ୧୯ ସ୍ଥାନରେ ଅଣ୍ଡର ପାସ୍ ଓ ଓଭର ପାସ୍ ରାସ୍ତା ନିର୍ମାଣ ଲାଗି ମଧ୍ୟ ଏନ୍ଏଚ୍ଆଇକୁ ବନ ବିଭାଗ ଚିଠି ଲେଖିଛି। ସୂଚନାଯୋଗ୍ୟ, ଗତ ୮ବର୍ଷରେ ବିଭିନ୍ନ କାରଣ ଯୋଗୁ ୫୪୮ହାତୀଙ୍କ ମୃତ୍ୟୁ ଘଟିଛି।

# ୪ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

■ ସତର୍କ ରହିବାକୁ ସମସ୍ତ ଜିଲାପାଳଙ୍କୁ ଏସ୍ଆର୍‌ସିଙ୍କ ନିର୍ଦ୍ଦେଶ

■ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ରହିଛି। ଏହା ପ୍ରଭାବରେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨ ତାରିଖରେ ଉତ୍ତରପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଲଘୁଚାପ ବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିଯୋଗୁ ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ରେ ୪ରୁ ୫ ଦିନ ଧରି ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ତେବେ ୧ ତାରିଖରୁ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ। ସ୍ଥାନେ ସ୍ଥାନେ ୭୦ରୁ ୮୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, ପୁରୀ ଓ ନୟାଗଡ଼ ଆଦି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ୨ ତାରିଖ ଦିନ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଓ ରାୟଗଡ଼ାରେ ୬ ଜିଲାକୁ ଅରେଞ୍ଜ ଏବଂ କନ୍ଧମାଳ, ପୁରୀ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ସମ୍ବଲପୁର ଓ ମୟୂରଭଞ୍ଜ ଆଦି ୧୩ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୩ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଆଦି ୧୪ ଜିଲା ଏବଂ ୪ ତାରିଖରେ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଆଦି ୮ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ଯେଉଁମାନେ ଯାଇଛନ୍ତି ସେମାନେ ୧ତାରିଖ ରାତି ସୁଦ୍ଧା ଫେରି ଆସିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ଲଘୁଚାପ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ବୋଲି ସତର୍କ କରାଇଛନ୍ତି। ଯେଉଁସବୁ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି ହୋଇଛି ସେସବୁ ଜିଲାର ଜିଲାପାଳମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରି ଆବଶ୍ୟକ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ଆଗୁଆ ପଦକ୍ଷେପ ନିଆଯିବା ସହ ଆବଶ୍ୟକ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଆଲୋକ, ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରାଇବାକୁ କୁହାଯାଇଛି। ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱର୍ଣ୍ଣ ବିଜେତା ଅଶ୍ୱତ୍ଥଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୮ (ବ୍ୟୁରୋ)**

ରୁଷିଆସ୍ଥିତ କାଜାନ୍‌ରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ଏସ୍. ଅଶ୍ୱତ୍ଥ ନାରାୟଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାରାୟଣଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି। ଏଥିସହିତ ତାଙ୍କ ପ୍ରଶିକ୍ଷକ ରଜତ କୁମାର ସାମନ୍ତରାୟଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅଶ୍ୱତ୍ଥ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ପାଇଁ ୫ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଏହି ଅର୍ଥରେ ସେଠାରେ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯିବ। ଏହି ଉତ୍ସବରେ ଉପସ୍ଥିତ ଥିବା ସେହି ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ସଞ୍ଜୀବ ରାଉତ, ପ୍ରଶିକ୍ଷକ ରଜତ କୁମାର ଏବଂ ଅନ୍ୟ ଦୁଇ ପ୍ରତିଯୋଗୀ (ଜେନୋଫୋନ୍ ଦାସ ଏବଂ ଅବିନାଶ ସ୍ୱାଇଁ)ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦକ୍ଷତାକୁ ଆୟୁଧ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବବର୍ଗଙ୍କ ପାଇଁ ଅଶ୍ୱତ୍ଥ ପ୍ରକୃତ ରୋଲ୍ ମଡେଲ। ତାଙ୍କୁ ବିଶ୍ୱ ଦରବାରରେ ମିଳିଥିବା ଏହି ସମ୍ମାନ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବ। ସେହିପରି ରାଜ୍ୟର ବିଭିନ୍ନ ଆଇଟିଆଇ, ପଲିଟେକ୍‌ନିକ ଏବଂ ଅନ୍ୟ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାର ଛାତ୍ରୀଛାତ୍ରଗଣ ୨୦୨୧ରେ ହେବାକୁ ଥିବା ଇଣ୍ଡିଆ ସ୍କିଲ୍ସ ଏବଂ ୱାର୍ଲ୍ଡ ସ୍କିଲ୍ସରେ ଭାଗ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗଚୀ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅଶ୍ୱତ୍ଥ ନାରାୟଣ, ତାଙ୍କ ପ୍ରଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

■ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି

■ ପ୍ରଶିକ୍ଷକଙ୍କୁ ୫ଲକ୍ଷ, ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂକୁ ୫ କୋଟି ଟଙ୍କାର ସହାୟତା

# ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ର୍ୟାଙ୍କ୍



ସତ୍ୟଜିତ୍ ମହାନ୍ତି



ମନୋଜ କୁମାର ଛାବ୍ରା



ସୁରେନ୍ଦ୍ର ପନ୍‌ୱାର

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ରାଜ୍ୟ ସରକାର ୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ (ଡିଜି) ର୍ୟାଙ୍କ୍‌କୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ପୂର୍ବତନ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ୧୯୮୮ ବ୍ୟାଚ୍‌ର ମନୋଜ କୁମାର ଛାବ୍ରା ଓ ୧୯୮୭ ବ୍ୟାଚ୍‌ର ସୁରେନ୍ଦ୍ର ପନ୍‌ୱାର। ଏନେଇ ସରକାରଙ୍କ ପକ୍ଷରୁ ଶନିବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୨୦୧୬ ଆଇପିଏସ୍ ପେ' ରୁଲ୍ ୮ ଏବଂ ସବ୍ ରୁଲ୍ ୫ ଅନୁଯାୟୀ ଗୃହ ବିଭାଗ ସତ୍ୟଜିତ ମହାନ୍ତି ଓ ମନୋଜ କୁମାର ଛାବ୍ରାଙ୍କୁ ପଦୋନ୍ନତି ଦେଇଛି। ସେହିଭଳି କେନ୍ଦ୍ରୀୟ ଡେପୁଟେଶନରେ ଥିବା ସୁରେନ୍ଦ୍ର ପନ୍‌ୱାରଙ୍କ କାର୍ଯ୍ୟଦକ୍ଷତା ଅନୁସାରେ ପଦୋନ୍ନତି ଦିଆଯାଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ପ୍ରତି ରାଜ୍ୟ ପାଇଁ ଆଇପିଏସ୍ ଅଫିସରଙ୍କର ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଧାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ଆଇପିଏସ୍ ଅଫିସରଙ୍କ ସଂଖ୍ୟା ୮୮ ରହିଛି। ଏହାସହ ସବୁ ରାଜ୍ୟର କ୍ୟାଡର ସଂଖ୍ୟା ମଧ୍ୟ ନିର୍ଦ୍ଧାରିତ ହୋଇଥାଏ। ଏହାକୁ ମନଇଚ୍ଛା ବଦଳ କରାଯାଇପାରିବ ନାହିଁ। ୨୦୦୯ରୁ ଏହି ନିୟମ ଲାଗୁହୋଇ ଆସୁଛି। ବର୍ତ୍ତମାନ ୩ଜଣଙ୍କୁ ଡିଜି ର୍ୟାଙ୍କ୍ ମିଳିବା ପରେ ଓଡ଼ିଶାରେ ଏହି ସଂଖ୍ୟା ୫ରେ ପହଞ୍ଚିଛି। ସେମାନେ ହେଲେ ପୋଲିସ ଡିଜି ବି.କେ. ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟ, ଜେଲ୍ ଏଡିଜି ସତ୍ୟଜିତ୍ ମହାନ୍ତି, ଓଏସ୍ଏପି ଆଡିଶନାଲ ଡିଜି ମନୋଜ କୁମାର ଛାବ୍ରା ଓ କେନ୍ଦ୍ରୀୟ ଡେପୁଟେଶନରେ ଥିବା ସୁରେନ୍ଦ୍ର ପନ୍‌ୱାର।

# ୩ରେ ଖାଦ୍ୟ ଓ ଖାଉଟି ବ୍ୟାପାର ଜାତୀୟ ପରାମର୍ଶଦାତା ବୈଠକ

**ଭୁବନେଶ୍ୱର,୩୧।୮ (ବ୍ୟୁରୋ):** ସାରା ଦେଶରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉତ୍ପାଦନ, ସୁଲଭ ମୂଲ୍ୟ ଦୋକାନରେ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ସମ୍ପର୍କିତ ଏକ ବୈଠକ ଆସନ୍ତା ୩ରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବିତରଣ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସାରା ଦେଶର ବିଭିନ୍ନ ରାଜ୍ୟର ଖାଦ୍ୟ ଯୋଗାଣ ମନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେବେ। ପ୍ରତି ରାଜ୍ୟ ବିଭାଗ ସମ୍ପର୍କିତ ନିଜ ଦାବି ଉପସ୍ଥାପନ କରିବା ସହ କେତେକ ଜାତୀୟ ନୀତି ନେଇ ମତାମତ ଦେବେ ବୋଲି ଜଣାପଡ଼ିଛି।


LIC
ଭାରତୀୟ ଜୀବନ ବୀମା ନିଗମ
भारतीय जीवन बीमा निगम
LIFE INSURANCE CORPORATION OF INDIA
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
'ଜୀବନ ଦୀପ', ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.: ୦୬୧୨-୨୫୦୧୧୧୮/୨୫୦୩୦୧୪/୨୫୦୧୧୦୩
ଇମେଲ୍: ecz_engg@licindia.com; ୱେବ୍‌ସାଇଟ୍: www.licindia.in/tenders
ଏକ ଆଇଏସ୍ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ପଦମପୁରଠାରେ ପ୍ରସ୍ତାବିତ ଶାଖା କାର୍ଯ୍ୟାଳୟ ବିଲ୍ଡିଂ ଏବଂ ଅଫିସର୍ସ କ୍ୱାର୍ଟର୍ ନିର୍ମାଣ ନିମନ୍ତେ ପ୍ରତିଯୋଗିତାମୂଳକ ବିଡିଂ**

ଭାରତୀୟ ଜୀବନ ବୀମା ନିଗମ ନିମ୍ନପ୍ରଦତ୍ତ ବିବରଣୀ ଅନୁସାରୀ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡର୍‌ମାନଙ୍କଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆହ୍ୱାନ କରୁଛନ୍ତି।

| | |
|---|---|
| ବିଡ୍ ନଂ. | ଏଲ୍ଆଇସିଆଇ/ଇସିଜେଡ୍ଓ/୨୦୧୯-୨୦/୨୪ ତାରିଖ: ୦୧।୦୯।୨୦୧୯ |
| କାର୍ଯ୍ୟର ବିବରଣୀ | ସମ୍ବଲପୁର ଡିଭିଜନାଲ କାର୍ଯ୍ୟାଳୟ, ଓଡ଼ିଶା ଅଧୀନରେ ପଦମପୁରଠାରେ ଆଧୁନିକୀକରଣ ସହିତ ପ୍ରସ୍ତାବିତ ଶାଖା କାର୍ଯ୍ୟାଳୟ ବିଲ୍ଡିଂ, ୪ ଗୋଟି ଅଫିସର୍ସ କ୍ୱାର୍ଟର୍ ନିର୍ମାଣ ଏବଂ ତତ୍‌ସମ୍ପର୍କିତ ନିର୍ମାଣ କାର୍ଯ୍ୟ। ଅଟକଳ ମୂଲ୍ୟ: **ଟ.୪୪୧.୩୪ ଲକ୍ଷ** (ଆନୁମାନିକ) |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ୦୧।୦୯।୨୦୧୯ରୁ ୨୩।୦୯।୨୦୧୯ |
| ବିଡ୍ ଦାଖଲର ସମାପ୍ତି ତାରିଖ ଓ ସମୟ | ୨୩।୦୯।୨୦୧୯ ୧୫.୦୦ ଘଟିକାରେ |
| ଯୋଗାଯୋଗ ବ୍ୟକ୍ତିଙ୍କ ଇ-ମେଲ୍: | umeshkumar@licindia.com; goutam.karmakar@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ ଯେକୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରି ତାରିଖ ବୃଦ୍ଧି ସମ୍ପର୍କିତ ସୂଚନା କେବଳ ୱେବ୍‌ସାଇଟ୍: http://www.tenderwizard.com/LICରେ ଜାରି କରାଯିବ ଏବଂ ପ୍ରେସ୍‌ରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ । ତେଣୁ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ କଥିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ବିଡର୍‌ମାନଙ୍କୁ ଅନୁରୋଧ କରାଯାଉଛି।
ତାରିଖ: ୦୧।୦୯।୨୦୧୯ ମୁଖ୍ୟ ଯନ୍ତ୍ରୀ


## ଜିଲା ଚିଠି
## ମାଲକାନଗିରି



# କାହା ପାଖରେ ତଥ୍ୟ ନାହିଁ

ଦେଶରେ ଶିଶୁମାନଙ୍କ ସୁରକ୍ଷା, ଯତ୍ନ, ଖାଦ୍ୟପେୟ, ଶିକ୍ଷାଦାନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଜିଲାରେ ଶିଶୁମାନଙ୍କ ସୁରକ୍ଷା ପାଇଁ ଚାଇଲ୍ଡଲାଇନ୍, ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟ କରୁଛି। ହେଲେ ଏହି ବିଭାଗଗୁଡିକର କାହା ସହିତ କାହାର ସମନ୍ୱୟ ନାହିଁ। ବିଭିନ୍ନ ସମୟରେ ଉଦ୍ଧାର ହେଉଥିବା ଶିଶୁମାନେ କେଉଁଠାରେ କେଉଁ ପରିସ୍ଥିତିରେ ଅଛନ୍ତି ତାହାର ତଦାରଖ ହେଉନାହିଁ। ତଥ୍ୟ ଅନୁଯାୟୀ, ଜିଲା ଚାଇଲ୍ଡଲାଇନ ପକ୍ଷରୁ ୨୦୧୭ରୁ ୨୦୧୯ ଜୁନ୍ ମଧ୍ୟରେ ୮୬୧ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ସୁରକ୍ଷା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। କାଉନସେଲିଂ ପରେ ସେମାନଙ୍କ ମଧ୍ୟରୁ କେତେଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣାପଡିବା ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏବେ ସେହି ଯୁବତୀ ଯୁବକମାନେ ନିଜ ଅଞ୍ଚଳରେ ଶିକ୍ଷା ଗ୍ରହଣ କରୁଛନ୍ତି ନା ଡ୍ରପ୍ ଆଉଟ୍ ହୋଇଛନ୍ତି ତାହା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଯଦି ସେହି ଯୁବତୀଯୁବକମାନେ ଅଳ୍ପ ଶିକ୍ଷିତ ଥିଲେ ସେମାନଙ୍କ ପାଠପଢ଼ା ଦାୟିତ୍ୱ ସରକାର ବହନ କରିବାର ନିୟମ ରହିଛି। ଜିଲା ଶିଶୁ ମଙ୍ଗଳ ସମିତି ଏବଂ ଜିଲା ଶିଶୁ ସୁରକ୍ଷା ସମିତିର ତଥ୍ୟ ଅନୁଯାୟୀ, ୨୦୧୭-୧୮ରେ ୧୧୧ଜଣ ଶିଶୁ ଶ୍ରମିକ ଏବଂ ୨୦୧୮-୧୯ରେ ୬୦ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଯେଉଁମାନେ ଅଳ୍ପ ପାଠ ପଢିଥିଲେ ସେହି ପିଲାଙ୍କୁ ଜିଲାର ବିଭିନ୍ନ ବିଦ୍ୟାଳୟ ଛାତ୍ରାବାସରେ ରଖି ଶିକ୍ଷାଦାନ କରାଯାଉଛି। ଖାଦ୍ୟପେୟ ଦାୟିତ୍ୱ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କରାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପାଠ ପଢିନାହାନ୍ତି ସେମାନଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ହେଲେ ଏବେ ସେମାନେ କ'ଣ କରୁଛନ୍ତି ସେ ଖବର କାହା ପାଖରେ ନାହିଁ। ସେହି ଶିଶୁମାନେ ହୁଏତ ପୁଣି ଥରେ ଶିଶୁଶ୍ରମିକ ଭାବେ କାମ କରିବାକୁ ଜିଲା ବାହାରକୁ ଯାଇଥାଇପାରନ୍ତି, ତା'ର ହିସାବ କାହା ପାଖରେ ନାହିଁ। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡିଛି, ଜିଲାରେ ଏଯାଏ ୩୨ହଜାର ୯୨୦ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଶିଶୁ ମଙ୍ଗଳ, ଶିଶୁ ସୁରକ୍ଷା ଏବଂ ଶ୍ରମ ବିଭାଗ ଜିଲାର ୧୬ଟି ସ୍ଥାନରେ ଚଢାଉ କରି ୪୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବାବେଳେ ଏଥିରେ ସମ୍ପୃକ୍ତ ଦଲାଲ ଏବଂ ସଂସ୍ଥାର ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି। ଜଣଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୫ ଜଣଙ୍କୁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷେ ଜିଲାର ସ୍ୱାଭିମାନ ଅଞ୍ଚଳରେ ଅନେକ ଅଙ୍ଗନୱାଡି କେନ୍ଦ୍ରରେ ୦ ରୁ ୫ ବର୍ଷର ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନାହିଁ। କେନ୍ଦ୍ରଗୁଡିକ ବନ୍ଦ ଥିବା ନେଇ ଗତ ୨୬ ତାରିଖରେ ୪ଟି ପଞ୍ଚାୟତର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ଶିଶୁ ଗୃହରେ ଏବେ ୪୮ ଜଣ ଅନାଥ ଝିଅ ପୁଅ ରହୁଛନ୍ତି। ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଖାଦ୍ୟପେୟ, ପୋଷାକ, ପାଠ୍ୟ ପୁସ୍ତକ ଆଦି ଯୋଗାଇ ନାହାନ୍ତି। ସମ୍ପୃକ୍ତ ସଂସ୍ଥା ନିଜସ୍ୱ ଅର୍ଥ ଏବଂ ଧାର କରଜ କରି ଏହି ପିଲାମାନଙ୍କୁ ଚଳାଉଛନ୍ତି। ଏଥିରୁ ସ୍ପଷ୍ଟ ଯେ, ସରକାରଙ୍କ ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ଉଦ୍ଧାର ଯୋଜନା ପ୍ରହସନ ପାଲଟିଛି।

– ଦୁର୍ଯ୍ୟୋଧନ ପାତ୍ର

■ ଯଦୁନାଥ କଲେଜରେ ର୍ୟାଗିଂରୁ ଉତ୍ତେଜନା

# ପ୍ରତିଶୋଧ ନେଲେ ଜୁନିୟର ଛାତ୍ର

**ବାଲେଶ୍ୱର ଅଫିସ/ରସାଲପୁର, ୩୧।୮ (ଡି.ଏନ.ଏ.)**

■ ଭିଡିଓ ଭାଇରାଲ ପରେ ଘଟଣା ପଦାକୁ ଆସିଲା

■ ଜିଲାପାଳଙ୍କ ନିକଟରେ ଅଭିଯୋଗ

ଶିକ୍ଷାନୁଷ୍ଠାନରେ ର୍ୟାଗିଂ ଘଟଣାକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହେବା ଏବଂ ଜୁନିୟର ଛାତ୍ରମାନେ ପ୍ରତିଶୋଧପରାୟଣ ହୋଇ ଜଣେ ସିନିୟର ଛାତ୍ରଙ୍କୁ ପୋଖରୀରେ ବୁଡ଼ାଇ ମାଡ ମାରୁଥିବା ଘଟଣା ପଦାକୁ ଆସିଛି। ଏ ସଂକ୍ରାନ୍ତ ଏକ ଭିଡିଓ ଭାଇରାଲ ହୋଇଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ରସାଲପୁରସ୍ଥିତ ଯଦୁନାଥ ଡିଗ୍ରୀ ମହାବିଦ୍ୟାଳୟରେ ଏଭଳି ଘଟଣା ଘଟିଥିବା ଜଣାପଡିବା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଛାତ୍ରୀଛାତ୍ରମାନେ ଶନିବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ କରି ଦସ୍ତଖତ ସମ୍ବଳିତ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେମାନେ ଦାବି କରିଛନ୍ତି। ଜିଲାପାଳ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଏବଂ ତଦନ୍ତ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ଶିକ୍ଷାନୁଷ୍ଠାନରେ ର୍ୟାଗିଂ ବନ୍ଦ ଲାଗି କଟକଣା ସତ୍ତ୍ୱେ ଏହି କଲେଜରେ ର୍ୟାଗିଂ ହେବା ଯୋଗୁ ଯୁକ୍ତ ୨ ଶ୍ରେଣୀର ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ନେଇ ବାଦବିବାଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୁକ୍ତ ୩ର ଛାତ୍ରମାନେ ଯୁକ୍ତ୨ ଛାତ୍ରମାନଙ୍କୁ ବାରମ୍ବାର ହଇରାଣ ହରକତ କରୁଥିବାରୁ ଏକ ଛାତ୍ରଗୋଷ୍ଠୀ ସେମାନଙ୍କୁ ବିରୋଧ କରୁଥିଲେ। ଗତ ଗୁରୁବାର କଲେଜ କ୍ୟାମ୍ପସ୍‌ରେ ଥିବା ପୋଖରୀ ନିକଟରେ ଜଣେ ଯୁକ୍ତ ୩ ଛାତ୍ରକୁ ଏକୁଟିଆ ପାଇ ଯୁକ୍ତ୨ର ୫ରୁ ୬ ଜଣ ଛାତ୍ର ରାଗିଂର କାରଣ ପଚାରିବାରୁ ଗଣ୍ଡଗୋଳ ଘଟିଥିଲା। ଏହି ସମୟରେ ଯୁକ୍ତ ୩ ଛାତ୍ରଜଣକ ପୋଖରୀରେ ପଡ଼ିଯାଇଥିଲେ ମଧ୍ୟ ଯୁକ୍ତ ୨ର ଛାତ୍ରମାନେ ତାଙ୍କୁ ଛାଡ଼ି ନ ଥିଲେ। ଖବରପାଇ ଅନ୍ୟ ଛାତ୍ରୀଛାତ୍ର, ଅଧ୍ୟାପକ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଛାତ୍ରଜଣକ ପରେ ସଦର ଥାନାକୁ ଯାଇ ଏନେଇ ଲିଖିତ ଅଭିଯୋଗ କରିଥିଲେ। କଲେଜ କର୍ତ୍ତୃପକ୍ଷ କୌଣସି ଅଭିଯୋଗ କରି ନ ଥିବାରୁ ତାଙ୍କ ଏତଲା ଗ୍ରହଣ କରାଯାଇ ନ ଥିବା ଛାତ୍ର ଜଣକ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେହି ଗଣ୍ଡଗୋଳ ଘଟଣାର ଦୃଶ୍ୟ ରେକର୍ଡିଂ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ୩ ଅଟକ

**କୁକୁଡ଼ାଖଣ୍ଡି,୩୧।୮ (ଡି.ଏନ.ଏ.)**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ସଦରଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଶନିବାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ନାବାଳିକାଙ୍କ ମା'ଙ୍କ ଅଭିଯୋଗ ହେଲା, ଝିଅ ଗାଁ ପାଖ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢନ୍ତି। ପ୍ରତିଦିନ ଅପରାହ୍ନ ସାଢେ ୪ଟାରେ ସେ ଟ୍ୟୁସନ ଯାଇ ସନ୍ଧ୍ୟା ସାଢେ ୬ଟାରେ ଘରକୁ ଫେରନ୍ତି। ଜୁନ ୧୯ରେ ଟ୍ୟୁସନରୁ ଫେରୁଥିବାବେଳେ ରାସ୍ତାରେ ଏକୁଟିଆ ପାଇ ଗ୍ରାମର ଜଣେ ଯୁବକ ତାଙ୍କୁ ଛୁରି ଦେଖାଇ ଅଟକାଇଥିଲେ। ପରେ ନିକଟସ୍ଥ ବଣକୁ ନେଇ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ କେତେକ ଫଟୋ ମଧ୍ୟ ଉଠାଇଥିଲେ। କାହାକୁ ଏନେଇ ଜଣାଇଲେ ଫଟୋ ସୋସିଆଲ ମିଡିଆରେ ଛାଡିଦେବାକୁ ସେ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ପୁଣି ଧମକ ଦେଇ ସମ୍ପୃକ୍ତ ଯୁବକ ଓ ତାଙ୍କ ୨ ସହଯୋଗୀ ନାବାଳିକାଙ୍କୁ ବଳାତ୍କାର କରିଆସୁଥିଲେ। ମାତ୍ର ଉକ୍ତ ଫଟୋ ଗ୍ରାମର ଜଣେ ଯୁବକଙ୍କ ମୋବାଇଲକୁ ସୋସିଆଲ ମିଡିଆରେ ଆସିଯିବାରୁ ସେ ନାବାଳିକାଙ୍କ ମା'ଙ୍କୁ ଦେଖାଇଥିଲେ। ଏହାପରେ ନାବାଳିକାଙ୍କ ମା' ଝିଅଙ୍କୁ ପଚାରିବାରୁ ସେ ସବୁକଥା କହିଥିଲେ। ଶୁକ୍ରବାର ମା' ସଦରଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।


UTKAL UNIVERSITY
VANI VIHAR, BHUBANESWAR-751004

No. Estt-II/HS-21(Pt.)/24516/2019 Dated: 30.08.2019

**WALK-IN INTERVIEW**

Engagement of Teachers in the following posts are urgently required for the University High School on a consolidated remuneration of **Rs.10,000/- (Rupees Ten Thousand)** only per month.

| Sl. No. | Name of the post | No.of Posts |
|---|---|---|
| 1. | TGT Arts | 01 |
| 2. | TGT Science (PCM) | 02 |
| 3. | Trained Matric 10+2 (Arts & Science) Examination with C.T. | 02 |
| 4. | Physical Education Teacher | 01 |

For details the candidates may visit the University Website: **www.utkaluniversity.nic.in**.
Interview will be held on **11.09.2019** in the meeting hall of the University High School.
No TA/DA will be paid for attending the interview.
**Sd/- REGISTRAR**



OFFICE OF THE DISTRICT JUDGE, SONEPUR

**ADVERTISEMENT, 2019**

**Dated the 31st Day of August, 2019**

Applications in the prescribed format available in the website mentioned below are invited for filling up the following posts of Junior Clerk-cum- Copyist, Junior Typist and Stenographer Grade-III in the Judgeship of Sonepur in the pay structures as mentioned in the table below.

| Sl. No. | Category | Un-Reserved | S.E.B.C | S.C. | S.T. | Total | Scale of Pay |
|---|---|---|---|---|---|---|---|
| 1 | Junior Clerk -cum-Copyist | 05 (1-W) | - | 03 (1-W) | 06 (2-W) | 14 | Rs.19900-63200/- Level-4 of ORSP Rule, 2017 |
| 2 | Junior Typist | 01 | - | - | 02 | 03 | Rs.19900-63200/- Level-4 of ORSP Rule, 2017 |
| 3 | Stenographer Grade-III | 02 | - | - | 02 | 04 | Rs.25500-81,100/- Level-7 of ORSP Rule, 2017 |

Reservation of vacancies in respect of physically handicapped persons / Ex-Service Men / Sports Persons shall be made in accordance with the provision made under the relevant Rules.
For details please visit our official website, i.e. http://districts.ecourts.gov.in/subarnapur. The last date for submission of applications is 30.09.2019

Sd./- R.K. Sahu
District Judge,
Sonepur

# ଭାରତର ପ୍ରମୁଖ ସମସ୍ୟା



ଆକାର ପଟେଲ

ଚଳିତ ବର୍ଷର ଦ୍ୱିତୀୟ ତ୍ରିମାସୀରେ ଭାରତର ଜିଡିପି ଅଭିବୃଦ୍ଧି ୫ ପ୍ରତିଶତକୁ ଖସିଯାଇଛି, ଯାହା ଗତ ଛଅବର୍ଷ ଭିତରେ ସର୍ବନିମ୍ନ । ନିର୍ମାଣ ଶିଳ୍ପ, ଯାହା ମେକ୍ ଇନ୍ ଇଣ୍ଡିଆର ମୁଖ୍ୟ, ତାହାର ଅଭିବୃଦ୍ଧି ୧ ପ୍ରତିଶତରୁ ତଳେ ରହିଛି । ଏହି ତ୍ରିମାସୀରେ ଆମେ ୬ ପ୍ରତିଶତ ବି ଛୁଇଁ ପାରିଲୁନି ଏବଂ ସରକାର ଯେଉଁ ସଂଶୋଧିତ ପଦ୍ଧତିରେ ଅଭିବୃଦ୍ଧି ହିସାବ କରୁଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଖୋଦ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତାଙ୍କ ସମେତ ଅନେକେ ମନେକରୁଛନ୍ତି । ସରକାରଙ୍କ ଆଗରେ ଅନେକ ଆହ୍ୱାନ ରହିଛି, ଯାହାକୁ ଆଗ ଦେଖିବାକୁ ହେବ ଏବଂ ତା'ପରେ ଏଥିରୁ ବାଟ ବାହାର କରିବାକୁ ହେବ । ଯଦି ଅଭିବୃଦ୍ଧିରେ ଉନ୍ନତି ନ ଆସେ, ତେବେ ଦାରିଦ୍ର୍ୟ ଓ ପରନିର୍ଭରଶୀଳତା ଦୂରକରିବା ଲାଗି ଭାରତ ଯେଉଁ ଆଶା ବାନ୍ଧିଛି ତାହା ମଉଳିଯିବ । ଏହା ଆମ ସମସ୍ତଙ୍କୁ ବିଚଳିତ କରୁଛି ।

କିଛିଦିନ ତଳେ ଆମେ ଜାଣିବାକୁ ପାଇଥିଲୁ ଯେ ଭାରତର ବେକାରି ହାର ଗତ ୫୦ ବର୍ଷ ଭିତରେ ସର୍ବାଧିକ ରହିଛି । ଏହା ବାସ୍ତବରେ ଆହୁରି ବୃଦ୍ଧି ପାଇଲାଣି ଏବଂ ଅନୁକୂଳ ଦିଗରେ ଯିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁନି । ଆମ ଅର୍ଥନୀତିର ଦୁରବସ୍ଥା ବିଷୟରେ ଭାବିବା ଓ ସମସ୍ୟାର ନିରାକରଣ ଲାଗି ଚିନ୍ତାକରିବା ନିମନ୍ତେ ଆମ ହାତରେ ବହୁତ କମ୍ ସମୟ ଅଛି । ବିଭିନ୍ନ ଜାତୀୟ ଆହ୍ୱାନ ସହ ଜଳବାୟୁ ପରିବର୍ତ୍ତନ ପ୍ରଭୃତି ବହୁତ ସମସ୍ୟା ରହିଛି । ଦୁଃଖର କଥା ସରକାର ଏସବୁ ସମସ୍ୟାର ନିରାକରଣ ବିଷୟରେ ଚିନ୍ତା ନ କରି ଅନ୍ୟ ଜିନିଷ ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି । ଏଥିରୁ ଭବିଷ୍ୟତ ଯାହା ହେବ ତାହା ଜଳ ଜଳ ଦେଖାଯାଉଛି । କାରଣ ସରକାର ଏବେ ଆସାମ, କଶ୍ମୀର ଓ ଅଯୋଧ୍ୟା ବିଷୟରେ ବେଶି ଚିନ୍ତା କରୁଛନ୍ତି । ରାଷ୍ଟ୍ରୀୟ ନାଗରିକ ରେଜିଷ୍ଟର (ଏନ୍ଆର୍ସି) ପ୍ରକାଶ ପାଇଛି ଏବଂ ଏଥିରୁ ୧୯ ଲକ୍ଷ ଲୋକ ବାଦ୍ ପଡ଼ିଛନ୍ତି । ଏହି ଲୋକମାନଙ୍କୁ ଭୋଟର ପରିଚୟପତ୍ର ଥିଲେ ମଧ୍ୟ ଭୋଟଦାନର ଅଧିକାର ମିଳିବ ନାହିଁ । ଭାରତରେ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ପରି ଭାଜପା ଏମ୍ପି ଅଛନ୍ତି ଯେଉଁମାନେ ଅନେକ ବର୍ଷ ହେଲା ଓକିଲାତି କରିଆସୁଛନ୍ତି ଯେ ଭାରତରେ ମୁସଲମାନମାନଙ୍କୁ ଭୋଟଦାନର ଅଧିକାର ମିଳିବା ଉଚିତ ନୁହେଁ । ଦ୍ୱିତୀୟ କଥା ହେଲା ଆସାମରେ ପୂର୍ବରୁ ପ୍ରାୟ ୧୦୦୦ ଲୋକଙ୍କୁ ଯେପରି ବିଦେଶୀ ଘୋଷଣା କରି ଜେଲରେ ରଖାଯାଇଛି, ସେହିପରି ଏହି ୧୯ ଲକ୍ଷ ଲୋକ କୌଣସି ଅପରାଧ କରି ନ ଥିଲେ ମଧ୍ୟ ସେମାନଙ୍କୁ ଜେଲରେ ଭର୍ତ୍ତି କରାଯିବ । ପରିବାରଗୁଡ଼ିକ ଅଲଗା ଅଲଗା ହୋଇଯିବେ ଏବଂ ମହିଳାମାନେ (ଝିଅ, ଭଉଣୀ, ମାଆ ଓ ସ୍ତ୍ରୀ) ପୁରୁଷଙ୍କଠାରୁ ଅଲଗା ଅଲଗା ଜେଲରେ ରହିବେ । ପରସ୍ପର ସହ ସେମାନଙ୍କର ଯୋଗାଯୋଗ ହୋଇପାରିବ ନାହିଁ । ପିଲାମାନେ ବି ଜେଲରେ ରହିବେ । ପ୍ରଥମ ୧୦୦୦ ଲୋକଙ୍କୁ ଜେଲରେ ଭର୍ତ୍ତି କରାଗଲାବେଳେ ଅବଶିଷ୍ଟ ଭାରତୀୟମାନେ ତା' ଉପରେ ବିଶେଷ ଧ୍ୟାନ ଦେଇ ନ ଥିଲେ । କିନ୍ତୁ ଏବେ ୧୯ ଲକ୍ଷ ଲୋକଙ୍କ ଦୁର୍ଗତି ଦେଶବାସୀଙ୍କ ନଜରକୁ ଏଡ଼ାଇ ଯାଇପାରିବ ନାହିଁ ।

କଶ୍ମୀରରେ ସମଗ୍ର ଜନସଂଖ୍ୟାକୁ ଜେଲରେ ଭରିବା ଲାଗି ଆମେ ନିଷ୍ପତ୍ତି ନେବାର ଇତିମଧ୍ୟରେ ଏକମାସ ବିତିବାକୁ ବସିଲାଣି । ସ୍ଥାୟୀ କର୍ଫ୍ୟୁ ଜାରି କରି, କୌଣସି ଯୋଗାଯୋଗ ବା ପ୍ରତିବାଦ କରିବାର ସୁଯୋଗ ନ ଦେଇ ଆମେ ଶତ୍ରୁମାନଙ୍କୁ ଜଣାଇଦେବାକୁ ଚାହୁଁ ଯେ ଆମେ ହେଉଛୁ ଏକ ଦଖଲକାରୀ ଶକ୍ତି । ଆମେ ପ୍ରତ୍ୟେକ ଲୋକଙ୍କୁ ଏପରିକି ଭାରତକୁ ଏକଦା ସମର୍ଥନ କରୁଥିବା ଲୋକଙ୍କୁ ବି ନଜରବନ୍ଦୀରେ ରଖିବାର କାରଣ ହେଉଛି, ଆମେ ଭୟ କରୁଛୁ ଯେ ସେମାନଙ୍କୁ ଖୋଲା ଛାଡ଼ିଲେ କିଛି ଭଲ ଘଟିବ ନାହିଁ । ହୁଏତ ଅନେକ ବର୍ଷ ଧରି ଆମକୁ ହିଂସାତ୍ମକ ପ୍ରତିବାଦ ଦେଖିବାକୁ ମିଳିବ । କିନ୍ତୁ କଶ୍ମୀରର ଆଭ୍ୟନ୍ତରୀଣ ହିଂସା ଆମ ଭିତରେ ଉଦ୍‌ବେଗ ସୃଷ୍ଟି କରିବ ନାହିଁ, କାରଣ ଏହା ଦୀର୍ଘକାଳ ଧରି ଚାଲିଆସିଛି ।

ତୃତୀୟ କଥା ହେଲା ଅଯୋଧ୍ୟାରେ ମନ୍ଦିର ବାବଦରେ ନିଷ୍ପତ୍ତି ନେବା ପାଇଁ ସରକାର ବାଧ ହେବେ । ଚଳିତ ବର୍ଷ ଶେଷ ହେବା ପୂର୍ବରୁ କୋର୍ଟ ଏ ସମ୍ପର୍କରେ ରାୟ ଶୁଣାଇଦେବେ । କୋର୍ଟଙ୍କ ପ୍ରାରମ୍ଭିକ ମତିଗତିରୁ ରାୟ କେଉଁ ଦିଗରେ ଯିବ ତାହା ଅନୁମାନ କରିବା କଷ୍ଟକର ନୁହେଁ । ରାୟ ଯାହା ହେଉନା କାହିଁକି ଅଯୋଧ୍ୟାକୁ ନେଇ ଅନେକ ହିଂସାକାଣ୍ଡ ଅତୀତରେ ଘଟିଯାଇଛି ଏବଂ ତାକୁ ପୁଣି ଉଖାରିବା ସାଂଘାତିକ ହେବ । ଆସାମ ଓ କଶ୍ମୀର ପରି ଅଯୋଧ୍ୟା ଦୀର୍ଘକାଳ ଧରି ଲୋକଙ୍କ ବିସ୍ମୃତି ଭିତରେ ହଜିଯାଇଥିଲା ଏବଂ ତାକୁ ଏକ ଗୁରୁତ୍ୱହୀନ ପ୍ରସଙ୍ଗ ପରି ମନେକରାଯାଉଥିଲା । ସେ ପରିସ୍ଥିତି ଏବେ ବଦଳିଯିବ ।

ଉକ୍ତ ତିନୋଟି ବିରାଟ ପ୍ରସଙ୍ଗ ଏବେ ଆମ ଆଗରେ ଉଭା ହୋଇଛି । ଜାତୀୟ ଧ୍ୟାନ ଓ ଆବେଗ ଦୃଷ୍ଟିରୁ ଏଥିପାଇଁ ସରକାରଙ୍କୁ ବହୁ ଅର୍ଥ ନିବେଶ କରିବାକୁ ପଡ଼ିବ । ଯେଉଁମାନେ ସରକାରଙ୍କ କାର୍ଯ୍ୟଧାରାକୁ ବିରୋଧ କରି ଆସୁଛନ୍ତି, ସେମାନେ ନିରବଚ୍ଛିନ୍ନ ଉତ୍ପୀଡ଼ନ ଦେଖିବେ ଏବଂ ଯେଉଁମାନେ ସମର୍ଥନ କରିଆସୁଛନ୍ତି ସେମାନେ ଉଲ୍ଲସିତ ହେବେ । ଅବଶିଷ୍ଟ ବିଶ୍ୱ ଆଗରେ ଆମେ ସମସ୍ତ ଉତ୍ପୀଡ଼ନକୁ ଆମର ଆଭ୍ୟନ୍ତରୀଣ ବ୍ୟାପାର ଓ ନ୍ୟାୟୋଚିତ କହି ଛଳନା କରିବା କଷ୍ଟକର ହୋଇପଡ଼ିବ ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୪

- ଦକ୍ଷିଣ ଫିଲିପାଇନ୍ସର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟିବା ଫଳରେ ୧୦୦ ଜଣଙ୍କ ମୃତ୍ୟୁ ।
- ଶ୍ରୀଲଙ୍କାର ନୂତନ ସରକାର ଦେଶରେ ଜାତିଗତ ସଂଘର୍ଷ ସମାଧାନର ପ୍ରାଥମିକ ପଦକ୍ଷେପସ୍ୱରୂପ ଏଲଟିଟିଇ ନିୟନ୍ତ୍ରଣାଧୀନ ଜାଫନାରୁ ଅର୍ଥନୈତିକ କଟକଣା ଉଠାଇ ନେଲେ ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 3 | | E | 4 | 9 | 1 | | | 5 | | | B | 8 |
| | | | | | | | | | 3 | | | 0 | | |
| | | 4 | | | 0 | | | | 6 | | D | | 2 | 7 |
| | | | | | | 7 | 5 | | | 9 | 8 | C | E | 1 |
| | | | 2 | 1 | 9 | | | | | E | | | | |
| | 5 | | | | D | | C | | | 7 | | | | |
| | | | | 4 | | 5 | | | | | A | 2 | | |
| | | | 9 | | | A | 0 | 8 | | | 3 | | | |
| | | | | 5 | | | | D | | B | 6 | | C | |
| | | | | | | | | 9 | C | | | 4 | 1 | |
| 8 | | B | | | 1 | | | | | | 4 | E | | |
| | 1 | | | | | | | C | D | | 0 | 8 | | |
| | 6 | | | 0 | | 2 | | | 9 | C | | | 5 | |
| | 2 | C | B | | E | 4 | 9 | 3 | | | | | | |
| | 0 | | | 3 | | | A | 5 | E | 1 | | 9 | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 5 | A | C | 3 | 1 | 4 | 9 | 2 | E | D | 8 | B | 6 |
| 1 | 9 | C | E | 4 | 2 | 5 | 6 | 0 | B | 8 | A | D | 3 | 7 |
| 2 | A | 3 | 5 | 9 | 8 | B | D | E | 1 | 6 | 7 | C | 0 | 4 |
| D | 4 | B | 6 | 0 | 1 | 2 | 7 | 8 | 3 | C | 5 | E | A | 9 |
| 6 | 8 | E | 7 | B | D | A | 3 | C | 9 | 0 | 4 | 5 | 1 | 2 |
| C | D | 8 | 0 | E | 9 | 6 | B | 7 | 5 | 3 | 1 | 4 | 2 | A |
| A | B | 9 | 2 | 7 | 5 | 0 | C | 3 | 4 | D | 6 | 1 | E | 8 |
| 4 | 3 | 0 | C | 8 | 6 | E | 1 | 2 | 7 | A | 9 | B | D | 5 |
| 5 | 1 | 2 | D | 3 | A | 9 | 8 | 4 | E | B | 0 | 6 | 7 | C |
| E | 6 | 7 | 4 | 1 | B | D | 5 | A | C | 2 | 8 | 0 | 9 | 3 |
| 9 | E | D | 3 | 6 | 4 | 7 | A | 5 | 0 | 1 | C | 2 | 8 | B |
| 3 | 5 | 4 | B | 2 | C | 8 | 9 | 1 | D | 7 | E | A | 6 | 0 |
| 8 | 0 | 6 | 1 | 5 | 7 | 3 | 2 | D | A | 4 | B | 9 | C | E |
| 7 | C | 1 | 8 | A | E | 4 | 0 | B | 6 | 9 | 2 | 3 | 5 | D |
| B | 2 | A | 9 | D | 0 | C | E | 6 | 8 | 5 | 3 | 7 | 4 | 1 |

ଗତକାଲି ପ୍ରକାଶିତ ଉତ୍ତର

# ସତ୍ୟପଥର ବିରଳ ଯାତ୍ରୀ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଦୁଇ ବନ୍ଧୁଙ୍କର ଯୁକ୍ତିଯୁଦ୍ଧକୁ ମନ ଓ ବିବେକର ଯୁଦ୍ଧ ବୋଲି ଧରି ନିଆଯାଉ । 'ସତରେ ଥିଲେ ରାତିଅଧରେ ଭାତ ମିଳେ'– ଏମିତି ଏକ ଗାଉଁଲି ଢଗ ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ପ୍ରଥମ ବନ୍ଧୁ କହିଲେ, ''ଏ ସବୁ ନିହାତି ବାଜେ କଥା । କେବଳ ଅଯୋଗ୍ୟ ନିକମା ଲୋକ ହିଁ ସତ୍ୟଧର୍ମ କଥା କହି ନିଜ ଦାୟିତ୍ୱରୁ ଖସିଯିବାକୁ ଚାହାନ୍ତି । ସତ୍ୟ, ଧର୍ମ ଆଦି ମିଥ୍ୟା ଆଦର୍ଶବାଦକୁ ଅଣ୍ଟିରେ ବାନ୍ଧି ଏମାନେ ବହୁ ପଛରେ ପଡିଯାଉଥିଲା ବେଳେ ଏମାନଙ୍କ ପ୍ରତିପକ୍ଷ ଅସଦାଚାରୀମାନେ ସତ୍ୟ ସଦାଚାରକୁ ଅବଜ୍ଞା କରି ନାନାପ୍ରକାର ଅସତ୍ୟ ଅଧର୍ମରେ ଲିପ୍ତ ରହି ବହୁ ଉପରକୁ ଉଠିଯାନ୍ତି ।'' ଦ୍ୱିତୀୟ ବନ୍ଧୁ ପ୍ରତିବାଦ କଲେ । କହିଲେ, ''ସବୁକାଳରେ ଅସତ୍ୟ ଅଧର୍ମରେ ଓ ଅନାଚାରରେ ଆତଯାତ ହେଉଥିବା ଲୋକମାନେ ବେଶି ଆଲୋକିତ ବୋଲି ପ୍ରତୀୟମାନ ହୁଅନ୍ତି ସିନା, ମାତ୍ର ପ୍ରକୃତ ପକ୍ଷେ ଘନ ଅନ୍ଧକାର ମଧ୍ୟରେ ନିପତିତ ହୋଇ ସେମାନେ ଚିରକାଳ ପରାଭବ ଭୋଗୁଥାନ୍ତି । କିନ୍ତୁ ସତ୍ୟ ଓ ଧର୍ମ ପଥରେ ଚାଲିବାକୁ ଜୀବନର ବ୍ରତ କରିଥିବା ଲୋକ ଲାଭକ୍ଷତିର ହିସାବ ରଖେନା କି ଅନ୍ଧାର ଆଲୋକର ପ୍ରଭେଦ ଦେଖେନା । କେବଳ ସତ୍ୟ ଓ ଧର୍ମ ପଥରେ ଚାଲିବାରେ ହିଁ ତାଙ୍କର ଆନନ୍ଦ, ତେଣିକି ଲାଭ ହେଉ କି କ୍ଷତି, ଅନ୍ଧାର ମିଳୁ କି ଆଲୋକ!'' ଅସତ୍ୟ, ଅନାଚାର ରାସ୍ତାରେ ଦ୍ରୁତ ଗତିରେ ବାଟ ଚାଲୁଥିବା ଲୋକ ଯାବତୀୟ ପ୍ରାପ୍ତିର ପାହାଚ ପରେ ପାହାଚ ଅତିକ୍ରମ କରି ଉତ୍ତରଣର ଉତ୍ତୁଙ୍ଗ ଶିଖରରେ ପହଞ୍ଚି ପାରୁଥିବା ବେଳେ ସକଳ ଅପ୍ରାପ୍ତିର ବୋଝ ମୁଣ୍ଡାଇ କଣ୍ଟକିତ ପଥରେ ଧୀର ଗତିରେ ପାଦ ପକାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଆଶା ହରାଇ ବସନ୍ତି ସତ୍ୟ ଓ ଧର୍ମକୁ ଛାଡିପାରୁ ନ ଥିବା ଲୋକମାନେ । ଏ ଯୁକ୍ତି ସପକ୍ଷରେ ବହୁ ଦୃଷ୍ଟାନ୍ତ ଥାଇପାରେ । ମାତ୍ର ଏହାର ବିପକ୍ଷ ଦୃଷ୍ଟାନ୍ତ ସଂଖ୍ୟାରେ ଯେତେ କମ୍ ହେଲେ ବି ମାନବୀୟ ଚେତନାକୁ ଏକ ମୁଗ୍ଧ ଅନୁଭବରେ ଜଡସଡ କରିଦିଏ । ସେମିତି ଦୃଷ୍ଟାନ୍ତ ମଧ୍ୟରୁ ଛୋଟ ଦୁଇଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ ।

ପ୍ରଥମ ଦୃଷ୍ଟାନ୍ତଟି ଆମ ଓଡିଶାର, ଯାହା ଅବିଶ୍ୱସନୀୟ ମନେ ହେଲେ ବି ଏକାନ୍ତ ସତ୍ୟ । ଉତ୍ତର ବାଲେଶ୍ୱର ଅଞ୍ଚଳର ଚାଳିଶବର୍ଷ ତଳର ଜଣେ ଗରିବ ବାଳକ ଏବେ କଲିକତା ମହାନଗରୀରେ ଜଣେ ବଡ଼ ହୋଟେଲ ବ୍ୟବସାୟୀ । ନିଜ ପରିବାର ଭୋଗୁଥିବା ଚରମ ଦାରିଦ୍ର୍ୟରୁ ମୁକ୍ତି ପାଇବା ପାଇଁ ପନ୍ଦରବର୍ଷର ବାଳକ ଜୀବନ ଦାସ ଚାଳିଶବର୍ଷ ତଳେ ଦିନେ ଘର ଛାଡି କଲିକତା ଚାଲିଯାଇଥିଲା । ପେଟ ପାଇଁ ଖାଦ୍ୟ ଖୋଜୁ ଖୋଜୁ ଭାଗ୍ୟ ତାକୁ ପହଞ୍ଚାଇ ଦେଇଥିଲା ଗୋଟିଏ ହୋଟେଲରେ । ହୋଟେଲ ମାଲିକ ତାକୁ ଦୟା ଦେଖାଇ ନିଯୁକ୍ତି ଦେଇଥିଲେ ଅଇଁଠା ବାସନ ମାଜୁଥିବା ହୋଟେଲର କନିଷ୍ଠତମ କର୍ମଚାରୀ ପଦରେ । ନିଜର କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଦୁଇବର୍ଷ ମଧ୍ୟରେ ଜୀବନ ପରିବେଷଣକାରୀ ଭଳି ଅପେକ୍ଷାକୃତ ଏକ ସମ୍ମାନଜନକ ପଦବୀକୁ ପଦୋନ୍ନତି ପାଇଥିଲା । ମାସ ଶେଷରେ ବେତନକୁ ତା' ଘରକୁ ପଠାଇଦେଲା ପରେ ତା' ଜୀବନର ଆଉ କିଛି ସ୍ୱପ୍ନ ଅଛି ବୋଲି ସେ କେବେ ବି ମନେ କରୁ ନ ଥିଲା ।

ଏହି ସମୟରେ ସେଇ ଘଟଣାଟି ଘଟିଗଲା, ଯାହା ଜୀବନ ଦାସର ଜୀବନକୁ ଏକ ଭିନ୍ନ ମୋଡରେ ପହଞ୍ଚାଇ ଦେଲା । ଥରେ ହୋଟେଲ ମାଲିକ ଜୀବନ ଓ ଅନ୍ୟ ଦୁଇ କର୍ମଚାରୀଙ୍କ ଜିମାରେ ତାଙ୍କ ଘର ଛାଡି ସପରିବାର ଦିଲ୍ଲୀ ଯାଇଥିଲା ବେଳେ ଘରୁ ସବୁକିଛି ଲୁଟିନେବା ପାଇଁ ଯୋଜନା କଲେ ଅନ୍ୟ ଦୁଇଜଣ । ମାତ୍ର ସତ୍ୟପଥରୁ ବିଚ୍ୟୁତ ହେବାକୁ ଚାହିଁଲାନି ଜୀବନ । ସେ ଏହାର ବିରୋଧ କଲା ଓ ବଦଳରେ ସାଥୀ ଦୁହିଁଙ୍କଠାରୁ ଭୋଗିଲା ରକ୍ତାକ୍ତ ପରିଣତି । ତାକୁ ଆକ୍ରମଣ କରି ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ଛାଡି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଣ୍ଠନ କରି ସେମାନେ ଚାଲିଗଲେ । ପରଦିନ ହୋଟେଲ ମାଲିକ ଫେରିଆସି ଜୀବନର ଜୀବନ ପ୍ରତି ଭିନ୍ନ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ ହେଲେ । ନିଜ ସତ୍ୟନିଷ୍ଠା ଓ ପ୍ରଭୁପ୍ରୀତି ପାଇଁ ଗୃହସ୍ୱାମୀଙ୍କ ହୃଦୟ ଜୟ କରି ହୋଟେଲ ବୟ ସହ ଜୀବନ ପାଲଟିଗଲା ସେଇ ପରିବାରର ଜଣେ ସଦସ୍ୟ । ପରେ ପରେ ହୋଟେଲଠୁ ଆଉ ଏକ ବଡ ବ୍ୟବସାୟ ଆରମ୍ଭ କରି ହୋଟେଲକୁ ଜୀବନର ପରିଚାଳନାରେ ଛାଡିଦେଲେ ସେଇ ମାଲିକ । ଦୁଇବର୍ଷ ପରେ ପରିଚାଳକ ଜୀବନ ମୁଣ୍ଡରେ ମାଲିକର ମୁକୁଟ ପିନ୍ଧାଇ ନିଜେ ଅବ୍ୟାହତି ନେଇଥିଲେ ସେ ।

ନିଜ ମଇଳା ଅତୀତର ସେଇ ଉଜ୍ଜ୍ୱଳ ଅଧ୍ୟାୟଟି ପଢି ସେଦିନ ଜୀବନ ତାଙ୍କର ଜଣେ ବାଲ୍ୟବନ୍ଧୁଙ୍କୁ କହୁଥିଲେ । ସେଦିନ ସେ ଦୁହିଁଙ୍କ କଥାରେ ପଡି ଲୁଣ୍ଠନରେ ସାମିଲ ହୋଇଥିଲେ ମୋ ଭାଗରେ ଅତି ବେଶିରେ ଚାଳିଶ ପଚାଶ ହଜାର ଟଙ୍କା ପଡିଥାନ୍ତା । ସେଇ କେଇ ହଜାରକୁ ପୁଞ୍ଜି କରି ଅସତ୍ୟ ଓ ଅଧର୍ମର ଜୟଯାତ୍ରା ମୋତେ କେବେ ବି ଏଠି ଆଣି ପହଞ୍ଚାଇ ପାରି ନ ଥାନ୍ତା ।'' ସମସ୍ତ ଅର୍ଥ ବହନ କରି ନିଜ ଗାଁରେ ଗଢାଇଥିବା ଏକ ମନ୍ଦିରକୁ ଲକ୍ଷ୍ୟ କରି ସେ କହୁଥିଲେ ଏ କଥା । ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ସତ୍ୟପଥରୁ ବାଟ ଭାଙ୍ଗି ଚାଲିଯାଉ ନ ଥିବା ସବୁ ଯାତ୍ରୀଙ୍କ କାହାଣୀ ଏହିଭଳି । ଏ ପ୍ରସଙ୍ଗରେ ଆଉ ଏକ ବଳିଷ୍ଠ ଦୃଷ୍ଟାନ୍ତ ।

ଅଜିତ ଦତ୍ତ କଲିକତା ଟ୍ରାଫିକ୍ ପୋଲିସର ଜଣେ ନିମ୍ନ ବେତନଭୋଗୀ ଗୃହରକ୍ଷୀ । ବୟସ ବୟାଳିଶ, ବେତନ ଦିନକୁ ମାତ୍ର ଚାରିଶହ ପଚାଶ ଟଙ୍କା । ପୋଷିବାକୁ ବଡ଼ ଏକ ପରିବାର । ବାପା, ମାଆ, କ୍ୟାନ୍ସର ଭୋଗୁଥିବା ପତ୍ନୀ, ଜନ୍ମ ବେଳେ ହୃତ୍‌ପିଣ୍ଡରେ ଏକ ଛିଦ୍ର ନେଇ ସଂସାରକୁ ଆସିଥିବା କୋଡିଏ ବର୍ଷର କନ୍ୟା ଓ ପ୍ରଚଣ୍ଡ ମେଧା ନେଇ ଜନ୍ମ ହୋଇଥିବା ଷୋଳ ବର୍ଷର ପୁଅ । ପ୍ରତିଦିନ ପ୍ରାୟ ୫୦ କିମି ଯିବା ଆସିବା କରି ସେ କଲିକତାରେ ଟ୍ରାଫିକ୍ ସେବାରେ ନିୟୋଜିତ ଥିଲାବେଳେ ଥରେ ରାସ୍ତା ଉପରେ ଗୋଟିଏ ବ୍ୟାଗ୍ ପଡିଥିବାର ଦେଖିଲେ । ଖୋଲି ଦେଖିଲେ ତା' ଭିତରେ ବଣ୍ଡଲ ବଣ୍ଡଲ ପାଞ୍ଚଶହ ଟଙ୍କିଆ ନୋଟ୍ । ମୁହୂର୍ତ୍ତକ ମଧ୍ୟରେ ସେ ନିଜ କର୍ତ୍ତବ୍ୟ ସ୍ଥିର କରିନେଲେ । ଥାନାରେ ଯାଇ ବ୍ୟାଗ୍‌ଟିକୁ ଜମା ଦେଲା ପରେ ଗଣନା କରି ଦେଖାଗଲା ପାଞ୍ଚଲକ୍ଷ ଟଙ୍କା, ଅଜିତଙ୍କ ପ୍ରାୟ ଚାରିବର୍ଷର ଦରମା ।

ବ୍ୟାଗ୍ ଭିତରେ ଥିବା ପ୍ରମାଣ ସନ୍ତକରୁ ତା' ମାଲିକଙ୍କୁ ଠାବ କରାଗଲା । ସର୍ଦ୍ଦାର ପ୍ରତାପ ସିଂହ ନାମକ ଜଣେ ବ୍ୟବସାୟୀ ସ୍କୁଟରରେ ଯାଉଥିଲା ବେଳେ ଟଙ୍କା ବ୍ୟାଗ୍‌ଟି ରାସ୍ତାରେ ଖସି ପଡିଥିଲା । ଫେରି ପାଇବାର ଆଶା ହରାଇ ବସିଥିବା ସର୍ଦ୍ଦାର ଅଜିତଙ୍କ ନିର୍ଲୋଭତା ଦେଖି ତାଙ୍କୁ ଆଲିଙ୍ଗନ କରି କହିଲେ, ''ମୁଁ ବିଶ୍ୱାସ କରିପାରୁନି ଏ ସଂସାରରେ ତୁମ ପରି ସାଧୁଲୋକ ଅଛନ୍ତି ବୋଲି!'' ପ୍ରକୃତରେ ସାଧୁତାର ସ୍ୱୀକୃତି ଚିରକାଳ ଏମିତି । ସାମ୍ପ୍ରତିକ ଅସୁସ୍ଥ ସମାଜରେ ଧନଧାନ୍ୟ ମାନସମ୍ମାନ ଓ ପଦପଦବୀର ଉଚ୍ଚ ଆସନରେ ଥାଇ ବି ଲକ୍ଷେ ଟଙ୍କିଆ ମଣିଷଙ୍କର ତଥାପି ଶହେ କି ହଜାରେ ହାତେଇ ନେବା ପାଇଁ କି ବ୍ୟାକୁଳତା! ଅଥଚ ସେହି ତୁଳନାରେ ନାହିଁ ନାହିଁର ଜୀବନ ବଞ୍ଚୁଥିବା ଟିକି ବାମନଟି ଟ୍ରାଫିକ୍ ହୋମଗାର୍ଡ ଅଜିତ ଦତ୍ତ । ମାତ୍ର କି ସ୍ୱାର୍ଥତ୍ୟାଗ ତାଙ୍କର! କି ଅବିଶ୍ୱସନୀୟ ନିର୍ଲୋଭତା!!

ସହଜଲବ୍ଧ ସେହି ବିପୁଳ ଧନରାଶି ଅଜିତଙ୍କୁ ଯଥେଷ୍ଟ ପରିମାଣରେ ବୋଝମୁକ୍ତ କରିପାରିଥାନ୍ତା । ଅସୁସ୍ଥ ପତ୍ନୀ ଓ କନ୍ୟାଙ୍କର ଚିକିତ୍ସା କରି ପାରିଥାନ୍ତା । କଲେଜରେ ପଢି ପାରୁ ନ ଥିବା ପୁଅଟିର ଶିକ୍ଷା ଅଧାବାଟରେ ବନ୍ଦ ହୋଇଯାଇ ନ ଥାନ୍ତା । ଅଥଚ ସେ କଥା ଆଦୌ ଚିନ୍ତା ନ କରି ନିଜ ବିରଳ ସାଧୁତାରୁ ସେ ପାଇଲେ କ'ଣ ? କିନ୍ତୁ ଏହା ମଧ୍ୟରେ ବହୁତ କିଛି ପାଇ ପାରିଛନ୍ତି ଅଜିତ । ତାଙ୍କ ସାଧୁତାର ଖବର କଲିକତାର ପ୍ରମୁଖ ଖବରକାଗଜରେ ପ୍ରକାଶ ପାଇଲା ପରେ ଜଗତଯାକର ସମ୍ମାନ ଓ ସମ୍ବେଦନା ଅଜାଡି ପଡିଛି ତାଙ୍କ ଉପରେ । ପଶ୍ଚିମବଙ୍ଗ ସରକାର ତାଙ୍କୁ ପଦୋନ୍ନତି ଦେବାପାଇଁ ଘୋଷଣା କରିଛନ୍ତି । ଦେଶର ଏକ ପ୍ରମୁଖ ବ୍ୟବସାୟିକ ସଂସ୍ଥା ତାଙ୍କ ରୁଗ୍‌ଣ ପତ୍ନୀ ଓ ଝିଅଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି କଥା ଦେଇଛି । କଲିକତାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତାଙ୍କ ପୁଅର ପଢା ଶେଷ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ସଙ୍କଳ୍ପ କରିଛନ୍ତି । ସାଧୁତାର ପରାକାଷ୍ଠା ପାଇଁ ପୁଣି ଏତେ ପୁରସ୍କାର!

ଅଜିତଙ୍କ ପାଇଁ ଏ ସବୁ ପୁରସ୍କାର କିନ୍ତୁ ମହତ୍ତ୍ୱହୀନ, ଯେମିତି କି ଏ ସବୁର ହକ୍‌ଦାର ନୁହନ୍ତି ସେ । ପରବର୍ତ୍ତୀ ଖବରରେ ପ୍ରକାଶ ପାଇଥିଲା ତାଙ୍କ ବିନମ୍ର ପ୍ରତିକ୍ରିୟା । ସେ କହିଥିଲେ, ମୁଁ କ'ଣ ଗୋଟାଏ ବଡ଼ କାମ କରିଛି ଯେ! ବାସ୍, ଯାହାଙ୍କ ଟଙ୍କା ତାହା ସେ ଫେରିପାଇଲେ, ଏତିକରେ ମୁଁ ଖୁସି । କେବଳ ଗୋଟିଏ କଥା ମୋତେ ସବୁଠୁ ବେଶି ଆନନ୍ଦ ଦେଇଛି । ମୋ ଭଳି ଜଣେ ମାମୁଲି ଗୃହରକ୍ଷୀ ସହ କଲିକତାର ପୋଲିସ କମିଶନର ସାହେବ ହାତ ମିଳାଇବା ଓ ମୋ ପିଠି ଥାପୁଡାଇଦେବା ସାରା ଜୀବନ ପାଇଁ ମୁଁ ଭୁଲିପାରିବି ନାହିଁ ।'' ଛୋଟ ମଣିଷଟିର କେଡେ ଛୋଟ ସନ୍ତୋଷଟିଏ ସତେ!

ସତ୍ୟପଥର ଅଭିଯାତ୍ରୀ ଅଜିତଙ୍କ ସାଧୁତା ଓ ସ୍ୱାର୍ଥତ୍ୟାଗର ଖବର ସମଗ୍ର ରାଜ୍ୟରେ ବ୍ୟାପିଗଲା ପରେ କଲିକତାର ଜଣେ ଯୁବ ଇଞ୍ଜିନିୟର ପୋଲିସ କମିଶନରଙ୍କ ନିକଟକୁ ପାଞ୍ଚହଜାର ଟଙ୍କାର ଏକ ଚେକ୍ ପଠାଇ ବିଚିତ୍ର ଅନୁରୋଧଟିଏ କରିଛନ୍ତି । ସେ ଲେଖିଛନ୍ତି, ''ମହାଶୟ! ଏଇ ଟଙ୍କାରେ ଅଜିତଙ୍କ ସାଧୁତା ଓ ପରବର୍ତ୍ତୀ କାଳରେ ସେଥିପାଇଁ ପାଇଥିବା ବିରଳ ପୁରସ୍କାର ସମୂହର ଖବର ପ୍ରକାଶ ପାଇଥିବା ଖବରକାଗଜଗୁଡ଼ିକ କିଣି, ରାଜ୍ୟର ସମସ୍ତ ଥାନାକୁ ଖଣ୍ଡିଏ ଲେଖାଏ କପି ଯୋଗାଇଦେବେ ।'' ମାତ୍ର କେବଳ ପଶ୍ଚିମବଙ୍ଗ ପୋଲିସ କାହିଁକି, ଯେତେ ପ୍ରଚାର କଲେ ବି, ଯେତେ ପୁରସ୍କାରର ପ୍ରଲୋଭନ ଦେଖାଇଲେ ମଧ୍ୟ ଏବକାର ସମାଜରେ, ଯେକୌଣସି ବୃତ୍ତିରେ ଅଜିତଟିଏ ଖୋଜି ପାଇବା ଏତେ ସହଜ ନୁହେଁ । ଅଜିତଙ୍କର ଜୟ ହେଉ! ତାଙ୍କ ସଂଖ୍ୟା ଏକରେ ସୀମିତ ନ ରହୁ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣୀ, ଭୁବନେଶ୍ୱର,
ମୋ–୮୮୯୫୬୨୪୧୦୫

# ଯୁଦ୍ଧ ବିମାନ ରାଣୀ

ବ୍ୟକ୍ତିତ୍ୱ



ଶାଳିଜା ଧାମି

ନବମ ଶ୍ରେଣୀରେ ପଢୁଥିବା ବେଳେ ନୋଟ୍‌ବୁକ୍‌ରେ ସେ ଲେଖିଥିଲେ ବଡ଼ ହେଲେ ପାଇଲଟ ହେବେ । ଶ୍ରେଣୀ ଭିତରେ ଜଣେ ଛାତ୍ରୀଙ୍କ ଏଭଳି ଦୁଃସାହସିକତା ଶିକ୍ଷକ ଓ ସହପାଠୀଙ୍କୁ ସେତେବେଳେ ଖୁସି ଦେଇଥିଲା । ନିଜ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସମ୍ପୃକ୍ତା ଛାତ୍ରୀଙ୍କୁ କଠୋର ପରିଶ୍ରମ କରିବାକୁ ପଡ଼ିଥିଲା । ଆଜି ସେ ଲକ୍ଷ୍ୟଠାରୁ ବହୁ ଉଚ୍ଚକୁ ଉଡ଼ିବାରେ ସକ୍ଷମ ହୋଇଛନ୍ତି । କେବଳ ସେତିକି ନୁହେଁ, ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଏବେ ଫ୍ଲାଇଂ ୟୁନିଟ୍‌ର ପ୍ରଥମ ମହିଳା ଫ୍ଲାଇଟ୍ କମାଣ୍ଡର ହୋଇ ଇତିହାସ ରଚିଛନ୍ତି । ସେହି ସାହସୀ ମହିଳା ହେଲେ ଶାଳିଜା ଧାମି । ଅଗଷ୍ଟ ୨୮ରେ ତାଙ୍କ ପଦୋନ୍ନତି ନେଇ ଖବର ପ୍ରକାଶ ପାଇବା ପରେ ଶାଳିଜାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି ।

ଯୁଦ୍ଧ କ୍ଷେତ୍ରରେ ନିୟୋଜିତ ବିମାନଗୁଡ଼ିକୁ ପରିଚାଳନା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ଏକାଥରକେ ପାଖାପାଖି ୬ଟି ଏୟାରକ୍ରାଫ୍ଟ ଆକାଶମାର୍ଗରେ ଉଡ଼ିଥାଆନ୍ତି । ସେତେବେଳେ ସେଗୁଡ଼ିକୁ ଚଳାଉଥିବା ପାଇଲଟ୍‌ଙ୍କୁ କମାଣ୍ଡ୍ ବା ନିର୍ଦ୍ଦେଶ ଦେବାକୁ ପଡ଼ିଥାଏ । ଫ୍ଲାଇଟ୍ କମାଣ୍ଡର ଏମାନଙ୍କ ନେତା ହୋଇଥିବାରୁ ଶତ୍ରୁପକ୍ଷକୁ ମୁକାବିଲା କରିବା ଲାଗି ସେ ଅନ୍ୟମାନଙ୍କୁ ଆଦେଶ ଦେଇ ଏୟାରକ୍ରାଫ୍ଟକୁ ଆଗକୁ ନେଇଥାଆନ୍ତି । ଏବେ ସେହି ଫ୍ଲାଇଟ୍ କମାଣ୍ଡର ଭୂମିକାରେ ଶାଳିଜା ଅବତୀର୍ଣ୍ଣ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ । ପୁରୁଷଙ୍କଠାରୁ ଜଣେ ମହିଳା କୌଣସି ଗୁଣରେ କମ୍ ନୁହେଁ ବୋଲି ଶାଳିଜା ଜୀବନରେ କରି ଦେଖାଇଛନ୍ତି । ହେଲିକପ୍ଟର ପାଇଲଟ ଭାବେ ୧୫ ବର୍ଷ ଉଡ଼ାଣ କରିବା ପରେ ସେ ଆଜି ଫ୍ଲାଇଟ୍ କମାଣ୍ଡର ହୋଇପାରିଛନ୍ତି । ୯ ବର୍ଷ ବାଳକର ଜଣେ ସଫଳ ମା' ହୋଇପାରିଥିବା ଶାଳିଜାଙ୍କ ନାମରେ ୨,୩୦୦ ଘଣ୍ଟା ବିମାନ ଉଡ଼ାଇବାର ରେକର୍ଡ ରହିଛି । ନିକଟ ଅତୀତରେ ଦିଲ୍ଲୀ ହାଇକୋର୍ଟରେ ଲମ୍ବା ସମୟର ଆଇନଗତ ଯୁଦ୍ଧ ଜିତିଥିବା ବାୟୁ ସେନାର ମହିଳା ଅଧିକାରୀଙ୍କ ପାଇଁ ଶାଳିଜା ପାଲଟି ଯାଇଛନ୍ତି ଆଇକନ୍ । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ବାୟୁସେନାରେ ପ୍ରଥମେ ୧୯୯୪ରେ ମହିଳାଙ୍କୁ ଅଣ–ଯୁଦ୍ଧ ଦିଗରେ କାର୍ଯ୍ୟ କରିବା ସକାଶେ ଶର୍ଟ ସର୍ଭିସ କମିଶନ ପଦବୀରେ ନିଯୁକ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ଥାୟୀ ଭାବେ ଯୁଦ୍ଧ ବିମାନ ଉଡ଼ାଇବା ଲାଗି ଅନୁମତି ଦେବା ପାଇଁ ସେମାନେ ଅଦାଲତର ଆଶ୍ରୟ ନେଇଥିଲେ । ଏବେ ଯୁଦ୍ଧ ବିମାନ ଉଡ଼ାଇବା ଦିଗରେ ଭାରତୀୟ ବାୟୁସେନାର ପ୍ରଥମ ବ୍ୟାଚ୍‌ର ମହିଳା ପାଇଲଟମାନେ ସେବା ଯୋଗାଇ ଚାଲିଛନ୍ତି । ତେବେ ଶାଳିଜାଙ୍କ ଦକ୍ଷତା ତାଙ୍କୁ ପ୍ରଥମେ ଫ୍ଲାଇଂ ବ୍ରାଞ୍ଚର ପର୍ମାନେଣ୍ଟ କମିଶନ ହେବାର ସୁଯୋଗ ଦେଇଥିଲା । ପଞ୍ଜାବର ଲୁଧିଆନାରେ ଜନ୍ମିତ ଏହି ସାହସୀ ମହିଳା କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟ ବେଳର କଥା କହିବା ବେଳେ ଭାବବିହ୍ୱଳ ହୋଇଯାଇଥାଆନ୍ତି । ୨୦୦୩ରେ ସେ ଯେତେବେଳେ ହାଇଦ୍ରାବାଦର ଏକାଡେମୀରୁ ପ୍ରଥମ ସୋଲୋ ଫ୍ଲାଇଟ୍ 'ଏଚ୍‌ପିଟି–୩୨ ଦୀପକ' ଉଡ଼ାଇଥିଲେ ସେତେବେଳେ ପବନ ବହୁଥିବା ଦିଗରୁ ତାଙ୍କୁ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ସମୟରେ ସେ ତାଙ୍କ ପ୍ରଶିକ୍ଷକଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ ମଧ୍ୟ ତାହା ପାଇବା ସମ୍ଭବ ହୋଇ ନ ଥିଲା । ସେ ଧରି ନେଇଥିଲେ ନିଜକୁ ନିୟନ୍ତ୍ରଣ ମଧ୍ୟକୁ ଆଣି ସଫଳତା ପାଇବାକୁ ପଡ଼ିବ । ସେହି ସମୟକୁ କିପରି ସାମ୍ନା କରିଥିଲେ ତାହା ଅବର୍ଣ୍ଣନୀୟ ଥିଲା ବୋଲି ସେ କହିଥାଆନ୍ତି । ହେଲେ ନିରନ୍ତର ଚେଷ୍ଟା ତାଙ୍କୁ ଦୃଢ଼ମନା କରିଦେଇଛି । ସେ ହସି ହସି କହିଥାଆନ୍ତି, ଆଜି କାର୍ ଚଳାଇବା ଅପେକ୍ଷା ହେଲିକପ୍ଟର ଉଡ଼ାଇବାରେ ନିଜକୁ ସହଜ ମଣିଥାଆନ୍ତି ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦରଖାସ୍ତ ଭଲ ଭାବେ ନ ପଢ଼ି ତାକୁ ମଞ୍ଜୁର କରିଦେଲେ କେତେ ଯେ ହଟହଟା ହେବାକୁ ହୁଏ ତା'ର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ । ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଜର ଦେହାନ୍ତ ହୋଇଥିବା ବିଷୟ ଦରଖାସ୍ତରେ ଲେଖି ପ୍ରିନ୍ସିପାଲଙ୍କୁ ଆବେଦନ କରିଥିଲେ । ପ୍ରିନ୍ସିପାଲ ମଧ୍ୟ ଉକ୍ତ ଦରଖାସ୍ତକୁ ଭଲଭାବେ ନ ପଢ଼ି ତାକୁ ମଞ୍ଜୁର କରିଦେଇଥିଲେ । ଏଥିପାଇଁ ପ୍ରିନ୍ସିପାଲଙ୍କୁ ହଟହଟା ହେବାକୁ ପଡିଛି । ଏଭଳି ଏକ ଦରଖାସ୍ତ ମଞ୍ଜୁର କରିବା ଘଟଣା ଯେତିକି ବିସ୍ମୟ ସୃଷ୍ଟିକରିଛି ସେତିକି ହାସ୍ୟରୋଳର ଖୋରାକ ଯୋଗାଇଛି । ଉତ୍ତରପ୍ରଦେଶରେ ଏହି ଛାତ୍ରଙ୍କର କାରନାମା ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେଉଛି । କାନପୁରର ଏକ ସ୍କୁଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଜର ମୃତ୍ୟୁ ହୋଇଥିବା ଦର୍ଶାଇ ପ୍ରିନ୍ସିପାଲଙ୍କୁ ଅଧାଦିନ ଛୁଟି ନେବାକୁ ଅନୁମତି ଲୋଡ଼ିଥିଲେ । ଅଗଷ୍ଟ ୨୦ ପୂର୍ବାହ୍ନ ୧୦ଟାରେ ଛାତ୍ରଙ୍କର ଦେହାନ୍ତ ହୋଇଥିବା ଦରଖାସ୍ତରେ ଦର୍ଶାଯାଇଛି । ବ୍ୟସ୍ତରେ ଥିବା ପ୍ରିନ୍ସିପାଲ ଦରଖାସ୍ତ ଭଲଭାବେ ନ ପଢ଼ି ଏଥିରେ ଲାଲ୍ ପେନ୍‌ରେ ଦସ୍ତଖତ କରି ମଞ୍ଜୁର ମଧ୍ୟ କରିଛନ୍ତି । ତେବେ ଏ ସମ୍ପର୍କରେ ଛାତ୍ର ଜଣକ କୌତୂହଳର ସହ ନିଜ ସାଙ୍ଗମାନଙ୍କୁ ଜଣାଇଥିଲେ । ଧୀରେ ଧୀରେ ଏହି ବିଷୟ ଶିକ୍ଷକମାନେ ମଧ୍ୟ ଜାଣିବାକୁ ପାଇଲେ । ଏବେ ସେଇ ଛାତ୍ରକୁ ଡକାଯାଇ ଏ ସମ୍ପର୍କରେ ପଚରାଉଚରା କରାଯାଉଛି ।

### ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ । (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ନିରାପତ୍ତା

ମହାଶୟ,

କେବଳ ଉତ୍ପାଦିତ ଶସ୍ୟର ସହାୟକ ମୂଲ୍ୟବୃଦ୍ଧି କୃଷି ଓ କୃଷକର ସବୁ ସମସ୍ୟାର ସମାଧାନ କରିପାରିବ ନାହିଁ । କୃଷି କ୍ଷେତ୍ରରେ କୃଷିଜୀବୀମାନଙ୍କର ଯଥେଷ୍ଟ ନିରାପତ୍ତା ଦରକାର । ବଜ୍ରପାତ, ପରିବହନଜନିତ ସମସ୍ୟା, ପ୍ରତିକୂଳ ପାଣିପାଗ ସେମାନଙ୍କ ଜୀବନଶୈଳୀରେ ଗଭୀର ପ୍ରଭାବ ପକାଇଥାଏ । ଫଳରେ ସେମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏପରିକି ଜୀବନ ହାନି ଭଳି ପରିସ୍ଥିତି ମଧ୍ୟ ଜୁଟିଥାଏ । ନିରାପତ୍ତା ଦୃଷ୍ଟିରୁ ବିସ୍ତୀର୍ଣ୍ଣ ଅଞ୍ଚଳ ବ୍ୟାପ୍ତ କୃଷିକ୍ଷେତ୍ରଗୁଡିକରେ ବଜ୍ରପାତ ନିରୋଧୀ ଗୃହ ନିର୍ମାଣ ହେବା ସହିତ ପକ୍କା ରାସ୍ତା ଦ୍ୱାରା ବିସ୍ତୀର୍ଣ୍ଣ ଅଞ୍ଚଳକୁ ସହଜରେ କିପରି ଅତିକ୍ରମ କରିହେବ ତାହାର ସୁବନ୍ଦୋବସ୍ତ କରାଯିବା ଉଚିତ ।

ମଙ୍ଗୁଳି ଚରଣ ନିଶଙ୍କ, ରାମଚଣ୍ଡୀ,
ନରଣଗଡ଼, ଖୋର୍ଦ୍ଧା

### ଡାକ୍ତର ଅଛନ୍ତି, ଔଷଧ ନାହିଁ

ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାତ/ଆଠ ଜଣ ଆୟୁଷ ଡାକ୍ତର ନିଯୁକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରେ ହୋମିଓପାଥି ଓ ଆୟୁର୍ବେଦ ଡାକ୍ତର ଅଛନ୍ତି । ଏମାନଙ୍କ ଦରମା, ଭତ୍ତା ବାବଦରେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ମାତ୍ର ଏମାନଙ୍କ ପାଇଁ କାମ ନାହିଁ । ଏହାର କାରଣ ରାଜ୍ୟ ସରକାର ହୋମିଓପାଥି ଓ ଆୟୁର୍ବେଦ ଔଷଧ ଯୋଗାଉନାହାନ୍ତି । ଔଷଧ ଉପଲବ୍ଧ ନ ଥିବାରୁ ରୋଗୀମାନେ ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି । ନିରାମୟ ଯୋଜନାରେ ଔଷଧ ସରକାର ଯୋଗାଉଥିବା ବେଳେ ହୋମିଓପାଥି ଓ ଆୟୁର୍ବେଦ ଔଷଧ ଆଦୌ ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ । ରୋଗୀମାନେ ଯେପରି ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସା ଆୟୁଷ ଡାକ୍ତରଙ୍କ ପାଖରୁ ପାଇପାରିବେ, ସେଥିପାଇଁ ଏହି ଦୁଇ ପ୍ରକାରର ଔଷଧ ସରକାର ଯୋଗାଇଦେବାକୁ ଅନୁରୋଧ ।

ଅକ୍ଷୟ କୁମାର ମହାନ୍ତି, ହଜିପୁର, ବିରିଡି ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ତାଳଚେର ପୌର ପରିଷଦ ପାଳିଲା ସ୍ୱାୟତ୍ତ ଶାସନ ଦିବସ

# ୫-ଟିକୁ ଲୋକାଭିମୁଖୀ କରିବାକୁ ଗୁରୁତ୍ୱ

ତାଳଚେର,୩୧।୮(ନି.ପ୍ର.)

ତାଳଚେର ପୌର ପରିଷଦ ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ନିର୍ବାହୀ ଅଧିକାରୀ ଅତସି ପରିଡା ଓ ଅନ୍ୟ କର୍ମଚାରୀମାନେ ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏ ନେଇ ଆୟୋଜିତ ଉତ୍ସବରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କର୍ମଚାରୀଙ୍କୁ ପୋଷାକ ବଣ୍ଟନ ସହ ହିତାଧିକାରୀଙ୍କୁ ଭତ୍ତା, ଉପଖଣ୍ଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ଗୁରୁତ୍ୱ ଦିଆଯାଇ ପୌରପାଳିକା ପକ୍ଷରୁ ୧୩ଟି ୱାର୍ଡ କାର୍ଯ୍ୟାଳୟ ଖୋଲାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା।


ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ତାଳଚେର ପୌର ପରିଷଦର କର୍ମଚାରୀ ଓ ଅନ୍ୟମାନେ।

# ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ

ଅନୁଗୋଳ ଅଫିସ, ୩୧।୮

ଅନୁଗୋଳ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ଅନୁଗୋଳ ଜିଲାପାଳ ତଥା ପୌର ପ୍ରଶାସକ ମନୋଜ କୁମାର ମହାନ୍ତି ପୌର କାର୍ଯ୍ୟାଳୟରେ ପହଞ୍ଚି ପତାକା ଉତ୍ତୋଳନ କରିଥିଲେ। ଏହାପରେ ପୌର ସଫେଇ କର୍ମଚାରୀମାନଙ୍କୁ କପଡ଼ା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ପୌରଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ସିଇଓ ସତ୍ୟପ୍ରକାଶ ତ୍ରିପାଠୀ, ବରିଷ୍ଠ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପୌର କର୍ମଚାରୀମାନେ ପୂର୍ବରୁ ନିୟୋଜିତ ହୋଇଥିବା ୱାର୍ଡ ଅଫିସକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ।



## ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତିକୁ ବିରୋଧ

ଅନୁଗୋଳ ଅଫିସ, ୩୧।୮- ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ଟି ବୃହତ ବ୍ୟାଙ୍କ ଗଠନ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନର ଅନୁଗୋଳ ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏହା ଦ୍ୱାରା ସରକାର ଜାତୀୟକରଣ ବ୍ୟାଙ୍କ ଗୁଡ଼ିକରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଏହି ନିଷ୍ପତ୍ତିରୁ ସରକାର ଓହରିବାକୁ ୟୁନିୟନ ପକ୍ଷରୁ ଦାବି ହୋଇଛି। ଶିବପ୍ରସାଦ ବେହେରା, ରାଜ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଷ୍ଟାଫ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ସାହୁ, ଆଞ୍ଚଳିକ ସମ୍ପାଦକ ଅମିତାଭ ଦାସ ଓ ୟୁନିଟ ସମ୍ପାଦକ ତପନ କୁମାର ସାହୁଙ୍କ ନେତୃତ୍ୱରେ ଅନୁଗୋଳ ସହରର ସମସ୍ତ ଜାତୀୟକରଣ ବ୍ୟାଙ୍କର ପ୍ରତିନିଧି କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ତହସିଲ କାର୍ଯ୍ୟାଳୟରେ ଜିଲାପାଳଙ୍କ ଚଢ଼ାଉ

■ରାତିରେ ଅଫିସ୍ ଖୋଲାକୁ ନେଇ ପ୍ରଶ୍ନ
■ରେକର୍ଡ ରୁମ୍‌ରେ ଫାଇଲ ଦେଖିଲେ
■ଆଜି କର୍ମଚାରୀଙ୍କ ସହ ରିଭ୍ୟୁ ମିଟିଂ

ଅନୁଗୋଳ ଅଫିସ, ୩୧।୮

ଅନୁଗୋଳ ତହସିଲ କାର୍ଯ୍ୟାଳୟରେ ଶନିବାର ରାତିରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଚାନକ ଚଢ଼ାଉ କରିଛନ୍ତି। ତାଙ୍କ ସହ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ମଧ୍ୟ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ରାତିରେ କାର୍ଯ୍ୟାଳୟ ଖୋଲାଥିବା ସୂଚନା ପାଇ ଜିଲା ପ୍ରଶାସନ ପକ୍ଷରୁ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ତେବେ ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀମାନେ କୌଣସି ମତାମତ ଦେଇନାହାନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜିଲାପାଳ ପାଲଲହଡ଼ାରେ ଏକ ବୈଠକରେ ଯୋଗଦେଇ ଫେରିବା ପରେ ହଠାତ୍ ତହସିଲ କାର୍ଯ୍ୟାଳୟକୁ ଉପଜିଲାପାଳଙ୍କୁ ଧରି ଯାଇଥିଲେ। ଏତେ ରାତିରେ କାହିଁକି କାର୍ଯ୍ୟାଳୟ ଖୋଲା ରହିଛି ବୋଲି ପ୍ରଶ୍ନ କରିଥିଲେ। ଏଥିସହ କାର୍ଯ୍ୟାଳୟକୁ କେଉଁ ବ୍ୟକ୍ତିଙ୍କ ଯିବାଆସିବା ରହୁଛି ସେ ନେଇ ପ୍ରଶ୍ନ ପଚାରିଥିଲେ। ପରେ ଜିଲାପାଳ ଓ ଉପଜିଲାପାଳ ରେକର୍ଡ ରୁମ୍‌ରେ ଥିବା ବିଭିନ୍ନ ଫାଇଲର ତଲାସି କରିଥିଲେ। ଏକ ଫାଇଲ ଧରି ଜିଲାପାଳ ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରବିବାର ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଜିଲାପାଳ ଏକ ରିଭ୍ୟୁ ମିଟିଂ କରିବାକୁ ଡାକିଥିବା ସୂଚନା ମଧ୍ୟ ମିଳିଛି। କେଉଁ କାରଣରୁ ତହସିଲ କାର୍ଯ୍ୟାଳୟରେ କାମ ଅଟକି ରହିଛି ସେ ନେଇ ଜିଲାପାଳ ପାଉଁରି ପଚାରି ବୁଝିଥିଲେ। ଏ ସମ୍ପର୍କରେ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ପଚାରିବାରେ କହିଛନ୍ତି, ଉପରିସ୍ଥ ଅଧିକାରୀ ଯେଉଁ ସମୟରେ ଯେକୌଣସି କାର୍ଯ୍ୟାଳୟକୁ ଯାଇପାରିବେ। ରାତିରେ କାର୍ଯ୍ୟାଳୟ କାହିଁକି ଖୋଲା ରହିଛି ବୋଲି ଜିଲାପାଳ ପଚାରିଥିଲେ। ସରକାରୀ କାର୍ଯ୍ୟ ଥିବାରୁ କାମ କରୁଥିବା ତହସିଲଦାର କହିଥିଲେ। ଦୁଇ ଦିନ ହେବ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଛେଦ କାର୍ଯ୍ୟରେ ସକାଳ ସମୟରେ ଯାଉଥିବାରୁ କାମ ହୋଇପାରୁ ନାହିଁ। ଗତ ୬ ମାସ ମଧ୍ୟରେ ଫନି ଠାରୁ ଆରମ୍ଭ କରି ନିର୍ବାଚନ, ରଥଯାତ୍ରା, ଜାତୀୟ ରାଜପଥ ଉଚ୍ଛେଦ, ଗ୍ରାମ ସମସ୍ୟା ଭଳି ବିଭିନ୍ନ କାର୍ଯ୍ୟରେ ଦିନବେଳା ସମୟ ଯାଉଥିବାରୁ ସନ୍ଧ୍ୟାରେ କାର୍ଯ୍ୟାଳୟକୁ ଆସି କାମ କରିବାକୁ ପଡ଼ିଥାଏ ବୋଲି ତହସିଲଦାର ନାୟକ କହିଛନ୍ତି। ତେବେ ଜିଲାପାଳ ସେପରି କୌଣସି ଚଢ଼ାଉ କରି ନ ଥିବା ତହସିଲଦାର ପ୍ରକାଶ କରିଛନ୍ତି।

■ଝାନ୍ସି ଚାଲାଣ ଅଭିଯୋଗ

## ଯୁବତୀ ଏସ୍‌ପିଙ୍କ ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୩୧।୮- ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସେହି ଅଞ୍ଚଳର ଅନ୍ୟ ଜଣେ ମହିଳା ଝାନ୍ସି ଚାଲାଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଘଟଣାରେ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ନେଇ ଅଭିଯୋଗକାରୀ ଶନିବାର ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ, ଦଲାଲ ମହିଳା ଜଣେ ସମ୍ପୃକ୍ତ ଯୁବତୀଙ୍କୁ ଚାକିରି ଦିଆଯିବ ବୋଲି କହି ଘରୁ ଡାକିନେଇଥିଲେ। ସେଠାରେ କୌଶଳ କ୍ରମେ ତାଙ୍କୁ ଝାନ୍ସି ନେଇ ଜଣେ ଯୁବକଙ୍କ ସହ ବିବାହ କରାଇ ଦେଇଥିଲେ। ୩ ମାସ ପରେ ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କୁ ସମ୍ବଲପୁର ରେଳ ଷ୍ଟେସନରେ ଛାଡି ପଳାଇଥିଲେ। ଏ ନେଇ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ମାମଲା ରୁଜୁ କରାଯାଇଥିବା ହଣ୍ଡପା ଥାନା ଅଧିକାରୀ ଲବ ବୋଡା କହିଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

■ଆଠମଲ୍ଲିକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

# ଅଙ୍ଗନୱାଡ଼ି, ଆହାର କେନ୍ଦ୍ର ଖାଦ୍ୟ ମାନ ପରଖିଲେ

ଆଠମଲ୍ଲିକ,୩୧।୮(ଡି.ଏନ୍.ଏ.)

ଅନୁଗୋଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ ଶନିବାର ଆଠମଲ୍ଲିକ ସଦର ମହକୁମା ସମେତ ଆଠମଲ୍ଲିକ ବ୍ଲକକୁ ଯାଇ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ପ୍ରଥମେ ଚମ୍ପତିରାୟ ସ୍ଥାନୀୟ ଲିପିଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ସେ ଆଠମଲ୍ଲିକ ଧର୍ମଶାଳାରେ ଚାଲିଥିବା ଆହାର କେନ୍ଦ୍ରରେ ପହଞ୍ଚି ଡାଲିର ମାନ ନିରୀକ୍ଷଣ କରିଥିଲେ। ଏହି ଡାଲି ନିମ୍ନମାନର ବୋଲି ଜଣାପଡ଼ିବା ପରେ ଅସନ୍ତୋଷ ଜାହିର କହିଥିଲେ। ଏହାପରେ ସେ ଆଠମଲ୍ଲିକ ସହର ଅନ୍ତର୍ଗତ ହରିଡାବାହାଲୀ ଛଟୁଆ କେନ୍ଦ୍ର ପରିଦର୍ଶନ କରିଥିଲେ। ତେବେ ଛଟୁଆ ମଧ୍ୟରେ ବୁଟ ପରିମାଣ କମ୍ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ସ୍ଥାନୀୟ ଡାକ୍ତରଖାନା ପହଞ୍ଚି ରୋଗୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ୫୦ ଟି ମିଲ୍ ରୋଗୀଙ୍କୁ ଆହାର କେନ୍ଦ୍ରରୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ଶେଷରେ ଚମ୍ପତିରାୟ ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟି ତୁରନ୍ତ ଗୃହ ନିର୍ମାଣ କରିବା ସହିତ ଏ ନେଇ କାହାକୁ ଟଙ୍କାଟିଏ ନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# 'କାଳିଆ'ରେ ସାମିଲ ହେଲେ ୪୦ ହଜାର

**ବାଦ୍ ପଡ଼ିଲେ ୨୦ ହଜାର ଅଯୋଗ୍ୟ**

ଅନୁଗୋଳ ଅଫିସ, ୩୧।୮

ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ସାମିଲ ହୋଇଥିବା ଚାଷୀଙ୍କ ଦ୍ୱିତୀୟ ତାଲିକା ଅନୁଗୋଳ ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ସରକାରଙ୍କ ନିକଟରୁ ପଠାଯାଇଛି। ଜିଲାରେ ୪୦ ହଜାର ଚାଷୀ ଯୋଜନାର ତାଲିକାରେ ସାମିଲ ହୋଇଥିବାବେଳେ ପ୍ରାୟ ୨୦ ହଜାର ଅଯୋଗ୍ୟ ଏଥିରୁ ବାଦ ପଡ଼ିଥିବା ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ ଜିଲା କୃଷି ଉପ ନିର୍ଦ୍ଦେଶକ ଅଧିକାରୀ ଜଣଙ୍କ ସୂଚନା ଦେବାକୁ ମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୬୮ ହଜାର ୬୬୯ ଜଣ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଯୋଜନା ଟଙ୍କା ଯାଇଥିଲା। ଯାଞ୍ଚ ସମୟରେ ଗୋଟିଏ ପରିବାରର ଏକାଧିକ ଲୋକଙ୍କ ନିକଟକୁ ଟଙ୍କା ଯାଇଥିବା ଧରାପଡ଼ିଥିଲା। ତେବେ ସେମାନଙ୍କଠାରୁ ଟଙ୍କା ଫେରସ୍ତ କରାଯିବ ନେଇ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦ ହଜାର ଚାଷୀ କାଳିଆ ଟଙ୍କା ପାଇବେ ବୋଲି ଜଣାପଡ଼ିଛି।


**ପୂର୍ବ ତଟ ରେଳପଥ**
**ବିଦ୍ୟୁତୀକରଣ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ନଂ.20-KUR-TRD-OT-2019-20, ତା.24.08.2019ରିଖ
ଆନୁମାନିକ ମୂଲ୍ୟ (ଟଙ୍କାରେ): 2,62,55,024.13,
EMD (ଟଙ୍କାରେ): 2,81,300/-,
11,800/-
ତା: 13.09.2019
http://www.ireps.gov.in
PR-333/K/19-20



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ୨ୟ ମହଲା, ବିଜୟ ଭବନ, ଇଞ୍ଜିନିୟରିଂ ସ୍କୁଲ ରୋଡ୍, ଡ଼ି-ପଲ୍ ସ୍କୁଲ୍ କ୍ୟାମ୍ପସ୍, ବ୍ରହ୍ମପୁର-୭୬୦୦୧୦,
ଫୋନ୍ - ୦୬୮୦-୨୨୯୦୪୦୮/୨୨୯୦୪୦୯/୨୨୯୦୪୧୦, ଇ-ମେଲ: 2006ro@iobnet.co.in
ଆଞ୍ଚଳିକ କାର୍ଯ୍ୟାଳୟ: ୧୧୯, ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨
ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଧାରା ୧୩(୪) ପ୍ରଦତ୍ତ କ୍ଷମତା ବଳରେ ଋଣ ଆକାଉଣ୍ଟର ବ୍ୟାଙ୍କଦେୟ ସହିତ ସୁଧ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯେହେତୁ ଋଣଗ୍ରହୀତା ବକେୟା ଦେୟ ଓ ନିମ୍ନରେ ଦର୍ଶାଯାଇଥିବା ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନର ଧାରା ୧୩(୪) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରି ବ୍ୟାଙ୍କ ଦେୟ ଆଦାୟ କରିବାକୁ ସ୍ଥିର କରିଛନ୍ତି।

| କ୍ର. ନଂ | ଶାଖା ନାମ/ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|
| ୧. | **ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩ / ଋଣଗ୍ରହୀତା: ମେସର୍ସ ଶକୁନ୍ତଳା ରାଇସ୍ ମିଲ, ସ୍ୱତ୍ୱାଧିକାରୀ: ମାଧବୀଲତା ସାହୁ,** ସ୍ୱାମୀ: ଜଗବନ୍ଧୁ ସାହୁ, ସା/ପୋ.: ମେଦିନୀପୁର, ଜିଲ୍ଲା: କଳାହାଣ୍ଡି | କ) ଜମି ଏବଂ କାରଖାନା ସେଡ୍‌ର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୫ଡିସିମିଲି, ପ୍ଲଟ୍ ନଂ.: ୬୩୮, ଖାତା ନଂ.: ୩୫୯/୧୬୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ଉପା ପଟେଲଙ୍କ ଜମି, ଦକ୍ଷିଣ: ମାଧବୀଲତା ସାହୁଙ୍କ ଜମି, ପୂର୍ବ: ମାଧବୀଲତା ସାହୁଙ୍କ ଜମି, ପଶ୍ଚିମ: ରାସ୍ତା, **ଖ)** ଜମି ଏବଂ କାରଖାନା ସେଡ୍‌ର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୬ଡିସିମିଲି, ପ୍ଲଟ୍ ନଂ.: ୬୪୦/୧୪୫୨, ଖାତା ନଂ.: ୩୫୯/୨୨୮, ସା/ପୋ.: ମେଦିନୀପୁର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସନ୍ତ ବେହେରାଙ୍କ ଜମି, ଦକ୍ଷିଣ: ବସନ୍ତ ବେହେରାଙ୍କ ଜମି, ପୂର୍ବ: ମହାଦେବ ଠାକୁରଙ୍କ ଜମି, ପଶ୍ଚିମ: ଜଗଜୀବନ ସାହୁଙ୍କ ଜମି, **ଉଭୟ ସମ୍ପତ୍ତି ଶ୍ରୀମତୀ ମାଧବୀଲତା ସାହୁ,** ସ୍ୱାମୀ: ଜଗବନ୍ଧୁ ସାହୁଙ୍କ ନାମରେ ଅଛି। |
| ୨. | **ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩ / ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ମେହେର,** ପିତା: ଭ୍ରମର ମେହେର, ବାସଗୃହ ଠିକଣା- ସା: ବାହାଦୂର ବଗିଚା ପଡ଼ା, ଭଞ୍ଜ କଲୋନୀ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି | **ଶ୍ରୀ ପ୍ରଶାନ୍ତ କୁମାର ମେହେର,** ପିତା: ଭ୍ରମର ମେହେରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି (୨୦୦୪ ବର୍ଗଫୁଟ), ପ୍ଲଟ୍ ନଂ.: ୪୨୭, ଖାତା ନଂ.: ୮୮, ସା: ସିର୍ଲିଗୁଡ଼ା, ଦୁଆରସୁଣି, ଭବାନୀପାଟଣା, ମୌଜା: ସିର୍ଲିଗୁଡ଼ା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ବିକ୍ରେତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା |
| ୩. | **ଆସିକା ଶାଖା, ଫୋ.: ୦୬୮୨୨-୨୭୨୪୭୪/ ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ସାମଲ,** ସା.: କମାଗଡ, ଥାନା: ଆସିକା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୫, ଓଡ଼ିଶା | **ବସନ୍ତ କୁମାର ସାମଲଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୭୧୬/୧୩୫, ପ୍ଲଟ୍ ନଂ.: ୩୯୨୩/୭୨୧୭ ଏବଂ ୩୯୨୪, କ୍ଷେତ୍ର: ଏକର୦.୧୩୦ଡିସିମିଲି, ମୌଜା: କମାଗଡ, ଏସ୍‌ଆରଓ: ଆସିକା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମାୟା ମହାପାତ୍ରଙ୍କ ଜମି, ପଶ୍ଚିମ: ଝାଡେଶ୍ୱର ମହାଦେବଙ୍କ ଜମି, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଝାଡେଶ୍ୱର ମହାଦେବଙ୍କ ଜମି |
| ୪. | **ରାମନାଗୁଡା ଶାଖା, ଫୋ.: ୦୬୮୫୭-୨୬୨୧୨୩/ ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୀମାଦ୍ରି ଗୋବିନ୍ଦ ରାଓ,** ପିତା: ବାସୁଦେବ ସୀମାଦ୍ରି, ସା/ପୋ.: ରାମନାଗୁଡ଼ା, ଜିଲ୍ଲା: ରାୟଗଡ଼ା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ ସୀମାଦ୍ରି ନାଗରାଜୁ,** ପିତା: ସୀମାଦ୍ରି ଗୋବିନ୍ଦ ରାଓ, ସା/ପୋ.: ରାମନାଗୁଡ଼ା, ଜିଲ୍ଲା: ରାୟଗଡ଼ା | **ଶ୍ରୀ ସୀମାଦ୍ରି ଗୋବିନ୍ଦ ରାଓ,** ପିତା: ବାସୁଦେବ ସୀମାଦ୍ରିଙ୍କ ନାମରେ ଥିବା ଆରସିସି ଦୋକାନ ବିଲ୍ଡିଂ ଯାହାକି ରାମନାଗୁଡ଼ା ମେନ୍ ରୋଡ୍, ଜିଲ୍ଲା: ରାୟଗଡ଼ାରେ ଅବସ୍ଥିତ ଯାହାର ଖାତା ନଂ.: ୪୭/୪୧୭, ପ୍ଲଟ୍ ନଂ.: ୩୫୮/୧୭୪୮, କ୍ଷେତ୍ର: ଏକର୦.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପିଡବ୍ଲୁଡି ରାସ୍ତା, ଦକ୍ଷିଣ: ଲକ୍ଷ୍ମଣ ମୂର୍ତ୍ତିଙ୍କ ଭଡାଘରର ପାଚେରୀ କାନ୍ଥ, ପୂର୍ବ: ଶାସନପୁରୀ ନାଗଭୂଷଣ ରାଓ, ପଶ୍ଚିମ: ପଞ୍ଚାୟତ ରାସ୍ତା |
| ୫. | **ବରଗଡ ଶାଖା, ଫୋ.: ୦୬୬୪୬-୨୩୪୧୨୨, ମୋ.: ୮୨୮୦୪୮୪୨୪୩/ ଋଣଗ୍ରହୀତା: ଶ୍ରୀ ଗୋପିନାଥ ପ୍ରଧାନ,** ପିତା: ଶ୍ରୀ ଉଦ୍ଧବ ପ୍ରଧାନ / **ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ଉଦ୍ଧବ ପ୍ରଧାନ,** ଉଭୟଙ୍କ ବାସଗୃହ ଠିକଣା ସା.: ରଷିପାଲି, ପୋ.: କମଗାଁ, ଭାୟା: ବରଡୋଳ, ଜିଲ୍ଲା: ବରଗଡ, ପିନ୍-୭୬୮୦୩୮ | **ଶ୍ରୀ ଉଦ୍ଧବ ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୧୪ଡିସିମିଲି, ପ୍ଲଟ୍ ନଂ.: ୨୪୦୧, ଖାତା ନଂ.: ୩୭, ସା.: ରଷିପାଲି, ବରଗଡ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଙ୍ଗାଳି ଭୋଇଙ୍କ ଜମି, ଦକ୍ଷିଣ: ବଙ୍ଗାଳି ଭୋଇଙ୍କ ଜମି, ପୂର୍ବ: ଦିର୍ଯ୍ୟୁ ଭୋଇଙ୍କ ଜମି, ପଶ୍ଚିମ: ଧାରସା |
| ୬. | **ବରଗଡ ଶାଖା, ଫୋ.: ୦୬୬୪୬-୨୩୪୧୨୨, ମୋ.: ୮୨୮୦୪୮୪୨୪୩ / ଋଣଗ୍ରହୀତା: ଶ୍ରୀ ସୁଶାନ୍ତ ସାହୁ,** ପିତା: ଶ୍ରୀ ବିନୋଦ ସାହୁ, ବାସଗୃହ ଠିକଣା ସା.: ଡୁମେରପାଲି, ପୋ.: ମଧୁପୁର, ଭାୟା: ସୋହେଲା, ବରଗଡ, ଓଡ଼ିଶା | **ଶ୍ରୀ ସୁଶାନ୍ତ ସାହୁ,** ପିତା: ଶ୍ରୀ ବିନୋଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୫୫/୮୮, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୩୭, ଥାନା ନଂ.: ୫୩, ପ୍ଲଟ୍ ନଂ.: ୩୪୫/୯୨୧, ଅନୁରୂପ ମ୍ୟୁଟେସନ୍ ପ୍ଲଟ୍ ନଂ.: ୩୪୫, ସା.: ଡୁମେରପାଲି, କ୍ଷେତ୍ର: ଏକର୦.୦୯ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରକ୍ଷାପାଳ ଦିପାଙ୍କ ବାସଗୃହ, ପୂର୍ବ: ଶ୍ରୀ ରାସବିହାରୀ ମହାନନ୍ଦଙ୍କ ଜମି, ପଶ୍ଚିମ: ମନବୋଧ ସୁନାଙ୍କ ବାସଗୃହ |
| ୭. | **ଲାଞ୍ଜିଗଡ ଶାଖା, ମୋ.: ୦୬୬୭୭-୨୪୭୦୬୬ / ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ପ୍ରଧାନ,** ସା.: ନିଆଳୀ, ପୋ.: ଗୋପିନାଥପୁର, ଥାନା: ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୨୦ | **ଶ୍ରୀ ରାଜେଶ କୁମାର ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୦୫, ଖାତା ନଂ.: ୮୮/୭୭, କ୍ଷେତ୍ର: ଏକର୦.୧୩ଡିସିମିଲି, ମୌଜା: ନିଆଳୀ, ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍ଖ ପ୍ରଧାନ, ପୂର୍ବ: ଦୁତିଆ ପ୍ରଧାନ, ପଶ୍ଚିମ: ରାସ୍ତା, ଦକ୍ଷିଣ: ଦୁତିଆ ପ୍ରଧାନ |
| ୮. | **ଜାହାଡା ଶାଖା, ମୋ.: ୯୬୬୮୦୪୬୦୪୪ / ଋଣଗ୍ରହୀତା: ମେସର୍ସ ରଶ୍ମୀ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରାମଭଞ୍ଜ ସ୍ୱାଇଁ,** ପିତା: ୰ କାଶୀନାଥ ସ୍ୱାଇଁ, ବାସଗୃହ ଠିକଣା- ସା: ଦଶମାଇଲି, ପୋ.: ଜାନିବିଲି, ଭାୟା: ଧରାକୋଟ, ଜିଲ୍ଲା: ଗଞ୍ଜାମ / **ଗ୍ୟାରେଣ୍ଟିଦାତାମାନେ: ୧) ପଦ୍ମଚରଣ ସ୍ୱାଇଁ,** ପିତା: କାଶୀନାଥ ସ୍ୱାଇଁ, **୨) ଶ୍ରୀ ପଞ୍ଚାନନ ଦଳେଇ,** ପିତା: ସନ୍ୟାସୀ ଦଳେଇ, **୩) ଶ୍ରୀ ଚନ୍ଦ୍ରଶେଖର ସ୍ୱାଇଁ,** ପିତା: ୰ କାଶୀନାଥ ସ୍ୱାଇଁ, ସମସ୍ତଙ୍କ ଠିକଣା- ସା: ଜାହାଡା, ପୋ.: ଜାହାଡା, ଭାୟା: ଧରାକୋଟ, ଜିଲ୍ଲା: ଗଞ୍ଜାମ | **କ) ଶ୍ରୀ ରାମଭଞ୍ଜ ସ୍ୱାଇଁ,** ପିତା: ୰ କାଶିନାଥ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୭୭ଡିସିମିଲି, ପ୍ଲଟ୍ ନଂ.: ୨୪୯ ଏବଂ ୨୫୨, ଖାତା ନଂ.: ୨୩୮ ଏବଂ ୯୯, ଦଶମାଇଲି, ମୌଜା: ଜାନିବିଲି, ବ୍ଲକ୍-ଧରାକୋଟ, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଆସ୍କା-ସୋରଡା ରାସ୍ତା, ଦକ୍ଷିଣ: ନଟବର ସାବତଙ୍କ ଜମି, ପୂର୍ବ: ଗୋବିନ୍ଦ ସାବତଙ୍କ ଘର, ପଶ୍ଚିମ: ହିମାଂଶୁ ସାବତଙ୍କ ଘର, **ଖ) ଶ୍ରୀ ରାମଭଞ୍ଜ ସ୍ୱାଇଁ,** ପିତା: ୰ କାଶିନାଥ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୭୦ଡିସିମିଲି, ପ୍ଲଟ୍ ନଂ.: ୨୪୮/୩୧୧୩, ଖାତା ନଂ.: ୩୦୧/୧୫୯, ଦଶମାଇଲି, ମୌଜା: ଜାନିବିଲି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଆସ୍କା-ସୋରଡା ରାସ୍ତା, ଦକ୍ଷିଣ: ନଟବର ସାବତଙ୍କ ଜମି, ପୂର୍ବ: ଭୀମ ଗୌଡଙ୍କ ଘର, ପଶ୍ଚିମ: ରାମଭଞ୍ଜ ସ୍ୱାଇଁଙ୍କ ଘର। |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୩,୩୪,୦୦୦/- | ଟ.୩୩,୪୦୦/- | ଟ.୧୩,୪୪,୭୬୧.୪୮ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୧.୦୩.୨୦୧୬ / ୧୫.୧୨.୨୦୧୬ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୨. | ଟ.୪,୦୧,୦୦୦/- | ଟ.୪୦,୧୦୦/- | ଟ.୨୧,୭୪,୧୮୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୧.୧୨.୨୦୧୭ / ୩୧.୦୫.୨୦୧୮ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୩. | ଟ.୧୦,୦୧,୯୧୦/- | ଟ.୧,୦୦,୧୯୧/- | ଟ.୧୦,୦୬,୧୧୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୬.୦୭.୨୦୧୯ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୪. | ଟ.୫,୦୨,୦୦୦/- | ଟ.୫୦,୨୦୦/- | ଟ.୬,୬୪,୦୯୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୩.୧୧.୨୦୧୮ / ୧୧.୦୧.୨୦୧୯ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୫. | ଟ.୫,୨୫,୦୦୦/- | ଟ.୫୨,୫୦୦/- | ଟ.୫,୦୭,୯୫୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୧.୦୩.୨୦୧୬ / ୦୯.୦୨.୨୦୧୭ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୬. | ଟ.୧୨,୮୧,୨୭୫/- | ଟ.୧,୨୮,୧୨୮/- | ଟ.୭,୨୬,୯୦୯ /- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୯.୨୦୧୬ / ୦୯.୦୨.୨୦୧୭ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୭. | ଟ.୩,୭୧,୦୦୦/- | ଟ.୩୭,୧୦୦/- | ଟ.୧୬,୮୫,୮୨୭/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୮.୦୭.୨୦୧୯ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ୮.କ) | ଟ.୯,୦୩,୦୦୦/- | ଟ.୯୦,୩୦୦/- | ଟ.୧୦,୪୨,୦୧୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୧୨.୨୦୧୪ / ୨୦.୧୨.୨୦୧୬ | ୧୨.୦୯.୨୦୧୯ ପର୍ଯ୍ୟନ୍ତ | ୧୩.୦୯.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୯.୨୦୧୯ ପୂର୍ବାହ୍ଣ ୧୧.୦୦ଘଟିକା ରୁ ଅପରାହ୍ଣ ୧.୦୦ ଘଟିକା |
| ଖ) | ଟ.୩,୨୭,୦୦୦/- | ଟ.୩୨,୭୦୦/- | | | | | |

**ନିୟମ ଓ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **M/s C1 India Pvt. Ltd**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://iob.bankeauctions.com**ରେ ଉପଲବ୍ଧ। (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବା ପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡି-**2006ro@iobnet.co.in & 2006law@iobnet.co.in**ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account"** ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁରର **Sundry Creditor** ଆକାଉଣ୍ଟ ନଂ. **୨୦୦୬୦୧୧୩୩୦୧୦୧୦ (IFSC: IOBA0002006)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡ଼ିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କର ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Sri N.K. Singh, Mob.: 8009795959, Indian Overseas Bank, Regional Office, Berhampur, Phone No.: 0680-2290408/0409/0410, mail ID: 2006ro@iobnet.co.in & 2006law@iobnet.co.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ : **M/s. C1 India Pvt. Ltd, Udyog Vihar, Phase-2, Gulf Petrochem Building, Building No.: 301, Gurgaon, Haryana, Pin-122015, Support Mail id:support@bankeauctions.com, Support Land Line No.: +91 124 4302020/2021/2022/2023/2024, Support Mobiles Nos.: +917291981124/25/26, Portal: https://www.bankeauctions.com, Web: www.c1india.com, Email ID: support@c1india.com,** ଯୋଗାଯୋଗ ବ୍ୟକ୍ତି - ଶ୍ରୀ କିଙ୍ଗ୍‌ସୁକ୍ ଘୋଷ, ମୋ: **9836311889,** ଇ-ମେଲ: **kolkata@c1india.com.** (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୧୩(୮)(୬)/୯(୧) ଅନୁଯାୟୀ ଉପରୋକ୍ତ ସମସ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୩୦/୧୫ ଦିନିଆ ନୋଟିସ୍ ଅଟେ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୩୧.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ପ୍ରଶାସନିକ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ରାଜ୍ୟ ସରକାର ଶନିବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରିଛନ୍ତି। କାର୍ଯ୍ୟରତ ସଂଖ୍ୟାଧିକ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ଏବଂ ରାଜସ୍ୱ ବିଭାଗରେ କାର୍ଯ୍ୟରତ କେତେକ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପ୍ରଦୀପ କୁମାର ସାହାଣୀ ଓଏସ୍ଆଇସି ଏମ୍‌ଡି, ବିଶ୍ୱଜିତ ବିଶ୍ୱାଳ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ, ବିଶ୍ୱନାଥ ସାହୁ ବୁର୍ଲାସ୍ଥିତ ଭିମସାର ପ୍ରଶାସନିକ ଅଧିକାରୀ, ପ୍ରତାପ କେଶରୀ ମିଶ୍ର ଜଳସମ୍ପଦ ଯୁଗ୍ମ ସଚିବ, ଅଜୟ ଜେନା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଜିତେନ୍ଦ୍ର ସାହୁ ନୀତି ପ୍ରଶାସକ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ରାଜସ୍ୱ ବିଭାଗରେ କାର୍ଯ୍ୟରତ ୩୮ ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି। ଏମାନଙ୍କ ମଧ୍ୟରେ ରହିଛନ୍ତି-କୁଳମଣି ପଟେଲ, ମାନସ ରାୟ, ସସ୍ମିତା କୁମାର ଜେନା, ଗୀତାଞ୍ଜଳି ବେହେରା ଏବଂ ମିହିର ରଞ୍ଜନ ବେହେରା ପ୍ରମୁଖ।

### ୭ରେ 'କାଳିଆ' ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ସେପ୍ଟେମ୍ବର ୭ରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'କାଳିଆ' ଅଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଯିବ। ଏଥିପାଇଁ ଆବଶ୍ୟକ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ତାଲିକା ପ୍ରସ୍ତୁତ ହୋଇସାରିଛି। ରାଜ୍ୟବ୍ୟାପୀ ତାଲିକା ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଏବଂ ପ୍ରମୁଖ ସଚିବ ସୌରଭ ଗର୍ଗ ଗଣମାଧ୍ୟମକୁ ଅବଗତ କରାଇବେ ବୋଲି ଜଣାପଡିଛି। ସେହିପରି ଅଯୋଗ୍ୟ ହିତାଧିକାରୀଙ୍କଠାରୁ କିପରି ଶତପ୍ରତିଶତ ସହାୟତା ରାଶି ଫେରସ୍ତ କରାଯିବ, ସେ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି।

### ଲାଲୁ ଯାଦବ ଅସୁସ୍ଥ



**ରାଞ୍ଚି,୩୧।୮(ପି.ଟି.):** ଜେଲ୍‌ରେ ଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କ କିଡ୍‌ନୀ ଠିକ୍ ଭାବେ କାମ କରୁ ନ ଥିବାବେଳେ ରକ୍ତ ଶର୍କରା ଓ ରକ୍ତଚାପ ଅସ୍ଥିର ରହୁଥିବା ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ୭୧ ବର୍ଷୀୟ ଲାଲୁ ଚିକିତ୍ସା ପାଇଁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ଭର୍ତ୍ତି ହୋଇଛନ୍ତି। ବହୁକୋଟି ଟଙ୍କା ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ଲାଲୁ ୨୦୧୭ରୁ ଜେଲ୍‌ରେ ଅଛନ୍ତି। ତାଙ୍କ ରକ୍ତ ସଂକ୍ରମିତ ହେବା ସହ କିଡ୍‌ନୀ ୬୩ ପ୍ରତିଶତ ନଷ୍ଟ ହୋଇଯାଇଥିବା ଡାକ୍ତର ଉମେଶ ପ୍ରସାଦ କହିଛନ୍ତି।

### କେରଳରେ ଉଡ଼ିଲା ପାକ୍ ପତାକା
### ୩୦ ଛାତ୍ରଙ୍କ ବିରୋଧରେ ମାମଲା

**ଥିରୁଭାନନ୍ତପୁରମ,୩୧।୮:** କେରଳର କୋଝିକୋଡେ ଜିଲା ପେରମ୍ବ୍ରାସ୍ଥିତ ସିଲ୍‌ଭର କଲେଜ କ୍ୟାମ୍ପସ୍‌ରେ ପାକିସ୍ତାନୀ ପତାକା ଉଡ଼ାଇବା ଅଭିଯୋଗରେ ୩୦ ଜଣ ଛାତ୍ରଙ୍କ ବିରୋଧରେ ରାଜ୍ୟ ପୋଲିସ ମାମଲା ରୁଜୁ କରିଛି। ଏମାନେ ମୁସ୍‌ଲିମ ଷ୍ଟୁଡେଣ୍ଟସ୍ ଫ୍ରଣ୍ଟ (ଏମ୍‌ଏସ୍‌ଏଫ)ର ସଦସ୍ୟ। ସଙ୍ଗଠନ ପତାକା ବଦଳରେ ଭୁଲ୍‌ରେ ଉକ୍ତ ପତାକା ବ୍ୟବହାର ହୋଇଥିବା ଏମ୍‌ଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ଗୁରୁବାର କଲେଜ ନିର୍ବାଚନ ପ୍ରଚାର ବେଳେ କ୍ୟାମ୍ପସ୍‌ରେ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା। ଏଥିରେ କେଏସ୍‌ୟୁ ଏବଂ ଏମ୍‌ଏସ୍‌ଏଫ୍‌ର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ନିଜ ସଂଗଠନର ପତାକା ଉଡ଼ାଇଥିଲେ। ତେବେ ଗୋଟିଏ ଗୋଷ୍ଠୀ ପାକିସ୍ତାନୀ ପତାକା ସଦୃଶ ଅନ୍ୟ ଏକ ବଡ଼ ପତାକା ଉଡ଼ାଉଥିବା ଦେଖାଯାଇଥିଲା। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତଦନ୍ତ କରି ୩୦ ଛାତ୍ରଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

# ରୁଷିଆରୁ ଫେରିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

■ ଉର୍ଜା, ଇସ୍ପାତ, ତୈଳ, ଗ୍ୟାସ୍ ପ୍ରସଙ୍ଗରେ ଆଲୋଚନା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇଦିନିଆ ରୁଷିଆ ଗସ୍ତ ଶନିବାର ସମାପ୍ତ ହୋଇଛି। ଗସ୍ତକାଳରେ ଧର୍ମେନ୍ଦ୍ର ଉର୍ଜାରୁ ଇସ୍ପାତ, ତୈଳ ଏବଂ ଗ୍ୟାସ ଓ ଅନ୍ୟାନ୍ୟ କ୍ଷେତ୍ରରେ ରୁଷ ସରକାର ଏବଂ ବେସରକାରୀ କମ୍ପାନୀଗୁଡିକ ଅଧିକାରୀଙ୍କ ସହ ମାରାଥନ ପର୍ଯ୍ୟାୟରେ ଦ୍ୱିପାକ୍ଷିକ ସହଯୋଗ ଓ ଆର୍ଥିକ ଗତିବିଧି ସମ୍ପର୍କରେ ଆଲୋଚନା କରିଥିଲେ।

କେନ୍ଦ୍ରମନ୍ତ୍ରୀଙ୍କ ସମେତ ଏକ ୨୫ ଜଣିଆ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳୀ ରୁଷ ଗସ୍ତରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭ୍ଲାଡିଭୋଷ୍ଟୋକ ଗସ୍ତର ସପ୍ତାହେ ପୂର୍ବରୁ ଧର୍ମେନ୍ଦ୍ରଙ୍କ ଏହି ଗସ୍ତ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କେନ୍ଦ୍ରମନ୍ତ୍ରୀ ଗସ୍ତ ସମୟରେ ଉପପ୍ରଧାନମନ୍ତ୍ରୀ ୟୁରି ତୃଟନେଭ, ଶକ୍ତିମନ୍ତ୍ରୀ ଆଲେକଜାଣ୍ଡର ନୋଭାକ ଏବଂ ଶିଳ୍ପ,ବାଣିଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଇସ୍ପାତ କ୍ଷେତ୍ରର ପ୍ରଭାରୀ ଭିକ୍ଟର ଏଭଡୁକୋଭଙ୍କୁ ସାକ୍ଷାତ କରିଥିଲେ। ଉପପ୍ରଧାନମନ୍ତ୍ରୀ ତୃଟନେଭଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର କହିଥିଲେ, ଉର୍ଜା ଏବଂ ଇସ୍ପାତ କ୍ଷେତ୍ରରେ ଉଭୟ ଦେଶ ସହଯୋଗୀ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେହିପରି ଭାରତ ରୁଷ ସହ ମିଶି ଉର୍ଜା କ୍ଷେତ୍ରକୁ ବଢାଇବା ସହ କୋଇଲା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗୀ ହେବା ପାଇଁ ଇଚ୍ଛା ରଖିଛି।



ରୁଷୀୟ ନେତୃବୃନ୍ଦଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଅନୁରୂପ ଭାବେ ଶକ୍ତିମନ୍ତ୍ରୀ ନୋଭାକଙ୍କ ସହ ସାକ୍ଷାତ ସମୟରେ ଭାରତ-ରୁଷ ମଧ୍ୟରେ ସହଯୋଗ ତଥା ସାମ୍ପ୍ରତିକ ସ୍ଥିତିର ସମୀକ୍ଷା କରିଥିଲେ। ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶ, ଉର୍ଜା ସମ୍ପର୍କିତ ବିକାଶ, ଉତ୍ପାଦନ, ବ୍ୟବହାରକାରୀଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଦୁଇ ପ୍ରତିପକ୍ଷଙ୍କ ବୈଠକ ପରେ ଉଭୟ ଦେଶର ତୈଳ ଓ ଗ୍ୟାସ କ୍ଷେତ୍ରରେ ବେସରକାରୀ ଏବଂ ସାର୍ବଜନୀନସ୍ତର ଉପରେ ଆଲୋଚନା କରିଥିଲେ। ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ପାଇଁ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ରୁଷର ୪୦ଟି ବଡ କମ୍ପାନୀର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କମ୍ପାନୀଗୁଡିକ ହେଉଛନ୍ତି- ରୋସନେଫ୍ଟ, ନୋଭାଟେକ୍, ଏଭରାଜ, କୋଲମାର, ଭୋସତୋକୁଗୁଲ, ଡଲଗୁଚନ, ଟାଇଗର ରିଆଲାମ ପ୍ରମୁଖ ସାମିଲ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ପ୍ରତିନିଧିମଣ୍ଡଳୀ ସ୍କୋଲଭୋକୋ ବିଜନେସ୍ ସ୍କୁଲ ଏବଂ ଇନୋଭେଶନ ସେଣ୍ଟର ପରିଦର୍ଶନ କରିଥିଲେ। ମୋଟ ଉପରେ ଧର୍ମେନ୍ଦ୍ରଙ୍କ ଏହି ଗସ୍ତ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଏକ ପ୍ରସ୍ତୁତି ଥିଲା। ନିକଟ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିମନ୍ତ୍ରଣରେ ପଞ୍ଚମ ବାର୍ଷିକ ପୂର୍ବାଞ୍ଚଳ ଆର୍ଥିକ ଫୋରମ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେବେ।

### କର୍ଣ୍ଣାଟକ ନେତାଙ୍କ ଫୋନ୍ ଟ୍ୟାପିଂ
## ତଦନ୍ତ କରିବ ସିବିଆଇ

**ନୂଆଦିଲ୍ଲୀ,୩୧।୮(ପି.ଟି.)**

କର୍ଣ୍ଣାଟକରେ କଂଗ୍ରେସ-ଜେଡିଏସ୍ ସରକାର ବେଳେ ରାଜନେତାମାନଙ୍କ ଫୋନ୍ ଟ୍ୟାପିଙ୍ଗ ଅଭିଯୋଗର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଛି। ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ଅନୁରୋଧକ୍ରମେ ସିବିଆଇ ଏତଲା ଦାଏର କରିଥିବା ଏହାର ଜଣେ ଅଧିକାରୀ ଶନିବାର ସୂଚନା ଦେଇଛନ୍ତି। ଜେଡିଏସ୍ ବିଧାୟକ ଏ.ଏଚ୍. ବିଶ୍ୱନାଥଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ବେଳେ କୁମାରସ୍ୱାମୀ ସରକାର ୩୦୦ରୁ ଊର୍ଦ୍ଧ୍ୱ ରାଜନେତାଙ୍କ ଫୋନ୍ ଟ୍ୟାପିଙ୍ଗ କରିବା ସହ ସେମାନଙ୍କ ପଛରେ ଗୁପ୍ତଚର ଲଗାଇଥିବା ଅଭିଯୋଗ ହୋଇଥିଲା। କଂଗ୍ରେସ ନେତା ସିଦ୍ଧରାମାୟା, ଏମ୍. ମଲ୍ଲିକାର୍ଜୁନ ଖାର୍ଗେ ଓ ସେତେବେଳେ ସରକାରରେ ଗୃହମନ୍ତ୍ରୀ ଥିବା ଏମ୍.ବି. ପାଟିଲ ତଦନ୍ତ ଦାବି କରିଥିବାବେଳେ ପୂର୍ବତନ ମନ୍ତ୍ରୀ ଡି.କେ. ଶିବକୁମାର ଅଭିଯୋଗକୁ ଖଣ୍ଡନ କରିଥିଲେ।

### ଆଜି ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ରବିବାର ସ୍ଥାନୀୟ ଇଡ୍‌କଲ୍ ଅଡିଟୋରିୟମ ହଲରେ ଅନୁଷ୍ଠିତ ହେବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀର ୮୧ ସଦସ୍ୟ, ସମସ୍ତ ବିଧାୟକ, ଏମ୍‌ପି, ଜିଲା ସଭାପତି, ଜିଲା ପର୍ଯ୍ୟବେକ୍ଷକ ଏବଂ ରାଜ୍ୟସ୍ତରୀୟ ଛାମୁଆ ସଙ୍ଗଠନର ସଭାପତି ଏଥିରେ ଯୋଗଦେବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନୀ ଲୋକ ପାଦେ କଣ୍ଟକ ବାଜିଲେ**
**ସମସ୍ତେ ପୁଚ୍ଛନ୍ତି ବ୍ୟଥା**
**ଦରିଦ୍ର ପାହାଡୁ ଗଡ଼ି ପଡ଼ିଗଲେ**
**କେହି ନ କହନ୍ତି କଥା ।**

ଧନୀ ଲୋକଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରି କି ଭଲରେ ମନ୍ଦରେ ସେମାନଙ୍କ ପଛେ ଛିଡ଼ା ହୋଇଥାନ୍ତି। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୂରାପୂରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧର୍ମର ଜୟ,**
**ପାପର କ୍ଷୟ ।**

ଧର୍ମ ଓ ଭଲ କର୍ମ ପଥରେ କଣ୍ଟାଥାଏ ତଥାପି ତାହା ଆଲୋକିତ। ଧର୍ମ ହିଁ ଜୀବନର ପରମ ବନ୍ଧୁ, ଏହାର ବିଲୋପ ଘଟି ନ ଥାଏ। ଯିଏ ସତ୍ୟନିଷ୍ଠ ରହିଥାଏ, ଧର୍ମପଥରେ ଚାଲିଥାଏ ତା'ର ବିଜୟ ସୁନିଶ୍ଚିତ। ସେହିପରି ପାପ ବା କୁକର୍ମ ପଥ ସର୍ବଦା ସଂକୀର୍ଣ୍ଣ ଓ ଅନ୍ଧକାରମୟ। ପାପୀ ବା କୁକର୍ମୀର ପରାଜୟ ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସମ୍ପର୍କୀୟଙ୍କୁ ଭେଟିଲେ ଓମାର, ମେହବୁବା

**ଶ୍ରୀନଗର, ୩୧।୮(ପି.ଟି.)**

ପରିବାର ସଦସ୍ୟ ଓ ସମ୍ପର୍କୀୟମାନଙ୍କୁ ଭେଟିବା ଲାଗି ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବ୍ଦୁଲ୍ଲା ଓ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ନେତା ମେହବୁବା ମୁଫ୍‌ତିଙ୍କୁ ଅନୁମତି ମିଳିଛି। ଗତ ୫ ତାରିଖରୁ ଏହି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ କରି ରଖାଯାଇଛି। ଓମାରଙ୍କୁ ତାଙ୍କ ଭଉଣୀ ସୋଫିଆ ଓ ପିଲାମାନେ ଶ୍ରୀନଗରସ୍ଥିତ ହରି ନିବାସ୍‌ରେ ୨୦ ମିନିଟ୍ ସାକ୍ଷାତ କରିଛନ୍ତି। ସେହିଭଳି ମେହବୁବା ମୁଫ୍‌ତିଙ୍କୁ ତାଙ୍କ ମା' ଓ ଭଉଣୀ ଚେସ୍ମାଶାହିରେ ଭେଟି ଆଲୋଚନା କରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE — FINANCE

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ ।
୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସମ୍ପର୍କ କରନ୍ତୁ
8278077123
8607378206

ଦଶହରା ଉତ୍ସବ ପୂର୍ବରୁ
ଓଡ଼ିଶାର ସମସ୍ତ ଜିଲ୍ଲାର ଯେକୌଣସି ପେସାଧାରୀ ଯେକୌଣସି ବ୍ୟକ୍ତିଙ୍କୁ ଆମେ 1-20 ଲକ୍ଷ ଟଙ୍କାର ଋଣ ଯୋଗାଉଛୁ
ନ୍ୟୂନତମ କାଗଜପତ୍ର ।
ସୁଧ ହାର 6% ଏବଂ ଋଣ ପ୍ରକ୍ରିୟାକରଣ ସମୟ ୨ ଦିନ ।
9674563354

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠିକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କସିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office :
Rajhat, Gujurat - 360001

ASTROLOGY — ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004611
8394004898

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

EDUCATION — EDUCATION

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE — HEALTH CARE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi




ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

# COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ■ପୋଲିସ ହାତରେ ଡକାୟତି ଗ୍ୟାଙ୍ଗ୍

# ୭ ଗିରଫ, ମାରଣାସ୍ତ୍ର ଜବତ

ତାଳଚେର,୩୧।୮(ନି.ପ୍ର.)

ତାଳଚେରର ବିଭିନ୍ନ ଅଞ୍ଚଳରେ ଲୁଟ ତରାଜ ଚଳାଉଥିବା ଏକ ଡକାୟତି ଗ୍ୟାଙ୍ଗର ୭ ଜଣଙ୍କୁ କଲିୟରୀ ପୋଲିସ ଚଢ଼ାଉ କରି ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଘୁଆବୋଲ ଅଞ୍ଚଳର ବିକି ନାଏକ (୨୦), ବାଘୁଆବୋଲ ମୁଣ୍ଡା ସାହିର ଚେରେନ୍ ବନେରା(୧୯), ରାଉରକେଲା ସେକ୍ଟର ୨ ନୟା ବଜାରର ବଳରାମ ରାଓ(୩୦), ଅଙ୍ଗାରୁଆ ଅଞ୍ଚଳର ଚନ୍ଦନ ନାଏକ(୨୫), ଦେଉଳବେଢ଼ା କ୍ୱାର୍ଟର ନଂ. ଏଲ.ସି.ଏଚ୍-୨୭୬ରେ ରହୁଥିବା ପପୁ ନାଏକ(୨୫), ଦେଉଳବେଢ଼ା ଅଞ୍ଚଳର ମନୋରଞ୍ଜନ ଦାସ ଓରଫ ପିଣ୍ଟୁ (୨୧) ଏବଂ ସୁଜିତ ସିଂ ଓରଫ ସୁବ୍ରତ (୧୯)। ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ସହ ୨ଟି ବାଇକ୍, ଲାପଟପ, ୬ଟି ମୋବାଇଲ, ଚୋରି ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନେ ତାଳଚେରର ବିଭିନ୍ନ ଅଞ୍ଚଳରେ ଘରେ ଓ ଦୋକାନରୁ ଲୁଟ୍‌ତରାଜ କରୁଥିଲେ। କଲିୟରୀ ଥାନା, ବିକ୍ରମପୁର ଥାନା ଅଞ୍ଚଳରେ ଥିବା ବହୁ କ୍ୱାର୍ଟର୍ସ, ରାଶନ ଦୋକାନ ଗୁଡିକରେ ଗ୍ରୀଲ ତାଡି ସାମଗ୍ରୀ ଚୋରି କରୁଥିବା ନେଇ ପୂର୍ବରୁ ସେମାନଙ୍କ ନାମରେ ୮ଟି ମାମଲା ଥିବା ପୋଲିସ କହିଛି। ଏପରିକି ଏହି ଗ୍ୟାଙ୍ଗ ଅନ୍‌ଲାଇନ୍ ଶପିଂରେ ସାମଗ୍ରୀ ବିକ୍ରି କରୁଥିବା ଜନୈକ କର୍ମଚାରୀଙ୍କଠାରୁ ମଧ ଲୁଟ କରିଥିବାର ଅଭିଯୋଗ ରହିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଆଇଆଇସି ସବ୍ୟସାଚୀ ରାଉତଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।



ଗିରଫ ଅଭିଯୁକ୍ତମାନେ।

## ■ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ନୀତି ଆୟୋଗ ଟିମ୍

# ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଉପରେ ଗୁରୁତ୍ୱ


ସର୍କିଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ଅନୁଗୋଳ ଅଫିସ, ୩୧।୮

ଅନୁଗୋଳ ଜିଲାକୁ ୩ ଦିନିଆ ଗସ୍ତରେ ଆସିଥିବା ନୀତି ଆୟୋଗର କେନ୍ଦ୍ରୀୟ ଆନ୍ତଃ ମନ୍ତ୍ରଣାଳୟ ଦଳ ରବିବାର ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ବୁଲି ପରିଦର୍ଶନ କରିଛନ୍ତି। ଏଥିସହ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି।

ଟିମ୍ ଲିଡର ଯୋଗେଶ ରାଉଣ୍ଡାଲଙ୍କ ନେତୃତ୍ୱରେ ବ୍ୟାସଦେବ ନାୟକ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଦଳ ବିଭିନ୍ନ ଚେକ୍ ଡ୍ୟାମ ଓ ଏହା ପାର୍ଶ୍ୱରେ ହୋଇଥିବା ପନିପରିବା ଚାଷକୁ ବୁଲି ଦେଖିଥିଲେ। କୁକୁରପେଟା ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ହୋଇଥିବା କଦଳୀ ବଗିଚା, ଜରିପାଳ ଓ କର୍ଣ୍ଣପାଳ ପାଣି ପଞ୍ଚାୟତ ପରିଦର୍ଶନ ସହ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଛେଣ୍ଡିପଦା ବ୍ଲକର ଆଉଁଳି ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମୁଷାପାପୁଲିଠାରେ ଉଦ୍ୟାନ ବିଭାଗ ଦ୍ୱାରା ଚାଲୁଥିବା ସିଞ୍ଚନ ଜଳସେଚନ କାର୍ଯ୍ୟକୁ ଦଳ ବୁଲି ଦେଖିବା ସହ ଜଳର ଠିକ୍ ବିନିଯୋଗକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପରେ ଦଳ ଆଠମଲ୍ଲିକର ମାନ୍‌ଜୋର ମଧ୍ୟମ ଜଳସେଚନ ପ୍ରକଳ୍ପ, ରେଙ୍ଗାଳି ବୃହତ ଜଳସେଚନ ପ୍ରକଳ୍ପ ଓ ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ସମେତ ଟିକରପଡ଼ା ଅଞ୍ଚଳରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ। ଜଳସେଚନ ପ୍ରକଳ୍ପଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ଟିମ୍ ସଦସ୍ୟମାନେ ପ୍ରକାଶ କରିଥିଲେ। ଜିଲାର ଚିରସ୍ରୋତା ଜଳ ଉତ୍ସର ବ୍ୟବହାର କରି ବିଭିନ୍ନ ଅର୍ଥକାରୀ ଫସଲ ଅମଳ କରାଇ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ଜିଲାର ବିଭିନ୍ନ ଜଳ ଉତ୍ସର ଠିକ୍ ଉପଯୋଗିତା ପାଇଁ ଆବଶ୍ୟକ ପାଣ୍ଠି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଖଣିଜ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଜିଲାପାଳ ସୂଚନା ଦେବା ସହ ଅଧିକ ସଂଖ୍ୟାରେ ଫାର୍ମ ପଣ୍ଡ ଓ ଜଳ ଅମଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ପାଣ୍ଠି ସମ୍ପର୍କରେ ଦଳର ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଗୋଳ ଜଳସେଚନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଦିପ୍ତୀ ରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର ବିଭିନ୍ନ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେରଜାଙ୍ଗ ଜଳସେଚନ ପ୍ରକଳ୍ପର ଉପନିର୍ବାହୀ ଯନ୍ତ୍ରୀ ସୁବ୍ରତ ନାୟକ, ଉପ କୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ଅନୁଗୋଳ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସଙ୍କ ସମେତ ବିଭିନ୍ନ ଜଳସେଚନ ପ୍ରକଳ୍ପର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶିବ ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସହାୟତା ମିଳିବ କହି ନେଇଗଲେ ୨ ହଜାର

**ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସମ୍ପର୍କୀୟଙ୍କଠାରୁ ଲୁଟ୍**

ଅନୁଗୋଳ ଅଫିସ, ୩୧।୮

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଶନିବାର ଜଣେ ଦଲାଲ ୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ପାଲଲହଡା ବନ୍ଧାଭୂଇଁ ପଞ୍ଚାୟତ ସିଆରିଆ ଗ୍ରାମର ସିଙ୍ଗା ମୁଣ୍ଡା(୩୦) ଅସୁସ୍ଥ ଥିବାରୁ ତାଙ୍କୁ ଧରି ସ୍ତ୍ରୀ ଗୁରୁବାରୀ ମୁଣ୍ଡା ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମେଡିସିନ ୱାର୍ଡରେ ଭର୍ତ୍ତି କରାଇଥିଲେ। ସେଠାରେ ଜଣେ ଦଲାଲ ପହଞ୍ଚି ଉଭୟଙ୍କ ସହ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରିଥିଲେ। ଚିକିତ୍ସା ବାବଦକୁ ସରକାରୀ ସହାୟତା ରାଶି ଭାବେ ତାଙ୍କୁ ୧୨ ହଜାର ଟଙ୍କା ମିଳିପାରିବ ବୋଲି ଦଲାଲ ଜଣକ କହିଥିଲେ। ଏଥିସହ ଗୁରୁବାରୀଙ୍କୁ ଧରି ଦଲାଲ ଜଣକ ମେଡିକାଲ ବାହାରକୁ ଯାଇଥିଲେ। କିଛି ବାଟ ଗଲାପରେ ଗୁରୁବାରୀଙ୍କୁ ଅଭିଯୁକ୍ତ ୫ ଶହ ଟଙ୍କା ମାଗିଥିଲେ। ଟଙ୍କା ଦେଲେ ହିଁ ସରକାରୀ ସହାୟତା ମିଳିବ ବୋଲି ସେ କହିଥିଲେ। ହେଲେ ପାଖରେ ଟଙ୍କା ନ ଥିବା ଗୁରୁବାରୀ କହିବା ପରେ ତାଙ୍କୁ ସେଠାରେ ଛାଡି ଦଲାଲ ଜଣକ ସିଙ୍ଗାଙ୍କ ନିକଟରୁ ୨ ହଜାର ଟଙ୍କା ଆଣି ଫେରାର ହୋଇଯାଇଥିଲେ। ସେଠାରେ କିଛି ସମୟ ଅପେକ୍ଷା କରି ଗୁରୁବାରୀ ଡାକ୍ତରଖାନା ଫେରିବା ପରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅନୁଗୋଳ ଥାନାରେ ସେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋୟୀ କହିଛନ୍ତି, ଘଟଣା ସମ୍ପର୍କରେ ଜଣାନାହିଁ। ଏକ ଗଣ୍ଡଗୋଳକୁ ନେଇ ଥାନା ବାହାରେ ଅଛି। ଫେରିଲା ପରେ ଏହାର ଅନୁଧ୍ୟାନ କରାଯିବ।

# ଟେଲିଫୋନ ଅଦାଲତ

ଛେଣ୍ଡିପଦା,୩୧।୮(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ କୋଶଳାଠାରେ ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନଏଲ) କାର୍ଯ୍ୟାଳୟ ପରିସରରେ ଏକ ଟେଲିଫୋନ ଅଦାଲତ ଅନୁଗୋଳ ଟେଲିଫୋନ ବିଭାଗ ଏସଡିଓ(ଟି)ଇଂ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ଲ୍ୟାଣ୍ଡ ଲାଇନ ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ପୂର୍ବରୁ କୋଶଳା ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ଲ୍ୟାଣ୍ଡ ଟେଲିଫୋନ ଥିବାବେଳେ ବର୍ତ୍ତମାନ ଏହାସବୁ ବନ୍ଦ ହୋଇଯାଇଥିବା ଅଦାଲତରେ କୁହାଯାଇଥିଲା।


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

**NOTICE INVITING TENDER**

The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar, Bhubaneswar -751010 invites Tender in a sealed cover under percentage bid system, from licensed registered Civil Engineers / Contractors (Class of B & A) for construction of Common Facility Center (CFC) for Radhamadhaba Stone Art Private Limited (SPV) at Kurumada, Po : Khordha, Khordha District, Odisha.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 01.09.2019 | 21.09.2019 at 5 PM | 23.09.2019 at 11AM |
| Cost of Tender Paper : ₹ 10,000/- (Rupees ten thousand only) | | |

A complete set of the Bid documents containing the details of the terms and conditions may be downloaded from the website: www.iedodisha.nic.in and the same can be submitted along with cost of tender paper in shape of Bank Draft. Any corrigendum/ addendum/ information related to this NIT will only be uploaded in IEDO website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of construction without assigning any reason thereof.

Sd/-
Chief Executive Officer, IED Odisha, Bhubaneswar

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

**NOTICE INVITING TENDER**

The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar, Bhubaneswar -751010 invites Tender in a sealed cover under two bid system i.e. Technicial Bid & Price Bid from OEMs/Authorized distributors for "Supply, Installation, testing, commissioning and trial running of the machinery and equipment for Common Facility Center (CFC) for Maa Durgadevi Producer Company Ltd. (SPV) at Brundagadi, Athapada, Via - Udala, Mayurbhanj District, Odisha.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 01.09.2019 | 21.09.2019 at 5 PM | 23.09.2019 at 11AM |
| Cost of Tender Paper : ₹ 500/- (Rupees five hundred only) | | |

A complete set of the Bid documents containing the details of the terms and conditions may be downloaded from the website: www.iedodisha.nic.in and the same can be submitted along with cost of tender paper in shape of Bank Draft. Any corrigendum/ addendum/ information related to this NIT will only be uploaded in IEDO website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of construction without assigning any reason thereof.

Sd/-
Chief Executive Officer, IED Odisha, Bhubaneswar

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

**NOTICE INVITING TENDER**

The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar, Bhubaneswar -751010 invites Tender in a sealed cover under percentage bid system, from licensed registered Civil Engineers / Contractors (Class of B & A) for construction of Common Facility Center (CFC) for Jagabandhu Agarbati Private Limited (SPV) at Nentipur, Po : Sarasada, Via : Bhandaripokhari, Bhadrak District, Odisha.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 01.09.2019 | 21.09.2019 at 5 PM | 23.09.2019 at 11AM |
| Cost of Tender Paper : ₹ 6,000/- (Rupees six thousand only) | | |

A complete set of the Bid documents containing the details of the terms and conditions may be downloaded from the website: www.iedodisha.nic.in and the same can be submitted along with cost of tender paper in shape of Bank Draft. Any corrigendum/ addendum/ information related to this NIT will only be uploaded in IEDO website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of construction without assigning any reason thereof.

Sd/-
Chief Executive Officer, IED Odisha, Bhubaneswar



**GOVERNMENT COLLEGE OF ENGINEERING, KEONJHAR**
(A Constituent College of BPUT, Rourkela)
At : Jamunalia, P.O. : Old Town, Dist : Keonjhar, Pin : 758002(Odisha)
Tel.: 06766-213180 (O), Website : www.gcekjr.ac.in, Mail Id : principal@gcekjr.ac.in

No.GCEK/TEQIP-III/2019/344 Date : 31.08.2019

**TENDER CALL NOTICE**

Sealed Bids are invited from the Interested Firms / Authorised Dealers / OEMs for procurement of Equipment "Universal Testing Machine" for Mechanical Engineering Department in the institute through NCB (National Competitive Bidding) under TEQIP-III as per the guidelines of World Bank. For more details and the updated information about Tender Document, please visit our college official website **www.gcekjr.ac.in.** Tender Document has been uploaded on our college website. Last date of submission of bid for procurement packages is **01.10.2019.**

Sd/-
Principal



idco Your power to grow
ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER(CIVIL), IDCO, IDCO TOWER, BHUBANESWAR
Tender Call Notice No. HO/CIVIL/T&E-E-4318/04/2019/ 14941 Date: 29.08.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :-** Conversion of existing 11KV OH line to Under Ground Cabling from Gate No.9 to existing 4-Pole structure near Basket Ball Court to facilitate the construction of Proposed Weight Lifting Building and Tennis Court inside Kalinga Stadium, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Tower, Janpath, Bhubaneswar | Bid ID. No. CIVIL/ EST/09/2019-20 | 12.00 Hours of dt. 06.09.2019 | 17.00 Hours of dt. 21.09.2019 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil)
IDCO, Bhubaneswar



ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା : ୧୫୭୭ ତା.୨୯.୦୮.୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା **୪୧ ନଂ** ପାର୍କିଂ ସ୍ଥଳକୁ **ତା.୧୦/୦୯/୨୦୧୯ ଓ ୧୧/୦୯/୨୦୧୯ ରିଖ** ପୂର୍ବାହ୍ନ/ ଅପରାହ୍ନ **ଘ.୧୧.୦୦ ଟିକା** ସମୟରେ ସ୍ଲଟ ଅକ୍ସନ୍ କରାଯିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଜୋନ୍ କାର୍ଯ୍ୟାଳୟରେ ସ୍ଥିରିକୃତ କରାଯାଇଛି । ଯାହାର ସମସ୍ତ ବିବରଣୀ www.bmc.gov.in ରେ ଉପଲବ୍ଧ ।

ଏଣୁ ଯେଉଁ ଇଚ୍ଛୁକ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି , ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଲାମ ପ୍ରକ୍ରିୟାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଉପ ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



No. 28-V:

ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

**PRERANA**

ଏତଦଦ୍ୱାରା ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ୨୦୧୯-୨୦ ବର୍ଷ ନିମନ୍ତେ ନୂତନ ଭାବେ ମାଟ୍ରିକପର ଉଚ୍ଚଶିକ୍ଷା ନିମନ୍ତେ ନାମଲେଖାଇ ଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଏବଂ ଆର୍ଥିକ ସହାୟତା ଯୋଜନାରେ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟୟନ କରୁଥିବା କେବଳ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ online ଦରଖାସ୍ତ ପଞ୍ଜୀକରଣ କରିବା/ ଯାଞ୍ଚ/ ମଞ୍ଜୁରୀ ଇତ୍ୟାଦି ନିମ୍ନରେ ପ୍ରଦତ୍ତ ତାରିଖ ଅନୁଯାୟୀ ପ୍ରେରଣା ଇ-ସ୍କଲାରଶିପ ପୋର୍ଟାଲ ମାଧ୍ୟମରେ ସଂପୂର୍ଣ୍ଣ କରାଯିବ ।

(i) ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା

(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ର ରେ ଅନଗ୍ରସର ବର୍ଗ ର ଛାତ୍ରଛାତ୍ରୀମାନେ କ୍ଷେତ୍ରରେ ଓଡ଼ିଶାର ସ୍ଥାଇ ଅଧିବାସୀ ହୋଇଥିବେ

(ଖ) ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

(ଗ) ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

(ଘ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୫୦,୦୦୦/- (ଦେଢ ଲକ୍ଷ) ରୁ ଅଧିକ ହୋଇନଥିବ ଏବଂ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

(ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ (କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ- ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗଙ୍କୁ ବାଦ ଦେଇ) କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୦୦,୦୦୦/- (ଏକ ଲକ୍ଷ) ରୁ ଅଧିକ ହୋଇନଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

(ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ର ରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ର ରେ ଅନଗ୍ରସର ବର୍ଗଛାତ୍ରଛାତ୍ରୀଙ୍କୁ ବାଦ ଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

ପ୍ରେରଣାରେ ଅନଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ ନିର୍ଦ୍ଦେଶନାମା website: mpsc.mp.nic.in/scholarships ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

ଦରଖାସ୍ତ ପଞ୍ଜୀକରଣ/ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ | କାର୍ଯ୍ୟ କ୍ରମ | ରାଜ୍ୟ ରେ ପଢୁଥିବା ଛାତ୍ରଛାତ୍ରୀ | ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ |
|---|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପ୍ରେରଣା ପୋର୍ଟାଲର ଖୋଲିବା ତାରିଖ | ୦୪.୦୯.୨୦୧୯ | ୦୪.୦୯.୨୦୧୯ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୧.୧୦.୨୦୧୯ | ୩୧.୧୦.୨୦୧୯ |
| ୩ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରେରଣା ପୋର୍ଟାଲରେ ଆବେଦନ ଦରଖାସ୍ତର ନକଲରେ ସ୍ୱାକ୍ଷର କରାଯାଇ ସମସ୍ତ ଦରକାରୀ ପ୍ରମାଣପତ୍ର ସହ ଅନୁଷ୍ଠାନରେ ଦାଖଲ କରିବାର ଶେଷ ତାରିଖ | ୧୫.୧୧.୨୦୧୯ | ୩୦.୧୧.୨୦୧୯ |
| ୪ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୫.୧୨.୨୦୧୯ | ୩୦.୧୨.୨୦୧୯ |
| ୫ | ଅନୁଷ୍ଠାନମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର hard copy ସମ୍ପୃକ୍ତ ଜିଲ୍ଲା ଅଧିକାରୀମାନଙ୍କୁ ପଠାଇବାର ଶେଷ ତାରିଖ | ୩୦.୧୧.୨୦୧୯ | ୧୫.୧୨.୨୦୧୯ |
| ୬ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୧୨.୨୦୧୯ | ୧୦.୦୧.୨୦୨୦ |

*ବିଶେଷଦ୍ରଷ୍ଟବ୍ୟ:- (i) ଚଳିତ ବର୍ଷରୁ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିତ୍ୟାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ box ରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ । ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବର ଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ (Ref:Dept Notification No:10744 dt26.06.2019)*

*(ii) ଆବେଦନକାରୀ ମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର,IFSC Code, ଶାଖା ନାମ ଇତ୍ୟାଦି ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉକ୍ତ ଦାୟୀ ରହିବେ ।*

**ଜରୁରୀ ସୂଚନା (ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ):**

ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ ଯେ ସେମାନେ ଅନଲାଇନ ପ୍ରେରଣା ପୋର୍ଟାଲ ରେ ଦିଆଯାଇଥିବା "OUTSIDE STATE APPLICATION" tab ରେ ଆଧାର ନମ୍ବର ଦେଇ ନିଜକୁ ପଞ୍ଜୀକୃତ କରିବେ। ଦରଖାସ୍ତ ପଞ୍ଜିକରଣ ସମୟରେ ନିଜର ଚାଲୁଥିବା ମୋବାଇଲ ନମ୍ବର ପ୍ରଦାନ କରିବେ। ପ୍ରଦତ୍ତ ମୋବାଇଲରେ ଯାଇଥିବା Unique User ID and Password ରେ login କରି ମଗାଯାଇଥିବା ସୂଚନା ଦେଇ Final Locking କରିବେ। ତାପରେ ଦରଖାସ୍ତର ନକଲରେ ସ୍ୱାକ୍ଷରକରୀ ସମସ୍ତ ଦରକାରୀ ପ୍ରମାଣପତ୍ର ସହ ସମ୍ପୃକ୍ତ ଅନୁଷ୍ଠାନ ଜରିଆରେ ନିଜର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଫିସ ଏଡ୍ରେସ କୁ ଉପୋରକ୍ତ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପୋଷ୍ଟ କରିବେ।

ରାଜ୍ୟରେ ଏବଂ ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀ ମାନେ ପଞ୍ଜୀକରଣ/ନବୀକରଣ କରିବା ସମୟରେ ନିମ୍ନଲିଖିତ ନିର୍ଦ୍ଦେଶବଳୀ ଅନୁସରଣ କରିବେ:

** ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କି ସେମାନେ ପ୍ରେରଣା Home Page ରେ "Bank Accounts related advisory" ଏବଂ "Important Notice" ସୂଚନାକୁ ଭଲଭାବେ ପଢି ଦରଖାସ୍ତ ପଞ୍ଜିକରଣ କରିବେ।

**ଆବେଦନକାରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କୁ ଅନୁରୋଧ, ସେମାନେ ସ୍ୱୀକୃତ ଦରଖାସ୍ତ ନକଲ ପଠାଇବାର ଶେଷ ତାରିଖ କୁ ଅପେକ୍ଷା ନ କରି ପଞ୍ଜୀକରଣ ଓ ଦରଖାସ୍ତ ଗ୍ରହଣର ୭ ଦିନ ମଧ ରେ ଯଥାକ୍ରମେ ନିଜର ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ hardcopy ଦାଖଲ କରିବେ।

**ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବ ବର୍ଷ ପଞ୍ଜୀକରଣ କରିବାକୁ ଅସମର୍ଥ ଥିଲେ, ସେମାନେ ଏଇ ବର୍ଷ ସେହି ବର୍ଷ ମାନଙ୍କ ପାଇଁ ନୂତନ ରୂପେ ପଞ୍ଜୀକରଣ କରିପାରିବେ।

** PRERANA Portal ରେ upload କରାଯାଇଥିବା ବାର୍ଷିକ ଆୟ ପ୍ରମାଣପତ୍ରରେ ଦର୍ଶା ଯାଇଥିବା ସଠିକ ଆୟର ପରିମାଣ ଆବେଦନ କରିବା ସମୟରେ ପ୍ରଦାନ କରିବାକୁ ହେବ । ଯଦି ଶିକ୍ଷାନୁଷ୍ଠାନ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରିବା ସମୟରେ ଯଦି ଏହି ଆୟର ପରିମାଣ upload କରାଯାଇଥିବା ଆୟ ପ୍ରମାଣପତ୍ର ସହ ତାଳମେଳ ନ ରହେ ତେବେ ଛାତ୍ର/ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ହେବେ ।

** ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ PRERANA User ID ଓ Passwordକୁ ଗୁପ୍ତ ରଖିବେ । ଅନ୍ୟ କାହାରିକୁ ଏହି ଗୁପ୍ତ ତଥ୍ୟ ପ୍ରଘଟ ଦ୍ୱାରା ଯଦି ଛାତ୍ରବୃତ୍ତି ଟଙ୍କା ଅନ୍ୟ କାହାରିକୁ ପ୍ରଦାନ କରାଯାଏ କିମ୍ବା ଛାତ୍ର/ ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏଥିପାଇଁ ସେମାନେ ସଂପୂର୍ଣ୍ଣ ଦାୟୀ ରହିବେ ।

ଛାତ୍ରଛାତ୍ରୀମାନେ online ନୂତନ ଦରଖାସ୍ତ ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା e-Mail ID– prerana.grievance@gmail.com ରେ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି

26001/11/0007/1920

# ଅଭୁଲା ଗଣେଶ ପୂଜା

ଆସନ୍ତା କାଲି ଅଗ୍ରପୂଜ୍ୟ ଦେବତା ଶ୍ରୀଗଣେଶଙ୍କ ପୂଜା। ଯଦିଓ ଘରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ବିଭିନ୍ନ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ସବୁଠାରେ ବେଶ୍ ଆଡମ୍ବରରେ ପାଳନ ହେବ ହେଲେ ଛାତ୍ର ଜୀବନରେ ଏହି ପୂଜା କରିବାର ଖୁସି ସତରେ ନିଆରା। ଆଉ ଏହି ସମୟର କିଛି ଅଭୁଲା ଅନୁଭୂତିକୁ ନେଇ ଆଜିର ବିଶେଷ ଉପସ୍ଥାପନା...







## ନଡ଼ିଆ ଖାଇବା ନିଶାରେ ବିଗିଡ଼ିଗଲା ପ୍ଲାନିଂ

**– କମଳାକାନ୍ତ ଜେନା,** *ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ରେମୁଣା*



**ହା**ଇସ୍କୁଲରେ ମୁଁ ଦଶମ ଶ୍ରେଣୀରେ ପଢୁଥାଏ। ଗଣେଶ ପୂଜାରେ ସଜେଇବା ଦାୟିତ୍ୱ ଦଶମ ଶ୍ରେଣୀ ପିଲାଙ୍କର ଥାଏ। ଆମେ ୬ଜଣ ସାଙ୍ଗ ସେହି ଦାୟିତ୍ୱ ନେଲୁ। ପୂଜା ଆଗ ଦିନ ସନ୍ଧ୍ୟାରେ ସଜେଇବା ପାଇଁ ଯୋଜନା କଲୁ। ପ୍ଲାନ୍ ଥିଲା – ଫାଟକର ଦୁଇ ପାଖରେ ବଡ ବଡ ନଡିଆ ବାହୁଙ୍ଗା ବାନ୍ଧି ତୋରଣ କରିବା, ତୋରଣ ଭିତରେ ଚୁମ୍‌କିର ହାର ରହିବ, ଠାକୁର ଗୁମ୍ଫା ଭିତରେ ରହିବେ, ଛିଣ୍ଡା ଅଖାରେ ପାହାଡ ଓ ଗୁମ୍ଫା କରିବା, ରଙ୍ଗିନ୍ କାଗଜର ଝାଲେରି କାଟି ଗୁମ୍ଫାର ଦୁଆରକୁ ସଜେଇବା, ମଣ୍ଡପର ଉଭୟ ପାଖରେ ଝାଉଁ ଡାଳ ରହିବ, ପୂଜା ଦିନ ସକାଳେ ସୂତୁଲି ବାନ୍ଧି ସେଥିରେ ଆମ୍ବଡାଳ ଗୁଞ୍ଛିବା ଇତ୍ୟାଦି।

ପୂଜା ଆଗ ଦିନ ସବୁ ସାଙ୍ଗ ସଞ୍ଜ ବେଳକୁ ପହଞ୍ଚିଗଲୁ ସ୍କୁଲରେ। ତୋରଣ ପାଇଁ ଦରକାର ନଡିଆ ବାହୁଙ୍ଗା। ଯାହାକୁ କାଟିବା ଲାଗି ଜଣେ ସାଙ୍ଗ ଅନ୍ଧାରରେ ସ୍କୁଲ୍ ନଡିଆ ଗଛରେ ଚଢ଼ିଲା। କିନ୍ତୁ ବାହୁଙ୍ଗା କାଟିବା ବଦଳରେ ଦୁଇଟା ବଡ ବଡ ନଡିଆ ତୋଳି ତଳକୁ ପକେଇଲା। ସାର୍ ଜାଣିଲେ ଆମ ସମସ୍ତଙ୍କ ଉପରେ ମାଡ ବସିବା ଡରରେ ଆମେ ତାକୁ ମନା କଲୁ। ହେଲେ ସାର୍ ଖବର ପାଇବେ ନାହିଁ ବୋଲି ସେ ଆମକୁ ବୁଝେଇଦେଲା। ତା'ପରେ ବାହୁଙ୍ଗା ସହିତ ୮–୧୦ଟା ନଡିଆ ବି ତଳକୁ ପକେଇଲା। ଆମେ ସମସ୍ତେ ସଜେଇବା କଥା ଭୁଲି ନଡିଆ ଖାଇବାରେ ମାତିଲୁ। ସାଙ୍ଗସାଥୀମେଳରେ ଲୁଚି ଲୁଚି ନଡିଆ ତା' ପୁଣି ସ୍କୁଲ୍ ଗଛର ଖାଇବାରେ ଯେଉଁ ମଜା ତାହା ଅବର୍ଣ୍ଣନୀୟ। ନଡିଆ ଖାଇବା ପର୍ବ ସରିଲା ବେଳକୁ ରାତି ୮ଟା। ସେତେବେଳକୁ ସଜେଇବା କାମ ଆରମ୍ଭ ବି ହୋଇ ନ ଥାଏ। ତରବର ହୋଇ ରଙ୍ଗକାଗଜରୁ ଝାଲେରି କାଟିବା ଆରମ୍ଭ କଲୁ। କିନ୍ତୁ ସମୟ ଅଭାବରୁ ବେଶି କାଟିବା ସମ୍ଭବ ହେଲା ନାହିଁ। ଯୋଜନା ପାହାଡ ଓ ଗୁମ୍ଫା କରିବା ପାଇଁ ବି ସମୟ ନ ଥିଲା। ଶେଷରେ ଝାଉଁ ଡାଳ ଓ ରଙ୍ଗିନ୍ କାଗଜରେ କାମଚଳା ଡେକୋରେଶନ୍ କରିସାରିଲା ବେଳକୁ ରାତି ୧୦ଟା। ମନ ଦୁଃଖରେ ସମସ୍ତେ ଘରକୁ ଫେରିଲୁ। ପୁଣି ସକାଳୁ ସକାଳୁ ଯାଇ ଫାଟକରେ ତୋରଣ ବାନ୍ଧିଲୁ ଓ ସୂତୁଲି ବାନ୍ଧି ଆମ୍ବଡାଳ ଗୁଞ୍ଛିଦେଲୁ।

ଦିନ ୯ଟା ବେଳକୁ ସମସ୍ତେ ସ୍କୁଲକୁ ଆସିଲେ। ଆମେ ବି ନୂଆ ଡ୍ରେସ୍ ପିନ୍ଧି ସ୍କୁଲକୁ ଗଲୁ। ପୂଜା ଦାୟିତ୍ୱରେ ଥିବା ସାର୍ ଆମକୁ ଦେଖି ହସିଦେଲେ ଓ କହିଲେ, 'କଥା କ'ଣ ? ଛଅଟା ହିରୋ ସଜେଇବା ଦାୟିତ୍ୱ ନେଇଥିଲ। ତୁମ ପ୍ଲାନ୍ ଶୁଣି ଭାବିଥିଲି କିଛି ଗୋଟେ ସ୍ପେଶାଲ ହେବ ଏଥର, ହେଲେ କାହିଁ କିଛି ତ କଲନି। ସରସ୍ୱତୀ ପୂଜାକୁ ତ ନବମ ଶ୍ରେଣୀ ପିଲା ସଜାଇବେ, ତୁମେମାନେ ଲାଷ୍ଟ ଚାନ୍ସକୁ ବି ମିସ୍ କଲ।' ଏମିତି କହି ସାର୍ ଯେତେବେଳେ ହସିଦେଲେ ଲାଜରେ ଆମ ମୁଣ୍ଡ ତଳକୁ ହୋଇଗଲା। ମନେ ମନେ ଭାବୁଥିଲୁ, ଖାଲି ଯୋଜନା କରିଦେଲେ ହେବନି, ଠିକ୍ ସମୟରେ କାମଟା ନ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିବ। ସେବେଠୁ ପ୍ରତି ଗଣେଶ ପୂଜାରେ ସେ ଅନୁଭୂତି ଆଖି ଆଗରେ ନାଚିଉଠେ।

## ଯଦି ଗଣେଶ ନ ଥାନ୍ତେ...

***ଲକ୍ଷ୍ମୀ ଚାନ୍ଦ,** ଲେଖିକା*

**ଗ**ଣେଶଙ୍କୁ ଦେଖିଲେ ଆଜି ବି କୋହ ମୋହ ହୋଇଯାଏ। କ୍ଲାସ୍ ପରୀକ୍ଷା ସରିଥାଏ। ନୂଆ ଶ୍ରେଣୀର ପାଠ ଆରମ୍ଭ ହେଉଥିବାରୁ ପଢାର ବୋଝ ବି ଏତେ ନ ଥାଏ। ପାଖେଇ ଆସୁଥାଏ ଗଣେଶ ପୂଜା। ପୂଜା ଧୁମ୍‌ଧାମ୍‌ରେ ପାଳିବାକୁ ମନରେ ଉତ୍ସାହ ଭରି ରହିଥାଏ। ମୋର ସେତେବେଳକୁ ୫ମ ଶ୍ରେଣୀ। ସମସ୍ତେ ନିଜ ନିଜ ଘରୁ ଆଣିଥିବା ଶାଢିରେ ସ୍କୁଲ୍‌ରେ ପୂଜା ସ୍ଥାନ ସଜାହୁଏ। ପୂଜା ପୂର୍ବଦିନ କିଏ କିଏ ଶାଢି ଆଣିବେ ଯୋଜନା ହେଲା। ମା'କୁଆଡେ ବାହାରକୁ ଯାଇଥିବାରୁ ତରତର ହୋଇ କାହାକୁ ନ କହି ଟ୍ରଙ୍କ୍‌ରୁ ମ'ର ଏକ ସୁନ୍ଦର ଶାଢି ନେଇ ସ୍କୁଲରେ ହାଜର। ସାଙ୍ଗମାନେ ମିଶି ଖୁବ୍ ସୁନ୍ଦର ଭାବେ ଗଣେଶ ପୂଜା ପାଇଁ ସ୍କୁଲ ଘର ସଜାଇ ଚାଲିଆସିଲୁ। ମୁଁ ନେଇଥିବା ଶାଢିଟି ସବୁଠୁ ସୁନ୍ଦର ଥିବାରୁ ଏହାକୁ ମୁଖ୍ୟ ଅର୍ଥାତ୍ ଠିକ୍ ଗଣେଶ ମୂର୍ତ୍ତି ପଛପଟେ ସଜା ହୋଇଥିଲା। ପରଦିନ ସକାଳେ ପୂଜା ପାଇଁ ଭଲ ଭାବେ ସଜବାଜ ହୋଇ, ଭୋଗ ଧରି ସ୍କୁଲ୍‌ରେ ପହଞ୍ଚିଲା ବେଳକୁ ଜଣେ ସାଙ୍ଗ ଦୌଡି ଆସି କହିଲା– ଜାଣିଛୁ କାଲି ରାତିରେ ଆମେ ଯେଉଁ ଶାଢିଗୁଡିକରେ ପୂଜା ସ୍ଥାନ ସଜାଇଥିଲେ ସେଥିରୁ କେତେଟା ଶାଢି ମୂଷା କାଟି ଦେଇଛି। ତା' ଭିତରୁ ସବୁଠୁ ଅଧିକ କାଟିଛି ତୋ ଶାଢି। ତା'କୁ ଖୋଲି ରଖିଦିଆ ଯାଇଛି, ଫେରିବା ବେଳେ ସାଙ୍ଗରେ ନେଇଯିବୁ।



ମୋ ମୁଣ୍ଡରେ ଚଡକ ପଡିଗଲା। ମା'କୁ ନ କହି ଆଣିଥିଲି। ଏବେ କ'ଣ କରିବି। ଗଣେଶଙ୍କ ଆଗକୁ ଯାଇ ଲୁଚେଇ ଲୁଚେଇ ବହୁତ କାନ୍ଦିଲି ଆଉ ମନେ ମନେ ଅନେକ ଅଭିଯୋଗ ବି କଲି। ତୁମ ବାହାନକୁ ପଠାଇ ଶେଷରେ ମୋ ଶାଢିଟିକୁ କାଟିଦେଲ। ମୋ ମା'ର ଏଇଟା ସବୁଠୁ ପ୍ରିୟ ଶାଢି, ସେ କିପରି ରାଗି ତ ତୁମେ ଜାଣିଛ। ସବୁ କଥା ଜାଣିଲେ ସେ ମୋତେ ପିଟିବ। ଆଜି ମୁଁ ତୁମ ଭୋଗ ଖାଇବିନି କି ତୁମ ସହ କଥା ବି ହେବିନି। ଭାରି ମନସ୍ତାପରେ ଝର ଝର ଆଖି କରି ଶାଢିଟି ଧରି ଘରକୁ ଫେରିଲି। ମାଡ ଖାଇଲେ କେମିତି ସମ୍ଭାଳିବି ଭାବି ଭାବି ଘରେ ପାଦ ଦେଇଛି ତ ମା' ଦେଖା ହୋଇଗଲା। ଏତେ ଶୀଘ୍ର ପୂଜା ସରିଗଲା ? ଏ ଶାଢିଟି କାହିଁକି ଧରିଛୁ ? ଡର ଆଉ କୋହ ଚାପି କହିଲି ଗଣେଶ ପୂଜାରେ ସଜାଇବା ପାଇଁ ନେଇଥିଲି, ମାତ୍ର..। ମା' କହିଲା ଆଲୋ ଓଲି, ନେବା ପୂର୍ବରୁ ମତେ ଟିକେ ପଚାରିଲୁନି, ସେ ଶାଢିକୁ ପରା ମୂଷା କାଟି ଦେଇଥିଲା। ମା'ର ଏଇ ପଦଟା କାନରେ ବାଜିଲା ବେଳକୁ ଓଃ.... ମା' ହାତରେ ଶାଢି ଧରେଇ ଦେଇ ମୁଁ ଯାଇ ସ୍କୁଲ୍‌ରେ। ଲାଗୁଥିଲା ସତରେ ଗଣେଶ ଠାକୁର ମୋତେ ଆଜି ବଞ୍ଚେଇ ଦେଲେ।

## ପୁସ୍ତକ ପୂଜାରୁ ପୁସ୍ତକାଳୟ

**ଡା. ରମାରମଣ ଷଡ଼ଙ୍ଗୀ,** *ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ*

**ସ୍କୁ**ଲ ଓ କଲେଜ ବେଳରୁ ହିଁ ପ୍ରତ୍ୟେକ କାର୍ଯ୍ୟରେ ସର୍ବଦା ଆଗରେ ଥାଏ। ବିଶେଷ କରି ପୂଜା ସମୟରେ ମୂର୍ତ୍ତି କିଣାଠୁ ସାଜସଜ୍ଜା ଏବଂ ଭୋଜି ପର୍ଯ୍ୟନ୍ତ ସବୁ କିଛି ଆୟୋଜନର ଦାୟିତ୍ୱ ବି ନିଏ। ତେଣୁ ପୂଜା ଯେତେ ଯେତେ ପାଖେଇ ଆସେ ଉତ୍କଣ୍ଠା ସେତେ ସେତେ ବଢିଯାଏ। ପୂଜାଦିନ ନୂଆ ପ୍ୟାଣ୍ଟ–ଶାର୍ଟ ପିନ୍ଧି ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ ଉପବାସ ରହେ, ନଡ଼ିଆ ଓ ରାଶିଲଡୁ ଭୋଗ କରି ପ୍ରସାଦ ପାଏ ଏବଂ ପରୀକ୍ଷାରେ ଭଲ ମାର୍କ ରଖିବା ପାଇଁ ଗଣପତିଙ୍କୁ ପ୍ରଣତି ଜଣାଇ ବହି, ଖାତା, କଲମ ଆଦି ପୂଜା କରେ। ତେବେ ଏସବୁରେ ଯେତିକି ମଜା ଲାଗେ ତା'ଠୁ ଅଧିକ ଖୁସି ଲାଗେ ଫୁଟ୍‌ବଲ୍ ଖେଳ। ଯଦିଓ ପ୍ରତିଦିନ ସକାଳୁ ନିଜ ଫୁଟ୍‌ବଲରେ ପମ୍ପ ଦେଇ ସେଥିରେ ଖେଳେ, ହେଲେ ଗଣେଶ ପୂଜାରେ ଆୟୋଜିତ ଫୁଟବଲ୍ କମ୍ପିଟିଶନ୍‌ରେ ଖେଳିବାର ମଜା ନିଆରା। ନିଜେ ଜଣେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି, ହେଲେ ମୋ ଫୁଟ୍‌ବଲ୍‌ରେ ଖେଳି ଆଉ ୭ ଜଣ ରାଜ୍ୟସ୍ତରୀୟ ଖେଳାଳି ବାହାରିବା ମୋ ପାଇଁ ବଡ ଆନନ୍ଦର କଥା। ତେବେ ପାଠ ପଢା ସମୟରେ ଗଣେଶପୂଜାର ଏଭଳି ଅନେକ ଅନୁଭୂତି ତ ରହିଛି ହେଲେ କଲେଜରେ ପଢ଼ିବା ବେଳର ଏକ ସ୍ୱତନ୍ତ୍ର ଗଣେଶପୂଜା କଥା ମୋର ବିଶେଷ ଭାବରେ ମନେପଡୁଛି – କେନ୍ଦୁଝର କଲେଜରେ ପଢ଼ିବା ବେଳେ କଲେଜର ଜେନେରାଲ ସେକ୍ରେଟାରି ଥିଲି। ସ୍କୁଲ୍ ବେଳୁ ନିଜର ଏକ ଲାଇବ୍ରେରି କରିବାର ଲକ୍ଷ୍ୟ ମନ ଭିତରେ ଥିଲା। ଯାହାକୁ ସଫଳ କରିବା ପାଇଁ ଜୋର୍ ଲାଗିପଡ଼ିଥିଲି। ହରକ୍ୟୁଲେସ୍ ଚଳଚ୍ଚିତ୍ରଟି ଆଣି କେନ୍ଦୁଝରର 'ତାରିଣୀ ଛବିଘର' ସିନେମା ହଲ୍‌ରେ ପ୍ରଦର୍ଶିତ କରାଇଲି। ଏହାକୁ ବହୁ କଷ୍ଟରେ ଆମୋଦ କର ମୁକ୍ତ କରାଇଥିଲି ଏବଂ କେବଳ ଟିକେଟ୍‌ରୁ ସଂଗୃହୀତ ଅର୍ଥରେ କେତେ ଗୁଡ଼ିଏ ବହି କିଣିଲି। ଆଉ ସବୁଠୁ ଖୁସିର କଥା ହେଉଛି ଠିକ୍ ଗଣେଶ ପୂଜା ଦିନ ହିଁ ସେ ସବୁ ବହି ରଖି ନିଜ ଲାଇବ୍ରେରିର ଶୁଭ ଉନ୍ମୋଚନ ଓ ଅୟମାରମ୍ଭ କରିଥିଲି। ଯାହା ଅନେକ ଦିନ ଯାଏ ଛାତ୍ରୀଛାତ୍ରଙ୍କୁ ଜ୍ଞାନର ଆଲୋକ ବିତରଣ କରିଥିଲା। ଗଣେଶ ପୂଜାରେ ହିଁ ମୋ ଛାତ୍ର ଜୀବନର ଏକ ସ୍ୱପ୍ନ ସାକାର ହୋଇଥିବାରୁ ମୋ ମନ ଭାରି ଖୁସି ହୋଇଥିଲା।



**– ପୌର୍ଣ୍ଣମାସୀ**

---

କଲେଜ ଖଟି

# ଭାଇରାଲ୍ ଭିଡିଓକୁ ନେଇ ଚର୍ଚ୍ଚା ଜୋର

ଏମିତିରେ ତ ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା ହୁଏ, ହେଲେ ସୋସିଆଲ୍ ମିଡିଆରେ ଯେଉଁ ସମୟରେ ଯାହା ଭାଇରାଲ୍ ହୁଏ ତାକୁ ନେଇ ଅଧିକ ଚର୍ଚ୍ଚା ହୁଏ...

ମେଘୁଆ ପାଗ। ସୁଲୁସୁଲିଆ ବାଆ। ତା' ଭିତରେ କେତେବେଳେ ଶୁଭୁଥାଏ ଅନେକଙ୍କ କଥାବାର୍ତ୍ତାର ସ୍ୱର ତ କେବେ ଖେଳିଯାଉଥାଏ ହସର ଲହରି। ଆଉ ଏସବୁ ଭିତରେ ସବୁଠୁ ଅଧିକ ଶୁଭୁଥାଏ ଗୋଟିଏ ନାଁ। ତାହା ହେଉଛି ରାନୁ ମଣ୍ଡଳ। କିଏ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ପ୍ଲାଟ୍‌ଫର୍ମରେ ଗାଉଥିବା ତାଙ୍କ ଭିଡିଓ ବିଷୟରେ ଚର୍ଚ୍ଚା କରୁଥିଲେ ତ ଆଉ କିଏ ତାଙ୍କ ବଲିଉଡ୍ ଏଣ୍ଟ୍ରିକୁ ନେଇ ପ୍ରଶଂସା କରୁଥିଲେ। ପୁଣି କାହା ମୋବାଇଲ୍‌ରେ ବି ରିଙ୍ଗ୍‌ଟୋନ୍‌ରେ ବାଜି ଉଠୁଥିଲା ତାଙ୍କରି ଗୀତ। ପୁଣି ମୋଦି ସରକାରଙ୍କ ନୂଆ ନୂଆ ପଦକ୍ଷେପରେ ଜନସାଧାରଣ କେତେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବି କଥା ପଡିଥିଲା। ଏହା ବ୍ୟତୀତ ପାଠ ପଢାଠୁ ଆରମ୍ଭ କରି ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା ଜୋର ଧରିଥିଲା। ଏହା ଥିଲା ପୁରୀ ଜିଲା, ଗୋପ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ବର୍ଷର କେତେଜଣ ଛାତ୍ରୀଙ୍କ ମଧ୍ୟରେ ଚାଲିଥିବା ଖଟିର ଦୃଶ୍ୟ। ଶେଫାଳି ପ୍ରିୟଦର୍ଶିନୀ ଜେନା କୁହନ୍ତି, ଏହିପରି ପ୍ରତିଦିନ କ୍ଲାସ୍ ସରିବା ପରେ କ୍ୟାମ୍ପସ୍ ଭିତରେ ଆମେ ଏକାଠି ହେଉ। ଆଉ ତା'ପରେ ଆରମ୍ଭ ହୋଇଯାଏ ଖଟି। ଏମିତିରେ ତ ଆମେ ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା କରୁ ହେଲେ ସୋସିଆଲ୍ ମିଡିଆରେ ଯେଉଁ ସମୟରେ ଯାହା ଭାଇରାଲ୍ ହୁଏ ତାକୁ ନେଇ ଅଧିକ ଚର୍ଚ୍ଚା ହୁଏ ବୋଲି କୁହନ୍ତି ଲକ୍ଷ୍ମୀପ୍ରିୟା ବେହେରା। ତେବେ ଝିଅମାନେ ଏକାଠି ହେଲେ ଫ୍ୟାଶନ୍ ଆଉ ସୌନ୍ଦର୍ଯ୍ୟକୁ ନେଇ ଚର୍ଚ୍ଚା ନ ହେଲେ ଖଟିର ଚାର୍ମ ଅଧୁରା ବୋଲି ପ୍ରକାଶ କରନ୍ତି ଜ୍ୟୋତିର୍ମୟୀ ମହାରଣା। ଆଗକୁ ଗଣେଶ ପୂଜା ଥିବାରୁ କିଏ କିଭଳି ନୂଆ ଡ୍ରେସ୍ କିଣିଛି, ତା' ସହ ମ୍ୟାଚିଂ ଆସେସରିଜ୍ କ'ଣ ପିନ୍ଧିବ, ମାର୍କେଟ୍‌ରେ ହେଉ ଅବା ଅନ୍‌ଲାଇନ୍ ଶପିଂ ସାଇଟ୍ ଗୁଡିକରେ ନୂଆ ଟ୍ରେଣ୍ଡ କ'ଣ ଚାଲିଛି ଏବଂ ରାଖୀପୂର୍ଣ୍ଣିମାରେ କାହାକୁ କ'ଣ ଉପହାର ମିଳିଥିଲା ଏସବୁକୁ ନେଇ ଗପିବାରେ ମସଗୁଲ୍ ଥା'ନ୍ତି ସୁଶ୍ରୀ ଦେବସ୍ମିତା ଏବଂ ପୂଜା ଦାସ। ଖରାଛୁଟି ପରେ ଅଳ୍ପଦିନ ହେବ ଆମେ ଦେଖା ହୋଇଥିବା ସହ ବର୍ତ୍ତମାନ ପାଠ ପଢା ଟେନ୍‌ସନ୍ ବି ସେତେ ବେଶି ନ ଥିବାରୁ ଆମ ଖଟି ଅଧିକ ମଜା ଲାଗୁଥିବା ମତ ଦିଅନ୍ତି ସୁଶ୍ରୀ ସୁନୀତା ବିଶ୍ୱାଳ। ହେଲେ ଖଟିର ଟପିକ୍ ଯାହା ଥାଉନା କାହିଁକି ଏକାଠି ସାଙ୍ଗମାନଙ୍କ ଜନ୍ମଦିନ ପାଳିବା, ଜବରଦସ୍ତ ଟ୍ରିଟ୍ ମାଗିବା, କେବେ କେବେ କିଛି ଚଟ୍‌ପଟା ଖାଇବା ଏବଂ କଲେଜ୍ ଗେଟ୍ ବାହାରେ ଏକାଠି ଗୁପ୍‌ଚୁପ୍ ଖାଇବା ଖଟିର ମଜାକୁ ଦ୍ୱିଗୁଣିତ କରିଦିଏ ବୋଲି ପ୍ରକାଶ କରନ୍ତି ଗାୟତ୍ରୀ ସ୍ୱାଇଁ ଏବଂ ଅର୍ପିତା ବେହେରା।



ଗୋପ ମହାବିଦ୍ୟାଳୟରେ ଛାତ୍ରୀମାନେ ଖଟିରେ ମସଗୁଲ୍।

---

## ଏ ସପ୍ତାହର ପ୍ରଶ୍ନ

୧– ୭ମ 'କମ୍ୟୁନିଟି ରେଡିଓ ସମ୍ମିଳନୀ'........ ସହରରେ ଆୟୋଜିତ ହୋଇଯାଇଛି ?
୨– ଭାରତର ପ୍ରଥମ ମହିଳା ଫ୍ଲାଇଟ୍ କମାଣ୍ଡର.......... ?
୩– ନ୍ୟାଶନାଲ୍ ଡିଜିଟାଲ୍ ଲାଇବ୍ରେରି ଅଫ୍ ଇଣ୍ଡିଆ........ ମନ୍ତ୍ରଣାଳୟ ଦ୍ୱାରା ପ୍ରାରମ୍ଭ କରାଯାଇଛି ?
୪– ଭାରତର ପ୍ରଥମ ମକା ଉତ୍ସବ.......... ଠାରେ ପାଳିତ ହୋଇଯାଇଛି ?
୫– .............ମସିହାରେ ପ୍ରଥମେ ଭାରତୀୟ ରେଳରେ ଟଏଲେଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଚାଇନା
୨ ପ୍ରଧାନମନ୍ତ୍ରୀ ଲଘୁ ବ୍ୟାପାର ମନ୍ ଧନ୍ ସ୍କିମ୍
୩ ଭାରତ
୪ ଲକ୍ଷ୍ନୌ
୫ ଲମ୍ଧା

## ଉତ୍ତର ଦାତା



ଶ୍ରୀନିବାସ ସାହୁ, ଖୋର୍ଦ୍ଧା



ଶେଖ୍ ୟାକୁବ୍, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଶକ୍ତିଶାଳୀ ରାଜନେତା–୨୦୧୯

| | |
|---|---|
| ୧. ଡୋନାଲ୍ଡ ଟ୍ରମ୍ପ | ଆମେରିକା |
| ୨. ଜି ଜିନ୍‌ପିଙ୍ଗ | ଚାଇନା |
| ୩. ଭ୍ଲାଡିମିର୍ ପୁଟିନ୍ | ରୁଷିଆ |
| ୪. ଆଞ୍ଜେଲା ମର୍କେଲ୍ | ଜର୍ମାନୀ |
| ୫. ନରେନ୍ଦ୍ର ମୋଦି | ଭାରତ |
| ୬. ମହମ୍ମଦ ବିନ୍ ସଲମାନ୍ | ସୌଦି ଆରବ |
| ୭. ଏମାନୁଏଲ୍ ମାର୍କନ୍ | ଫ୍ରାନ୍ସ |
| ୮. ଶିଞ୍ଜୋ ଆବେ | ଜାପାନ |
| ୯. ଥେରେସା ମେ | ଲଣ୍ଡନ |
| ୧୦. ବେଞ୍ଜାମିନ୍ ନେତନ୍ୟାହୁ | ଇସ୍ରାଏଲ୍ |



ଡୋନାଲ୍ଡ ଟ୍ରମ୍ପ

ଯୁଥ ଫ୍ୟାଶନ

# ମେସେଜ୍ ଟି-ଶାର୍ଟ

ଯୁବପିଢ଼ି ସର୍ବଦା ଫ୍ୟାଶନ ପ୍ରିୟ। ଆଉ ଏମିତିରେ ସେମାନେ ବେଶ୍ ଗୁରୁତ୍ୱ ଦେଇଥାନ୍ତି ଲାଟେଷ୍ଟ ଟ୍ରେଣ୍ଡ ଉପରେ। ଠିକ୍ ଯେମିତି ବିଭିନ୍ନ ମେସେଜ୍ ପ୍ରିଣ୍ଟ ଥିବା ଟି–ଶାର୍ଟ ପାଲଟିଛି ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ...


**ଲଭ୍ ଏବଂ ଫ୍ଲର୍ଟ ମେସେଜ୍ ଟି–ଶାର୍ଟ:** ବର୍ତ୍ତମାନ ବିଭିନ୍ନ ଲଭ୍ କୋଟ୍, ମେସେଜ୍, ସାଏରି ଆଦି ପ୍ରିଣ୍ଟ ହୋଇଥିବା ଟି–ଶାର୍ଟର ଡିମାଣ୍ଡ ବଢୁଛି। ବିଶେଷ କରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ନିଜର ପ୍ରିୟ ମଣିଷ ପାଖରେ ମନର ଅକୁହା କଥା ପହଞ୍ଚାଇବା ଲାଗି ବର୍ତ୍ତମାନ ଯୁବପିଢ଼ିଙ୍କ ଲାଗି ଏକ ଭଲ ମାଧ୍ୟମ ସାଜିଛି।

**ଫନି ମେସେଜ୍ ଟି–ଶାର୍ଟ:** ନିଜେ ହସିବା ସହ ଅନ୍ୟମାନଙ୍କୁ ହସାଇବା ଲାଗି ବିଭିନ୍ନ ପ୍ରକାର ମଜା କଥା ବା ଫନି କୋଟ୍ ସହିତ କାର୍ଟୁନ୍ କିମ୍ବା ଇମୋଜି ଥିବା ଟି–ଶାର୍ଟ ପିନ୍ଧିବାକୁ ବର୍ତ୍ତମାନ ଅଧିକାଂଶ ଯୁବପିଢି ବେଶ୍ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।

**ଆୱାରନେସ୍ ମେସେଜ୍ ଟି–ଶାର୍ଟ:** ସ୍ୱାସ୍ଥ୍ୟ ସଚେତନତା ଠାରୁ ପରିବେଶ ସୁରକ୍ଷା, ଜଙ୍ଗଲ ରକ୍ଷା, ପଶୁ ସମ୍ପଦ ସୁରକ୍ଷା ଭଳି ବିଭିନ୍ନ ପ୍ରକାର ସଚେତନତାମୂଳକ ସାମାଜିକ ବାର୍ତ୍ତା ଥିବା ଟି– ଶାର୍ଟ ଜରିଆରେ ସମସ୍ତଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ଅଧିକାଂଶ ଯୁବପିଢି ଏଭଳି ଟି–ଶାର୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ସ୍ଲୋଗାନ୍ ଟି–ଶାର୍ଟ:** ବିଭିନ୍ନ ସ୍ଲୋଗାନଗୁଡିକ ମଧ୍ୟ ବର୍ତ୍ତମାନ ଟି–ଶାର୍ଟରେ ପ୍ରିଣ୍ଟ ହୋଇ ଆସୁଥିବାର ଦେଖିବାକୁ ମିଳୁଛି। ତେବେ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡିକରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଖରେ ସାମାଜିକ ବାର୍ତ୍ତା ପହଞ୍ଚାଇବା ଲାଗି ଏଭଳି ମେସେଜ୍ ଟି–ଶାର୍ଟ ସାମୂହିକ ଭାବେ ସମସ୍ତେ ପିନ୍ଧୁଥିବାର ଦେଖିବାକୁ ମିଳୁଛି।

**ଇନ୍ସପିରେଶ୍‌ନାଲ ଏବଂ ମୋଟିଭେଶ୍‌ନାଲ ମେସେଜ୍ ଟି–ଶାର୍ଟ:** ବର୍ତ୍ତମାନ ବିଭିନ୍ନ ପ୍ରେରଣାଦାୟକ ବର୍ତ୍ତାଥିବା ଟି–ଶାର୍ଟର ଡିମାଣ୍ଡ ଅନ୍ୟ ମେସେଜ୍ ଟି–ଶାର୍ଟଗୁଡିକ ତୁଳନାରେ ସର୍ବାଧିକ। ଏହାକୁ ଯୁବପିଢ଼ିଙ୍କ ସମେତ ପ୍ରତ୍ୟେକ ବୟସର ଲୋକେ ପସନ୍ଦ କରୁଛନ୍ତି।



## ସଂକ୍ଷେପରେ

### ହାତୀ ଆକ୍ରମଣରେ ଗୁରୁତରଙ୍କ ମୃତ୍ୟୁ

ବନ୍ତଲା,୩୧।୮(ଡି.ଏନ.ଏ.)- ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଗଡ଼ ତରାସ ଗ୍ରାମରେ ଗତ ୨୨ ତାରିଖ ସକାଳେ ହାତୀ ଆକ୍ରମଣରେ ଗ୍ରାମର ଭୀମ ପ୍ରଧାନ(୬୮)ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବନବିଭାଗ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୀମଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବିଭିନ୍ନ ବିଦ୍ୟାଳୟରେ ପୋଷାକ ବଣ୍ଟନ



ବଇଣ୍ଡା,୩୧।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ରଣିଆକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀର କିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅନିତା ଦାସ ଯୋଗଦେଇ ୨୭୯ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆରସିସି ତ୍ରିଲୋଚନ ବେହେରା, କମିଟିର ସଭାପତି ପ୍ରଦୀପ ବିଶ୍ୱାଳ ସହ ମାତୃମଣ୍ଡଳୀ, କମିଟିର ସଭାପତି ପ୍ରଦୀପ ବିଶ୍ୱାଳ, ଅଭିଭାବକ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। ସେହିପରି ତୁରୁଡା ଉ.ପ୍ରା ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇଛି। ପ୍ରଧାନଶିକ୍ଷକ ଭଗବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଲିଜାନିନ ସାହୁ ଯୋଗଦେଇ ୨୬୦ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସଭାପତି ପଦ୍ମଲୋଚନ ସାହୁ, ମଣ୍ଟୁ ନାୟକ, ବୀରେନ୍ଦ୍ର ବାଘ ଯୋଗ ଦେଇଥିଲେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୩୧।୮(ଡି.ଏନ.ଏ.)- କିଶୋରନଗର ଥାନା ଖଣ୍ଡହତା ଗ୍ରାମର ମହିଳା ରୋଜାଲିନ ମହାନନ୍ଦିଆଙ୍କୁ ସେହି ଗ୍ରାମର ମଞ୍ଜୁଳା ଦେହୁରି ଓ ବେଦାମତି ହଂସ ଆକ୍ରମଣ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୧୦୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ସେମାନଙ୍କ ମଧ୍ୟରେ ଟଙ୍କା ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ରୋଜାଲିନଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### କମ୍ପାନୀରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବି

ତାଳଚେର, ୩୧।୮(ନି.ପ୍ର.)- ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ଖଣି କ୍ଷତିଗ୍ରସ୍ତ, ବେକାର ଯୁବତୀ, ଯବକମାନଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଗ୍ରାମର ସମସ୍ତ ଚାଷଜମି, ବାସଗୃହ, ଜଙ୍ଗଲ, ପୋଖରୀ ଆଦି ବଳରାମ ଖଣି ପାଇଁ ଅଧିଗ୍ରହଣ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ ବହୁ କ୍ଷତିଗ୍ରସ୍ତ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଆସନ୍ତା ସେପ୍ଟେମ୍ବର ୭ ସୁଦ୍ଧା ବେକାରୀ ଦୂରୀକରଣ ନିମନ୍ତେ ପ୍ରଶାସନ, ଖଣି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଲେ ସେପ୍ଟେମ୍ବର ୯ ଠାରୁ ବଳରାମ କୋଇଲା ଖଣିର ସମସ୍ତ କାର୍ଯ୍ୟ ବନ୍ଦ କରାଯିବ ବୋଲି ପପୁ ସାହୁ, ସିଲୁ ବିଷୋଇଙ୍କ ସମେତ ଗ୍ରାମର ଅନ୍ୟ ଯୁବକମାନେ ଚେତାବନୀ ଦେଇଛନ୍ତି।

■କଟକ ଯିବାକୁ ଆଠମଲ୍ଲିକବାସୀ ହନ୍ତସନ୍ତ

# ୩ ଦିନ ହେଲା ଆସୁନି 'କୃଷ୍ଣପ୍ରିୟା'

ଆଠମଲ୍ଲିକ,୩୧।୮(ଡି.ଏନ.ଏ.)



ଅନୁଗୋଳ ଜିଲା ଆଠମଲ୍ଲିକ ସହରଠାରୁ କଟକ ଯିବାକୁ ୩ ଦିନ ହେଲା ଅସୁବିଧା ଭୋଗୁଛନ୍ତି ଲୋକେ। ଦୀର୍ଘଦିନରୁ ଆଠମଲ୍ଲିକ ଉପାନ୍ତ ଅଞ୍ଚଳରୁ ଯାତାୟାତ କରୁଥିବା 'କୃଷ୍ଣପ୍ରିୟା' ନାମକ ଏକ ଘରୋଇ ବସ୍ ଆଠମଲ୍ଲିକକୁ ଆସୁ ନ ଥିବାରୁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ଏହାକୁ ନେଇ ଅସନ୍ତୁଷ୍ଟ ଆଠମଲ୍ଲିକବାସୀ ଶନିବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ କରିବା ସହ ଆଠମଲ୍ଲିକରୁ ଅନୁଗୋଳ ଯାତାୟାତ କରୁଥିବା ସମସ୍ତ ବସ ସେବାକୁ ବନ୍ଦ କରିଥିଲେ। ଏଥିସହ ଏ ସଂକ୍ରାନ୍ତରେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଆଠମଲ୍ଲିକ ସଦର ମହକୁମାରୁ ପ୍ରାୟ ୨୫ଟି ବସ୍ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବାବେଳେ ସେଠାରୁ କଟକ ଯିବା ପାଇଁ ମାତ୍ର ୨ଟି ବସ୍ ଚାଲୁଛି। ସେହି ଦୁଇଟି ବସ୍ ମଧ୍ୟରୁ 'କୃଷ୍ଣପ୍ରିୟା' ବସ୍ ଦୀର୍ଘ ୪୦ ବର୍ଷ ହେଲା କଟକ ଯାଉଥିବାରୁ ବହୁ ଲୋକଙ୍କ ସହ ସିଧାସଳଖ ଭାବେ ପରିଚିତ ରହିଛି। ଏହି ବସ୍ ସକାଳ ୬ଟାରୁ ଆଠମଲ୍ଲିକରୁ କଟକ ଯାଇଥାଏ। ଫଳରେ କଟକ ଡାକ୍ତରଖାନା ସହ ହାଇକୋର୍ଟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଲୋକେ ଏହି ବସ୍‌କୁ ବାଛିଥାନ୍ତି। ଏଥିସହ ଅନେକ ଲୋକ ଏହି ବସ୍ ଯୋଗେ ବିଭିନ୍ନ ଜରୁରୀ ତଥା ମୂଲ୍ୟବାନ ସାମଗ୍ରୀ ମଧ୍ୟ ବିଶ୍ୱାସର ସହ କଟକ ଓ ଆଠମଲ୍ଲିକରୁ ପଠାଇଥାନ୍ତି। କିନ୍ତୁ ଏହି ବସ୍ ୩ ଦିନ ହେଲା ଆଠମଲ୍ଲିକ ନ ଆସି ଅନୁଗୋଳରେ ହିଁ ରହିଯାଉଛି। ଫଳରେ କଟକରୁ ଆସୁଥିବା ଲୋକେ ଅନ୍ୟ ବସ୍‌ରେ ଅନୁଗୋଳରୁ ଆଠମଲ୍ଲିକ ଫେରୁଛନ୍ତି। ଏଥିସହ ଆଠମଲ୍ଲିକରୁ କଟକ ଯିବାପାଇଁ ଓ ବିଭିନ୍ନ ସାମଗ୍ରୀ ନେବାଆଣିବା ପାଇଁ ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆଠମଲ୍ଲିକରୁ ଅନୁଗୋଳକୁ ଯାତାୟାତ କରୁଥିବା ସମସ୍ତ ବସ୍ ଚଳାଚଳକୁ ବନ୍ଦ କରିଦେଇଥିଲେ। ତେବେ ଅପରାହ୍ନରେ ବସ୍ ସେବା ସ୍ୱାଭାବିକ ହୋଇଥିବା ଜଣାପଡିଛି। ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ଆଠମଲ୍ଲିକକୁ ଆସିବାକୁ ଯାତ୍ରୀ ହେଉ ନ ଥିବାରୁ 'କୃଷ୍ଣପ୍ରିୟା' ଅନୁଗୋଳରେ ରହିଯାଉଥିବା ବସ୍ ମାଲିକଙ୍କ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଆଠମଲ୍ଲିକ ବାସୀ କଟକ ଯିବା ପାଇଁ ଅସୁବିଧା ଭୋଗୁଥିବା ଆଠମଲ୍ଲିକ ଓକିଲ ସଂଘ ପ୍ରକାଶ କରିଛି। ପୂର୍ବରୁ କଟକ ଯାଉଥିବା ୪ଟି ବସ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଏ ଦିଗରେ ପରିବହନ ବିଭାଗ, ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ଓକିଲ ସଂଘ ସଭାପତି ଦିନେଶ କୁମାର ସିଂ, ଉପସଭାପତି ଜିତେନ୍ଦ୍ର ମୁଖି ପ୍ରମୁଖ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଆଠମଲ୍ଲିକ ବସ୍ ସଂଘ ସଭାପତି ସଦାଶିବ ପ୍ରଧାନ କୁହନ୍ତି, କିଛି ଅସୁବିଧା ଯୋଗୁ ସାମୟିକ ଭାବେ କୃଷ୍ଣପ୍ରିୟା ବସ୍ ଚଳାଚଳ ବନ୍ଦ ରହିଥିଲା। ରବିବାରଠାରୁ ଏହା ସ୍ୱାଭାବିକ ହେବ। ତେବେ ଆଠମଲ୍ଲିକରୁ କଟକ ଯାତାୟାତ ପାଇଁ ରାଜ୍ୟ ସରକାର ବସ୍ ଚଳାଚଳର ସୁବିଧା କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଆରଟିଓ ଧନଞ୍ଜୟ ସେନାପତିଙ୍କୁ ପଚାରିବାରେ କହିଛନ୍ତି, ବସ୍ ଚଳାଚଳ ବନ୍ଦ ହେବା ଘଟଣା ବିଷୟରେ ଖବର ନାହିଁ। ଯଦି ଏହା ହୋଇଥାଏ ତେବେ ପରମିଟ୍ କାରଣ କିମ୍ବା ଅନ୍ୟ କେଉଁ ସମସ୍ୟା ଯୋଗୁ ଏପରି ଅସୁବିଧା ହୋଇଛି ତାହାର ଅନୁଧ୍ୟାନ କରିବି। ଏ ନେଇ ଟ୍ରାନ୍ସପୋର୍ଟ କମିଶନଙ୍କ ସହ ଆଲୋଚନା କରିବି। ସମାଧାନ ହୋଇ ନ ପାରିଲେ ବିକଳ୍ପ ବ୍ୟବସ୍ଥା କରାଯିବ।

## ଗୋଷ୍ଠୀ ସଂଘର୍ଷ, ମହିଳା ଆହତ



ଛେଣ୍ଡିପଦା,୩୧।୮(ସ୍ୱ.ପ୍ର)

ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ୨ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଜଣେ ମହିଳା ଆହତ ହୋଇଛନ୍ତି।

ଅଭିଯୋଗ ମୁତାବକ, ପାତ୍ରପଡା ବସ୍ ଷ୍ଟାଣ୍ଡ ଛକ ସାହିର ଦିଗାମ୍ବର ସାହୁ ୩୫ ବର୍ଷ ପୂର୍ବେ ସେହି ଗ୍ରାମର ମହର୍ଗା ସାହୁଙ୍କଠାରୁ ଏକ ଜମିକୁ କଣିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ଜମିକୁ ସେହି ଗ୍ରାମର ବଂଶୀଧର ବେହେରା କିଣିଥିବା କହି ଜମି ଚାରି ପାଖରେ ଇଟା କାନ୍ଥ ଦେଇଥିଲେ। ଏହାକୁ ନେଇ ବଂଶୀ ଓ ଦିଗାମ୍ବରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ୩ ଦିନ ତଳେ ସେହି ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଥିଲା। ଏହି ବିବାଦ କୋର୍ଟରେ ମାମଲାଧୀନ ଥିବା ଜଣାପଡିଛି। ତେବେ ଶନିବାର ଦିଗାମ୍ବରଙ୍କ ସ୍ତ୍ରୀ ତୁଳେଇ ଉକ୍ତ ଜମିକୁ ଯାଇଥିବାବେଳେ ବଂଶୀଧରଙ୍କ ପରିବାର ଲୋକ ସେଠାରେ ପହଞ୍ଚି ତାଙ୍କୁ ମାଡ଼ ମାରିଥିଲେ। ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ସେମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ଗ୍ରାମବାସୀ ତୁଳେଇଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅପରପକ୍ଷରେ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାକୁ ନେଇ ଗ୍ରାମବାସୀ ପୋଲିସକୁ ଘେରାଉ କରିଥିଲେ। ପୋଲିସ ଉପସ୍ଥିତିରେ ଗ୍ରାମବାସୀ ବଂଶୀ ଦେଇଥିବା କାନ୍ଥ ସହ ତାଙ୍କର ଏକ ଆଜ୍‌ବେଷ୍ଟସ୍ ଘରକୁ ଭାଙ୍ଗି ଦେଇଛନ୍ତି। ଅନୁଗୋଳ ଏସଡିପିଓ ଅଶ୍ୱିନୀ କୁମାର ସାହୁ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ନାଲକୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ କହିଛନ୍ତି, ମହିଳାଙ୍କୁ ମାଡ ମାରିଥିବା ବଂଶୀଧର ପରିବାରଙ୍କ ନାମରେ ମାମଲା ରୁଜୁ କରାଯିବ। ସେହିପରି ଗ୍ରାମବାସୀ ପାଚେରି ଓ ବଂଶୀଧରଙ୍କ ଘର ଆସବାବପତ୍ର ଭଙ୍ଗାରୁଜା ନେଇ ମାମଲା ରୁଜୁ କରାଯିବ ବୋଲି ପ୍ରକାଶ କରିଛନ୍ତି ।

■'ଆମ ପ୍ରତିଭା ଆମ ପରିଚୟ' ବାର୍ଷିକ ଉତ୍ସବ

# ୫୨ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ



ଉତ୍ସବରେ ଏମ୍‌ପିଙ୍କ ସମେତ ମଞ୍ଚାସୀନ ଅତିଥିମାନେ।

ପାଲଲହଡା,୩୧।୮(ଡି.ଏନ.ଏ.)

ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବଠାରେ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ପକ୍ଷରୁ ୨ୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଉପଖଣ୍ଡର ୫୨ ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସଭାପତି ତଥା ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ସମ୍ପାଦକ ସୁଶୀଲ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଣପତି ପ୍ରଧାନ, ଭୁପେନ କୁମାର ଆଚାର୍ଯ୍ୟ, ସୋମାଲିନ ପ୍ରିୟଦର୍ଶନୀ, ଶିବପ୍ରସାଦ ଦାସ, ସମୀର ଗଡନାୟକ, ରାଜୀବ ଲୋଚନ ବେହେରା, ରଞ୍ଜନ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସର୍ବଦା ଅଞ୍ଚଳର ପ୍ରତିଭାଙ୍କ ପାଇଁ ପାଲଲହଡା ନୂତନ ପରିଚୟ ପାଇ ଆସୁଛି। ଯେଉଁ ଅଞ୍ଚଳରେ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ ସେହି ଅଞ୍ଚଳର ସାମଗ୍ରିକ ବିକାଶରେ କେହି ବାଧା ସୃଷ୍ଟି କରିପାରିବେ ନାହିଁ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଆଠମଲ୍ଲିକ, ୩୧।୮(ଡି.ଏନ.ଏ.)

ଅନୁଗୋଳ ଜିଲା କିଆକଟା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବୌଦ୍ଧ ଜିଲା ଜହ୍ନାପଙ୍କ ଗ୍ରାମର ରାଜକିଶୋର ମହାକୁଡ(୩୧) ଶୁକ୍ରବାର ରାତିରେ ସମ୍ପୃକ୍ତ ଯୁବତୀଙ୍କ ଘରକୁ ଯାଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। କିଆକଟା ପୋଲିସ ରାଜକିଶୋର ମହାକୁଡଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

## ମଦ ଜବତ, ୪ ଗିରଫ

ଛେଣ୍ଡିପଦା,୩୧।୮(ସ୍ୱ.ପ୍ର)

ଅନୁଗୋଳ ଅବକାରୀ ବିଭାଗ ଶନିବାର ଛେଣ୍ଡିପଦା ଥାନା ମାଛକୁଟା ଓ ପାଟକୁମୁଣ୍ଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୬ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାସନ୍ତୀ ବେହେରା, ମହାଦେଇ ବେହେରା, ରସାନନ୍ଦ ପ୍ରଧାନ ଓ ବୈଷ୍ଣବ ପ୍ରଧାନ। ଏ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


## ଭତ୍ତା, ଗୃହ କାର୍ଯ୍ୟାଦେଶ ପ୍ରଦାନ




ପାଲଲହଡା,୩୧।୮(ଡି.ଏନ.ଏ.)

ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଶନିବାର ଅନୁଗୋଳ ଜିଲାର ମାଓବାଦୀ ପ୍ରଭାବିତ ଅଞ୍ଚଳ ନଗିରା ଏବଂ ବରଡିହ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବିଧାୟକ ପାଲ ପ୍ରଥମେ ନଗିରା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ସିବିଡା ଗ୍ରାମରେ ଥିବା ଶିକ୍ଷାନିକେତନ ଛାତ୍ରୀ ନିବାସ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଶିକ୍ଷାନିକେତନରେ ଦୀର୍ଘଦିନରୁ ଲାଗି ରହିଥିବା ପାଣି ସମସ୍ୟା, ଶୌଚାଳୟ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବିଧାୟକ ପାଲ ସାଇଡା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ହିତାଧିକାରୀଙ୍କୁ ଭତ୍ତା ଏବଂ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ମା' ବାଉତୀଙ୍କ ବାର୍ଷିକ ଯାତ୍ରା



ମାନସିକ କରି ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନେ।

ବଅଁରପାଳ,୩୧।୮(ଡି.ଏନ.ଏ.)

ବଅଁରପାଳ ବ୍ଲକ ନୂଆହତା ଗ୍ରାମର ମା ଅନ୍ଧାରଘର ବାଉତୀଙ୍କ ବାର୍ଷିକ ଯାତ୍ରା ଶନିବାର ପାଳିତ ହୋଇଯାଇଛି। ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳେ ପୀଠାରେ ଠାକୁରାଣୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଗ୍ରାମର ଦିଅଁ ଘରୁ ବିଭିନ୍ନ ବାଦ୍ୟବାଜଣା ସହକାରେ ଏକ ଶୋଭାଯାତ୍ରାରେ ମା'ଙ୍କ ଆଲମକୁ ପୀଠସ୍ଥଳୀକୁ ଅଣାଯାଇଥିଲା। ମାନସିକ ପାଇଁ ବହୁ ଭକ୍ତ ମା'ଙ୍କ ପୀଠରେ ଅଧିଆ ପଡ଼ିଥିଲେ। ପୂଜକ ମଦନ ଦେହୁରୀ, ପଡିଆର ଚେରୁ ବେହେରା, ପୂଜା କମିଟି ସଭାପତି ମନୋରଞ୍ଜନ ସିଂ, ସମ୍ପାଦକ ବିନୋଦ ମାଝୀ, ସନ୍ତୋଷ ବାରିକ, ପବିତ୍ର ମାଝୀ, କୁମୁଦ ଦଳବେହେରା, ଭାସ୍କର ନାୟକ, ମାଗୁଣି ବେହେରା, ନରେଶ ମାଝୀଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ତେଲକୋଇ, ୩୧।୮(ଡି.ଏନ.ଏ.)

ତେଲକୋଇ ଥାନା ଅଧୀନ ୪୯ ନଂ ଜାତୀୟରାଜପଥର ବିଛାଖଣି ପୋଲ ଉପରେ ଗାଡି ଚକାରେ ଚାପି ହୋଇ ଭାଗିରଥି ମୁଣ୍ଡା (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବ୍ୟକ୍ତି ଜଣଙ୍କ ଘର ସିରିଆବାହାଳ ଗ୍ରାମ ସାହିରେ। ସେ ୪୯ନଂ ଜାତୀୟ ରାଜପଥର ମଣ୍ଟେକାର୍ଲୋ ଠିକା ସଂସ୍ଥାର ରୁଗୁଡି ଠାରେ ଥିବା ୩ନଂ କ୍ୟାମ୍ପରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସନ୍ଧ୍ୟାରେ ଭାଗୀରଥି ଘରକୁ ଯାଉଥିବା ବେଳେ ବିଛାଖଣି ପୋଲ ଉପରେ ଏକ ଅଜଣା ଗାଡି ଚାପି ଦେଇ ଚାଲି ଯାଇଥିଲା। ଘଟଣା ସ୍ଥଳରେ ସିରିଆବାହାଳ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ରାସ୍ତା ଅବରୋଧ କରିଥିଲେ। ତେଲକୋଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯାଇ ପାରିନି।

## କାଣ୍ଡସର କରାଟେ ସ୍କୁଲର ସଫଳତା



ବଅଁରପାଳ,୩୧।୮(ଡି.ଏନ.ଏ.)

ବଅଁରପାଳ ବ୍ଲକ କାଣ୍ଡସରଠାରେ ଥିବା ନୂତନ କରାଟେ ସ୍କୁଲର ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିବା ଦଶମ କରାଟେ ଓପନ୍ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିଛନ୍ତି। କାଟା ଓ ଫାଇଟ୍‌ରେ ଛାତ୍ରୀଛାତ୍ରମାନେ ପୁରସ୍କୃତ ହୋଇଛନ୍ତି। ପ୍ରଧାରବିନ୍ଦ ପ୍ରଧାନ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଶୋହମ ସ୍ୱରୂପ ମହାପାତ୍ର ଓ ବିଶ୍ୱଜିତ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ବିଜନ ଦଳବେହେରା, ସହ ପ୍ରଶିକ୍ଷକ ସାଗରିକା ଅମାନ୍ତ ଓ ଟିମ୍ ମ୍ୟାନେଜର ବଳଭଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଠକେଇ, ଫଟୋ ଭାଇରାଲ ଧମକ: ଯୁବକ ଗିରଫ

ବନ୍ତ,୩୧।୮(ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଠକିବା ଓ ତାଙ୍କ ଫଟୋ ଭାଇରାଲ କରିବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ପାର୍ବତୀପୁର ଗ୍ରାମର ଅଜୟ ବାରିକ। ଏ ନେଇ ଆଗରପଡ଼ା ଥାନାରେ ଏକ ମାମଲା(ନଂ.୧୧୪/୧୯) ରୁଜୁ କରାଯାଇଛି। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଅଜୟଙ୍କ ସହ ତାଙ୍କର ପୂର୍ବରୁ ପରିଚିତ ଥିଲା। ଅଜୟ ତାଙ୍କୁ କମ୍ପାନୀରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ବମ୍ବେ ଡକାଇଥିଲେ। ସେଠାରେ କିଛିମାସ କାମ କରିବା ପରେ ତାଙ୍କର ସମସ୍ତ ଦରମା ଟଙ୍କା ତାଙ୍କୁ ନ ଦେଇ ଅଜୟ ନିଜ ପାଖରେ ରଖିଥିଲେ। ବାରମ୍ବାର ଟଙ୍କା ମାଗିବାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦେବେ ବୋଲି କହି ଠକି ଚାଲିଥିଲେ। ସେ ଘରକୁ ଫେରି ଆସିବା ପରେ ଟଙ୍କା ଦେବା ପାଇଁ ଅଜୟ ତାଙ୍କୁ ଭୁବନେଶ୍ୱର ଡକାଇଥିଲେ। ସେ ତାଙ୍କ ବାପାଙ୍କୁ ସାଥୀରେ ନେଇଥିବା ଜାଣିବା ପରେ ଅଜୟ ସେମାନଙ୍କୁ ଦେଖା ନ ଦେଇ ହ୍ୱାଟସ୍‌ଆପ୍‌କୁ ତାଙ୍କ ଅଶ୍ଳୀଳ ଫଟୋ ଛାଡ଼ି ୫୦ ହଜାର ଟଙ୍କା ନ ଦେଲେ ଫଟୋ ଭାଇରାଲ କରିବାକୁ ବ୍ଲାକମେଲିଂ କରିଥିଲେ। ତେବେ ଯୁବତୀ ଜଣଙ୍କ ଅଜୟଙ୍କୁ ଟଙ୍କା ଦେବା ବାହାନାରେ ଗତ ଗୁରୁବାର ନିଜ ଘରକୁ ଡକାଇ ଚତୁରତାର ସହ ପୋଲିସ ହାତରେ ଧରାଇ ଦେଇଥିଲେ। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରିଥିଲା। ଏ ନେଇ ମାମଲା ରୁଜୁ କରି ଶନିବାର ପୋଲିସ ତାଙ୍କୁ ଗିରଫ କରିଥିଲା।

### ବିଦ୍ୟାଳୟରେ ପଶି ଶିକ୍ଷୟିତ୍ରୀଙ୍କୁ ମାଡ଼ ଅଭିଯୋଗ

ବାସୁଦେବପୁର, ୩୧।୮ (ଡି.ଏନ.ଏ.)
ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷାସହାୟିକା ଶିକ୍ଷୟିତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଅଭିଭାବକ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଆହତ ଶିକ୍ଷୟିତ୍ରୀ ଏ ନେଇ କଷିଆ ସାମୁଦ୍ରିକ ଥାନା ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଶୁକ୍ରବାର ସ୍କୁଲର କେତେଜଣ ପିଲାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ସେ ଛାତ୍ରମାନଙ୍କୁ ଡକାଇ ତାଗିଦ୍ କରିବା ସହିତ ଘଟଣାର ସମାଧାନ କରିଥିଲେ। ସେହି ଛାତ୍ରମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ଅଭିଭାବକ ଏହି କଥାକୁ ନେଇ ତାଙ୍କ ସହିତ ଝଗଡା କରିଥିଲେ। ଏଥିସହିତ ଶ୍ରେଣୀଗୃହରେ ପଶି ତାଙ୍କୁ ମାଡ଼ ମାରିଥିଲେ ବୋଲି ଶିକ୍ଷୟିତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି।

## ■ଏନ୍‌ଏସି ପାଳିଲା ସ୍ୱାୟତ୍ତ ଶାସନ ଦିବସ

# ସହରକୁ ପରିଷ୍କାର ରଖିବାକୁ ଆହ୍ୱାନ

କାମାକ୍ଷାନଗର/ଭୁବନ, ୩୧।୮(ଡି.ଏନ.ଏ.)



କାମାକ୍ଷାନଗର: ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।



ଭୁବନ: ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ପ୍ରଭାତଫେରି, ରାମଧୁନ ଗାନ ସହ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏନ୍‌ଏସିକୁ ସ୍ୱଚ୍ଛ ରଖିବା ଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର, ଏନ୍‌ଏସି କର୍ମଚାରୀଙ୍କ ମିଳିତ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

ଅପରାହ୍ନରେ ବିଜୁ କଲ୍ୟାଣ ମଣ୍ଡପରେ ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିଡି ଡିଆର୍‌ଡିଏ ତଥା କାମାକ୍ଷାନଗର ଏନ୍‌ଏସି ପ୍ରଶାସକ ନରୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଜନସାଧାରଣ ସାମାନ୍ୟ ଉଦ୍ୟମ କଲେ ଏନ୍‌ଏସିର ସ୍ୱଚ୍ଛତା ରକ୍ଷା କରାଯାଇପାରିବ। ପ୍ରତି ପରିବାର ସଦସ୍ୟ ଆବର୍ଜନା ପରିଚାଳନା ଭଳି ଛୋଟିଆ ଛୋଟିଆ କାମ କଲେ ଖୁବ୍ କମ୍ ଦିନରେ ସହର ନୂଆରୂପକୁ ଫେରିବ। ଏହି ଅବସରରେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରାସ୍ତାଘାଟ ଅବରୋଧ ନ କରିବାକୁ ସେ ଅନୁରୋଧ କରିଥିଲେ। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଭବାନୀ ମ୍ୟୁଜିକ ତରଫରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ଭୁବନ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର୍ ୫ଟାରୁ ପ୍ରଭାତଫେରି କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୯ଟାରେ ଉପଜିଲାପାଳ ତଥା ଏନ୍‌ଏସି ପ୍ରଶାସକ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ସମସ୍ତ କର୍ମଚାରୀଙ୍କ ସମେତ ବହୁସଂଖ୍ୟାରେ ଏସ୍‌ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ। ଏହାପରେ କାଳୀବଜାରସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# 'ସ୍ୱାଭିମାନୀ ଛାତ୍ର ସମାଜ ଓଡ଼ିଆ ଭାଷାର ଭବିଷ୍ୟତ'

ଢେଙ୍କାନାଳ ଅଫିସ, ୩୧।୮

ସଂସ୍କୃତ ଭାଷା ସହିତ ସମତାଳରେ ଓଡ଼ିଆ ଭାଷା ବିକାଶ ଲାଭ କରିଛି। ଓଡ଼ିଶା ଭାଷା ପୁରାତନ ଓ ସମୃଦ୍ଧ। ଏହି ସ୍ୱତନ୍ତ୍ରତା ପାଇଁ ଓଡ଼ିଆ ଭାଷା ୫ବର୍ଷ ତଳେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ସ୍ୱାଭିମାନୀ ଛାତ୍ର ସମାଜ ଓଡ଼ିଆ ଭାଷାର ଭବିଷ୍ୟତ ବୋଲି କହିଛନ୍ତି ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏପରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ପ୍ରଚୀରପତ୍ର 'ଶବ୍ଦମାୟା' ଉନ୍ମୋଚିତ ହୋଇଥିଲା।

ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଣ୍ଡିତ ମିଶ୍ରଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ଉତ୍ସବରେ ପ୍ରାଧ୍ୟାପକ ରଞ୍ଜିତ କୁମାର ପ୍ରଧାନ, ଡ. ସୁରେନ୍ଦ୍ରନାଥ ଷଡଙ୍ଗୀ ପ୍ରମୁଖ ପଣ୍ଡିତ ଅନ୍ତର୍ଯ୍ୟାମୀଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଓଡ଼ିଆ ବିଭାଗ ଛାତ୍ର ଅମୀୟ କୁମାର ମିଶ୍ର ସ୍ତବପାଠ, ରୋଜାଲିନ ମହାପାତ୍ର, ଗୀତାଞ୍ଜଳି ବେହେରା, ଲିପ୍‌ସାରାଣୀ ସାହୁ, ସ୍ୱାଧୀନ ପାତ୍ର, ଲିଟୁ ରାଉତ, ଜୟନ୍ତୀ ସାହୁ, ରଶ୍ମି ଦେହୁରୀ ପ୍ରମୁଖ ଗୁରୁବନ୍ଦନା ଗାନ କରିଥିଲେ। ଅଧ୍ୟାପିକା ମଞ୍ଜୁଳିକା ନାୟକ ମାନପତ୍ର ପାଠ କରିଥିବା ବେଳେ ଅଧ୍ୟାପକ ଡ. ସଞ୍ଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନୂଆ ରୂପ ନେବ ସୁଆଗୀ ଶ୍ମଶାନ



ଢେଙ୍କାନାଳ ଅଫିସ, ୩୧।୮

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ସୁଆଗୀ ଶ୍ମଶାନ ନୂଆ ରୂପ ନେବ। ଶ୍ମଶାନ ମଧ୍ୟରେ ଥିବା ପୁରାତନ ସଂସ୍କାରସ୍ଥଳୀର ନବୀକରଣ, ପ୍ରବେଶ ପଥ ଉନ୍ନତୀକରଣ, ଉଦ୍ୟାନ ନିର୍ମାଣ, ରାସ୍ତା ଉନ୍ନୟନ, ପ୍ରାଚୀର ନିର୍ମାଣ ଆଦି କାର୍ଯ୍ୟ ହାତକୁ ନିଆଯିବ। ଏହାକୁ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଶନିବାର ପୂର୍ତ୍ତ ବିଭାଗ ପକ୍ଷରୁ ୭୦ ଫୁଟ ଦୀର୍ଘ ଓ ୨୦ଫୁଟ ଚଉଡା ବିଶିଷ୍ଟ ରଙ୍ଗିନ୍ ଟାଇଲ୍ ଆଚ୍ଛାଦନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ କାର୍ଯ୍ୟ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ସଚେତନ ନାଗରିକ ଫୋରମ ପକ୍ଷରୁ ଶ୍ମଶାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଉଳ, ଚମ୍ପା, କଦମ୍ବ ଭଳି ସୁଗନ୍ଧିତ ପୁଷ୍ପ ଚାରାରୋପଣ କରାଯାଇଥିଲା। ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଉପସଭାପତି ପଙ୍କଜ ନାୟକ, ଅଖିଳ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ସଭ୍ୟ ଚକ୍ରଧର ତରାଇ, ଦୟାନିଧି ବେହେରା, କାମେଶ୍ୱର ପଣ୍ଡା, ପାଲାଗାୟିକା ସୁଧାରାଣୀ ପଣ୍ଡା, ପୂର୍ବତନ କାଉନ୍‌ସିଲର ଜ୍ଞାନଚାନ୍ଦ ମିଶ୍ର, ସୁରେନ୍ଦ୍ର ସ୍ୱାଇଁ, ରଞ୍ଜିତ ପାଣିଗ୍ରାହୀ, ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ସହାୟତା ସୁଆଗୀ ନାଳ ପାର୍ଶ୍ୱସ୍ଥିତ ବନ୍ଧର ଦୃଢୀକରଣ ଏବଂ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ଫୋରମ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ■ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ଚିନ୍ତା

# 'ସ୍କୁଲ ଉନ୍ନତିରେ ଯତ୍ନବାନ ହୁଅ'

ଢେଙ୍କାନାଳ ଅଫିସ, ୩୧।୮

ଢେଙ୍କାନାଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଶନିବାର ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ସ୍କୁଲ ଉନ୍ନତି ପାଇଁ ଯତ୍ନବାନ ହେବାକୁ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍କୁଲରେ ବିଦ୍ୟୁତ୍ ସଂଯୋଗୀକରଣ, ଆବଶ୍ୟକ ମରାମତି କାର୍ଯ୍ୟ ଠିକ୍ ସମୟରେ ସାରିବା, ସମସ୍ୟା ସମ୍ପର୍କରେ ତୁରନ୍ତ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା, ସରକାରୀ ଜମିକୁ ଖେଳପଡ଼ିଆ ଭାବେ ବ୍ୟବହାର କରିବା ନେଇ ସ୍ଥାନୀୟ ତହସିଲଦାରଙ୍କ ସହିତ ଯୋଗାଯୋଗ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଛାତ୍ରୀଛାତ୍ରଙ୍କ ପୋଷାକ ବିତରଣ, ମଧ୍ୟାହ୍ନଭୋଜନରେ ସ୍ୱଚ୍ଛତା ରକ୍ଷା, ସ୍ୱଚ୍ଛତା ଦିବସ ପାଳନ, ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଡିଇଓ ସୁଧାନନ୍ଦ ପରିଡ଼ା ସାଥି୍ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବିଦ୍ୟାଳୟ ମନିଟରିଂ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ସମ୍ପର୍କରେ ଅବଗତ କରାଇଥିଲେ।

ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ୪ମାସ ଧରି ଜିଲା ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଥିବାରୁ ଜିଲାପାଳ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷାଧିକାରୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ସମସ୍ତ ବ୍ଲକର ବିଇଓ, ଏବିଇଓ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


Tender Notice No.2697 **TENDER CALL NOTICE** Date.30.08.2019

No.57-MM :- Sealed tenders are invited in two Bid systems for established / reputed / registered / experienced and accredited manufacturers for supply of following items for use in Hirakud Wildlife Division, Sambalpur.

| Item | Quantity | Cost of tender paper | EMD to be deposited | Dimension |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | Rs.1,000/- | 2% of the quoted price | Length : 5.60 Mtrs, Breadth: 1.80 Mtrs Engine :1 no. 25 HP Four Stroke Yamaha make outboard Engine(Imported) with remote control. Steering: Front Steering System |

Non transferable tender documents for supply of the items stated above will be available and can be available and can be collected in person from the office of the Divisional Forest Officer, Hirakud Wildlife Division, Sambalpur, Odisha on payment of tender document cost specified above.
The tender document cost which is non- refundable, should be payable in shape of crossed Demand Draft drawn in favour of the Divisional Forest Officer, Hirakud Wildlife Division, Sambalpur.
1. Sale of Tender papers / documents will be available in the O/o the DFO, Hirakud Wildlife Division, Sambalpur from dt.11/09/2019 to dt.21/09/2019 (during office hours).
2. Receiving of Tender papers will be within dt.11/09/2019 until 03.00 PM of dt.23/09/2019.
3. Tender opening 04.00 PM of dt.24/09/2019.

**Divisional Forest Officer, Hirakud Wildlife Division, Sambalpur**

08078/11/0004/1920



**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI SOUTH DIVISION NO.I, JOBRA, CUTTACK**
**PHONE NO-0671 -2414425**
**"e" Procurement Notice.**
**E Mail id : eemsdcuttack@gmail.com**
**BID IDENTIFICATION IFB NO.01 M.S.D./ (On –line) 2019-20**

No.208-A :- Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in
1. Name of the work :- Civil construction work
2. No of works :- 1 No
3. Estimated cost:- Approximately Rs.6.32 lakh
4. Period of completion:- Three months
5. Date & time of availability of bid documents in the portal :- From 06.09.19 (10.00 AM) to 16.09.19 (05.00 P.M)
6. Last date & time for receipt of bids in the portal:- 16.09.19 (5.00 P.M.)
7. Date of opening of bid:- 17.09.19 at 11.00 A.M. onwards
8. Date, time & place of lottery if required:- 23.09.19 at 11.00 A.M in the office of the Executive Engineer, Mahanadi South Division No.I, Cuttack
9. Name of the officer inviting Bid:- Executive Engineer, Mahanadi South Division No.I, Cuttack

Further details can be seen from the e-procurement portal https://tendersodisha.gov.in

**Executive Engineer**
32024/11/0001/1920 **Mahanadi South Division No.I Cuttack**



**GOVERNMENT OF ODISHA**
**"e" PROCUREMENT NOTICE**
Bid Identification No.05 of 2019 – 20

No.296-O :- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

01. Nature of Work : Construction of Pump House , ESR, OGR, Laying of rising main, distribution system, single mouth stand post, SV/ AV/NRV chamber, including supplying of necessary materials in different villages of Balangir District.
02. Total No of work : 18 Nos.
03. Estimated Cost : Rs. 52.91 Lakh to 142.64 Lakh
04. Eligible Class of Contractor : "B & A" Contractor.
05. Period of Completion : Eight Months to Twelve Month.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 05 of 2019 -20 | Dt. 18.09.2019 At. 11.00 Hrs | Dt. 09.10.2019 upto. 17.00 Hrs |

Further details can be had in the DTCN available in the website www.tendersorissa.gov.in

**Sd./- Executive Engineer**
25033/11/0003/1920 **RWS&S Division, Balangir**



**e-Procurement Notice for Road works Identification No. Online-04/RWD-II/ BLS of 2019-20**

No. 304-O:

1. Name of the Work :- Building works
2. Total No.of works :- 02 Nos..
3. Estimated cost :- Approx. Estimated cost of Rs.06.00 to 20.00 lakh
4. Class of contractor :- D & C class as per eligibility criteria
5. Period of completion :- 1 to 6 calendar months as per financial eligibility
6. Other details :- The bidders shall transfer online the cost of bid document as specified in Col.7 of Annexure and EMD/Bid Security @1% of the estimated Cost put to Tender.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/O EE RW Divn-II, Balasore. |
|---|---|---|---|---|---|
| | | From | To | | |
| Executive Engineer, R.W. Division-II, Balasore | 04 of 19-20 | 07.09.19 at 11.00 A.M. | 17.09.19 up to 3.00 PM | 16.09.19 up to 5.00 PM | 19.09.19 at 4.00 PM |

Further details can be seen from the web site www.tendersorissa.gov.in

25052/11/0004/1920 **Executive Engineer, R.W.Division-II, Balasore**



**ନିର୍ବାହୀ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ**
**(ରାସ୍ତା ଓ ଗୃହ) ବିଭାଜନ ନଂ ୧, ଭୁବନେଶ୍ୱର** 145-B

**OFFICE OF THE EXECUTIVE ENGINEER**
**BHUBANESWAR (R & B) DIVISION NO. I, BHUBANESWAR**
Email: - eebbsr1@yahoo.co.in Phone/Fax: 06742597096
**INVITATION FOR BIDS (IFB)**
Bid Identification No. CC (R&B)-01 Tender Call Notice No. 09/2019-20

1. The Executive Engineer, Bhubaneswar (R & B) Division No. I, Bhubaneswar on behalf of Governor of Odisha invites Percentage Rate bids in **Double Cover System** for the work(s) as detailed below from eligible Contractors registered with the State Government and Contractors of equivalent grade/ Class registered with Central Government/ MES/ Railway or Other Licensing Authority for execution of Road works on production of definite proof from the appropriate authority.

| Sl. No | Name of work | Value of the work. (In Rs.) | Class of Contractor | Bid Security (In Rs.) | Cost of bid documents (Non-refundable) (In Rs.) | Period of Completion (in Calendar months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | S/R to Kuakhai River Right Embankment road from NH-16 (Hi-tech Chhak) to Daya Bridge via Lingipur, Bhubaneswar such as providing periodical renewal coat with BM & SDBC from 7/000 to 12/300 Km. for the year 2019-20. | 77,84,231/- | B' & A' | 77,900/- (Online) | 10,000/- (Online) | 02 (Two) |
| 2 | S/R to Kuakhai River Right Embankment road from NH-16 (Hi-tech Chhak) to Daya Bridge via Lingipur, Bhubaneswar such as Construction of Cement Concrete Pavement from 4/473 to 4/973 Km. for the year 2019-20. | 86,94,935/- | B' & A' | 87,000/- (Online) | 10,000/- (Online) | 03 (Three) |

2. The bidders have to participate in "**online**" bidding only.
3. Bidding documents will be available in website https//tendersodisha.gov.in with effect from **11.00** hrs of **16.09.2019** to **17.00** hrs of **30.09.2019** and the tender will be opened on **01.10.2019** at **11.00** hrs.
4. The bidder must possess compactable Digital Signature Certificate (DSC)

**Note: Corrigendum/ Addendum/ Amendments/ Clarifications etc. with respect to the works, if any shall be hosted in the above portal. Interested Bidders/ Agencies are advised to visit the above e-procurement site regularly as no separate information/ advertisement shall be published in the Newspaper in this regard including any postponement of tender opening date.**

34076/11/0002/1920 - Sd - Executive Engineer Bhubaneswar (R&B) Division No. I



**STATE POLLUTION CONTROL BOARD, ODISHA**
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
ParibeshBhawan, A/118, Nilakantha Nagar, Unit – VIII
Bhubaneswar – 751 012, INDIA
EPABX : 2561909/2562847, Tel : 2562822/2560955, E-mail:paribesh1@ospcboard.org, Website: www.ospcboard.org

No. 9090 / IND-IV-PCP(MISC)-93 Dt. 30.08.2019 /

**NOTICE**

**Kind Attention : E-Waste Generators and Producers/Manufacturer of Electronic and Electrical Equipment (EEE)**

This is brought to the notice of all concerned that Ministry of Environment, Forest & Climate Change, Govt. of India has notified the E-Waste Management Rules, 2016 and E-Waste Management Amendment Rules2018 under Environmental (Protection) Act, 1986 in supersession of the E-Waste (Management & Handling) Rules, 2011. The Rules shall apply to every manufacturer, producer, consumer, bulk consumer, dealers, e-retailer, refurbisher, dismantler and recycler involved in manufacture, sale, transfer, purchase, collection, storage and processing of E-Waste of electrical and electronic equipment including their components, consumables, parts and spares.

The copy of the E-Waste Management Rules, 2016 and Amendment Rules, 2018 are available in Boards' Website:**www.ospcboard.org** and website of MoEF&CC: **www.envfor.nic.in**. As per the provisions of the Rules, the producers of electrical and electronic equipment will collect the 'end-of-life' electronic equipmentand channelize them to authorized dismantlers/recyclers under Extended Producer Responsibility (EPR). The producers will collect E-Waste by implementing take back system, E-Waste exchange or through Producer Responsibility Organization (PRO) engaged by them. The producers are to implement Deposit Refund Scheme (DRS) for effective collection of E-Waste through their dealers.

The bulk consumers of electronic equipment such as Central Government, State Government Departments, Public Sector Undertakings, Banks, Educational institutions, Multinational Organizations, International Agencies, Partnerships and Public or Private Companies that are registered under the Factories Act, 1948 (63 of 1948) and the Companies Act, 2013 (18 of 2013) and health care facilities which have turnover of more than one crore or have more than twenty employees shall ensure that the E-Waste generated by them is channelized through Dealer of authorized Producer or Dismantler or Recycler or through the designated take back Service Provider. Bulk consumers shall maintain records of E-Waste generation and submit Annual Return in Form-III to the State Pollution Control Board on or before the 30th June following the financial year.

30/8/19
**MEMBER SECRETARY**

# ସ୍ୱାୟତ୍ତ ଶାସନ ଦିବସ ପାଳିତ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଆଠମଲ୍ଲିକ,୩୧।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବିଜ୍ଞପିତ ଅଞ୍ଚଳ ପରିଷଦରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ତଥା ଏନ୍ଏସି ପ୍ରଶାସକ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଭୋର ୪ଟାରୁ ରାମଧୁନ ଗାନ କରାଯିବା ସହ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରେଶ ଚନ୍ଦ୍ର ଦେଓ, ପୂର୍ବତନ ସରପଞ୍ଚ ଯାମିନୀ ରଞ୍ଜନ ସିଂସାମନ୍ତ, ବିଜେଡି ନେତା ଗଦାଧର ସ୍ୱାଇଁ, ପିନା ମହାପାତ୍ର, ବୀରେନ୍ଦ୍ର ମିଶ୍ର, ବିନୟ କୁମାର ପଟ୍ଟନାୟକ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରବୀନ୍ ଦାଶ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ସିଂ, ଦିଲୀପ କୁମାର ସିଂ, ସୁଲେମାନ୍ ଖାଁ, ସୁଜାତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ୍ତାହିକ କାର୍ଯ୍ୟକ୍ରମ

**୧.୯.୧୯**
**ଅନୁଗୋଳ**
■ଗ୍ରାମଦେବୀଙ୍କ ବାର୍ଷିକ ପୂଜା
ସ୍ଥାନ: ପୁରୁକିଆ
ସମୟ: ଅପରାହ୍ନ ୩ଟା।
**ବଅଁରପାଳ**
■ମା' ମହାପାଟ ଦେବୀଙ୍କ ବାର୍ଷିକ ପୂଜା
ସ୍ଥାନ: ତୁଳସୀପାଳ
ସମୟ: ଅପରାହ୍ନ ୨ଟା।
**୨.୯.୧୯**
**ଅନୁଗୋଳ**
■ଗଣେଶ ପୂଜା
ସ୍ଥାନ: ବିଭିନ୍ନ କ୍ଲବ ଓ ଶିକ୍ଷାନୁଷ୍ଠାନ
ସମୟ: ପୂର୍ବାହ୍ନ ୯ଟା।
**ବଅଁରପାଳ**
■ନେପ୍ପୁର ବୈଠକ
ସ୍ଥାନ: ନେପ୍ପୁ କାର୍ଯ୍ୟାଳୟ ନାଲ୍କୋ
ସମୟ: ସନ୍ଧ୍ୟା ୬ଟା।
**୩.୯.୧୯**
**ଅନୁଗୋଳ**
■ନୂଆଖାଇ ଉତ୍ସବ
ସ୍ଥାନ: ଅନୁଗୋଳର ରେଲୱେ କଲୋନୀ
ସମୟ: ସନ୍ଧ୍ୟା ୬ଟା।
**ବଅଁରପାଳ**
■ନେସ୍ର ବୈଠକ
ସ୍ଥାନ: ନେସ୍ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।
**୪.୯.୧୯**
**ଅନୁଗୋଳ**
■ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
**୫.୯.୧୯**
**ବଅଁରପାଳ**
■ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ
ସ୍ଥାନ: ଗିରାଙ୍ଗ ଛକ
ସମୟ: ସନ୍ଧ୍ୟା ୭ଟା।
**୬.୯.୧୯**
**ଅନୁଗୋଳ**
■ରାଧାଷ୍ଟମୀ
ସ୍ଥାନ: ମଦନମୋହନ ମନ୍ଦିର
ସମୟ: ସନ୍ଧ୍ୟା ୬ଟା।

## ଚୋରାମଦ ବେପାରୀ ଗିରଫ

**ବନ୍ତ, ୩୧।୮ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ସରମରା ଗ୍ରାମର ଦାମୋଦର ନାୟକଙ୍କୁ ଚୋରାମଦ ବିକ୍ରି ଅଭିଯୋଗରେ ପୋଲିସ ଗିରଫ କରିବା ସହ ୫ ଲିଟର ଦେଶୀମଦ ଜବତ କରିଛି। ସନ୍ଧ୍ୟା ସମୟରେ ସରମରା ଛକଠାରେ ଦାମୋଦର ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

## ୱାରେଣ୍ଟି ଗିରଫ

**ବନ୍ତ,୩୧।୮(ଡି.ଏନ.ଏ.)**-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଛୟାଳସିଂ ଗ୍ରାମର ବେଣୁଧର ନାୟକଙ୍କୁ ୱାରେଣ୍ଟ ବଳରେ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ୨୦୧୨ ମସିହାରେ ଏକ ଜମିଜମା ମାମଲାରେ ବେଣୁଧର କୋର୍ଟରେ ହାଜର ନ ହେବା ଫଳରେ ତାଙ୍କ ନାମରେ ୱାରେଣ୍ଟ ଥିବା ପୋଲିସ କହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର



ଶିବିରରେ ଜଣେ ପ୍ରଶିକ୍ଷକ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୧।୮**

ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ହାଇସ୍କୁଲର ଛାତ୍ରୀଙ୍କୁ ଆତ୍ମରକ୍ଷା ସୁରକ୍ଷା କୌଶଳ ସମ୍ପର୍କିତ ତାଲିମ ପ୍ରଦାନ କରାଯାଉଛି। ଅଗଷ୍ଟ ୧୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୯ ଯାଏ ଚାଲିବ। ଏସ୍ପି ଅନୁପମା ଜେମ୍ସଙ୍କ ନିର୍ଦ୍ଦେଶରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲ, ପରଜଙ୍ଗ, କଙ୍କଡାହାଡ, କାମାକ୍ଷାନଗର, ଭୁବନ ଥାନା ଅଞ୍ଚଳରେ ଥିବା ହାଇସ୍କୁଲର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଅତିରିକ୍ତ ଏସ୍ପି ବିନୟକୃଷ୍ଣ କାମିଲାଙ୍କ ତତ୍ତ୍ୱାବଧାନରେ ସୌମ୍ୟକାନ୍ତ ବେଉରା, ବିକାଶ ରଞ୍ଜନ ସାହୁ, ସୋମନାଥ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି। ଏହାକୁ ନେଇ ଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

## ୩ ଫେରାର ଅଭିଯୁକ୍ତ ଗିରଫ

**ଭୁବନ, ୩୧।୮(ଡି.ଏନ.ଏ.):** ଭୁବନ ଥାନା ଅଧୀନ ମାର୍ଥାପୁର ଏବଂ ଆଦିପୁରା ଗ୍ରାମର ୩ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାର୍ଥାପୁର ଗ୍ରାମର ଅକ୍ଷୟ ପ୍ରଧାନ (୩୮), ସୁରେନ୍ଦ୍ର ପ୍ରଧାନ (୪୦)ଙ୍କ ନାମରେ ନଂ. ୧୬୪/୧୯ରେ ଏବଂ ଆଦିପୁରା ଗ୍ରାମର କର୍ଣ୍ଣ ସାହୁ (୫୬)ଙ୍କ ନାମରେ ମାମଲା ନଂ. ୨/୧୭ରେ ୱାରେଣ୍ଟ ଜାରି କରାଯାଇଥିଲା। ଚଢ଼ାଉରେ କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ସାହୁ, ନୀଳକଣ୍ଠ ପାତ୍ର ସାମିଲ ଥିଲେ।


### ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ବାଲେଶ୍ୱର ପୌରପାଳିକା

ସମସ୍ତ ସହରବାସୀଙ୍କୁ ଅଭିନନ୍ଦନ ଜଣାଉଛି, ତା.୩୧.୦୮.୨୦୧୯ (ଶନିବାର)

ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧. ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର।, ୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ, ୪. କର୍ତ୍ତବ୍ୟରତ କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ। ୫. ସର୍ବସାଧାରଣ ରାସ୍ତା ଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ। ୬. ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ। ୭. ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ। ୮. ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ କରନ୍ତୁ ନାହିଁ। ୯. ପଲିଥିନ୍ ଓ ଥର୍ମୋକୁଲ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ। ୧୦. ନିୟମିତ ଘର ଟିକସ, ଦୋକାନ ଲାଇସେନ୍ସ ଫି ଓ ପୌରକାଳିକା ଦୋକାନ ଗୃହ ଭଡ଼ା ପୈଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ। ୧୧. ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ ଓ ଚିକୁନଗୁନିଆ ଆଦି ରୋଗ ପ୍ରତି ସତର୍କ ରୁହନ୍ତୁ, ୧୨. ବ୍ୟବସାୟୀମାନେ ପ୍ରାତଃକାଳ ରାସ୍ତା ସଫେଇ ପରେ ସର୍ବସାଧାରଣ ରାସ୍ତାରେ ଅଳିଆ ପକାନ୍ତୁ ନାହିଁ କିମ୍ବା ପିଚୁ ରାସ୍ତାରେ ପାଣି ପକାଇ ଓଦା କରନ୍ତୁ ନାହିଁ, ୧୩. ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣଙ୍କ ସାହାର୍ଯ୍ୟ ଓ ସହଯୋଗ ସଦାସର୍ବଦା ଏକାନ୍ତ କାମ୍ୟ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା
ନିବେଦକ

ଶ୍ରୀଯୁକ୍ତ ଅମୃତ ସରକାର, ଓ.ପ୍ର.ସେ (କନିଷ୍ଠ-୧), କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା
କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ, ବାଲେଶ୍ୱର ତଥା ପୌର ପ୍ରଶାସକ, ବାଲେଶ୍ୱର ପୌରପାଳିକା

### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର, ଗଞ୍ଜାମ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆସନ୍ତୁ ସମସ୍ତେ ମିଳିମିଶି ଏହି ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସଙ୍କଳ୍ପବଦ୍ଧ ହେବା, ଯଥା–
୧. ଆମ୍ଭ ସହରକୁ ସମ୍ପୂର୍ଣ୍ଣ "ପ୍ଲାଷ୍ଟିକ ଓ ପଲିଥିନ" ମୁକ୍ତ କରିବା ସହିତ ସମ୍ପୂର୍ଣ୍ଣ ବ୍ୟବହାର ବନ୍ଦ କରିବା ପାଇଁ ପରିଷଦ ପକ୍ଷରୁ ଅନୁରୋଧ। ୨. ସମସ୍ତଙ୍କ ନିଜ ବାସଭବନରେ କିମ୍ବା ବ୍ୟବସାୟ ସ୍ଥଳରେ ନିଜ ଘରର କିମ୍ବା ବ୍ୟବସାୟ ସ୍ଥଳର ଅଳିଆ, ଆବର୍ଜନାକୁ ଦୁଇ ପ୍ରକାର(ସବୁଜ ଓ ନୀଳ) ଡଷ୍ଟବିନରେ ରଖନ୍ତୁ ଓ ପରିଷଦର ଗାଡି ବୁଲିବା ସମୟରେ ନିଚର ଅଳିଆ ଦିଅନ୍ତୁ, ନାଳ ଭିତରେ କିମ୍ବା ରାସ୍ତା ଉପରେ ଅଳିଆ ପକାନ୍ତୁ ନାହିଁ। ପୁରୁଷୋତ୍ତମପୁର ସହରକୁ ସଫାସୁତୁରା ରଖନ୍ତୁ। ୩. ସମସ୍ତ ଜନସାଧାରଣ ବୃକ୍ଷରୋପଣ କରି ଆମ୍ଭ ସହରକୁ ସବୁଜ ସୁନ୍ଦର କରନ୍ତୁ। ୪. ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଠିକ ସମୟରେ ପରିଷଦର ସମସ୍ତ ପ୍ରକାର ଦେୟ ପଇଠ କରି ପରିଷଦର ହାତମୁଠାକୁ ଟାଣ କରନ୍ତୁ। ୫. ନିଜର ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ, ରାସ୍ତା ଅବରୋଧ କରନ୍ତୁ ନାହିଁ।

ଶ୍ରୀ. ଏ ନାଗେଶ୍ୱର ରାଓ, କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ପ୍ରିୟରଞ୍ଜନ ପୃଷ୍ଟି, ଓ.ପ୍ର.ସେ. (ବରିଷ୍ଠ), ପ୍ରଶାସକ

### ବ୍ୟାସନଗର ପୌରପାଳିକା, ବ୍ୟାସନଗର

ପବିତ୍ର 'ନିଖିଳ ଭାରତ ସ୍ୱାୟତ ଶାସନ ଦିବସ' ତା. ୩୧.୦୮.୨୦୧୯
ଉପଲକ୍ଷେ ବ୍ୟାସନଗର ସହରର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

ପୌରବାସୀଙ୍କୁ ନିବେଦନ
୧– ମୋ ଅଳିଆ ମୋ ଦାୟିତ୍ୱ ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ, ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ ଭିତରେ ନ ପକାଇ ନିଜସ୍ୱ 'ଡଷ୍ଟବିନ'ର ବ୍ୟବହାର କରନ୍ତୁ ଏବଂ ପୃଥକ୍ ପୃଥକ୍ ଡଷ୍ଟବିନ ଯଥା ସବୁଜ ଓ ନୀଳରଙ୍ଗର ଡଷ୍ଟବିନ ବ୍ୟବହାର କରନ୍ତୁ। ଏହାକୁ ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ।
୨– ହୋଟେଲ/ବହୁତଳ ପ୍ରାସାଦ ଗୁଡିକ ନିଜର ଡଷ୍ଟବିନ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କମ୍ପୋଷ୍ଟ ପିଟ୍ ଖୋଳି ତାହାକୁ ବ୍ୟବହାର କରନ୍ତୁ।
୩– ରାସ୍ତା ଉପରକୁ ଗାଈ, ଗୋରୁ ତଥା ଗୃହପାଳିତ ପ୍ରାଣୀଙ୍କୁ ଛାଡନ୍ତୁ ନାହିଁ।
୪– ରାସ୍ତା କଡରେ ଘରତିଆରି ଉପକରଣ ଯଥା ବାଲି, ଗୋଡି, ଇଟା ଇତ୍ୟାଦି ମହଜୁଦ୍ କରନ୍ତୁ ନାହିଁ।
୫– ପୌରପାଳିକାର ଟିକସ ଯଥା ସମୟରେ ପୈଠ କରନ୍ତୁ।
୬– ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଠିକ୍ ସମୟରେ କରନ୍ତୁ।
୭– ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ।
୮– ସହରର ଜନସାଧାରଣମାନଙ୍କୁ ଅନୁରୋଧ ବାହ୍ୟ ଶୌଚରୁ ନିବୃତ୍ତ ରୁହନ୍ତୁ।
୯– ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୧୦– ପୌର ସମ୍ପତ୍ତି ଆମମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ।
୧୧– ଆସନ୍ତୁ ଏହି ପବିତ୍ର ଦିବସରେ ଶପଥ ନେବା ବ୍ୟାସନଗର ସହରକୁ ପଲିଥିନ ମୁକ୍ତ ସହର ଭାବେ ଗଢି ତୋଳିବା।

ହାତକୁ ନିଆଯାଇଥିବା ଉନ୍ନତିମୂଳକ କାର୍ଯ୍ୟ
୧. ବ୍ୟାସନଗର ପୌରପାଳିକା ତରଫରୁ ଗୋପବନ୍ଧୁ ଛକ ନିକଟରେ ଏକ ନୂତନ ପାଠାଗାର ପ୍ରତିଷ୍ଠା।
୨. ପୌରପାଳିକା ବସଷ୍ଟାଣ୍ଡଠାରେ ୧୬ଟି ଦୋକାନ ଗୃହ ନିର୍ମାଣ।
୩. ତିନିଗୋଟି ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର ପ୍ରତିଷ୍ଠା।
୪. ସହରର ସମସ୍ତ ଘରମାନଙ୍କୁ ଘରକୁ ଘର ବୁଲି ଅଳିଆ ସଂଗ୍ରହ
୫. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାରେ ସିପ୍ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା।
୬. ନହକା ଛକ ନିକଟରେ ଏକ ମିନି ଭେଣ୍ଡିଂ ଜୋନ ନିର୍ମାଣ।
୭. ଭମାପଦା ମୌଜାରେ ଏ୫.୦୦ ପରିମିତ ଜମିରେ ଏକ ସର୍ବସାଧାରଣ ପାର୍କ ନିର୍ମାଣ ପ୍ରସ୍ତାବନା।
୮. ବ୍ୟାସଦେବ ଟାଉନହଲର ନବୀକରଣ କାର୍ଯ୍ୟର ଶିଳାନ୍ୟାସ।

ଶ୍ରୀଯୁକ୍ତ ସପନ କୁମାର ନନ୍ଦ, ଓ.ପ୍ର.ସେ (୧) କ
ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପାଳିକା
ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କଳିଙ୍ଗନଗର।

ଶ୍ରୀଯୁକ୍ତ ସନ୍ତୋଷ କୁମାର ମିଶ୍ର, ଓ.ପ୍ର.ସେ (ସୁପରଟାଇମ୍)
ପ୍ରଶାସକ, ବ୍ୟାସନଗର ପୌରପାଳିକା
ତଥା ଅତିରିକ୍ତ ଜିଲାପାଳ, କଳିଙ୍ଗନଗର

### ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

**ନିବେଦନ**

(୧) ଗୃହର ଅଳିଆ ଶୁଖିଲା ଓ ଓଦା ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ ଅଲଗା ଅଲଗା ପ୍ରଦାନ କରନ୍ତୁ । (୨) ଗୃହ ସାମନା ରାସ୍ତାରେ ଓ ନାଳରେ ଅଳିଆ ପକାନ୍ତୁ ନାହିଁ । ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡିଥିବାର ଦୃଷ୍ଟିଗୋଚର ହୁଏ ଜରିମାନା ଆଦାୟ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। (୩) ପୌରସମ୍ପତ୍ତି ଆପଣଙ୍କର ଏହାର ସୁରକ୍ଷା କରନ୍ତୁ । (୪) ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ । (୫) ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ । (୬) ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ । (୭) ସହର ଅଭ୍ୟନ୍ତରସ୍ଥ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ । (୮) ପଲିଥିନ ବ୍ୟବହାର ପରିତ୍ୟାଗ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । (୯) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ । (୧୦) ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ । (୧୧) ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦର ଲାଇସେନ୍ସ କରାଇ ନିଅନ୍ତୁ । (୧୨) ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲରୁ ମୁକ୍ତ ରଖନ୍ତୁ । (୧୩) ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନ ଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ ।

ପୌର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି । ଏହାର ସୁରକ୍ଷା କରିବା ଆପଣଙ୍କ ଦାୟିତ୍ୱ ।
ଆମ୍ଭର ସଙ୍କଳ୍ପ ପଲିଥିନମୁକ୍ତ ନବରଙ୍ଗପୁର ।
ନିବେଦକ
ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

### ବ୍ରହ୍ମପୁର ମହାନଗର ନିଗମ

ସର୍ବସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

୧. ଗତ ତା.୧୫.୮.୨୦୧୯ରିଖଠାରୁ ସର୍ବସାଧାରଣ ରାସ୍ତା କଡ଼ରେ ଭାରି ଯାନ / ଭଙ୍ଗା ଯାନ / DJ ଯାନ ରଖିବା ବାରଣ କରାଯାଇଛି। ଏହାର ଖିଲାପ କଲେ ବ୍ୟକ୍ତିବିଶେଷ / ସଂସ୍ଥାଙ୍କଠାରୁ ଧାର୍ଯ୍ୟ / ଉଚିତ ଜୋରିମାନା ଆଦାୟ କରାଯିବ।
୨. ସରକାରୀ ସମ୍ପତ୍ତି କିମ୍ବା ରାସ୍ତା କଡ଼ରେ କାନ୍ଥମାନଙ୍କୁ ବିରୂପ କରିବା / ପୋଷ୍ଟର ମାରିବା / ଲେଖିବା ବାରଣ କରାଯାଇଛି। ଏହାର ଖିଲାପ କଲେ ବ୍ୟକ୍ତି ବିଶେଷ / ସଂସ୍ଥାଙ୍କଠାରୁ ଧାର୍ଯ୍ୟ / ଉଚିତ୍ ଜୋରିମାନା ଆଦାୟ କରାଯିବ। ଏଥିସହ ସରକାରୀ ସମ୍ପତ୍ତି ବିରୂପ କରିବା ପାଇଁ ଉପଯୁକ୍ତ ମୋକଦ୍ଦମା ଦାୟର କରାଯିବ।
୩. ଗୋ-ମହିଷାଦି ଗୃହପାଳିତ ପଶୁମାନଙ୍କର ଟେଗିଙ୍ଗ୍ କରିବା ବାଧ୍ୟତାମୂଳକ କରାଯାଇଛି। ଅଣ ଟେଗିଙ୍ଗ୍ ଗୋ-ମହିଷାଦିମାନଙ୍କୁ ତୁରନ୍ତ ଟେଗିଙ୍ଗ୍ କରାଇ ନିଅନ୍ତୁ। ସର୍ବସାଧାରଣ ରାସ୍ତା ଉପରେ ଛାଡ଼ନ୍ତୁ ନାହିଁ। ଖିଲାପକାରୀଙ୍କ ଠାରୁ ଧାର୍ଯ୍ୟ ଜୋରିମାନା ଆଦାୟ କରାଯିବ ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଣ ଟେଗିଙ୍ଗ୍ ଗୋ-ମହିଷାଦିମାନଙ୍କୁ ମାଲିକ୍ ବିହୀନ ବୋଲି ଘୋଷିତ କରାଯାଇ, ତାହା ପରବର୍ତ୍ତୀ ମୁହୂର୍ତ୍ତରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ।
୪. ବାଣିଜ୍ୟିକ ସଂସ୍ଥା / ବହୁତଳ କୋଠାମାନଙ୍କରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଖିଲାପି ଅନୁଷ୍ଠାନଗୁଡ଼ିକୁ ବନ୍ଦ କରି ଦିଆଯିବ।
୫. ସ୍ୱଚ୍ଛତା ସକାଶେ ପ୍ରତି ୩ ବର୍ଷରେ ଥରେ ନିଜ ନିଜ ଘରର ଲେଟିନ୍ ସେପ୍ଟିକ୍ ଟାଙ୍କି ସଫା କରାଇ ନିଅନ୍ତୁ। ଅନ୍ୟଥା ଜୋରିମାନା ଆଦାୟ କରାଯିବ।
୬. ନିଗମ ଦୋକାନ ଗୃହରେ ବ୍ୟବସାୟ ସକାଶେ ଲାଇସେନ୍ସଧାରୀମାନେ ଧାର୍ଯ୍ୟ ଭଡ଼ା ନିର୍ଦ୍ଧାରିତ ସମୟରେ ପୈଠ ଓ ବାର୍ଷିକ ଚୁକ୍ତିନାମା ସମ୍ପାଦନ ବାଧ୍ୟତାମୂଳକ ଅଟେ। ଏହାର ଖିଲାପ କଲେ ଆବଣ୍ଟନ ରଦ୍ଦ କରାଯାଇ ସମ୍ପୃକ୍ତ ଘର ନିଗମ ନିଜ ଦଖଲକୁ ନେବେ।
୭. ଯେଉଁ ବ୍ୟକ୍ତି ନିଗମ ଦୋକାନ ଗୃହକୁ ବିନା ନିଗମ ଆଦେଶରେ ଅନ୍ୟ ବ୍ୟକ୍ତିଙ୍କଠାରୁ ଅକ୍ତିଆର କରିଛନ୍ତି, ତାହା ନିୟମାନୁଯାୟୀ ଦଣ୍ଡନୀୟ ଅଟେ। ଏଣୁ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ଦୁଇମାସ ଭିତରେ ସମସ୍ତ କାଗଜାତ୍ ଓ ଧାର୍ଯ୍ୟ ଫିସ୍ ନିଗମରେ ଦାଖଲ କରି ନିଜ ନାମରେ ଚୁକ୍ତିନାମା କରନ୍ତୁ ନଚେତ୍ ସମ୍ପୂର୍ଣ୍ଣ ଘର ନିଗମ ନିଜ ଦଖଲକୁ ନେବେ।
୮. ଆସନ୍ତା ତା.୦୨.୧୦.୨୦୧୯ ରିଖଠାରୁ ଯେଉଁ କରଦାତାମାନେ ସେମାନଙ୍କ ଗୃହର ଟିକ ନଗଦ ପୈଠ କରିବେ ସେମାନଙ୍କୁ ଇଲେକ୍ଟ୍ରୋନିକ୍ ପ୍ରାପ୍ୟ ରସିଦ ପ୍ରଦାନ କରାଯିବ ଯାହାକି ସମ୍ପୂର୍ଣ୍ଣ ପ୍ରାଧିକୃତ ଅଟେ। (ଆସନ୍ତା ତା୦୨.୧୦.୨୦୧୯ ରିଖଠାରୁ ହାତଲେଖା ରସିଦ ଗ୍ରହଣ କରିବେ ନାହିଁ।)
୯. ପ୍ରତ୍ୟେକ ବାଣିଜ୍ୟିକ ପ୍ରତିଷ୍ଠାନ / ସଂସ୍ଥା ସେମାନଙ୍କ ବ୍ୟବସାୟ ଗୃହ ଆଗରେ ଆବଶ୍ୟକୀୟ ଡଷ୍ଟବିନ୍ ସ୍ଥାପନ କରିବା ଅନିବାର୍ଯ୍ୟ। ନଚେତ୍ ଖିଲାପକାରୀଙ୍କଠାରୁ S.W.M. ଆଇନାନୁଯାୟୀ ଦଣ୍ଡିତ ସହିତ ଟ.୧୦,୦୦୦/-ଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ବାଧ ହେବେ।
୧୦. ନିଗମ ଦ୍ୱାରା ପ୍ରଦତ୍ତ ସୁବିଧା ଆପଣଙ୍କୁ ଉପଲବ୍ଧ ବିଷୟରେ ଅସୁବିଧା କିମ୍ବା ଅଭିଯୋଗ ଥିଲେ ଆପଣ ମୋବାଇଲରେ ଇ-ସୁବିଧା ଡାଉନ୍‌ଲୋଡ୍ କରି ଆପଣଙ୍କ ନିଜ ଘରେ ବସି ନିଗମରେ ଦାଖଲ କରିପାରିବେ। ନଚେତ୍ Ward Office ମାନଙ୍କରେ ଦାଖଲ କରିପାରିବେ।

କମିଶନର, ବ୍ରହ୍ମପୁର ମହାନଗର ନିଗମ

### DISTRICT RURAL DEVELOPMENT AGENCY, BALANGIR

**EOI No.2761 / DRDA, Date: 30.08.2019**

**INVITATION OF OFFERS/EXPRESSION OF INTEREST FOR SHGs SALES OUTLET**

Sealed proposals are invited by the District Rural Development Agency, Balagir from well established long-standing SHGs federations/SHGs of rural as well as municipal area of Balagir District, having authentic per year business tornover in different activity of Rs.10,00,000.00(Rupess ten Lakhs) only during 2016-17, 2017-18 & 2018-19 and proper documentations of take possession of SHGs sales outlet/show room near Zilla Parishad Office, Titilagarh Road, Balangir, The Contract will be for a period of one year but the committe reserves the right to cancel the contract anytime if observe/found any misconduct/mismanage ment it will renewed renewed after successful managemest for the first year & based on the assessment/ recommendation report of the District level committee. The bidders have to submit as per the specified format, which will be obtained from Accounts Section, DRDA, Balangir from 31 st August to 12 th September 2019 during Office hours only in official day with a nominal fees of Rs.100/-(Rupees one hundred) only per form, The sealed proposal will be received latest up to 4.00 PM on 12.09.2019 at office of DRDA in the proposal box. The proposal will be opened in the office of DRDA on 12.09.2019 at 5.00 PM in the presence of the party of their authorized representatives. The undersigned reserves the right to accept or reject any or all the proposals without assigning any reason thereof.

Sd./- Project Director
DRDA, Balangir

283-E

### Odisha State Health & Family Welfare Society,
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79

Advt. No: 39/19 — **Walk-in-Interview** — Date: 31.08.2019

Walk-in-Interview will be conducted as scheduled below for filling up the following position for H&FW Department under OSH&FW Society on contractual basis with monthly remuneration as noted against the position and subject to renewal as per OSH&FW Society terms and conditions. The said position is purely temporary and co-terminus with the scheme. Lower age limit is 21 years as on dt. 01/09/2019.

| Sl. No. | Name of the Post | Remuneration (in Rs.) | Date of Registration / Interview |
|---|---|---|---|
| 01 | OSD (Grievance) | Rs.65,000/-(Consolidated) | 13.09.2019 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, Application Form etc. **Candidates fulfilling the eligibility criteria may appear for registration on the date as mentioned against the position. Registration timing will be from 10.30 A. M. to 12 Noon only on Walk-in-Interview date.** No application will be received after scheduled date & timing of registration.

**Venue:-** Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin – 751012, Odisha.

10084/11/0021/1920

Sd/-
Mission Director, NHM
Member Secretary, OSH&FWS, Odisha

No. CAD-343:

OSMC

### NOTICE INVITING BID
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001

Tel. : (0674) 2380950, Website : www.osmcl.nic.in , Email : logistics.osmcl.od@nic.in
Bid Ref. No.: OSMCL/2019-20/DRUGS-DHS-GEN-GR-I/ 02 Date: 30/08/2019

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Drugs, Medical Consumables, Surgical & Suture Items (Group-I) as per the particulars mentioned below:**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 30/08/2019, 3 PM | |
| 2. | Date & time of Pre-bid meeting | 06/09/2019, 11:00 AM<br>Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>13/09/2019, 3 PM | End Date & Time<br>25/09/2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>26/09/2019, 10 AM | End Date & Time<br>04/10/2019, 11.00 AM |
| 5. | Date & time for submission of Samples as per section-IV of tender document | 26/09/2019, 10 AM | 04/10/2019, 5.00 PM |
| 6. | Date & time of online Technical bid opening | 04/10/2019, 11:00 AM | |
| 7. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

10112/11/0004/1920

SD/-
Managing Director
OSMC Ltd., Odisha

### GOVERNMENT OF ODISHA
OFFICE OF THE EXECUTIVE ENGINEER,MALKANGIRI(R&B) DIVISION,MALKANGIRI
**e-Procurement Notice**
Bid Identification No. E.E.(R&B)-MLK-02/2019-20

No. 140-B

No.4287 Date. 22.08.2019

| | |
|---|---|
| 1. Name of the work: | EI & Building works |
| 2. Total No. of Works: | 08 Nos |
| 3. Estimated cost: | Rs.5.95 lakhs to Rs.66.29 lakhs |
| 4. Period of completion: | 3(Three) to 9 (nine) months |
| 5. Date & time of availability of bid document in the portal: | From 11.00 hrs of 07.09.2019 to 16.00 hrs of .20.09.2019 |
| 6. Last date / Time for receipt of bids in the Portal; | 16.00 hours of 20.09.2019 |
| 7. Date of opening of Tender; | 11.00 hours of 21.09.2019 |
| 8. Name and address of the Offficer Inviting Bid: | Executive Engineer Malkangiri(R&B)Division |

Further details can be seen from the e-procurement portal https://tendersorissa.gov.in

34063/11/0003/1920

Executive Engineer
Malkangiri(R&B)Division

### GOVERNMENT OF ODISHA
GENERAL ADMINISTRATION AND PUBLIC GRIEVANCE DEPARTMENT
OFFICE OF THE COMMISSIONER FOR DEPARTMENTAL INQUIRIES, ODISHA,
QRS. NO.A/8, UNIT-V, BHUBANESWAR

**( NOTICE TO DELINQUENT OFFICER )**

No. 207-A

No.617 /CDI, Bhubaneswar Dated the 2nd August,2019.
To
Mr. Sallauddin Khan, AE(M) Retd.
At- Plot No.11-12, OSCAR CITY, Badagada Canal Road,
PO: Budheswar Colony,Bhubaneswar-751006

Sub: Departmental Proceedings drawn against Mr. Sallauddin Khan, AE(M)(Retd.),Ex-JE, R&B Division, Chitrakonda, Store & Mechanical Division, Chitrakonda under CDI Case No.24/2018.

Whereas the above case will be taken up for further hearing on 27.09.2019 in my office chamber at Qrs.No.A/8, Unit-V(Behind Nivedita Hostel), Bhubaneswar at 11.00 A.M. onwards.

Take notice thereof and appear on the date and time and place fixed for the inquiries for expeditious disposal of the case.

If you will fail to comply with this Summons without lawful excuse, you will be subject to the consequence of non-appearance and disobedience of summons laid down in the law on that regard.

Given under my hand and Seal to-day.

Sd/-31.07.2019
Commissioner for Departmental Inquiries
& Inquiring Authority

32031/11/0009/1920

### STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA

**NOTICE ON BIOMETRIC ATTENDANCE**

As per Examination Rules, students of Diploma courses of Polytechnics, who attend at least 75% of classes in a semester will be eligible to appear semester exams.

Hence students are advised to attend classes regularly and submit their daily attendance through the Bio-Metric devices twice a day (In and Out). They are also advised to check their attendance status in the Biometric portal through their Institution.

**Students securing Biometric attendance less than 75%* will not be allowed to appear Semester exams and shall be detained in the same semester with effect from Winter 2019 Exams onwards.**

*60% Subject to Condonation on Medical Ground

Vice Chairman

No. KK-60

44002/11/0005/1920

## ସଂକ୍ଷେପରେ

### ଟ୍ରାଫିକ କଟକଣା
## ମାସକରେ ୧.୩୦ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଢେଙ୍କାନାଳ ଅଫିସ, ୩୧।୮:** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଢେଙ୍କାନାଳ ସହରରେ ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯାଇଛି। ଅଗଷ୍ଟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଟାଉନ ଥାନା ପକ୍ଷରୁ ଜରିମାନା ବାବଦକୁ ୧ଲକ୍ଷ ୩୦ହଜାର ଟଙ୍କା ଆଦାୟ କରାଯାଇଛି। ମନ ଇଚ୍ଛା ପାର୍କିଂ କରିବା, ବାଇକ୍‌ରେ ୩ଜଣ ବସି ଯିବା, ଗାଡ଼ିଚାଳନା ବେଳେ ମୋବାଇଲ ଫୋନ ବ୍ୟବହାର କରୁଥିବା ଚାଳକଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତଗତିରେ ଗାଡ଼ିଚାଳନା ବୃଦ୍ଧି ପାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏବେ ପୋଲିସ ଟାର୍ଗେଟରେ ଏପରି ଚାଳକ ଅଛନ୍ତି। ସେମାନଙ୍କୁ ଧରି ଜରିମାନା ଆଦାୟ କରାଯାଉଛି। ଏସ୍‌ପି ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ଟାଉନ ଥାନାଧିକାରୀ ଅଭିନବ ଡାଲୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରପଗଡ଼ ଜାରି ରହିଛି।

## ରାସ୍ତାପାର୍ଶ୍ୱରୁ ମୃତ ଶିଶୁ ଉଦ୍ଧାର

**ଭୁବନ, ୩୧।୮(ଡି.ଏନ.ଏ.):** ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ନିକଟ ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଶନିବାର ସକାଳେ ପୋଲିସ ଏକ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ସର୍ବସାଧାରଣ ସ୍ଥାନରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଉକ୍ତ ମୃତ ଶିଶୁ ସୁରପ୍ରତାପପୁରର ଚିତ୍ତରଞ୍ଜନ ସ୍ୱାଇଁଙ୍କ ପୁଅ ବୋଲି ଜଣାପଡ଼ିଥିଲା। ଗୁରୁତର ଅବସ୍ଥାରେ କଟକ ଶିଶୁ ଭବନରେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ଶିଶୁର ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଲୋକେ ମୃତଦେହ ରାସ୍ତାକଡ଼ରେ ପକାଇ ଦେଇଥିଲେ। ସୂଚନା ପାଇ ଚିତ୍ତରଞ୍ଜନଙ୍କ ଘର ଲୋକେ ପହଞ୍ଚି ମରଶରୀରକୁ ସଂସ୍କାର କରିଥିବା ପୋଲିସ କହିଛି।

## ପୋଖରୀରେ ବୁଡ଼ି ଶିଶୁ ମୃତ

**କାମାକ୍ଷାନଗର, ୩୧।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ତରାଜଙ୍ଗ ଗ୍ରାମର ଭାଗ୍ୟଧର ଷଣ୍ଢଙ୍କ ଝିଅ ଯଶୋଦା (୮) ଶନିବାର ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଗାଧୋଇବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯଶୋଦାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ନଂ.୧୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## କଲେଜ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



**ସାତମାଇଲ, ୩୧।୮(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଜନତା କଲେଜର ବରିଷ୍ଠ କର୍ମଚାରୀ ବ୍ରଜବନ୍ଧୁ ମାଝିଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଲେ, ଦୀର୍ଘଦିନର କାର୍ଯ୍ୟକାଳ ମଧ୍ୟରେ ବ୍ରଜବନ୍ଧୁ ଛାତ୍ରାଛାତ୍ର, ଅଧାପିକା ଅଧାପକଙ୍କ ମଧ୍ୟରେ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ଅଧକ୍ଷ ମତ ରଖିଥିଲେ। ପ୍ରାଧାପକ ମହେଶ୍ୱର ପଟ୍ଟନାୟକ, ସୁଧାଂଶୁ ବେହେରା, ଅଧାପକ ଜୟନ୍ତ କୁମାର ବର୍ମା, ଡ. କୁମାର ସାହୁ, ଅଧାପିକା ଲକ୍ଷ୍ମୀପ୍ରିୟା ନନ୍ଦ, କର୍ମଚାରୀ ତ୍ରିଭୁବନ ସାରଥିଦାସ, ଡେମୋନେଷ୍ଟ୍ରେଟର ସୁନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜବନ୍ଧୁଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ସ୍ୱାୟତ୍ତ ଶାସନ ଦିବସ ପାଳିତ
# 'ମିଳିତ ଉଦ୍ୟମରେ ଢେଙ୍କାନାଳ ହେବ ୧ ନମ୍ବର'

**ଢେଙ୍କାନାଳ ଅଫିସ, ୩୧।୮**



ସଂଗ୍ରାମୀ ବ୍ରଜକିଶୋର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ହେଉଛି ବୁଦ୍ଧିଜୀବୀଙ୍କ ସହର। ମିଳିତ ପ୍ରଚେଷ୍ଟା, ସମ୍ମିଳିତ ଉଦ୍ୟମରେ ଢେଙ୍କାନାଳ ରାଜ୍ୟରେ ଏକ ନମ୍ବର ପୌରସଂସ୍ଥା ହୋଇପାରିବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ମିନି ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ପୌର ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ପୌରାଞ୍ଚଳବାସୀଙ୍କୁ ଏପରି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲାପାଳ ଆହୁରି ମଧ୍ୟ କହିଲେ, ସରକାର, ପ୍ରଶାସନ ଲୋକାଭିମୁଖୀ ହୋଇଛି। ଲୋକଙ୍କୁ ହାତ ପାହାନ୍ତାରେ ସେବା ଯୋଗାଇ ଦେବାକୁ ପ୍ରତି ୱାର୍ଡରେ 'ୱାର୍ଡ ଅଫିସ' ଖୋଲାଯିବ। କର୍ମଚାରୀମାନେ ୨ଘଣ୍ଟା ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିବେ। ସହରରେ ଡ୍ରେନେଜ୍ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଏକ ଭଲ ସଂସ୍ଥା ଦ୍ୱାରା ପ୍ଲାନ ପ୍ରସ୍ତୁତ କରାଯିବ। ପରିବେଶକୁ ସୁରକ୍ଷିତ ରଖିବା, ସହରର ସୌନ୍ଦର୍ଯ୍ୟବୃଦ୍ଧି ଏବଂ ଲୋକଙ୍କ ଆବଶ୍ୟକ ଥିବା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲାପାଳ ଅଭିଭାଷଣ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅନୁପମା ଜେମ୍‌ସ କହିଲେ, ପୌରାଞ୍ଚଳର ବିକାଶ ହୋଇଛି। ଏବେ ସହରକୁ ପ୍ଲାଷ୍ଟିକ୍, ପଲିଥିନ୍ ମୁକ୍ତ କରିବାକୁ ସମସ୍ତଙ୍କୁ ଆଗେଇ ଆସିବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଥିଲେ। ସ୍ୱାଗତ ଭାଷଣରେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କହିଲେ, ରାଜ୍ୟ ସରକାର ଢେଙ୍କାନାଳକୁ ଆଦର୍ଶ ସହର ଘୋଷଣା କରିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିବ। ଢେଙ୍କାନାଳରେ ଜାଗା ମିଶନକୁ ରାଜ୍ୟ ସରକାର ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରିଛନ୍ତି। ଏହି ଯୋଜନା ଆନୁକୂଲ୍ୟରେ ବିଭିନ୍ନ ବସ୍ତିରେ ରହୁଥିବା ୨୪୦୦ ଲୋକଙ୍କ ପାଇଁ ଜାଗା ଚିହ୍ନଟ କରାଯାଇଛି। ୪୦୦ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ସେହିପରି ୬୦୦୦ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଛି। ୧୦୦୦ ଲୋକଙ୍କ ଗୃହକାର୍ଯ୍ୟ ଶେଷ ହୋଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ ନବୀନଚନ୍ଦ୍ର ନାରାୟଣ ଦାସ, ସୁରେନ୍ଦ୍ର ମିଶ୍ର, ଇନ୍ଦ୍ରମଣି ବେହେରା, ସୁଧାଂଶୁ କୁମାର ଦଳେଇ, ସଂଗ୍ରାମୀ ବ୍ରଜକିଶୋର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଦଳ ପୁରସ୍କୃତ ହୋଇଥିଲେ। ସତ୍ୟନାରାୟଣ କର, ରଶ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଦିବସ ପାଳନ ଉପଲକ୍ଷେ ପୌରସଂସ୍ଥା କାର୍ଯ୍ୟାଳୟରେ ସକାଳ ସାଢ଼େ ୭ଟାରେ ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, କଣ୍ଟେଇକୋଳିଆ ସେବାଶ୍ରମ, ଆଦୃତା ଶିଶୁସଦନରେ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା।

### ହିନ୍ଦୋଳ ଏନ୍‌ଏସିରେ ପଦାରେ ପଡ଼ିଲା କନ୍ଦଳ
# ପତାକା ଉତ୍ତୋଳନ କରି ସାରିଦେଲେ କାର୍ଯ୍ୟକ୍ରମ

**ହିନ୍ଦୋଳ, ୩୧।୮(ଡି.ଏନ.ଏ.)**

ସାରା ରାଜ୍ୟରେ ଶନିବାର ଜାକ୍‌ଜମକରେ ପାଳିତ ହୋଇଛି ସ୍ୱାୟତ୍ତ ଶାସନ ଦିବସ। ହେଲେ ହିନ୍ଦୋଳ ଏନ୍‌ଏସିରେ କାମଚଳା ଭାବେ କେବଳ ଜାତୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ସାରିଦିଆଯାଇଛି। ଏହାର କାରଣ ଅଧକ୍ଷା ଏବଂ କାଉନସିଲରଙ୍କ ମଧ୍ୟରେ ଲାଗିରହିଥିବା ଗୋଷ୍ଠୀକନ୍ଦଳ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ହିନ୍ଦୋଳ ଏନ୍‌ଏସିରେ ବିଗତ ବର୍ଷଗୁଡ଼ିକରେ ଧୂମ୍‌ଧାମରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଥିଲା। ହେଲେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ହୋଇଛି। ଏନ୍‌ଏସି ଅଧକ୍ଷା ରୀନା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ ଟିମା ବେହେରା, ହାତଗଣତି କର୍ମଚାରୀଙ୍କ ବ୍ୟତୀତ ଜଣେ କେହି ବି କାଉନ୍‌ସିଲର ଉପସ୍ଥିତ ନ ଥିଲେ।

କେତେଜଣ ଅସନ୍ତୁଷ୍ଟ କାଉନ୍‌ସିଲର ନାମ ଗୋପନ ରଖି କୁହନ୍ତି, ବିଜେଡି ସଂଖ୍ୟାଗରିଷ୍ଠ ଲାଭ କରି ଏନ୍‌ଏସି କ୍ଷମତା ହାତେଇଛି। ହେଲେ ଅଧକ୍ଷା ଏକଛତ୍ରବାଦ ଶାସନ ଚଳାଇଛନ୍ତି। କୌଣସି କ୍ଷେତ୍ରରେ କାଉନ୍‌ସିଲରଙ୍କ ମତାମତ ଲୋଡ଼ାଯାଉନାହିଁ। ଏପରି କି ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇନାହିଁ। ପରମ୍ପରା ଅନୁଯାୟୀ, କାଉନସିଲରଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିବା କଥା, ସେତକ ବି ହେଲାନାହିଁ। ଦୀର୍ଘଦିନ ଧରି ଲାଗି ରହିଥିବା ଅସନ୍ତୋଷର ପ୍ରତିଫଳନ ସ୍ୱାୟତ୍ତ ଶାସନ ଦିବସରେ ଦେଖିବାକୁ ମିଳିଛି ବୋଲି ସେମାନେ କହିଛନ୍ତି।

ଏ ନେଇ ଅଧକ୍ଷା ନିଜ ପ୍ରତିକ୍ରିୟାରେ କୁହନ୍ତି, ପତାକା ଉତ୍ତୋଳନ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଛି। ଉପଜିଲାପାଳ ଜିଲାସ୍ତରୀୟ ବୈଠକରେ ଯୋଗଦେବାକୁ ଯାଇଥିବାରୁ ଅନୁପସ୍ଥିତ ଥିଲେ। ସୀମିତ ସମୟ ମଧ୍ୟରେ ନିରାଡ଼ମ୍ବର ଭାବେ କାର୍ଯ୍ୟକ୍ରମ ସାରି ଦିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ କାଉନ୍‌ସିଲରମାନେ ଆଣିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଉପଜିଲାପାଳ ଉଦୟ କୁମାର ମହାପାତ୍ର କୁହନ୍ତି, ସେ ଢେଙ୍କାନାଳରେ ଆୟୋଜିତ ଜିଲା ପ୍ରଶାସନର କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଏନ୍‌ଏସି କାର୍ଯ୍ୟାଳୟରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସରେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କାର୍ଯ୍ୟକ୍ରମ ସୁଚାରୁରୂପେ ହୋଇଥିବା ସୂଚନା ଦେଇଥିବା ଉପଜିଲାପାଳ କହିଛନ୍ତି।

## ପ୍ରସ୍ତାବିତ ସିଭିଲ କୋର୍ଟ ପରିସରରେ ଲାଗିଲା ଚାରା




ସିଭିଲ କୋର୍ଟ ପକ୍ଷରୁ ବୃକ୍ଷରୋପଣ।

**ଢେଙ୍କାନାଳ ଅଫିସ, ୩୧।୮**

ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟସ୍ଥିତ ପ୍ରସ୍ତାବିତ ସିଭିଲ୍ କୋର୍ଟ ପରିସରରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ମଳୟ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ପରିବେଶ ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଏକାନ୍ତ ଅପରିହାର୍ଯ୍ୟ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିରଞ୍ଚି କୁମାର ରଥ, ଜଜ୍ ଦୀପ୍ତିରଞ୍ଜନ କାନୁନ୍‌ଗୋ, ପ୍ରତିମା ପଣ୍ଡା, ମୁକ୍ତିରଞ୍ଜନ ଶତପଥୀ, ଅଳ୍ପନା ସ୍ୱାଇଁ, ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ଅଭିଜିତ କୁମାର ପୁରୋହିତ, ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ, ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, କୋର୍ଟ ମ୍ୟାନେଜର ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡିଏଫ୍‌ଓ ସୁଦର୍ଶନ ପାତ୍ର, ସଦର ରେଞ୍ଜର ମୁନାୱର ଖାଁ, ଫରେଷ୍ଟର ହିମାଂଶୁ ପୃଷ୍ଟିଙ୍କ ସମେତ ବନ ବିଭାଗ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ମୂର୍ତ୍ତି ମନସ୍କ ଶିଶିର

### ଦିନକ ପରେ ଗଣେଶ ପୂଜା

କୁମ୍ଭକାର ସମ୍ପ୍ରଦାୟର ନୁହନ୍ତି, ହେଲେ ତାଙ୍କ ରକ୍ତରେ ଭରିରହିଛି କାରିଗରି ବିଦ୍ୟା। ବିଧିବଦ୍ଧ ଭାବେ ତାଲିମ ନେଇନାହାନ୍ତି, ହେଲେ ତାଙ୍କ ହାତର କାଉଁରି ସ୍ପର୍ଶରେ ମାଟି ପିତୁଳାରେ ସଞ୍ଚରି ଯାଏ ଜୀବନ। ମାଟି ଭିତରେ ଜୀବନ ଖୋଜିଥିବା ଏପରି ଜଣେ ନିଆରା ଶିଳ୍ପୀ ହେଲେ ଶିଶିର ବେହେରା।



ଶିଳ୍ପୀ ଶିଶିର ଗଣେଶଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

**(ସୁଶାନ୍ତ କୁମାର ପତି)**
**ସାତମାଇଲ, ୩୧।୮**

ଶିଶିର କୁମାର ବେହେରା। ବୟସ ୨୫। ଘର ହିନ୍ଦୋଳ ବ୍ଲକ ଚିଉଲପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମରେ। ମା' ଆଉ ଜଣେ ଭାଇଙ୍କୁ ନେଇ ତାଙ୍କ ପରିବାର। ବାପା ଛୁଆବେଳୁ ଆରପାରିରେ। ପିଲାଦିନରୁ ଜୀବନ ସଂଘର୍ଷକୁ ଭଲଭାବେ ବୁଝିଥିବା ଶିଶିର ନିଜର ନିଆରା ମୂର୍ତ୍ତି ତିଆରି କୌଶଳ ପାଇଁ ଢେଙ୍କାନାଳ, ଅନୁଗୋଳ ଜିଲାରେ ବେଶ୍ ପରିଚିତ। ପାର୍ବଣ ଆସିଲେ ତାଙ୍କ ହାତତିଆରି ନିଖୁଣ ମୂର୍ତ୍ତି ନେବାକୁ ଅନାଇ ରହିଥାନ୍ତି ପ୍ରତିଷ୍ଠିତ ପୂଜା କମିଟି।

ପିଲାଟି ଦିନରୁ ଚିତ୍ରକଳା ପ୍ରତି ଥିବା ଆଗ୍ରହ ହିଁ ଶିଶିରଙ୍କୁ ମୂର୍ତ୍ତି ତିଆରି ପାଇଁ ପ୍ରେରିତ କରିଛି। ପରିବାର ସଦସ୍ୟ ଏବଂ ସାଙ୍ଗସାଥୀ ଏ ଦିଗରେ ବେଶ୍ ସହଯୋଗ କରିଛନ୍ତି। ହିନ୍ଦୋଳ ଉପଖଣ୍ଡର ଖ୍ୟାତିସମ୍ପନ୍ନ କାରିଗର ରବିନାରାୟଣ ବେହେରାଙ୍କୁ ଗୁରୁ ଭାବେ ଗ୍ରହଣ କରି ସେ ନିଜ କର୍ମପଥରେ ଆଗେଇ ଚାଲିଛନ୍ତି। ୧୩ବର୍ଷ ହେଲା ଗଣେଶ, ସରସ୍ୱତୀ, ବିଶ୍ୱକର୍ମା, ଖୁଦୁରୁକୁଣୀ, ଦୁର୍ଗା, କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ଗଢୁଛନ୍ତି।

ନିଜ ବୃତ୍ତିଗତ ଜୀବନ ସମ୍ପର୍କରେ ସେ କୁହନ୍ତି, ଦିନକ ପରେ ଧରାବତରଣ କରିବେ ଗଜାନନ। ସେଥିପାଇଁ ତର ନାହିଁ। ରଙ୍ଗ କାମ ପ୍ରାୟତଃ ଶେଷ ହୋଇସାରିଥିବାବେଳେ ଗଣନାଥଙ୍କ ମୂର୍ତ୍ତିକୁ ଶେଷ ସ୍ପର୍ଶ ଦିଆଯାଉଛି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ବରାଦ ରହିଛି। ସେଥିରୁ ଅଧିକାଂଶ ମୂର୍ତ୍ତିର ରଙ୍ଗକାମ ଶେଷ ହୋଇଛି। ବଳକା କାମ ନିର୍ଦ୍ଧାରିତ ସମୟରେ ସାରିବାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଛି। ଖୁଦୁରୁକୁଣୀ ମୂର୍ତ୍ତି ଗଢ଼ାରେ ବ୍ୟସ୍ତଥିବାରୁ ଏଥର କାମ ବିଳମ୍ବିତ ହୋଇଥିବା ସେ କହିଛନ୍ତି। କାମରେ ହେଉଥିବା ଅସୁବିଧା ସମ୍ପର୍କରେ ଶିଶିର କୁହନ୍ତି, ମୂର୍ତ୍ତି ଗଢ଼ିବା ପାଇଁ ମାଟି ଏବେ ପ୍ରମୁଖ ସମସ୍ୟା ପାଲଟିଛି। ବିଭିନ୍ନ ସ୍ଥାନ ବୁଲି ବୁଲି ଭଲ ମାଟି ସଂଗ୍ରହ କରିବାକୁ ପଡୁଛି। ସେହିପରି ରଙ୍ଗ, ଅନ୍ୟାନ୍ୟ ସାଜସଜ୍ଜା ଉପକରଣ ଦରଦାମ ବଢ଼ିବାରେ ଲାଗିଛି। ଏସବୁକୁ ଦେଖିଲେ ଉପଯୁକ୍ତ ପାରିଶ୍ରମିକ ମିଳୁନି। ତଥାପି ମୂର୍ତ୍ତି ତିଆରି କରିବା ନିଶା ପାଲଟି ଯାଇଥିବାରୁ ଏହାକୁ ଛାଡ଼ିହେଉନି ବୋଲି ସେ ନିଜ ପ୍ରତିକ୍ରିୟା ରଖିଛନ୍ତି।

# ମାଈ ହାତୀର ଗଳିତ ମୃତଦେହ ଠାବ

**ପରଜଙ୍ଗ ୩୧।୮(ଡି.ଏନ୍.ଏ.)**



- ହାତୀପଲ ଆକ୍ରମଣରେ ମୃତ୍ୟୁ ଅନୁମାନ
- ବନ କର୍ମଚାରୀଙ୍କୁ ଦୋଷ ଲଦିଲେ ଗ୍ରାମବାସୀ
- କମୁନି ଉପଦ୍ରବ, ଜନଆକ୍ରୋଶ ବଢୁଛି


ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ସାଆନ୍ଦା ବିଟ୍ ଅଧୀନ ବସନ୍ତପଡ଼ା ଗ୍ରାମ ନିକଟ ବାଙ୍କଧରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରମୁଣ୍ଡରେ ଥିବା ଖାଲରୁ ଶନିବାର ଏକ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୧୦ବର୍ଷ ହେବ। ହାତୀପଲ ଆକ୍ରମଣରେ ପାଖାପାଖି ୭ଦିନ ତଳେ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଫରେଷ୍ଟର ରାମଚନ୍ଦ୍ର ରାଉତ, ମୋବାଇଲ ସ୍କ୍ୱାଡ୍ ଫରେଷ୍ଟର ସୁରେନ୍ଦ୍ର ନାୟକ, ଗାର୍ଡ ପଞ୍ଚାନନ ସିଂ ପ୍ରମୁଖ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ପ୍ରାଣୀଧନ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ ବ୍ୟବଚ୍ଛେଦ କରିଥିଲେ। ଏହାପରେ ବନ କର୍ମଚାରୀଙ୍କ ସହାୟତାରେ ଗାତ ଖୋଳି ହାତୀ ମୃତଦେହକୁ ପୋତି ଦିଆଯାଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୪ ତାରିଖରେ ଉକ୍ତ ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଥିଲେ। ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଜଙ୍ଗଲରେ ହାତୀଙ୍କ ଗର୍ଜନ ଶୁଣାଯାଇଥିଲା। ସମ୍ଭବତଃ ଉକ୍ତ ସମୟରେ ମାଈ ହାତୀଟି ଅନ୍ୟ ହାତୀଙ୍କ ଆକ୍ରମଣର ଶିକାର ହୋଇଥିଲା। ଖାଲରେ ଖସିପଡ଼ିବା ପରେ ଉଠି ନ ପାରି ହାତୀଟି ପ୍ରାଣ ହରାଇଛି। ଅଞ୍ଚଳବାସୀ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ହାତୀ ଉପଦ୍ରୁତ ଅଞ୍ଚଳ ହୋଇଥିଲେ ମଧ୍ୟ ବନ କର୍ମଚାରୀ ଆସୁନାହାନ୍ତି। ତେଣୁ ହାତୀ ମୃତ୍ୟୁ ସମ୍ପର୍କରେ ସେମାନଙ୍କ ନିକଟରେ କୌଣସି ସୂଚନା ନ ଥିଲା। ଫରେଷ୍ଟ ଗାର୍ଡ ପଞ୍ଚାନନ ସିଂ ଗ୍ରାମବାସୀଙ୍କ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ସେ ନିଜ ସ୍ପଷ୍ଟୀକରଣରେ କହିଛନ୍ତି, ଅନ୍ୟ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବାରୁ ଘଉଡ଼ାଇବାକୁ ପଡୁଛି। କାର୍ଯ୍ୟବ୍ୟସ୍ତତା କାରଣରୁ ତାଙ୍କ ପକ୍ଷେ ଉକ୍ତ ଅଞ୍ଚଳକୁ ଆସିବା ସମ୍ଭବପର ହେଉନାହିଁ। ରେଞ୍ଜର ହରମୋହନ ନାୟକ କୁହନ୍ତି, ଗାର୍ଡଙ୍କ ଦ୍ୱାରା ଅବହେଳା ହୋଇଛି। ଲୋକମାନଙ୍କ ସହ ଯୋଗାଯୋଗ କରୁ ନ ଥିବାରୁ ୭ଦିନ ପରେ ହାତୀମୃତ୍ୟୁ ସମ୍ପର୍କରେ ସୂଚନା ମିଳୁଛି। ଏ ନେଇ ଡିଏଫ୍‌ଓଙ୍କୁ ଅବଗତ କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହାବିରୋଡ ରେଞ୍ଜରେ ହାତୀ–ମଣିଷ ଲଢ଼େଇ ତୀବ୍ର ରୂପ ଧାରଣ କରିଛି। କେତେବେଳେ ହାତୀ ତ ଆଉ କେବେ ମଣିଷଙ୍କ ଜୀବନ ଯାଉଛି। ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବରେ ଶତାଧିକ ପରିବାର ବାସ ହରାଇଲେଣି। ହାତୀ ଆକ୍ରମଣରେ ଆହତଙ୍କ ସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱ ଟପିଲାଣି। ହାତୀଙ୍କୁ ଘଉଡ଼ାଇବାର ବାଟ ମିଳୁ ନ ଥିବାବେଳେ ବନ କର୍ମଚାରୀ

## ନରହନ୍ତା ଦନ୍ତା ଅସୁସ୍ଥ

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ଆତଙ୍କ ସୃଷ୍ଟି କରିଥିବା ହିଂସ୍ର ନରହନ୍ତା ଦନ୍ତା ଅସୁସ୍ଥ ହୋଇପଡ଼ିଛି। ହାତୀଟି ଶନିବାର ସକାଳେ ପାଳସାହି ଗ୍ରାମକୁ ଯାଇଥିବା ରାସ୍ତାପାର୍ଶ୍ୱ ଜଙ୍ଗଲରେ ଦୀର୍ଘ ସମୟ ଧରି ଶୋଇ ରହିଥିଲା। ଅପରାହ୍ନରେ ଦନ୍ତା କମର ଗାଁମୁହାଁ ହୋଇଛି। ଅତ୍ୟଧିକ ମାତ୍ରାରେ ସାର ଖାଇଦେଇଥିବାରୁ ହାତୀ ଅସୁସ୍ଥ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି।

ସ୍ଥାନୀୟ ଲୋକଙ୍କ କହିବା କଥା, ପାଳସାହି ଗ୍ରାମରେ ଶୁକ୍ରବାର ରାତିରେ ଉକ୍ତ ଦନ୍ତା ପଶି ଉପଦ୍ରବ କରିଥିଲ। ଜଣେ ଚାଷୀ ଜମିରେ ପକାଇବାକୁ ରଖିଥିବା ଅଧାବସ୍ତା ସାର ବୋହି ନେଇ ଖାଇଦେଇଥିଲା। ଶନିବାର ଜଙ୍ଗଲିଆ ରାସ୍ତାପାର୍ଶ୍ୱରେ ନିସ୍ତେଜ ହୋଇ ଶୋଇ ରହିଥିବା ଅବସ୍ଥାରେ ହାତୀକୁ ଠାବ କରାଯାଇଥିଲା। ଅପରାହ୍ନରେ ହାତୀଟି କମର ଗ୍ରାମ ଆଡ଼କୁ



ଧୀରେ ଧୀରେ ଯାଇଥିଲା। ହାବଭାବରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ଜଣାପଡ଼ିଛି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ମହାବିରୋଡ଼ ରେଞ୍ଜର ହରମୋହନ ନାୟକ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ତେବେ ସାର ଖାଇବା ପରେ ହାତୀ ଅସୁସ୍ଥ ହେବା କଥାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି, ତାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି। ଅନ୍ୟପଟେ ନରହନ୍ତା ଦନ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କଲେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ



**ଭୁବନ, ୩୧।୮(ଡି.ଏନ.ଏ.)**

ରାସ୍ତାରେ ପଡ଼ିଥିବା ଜଣେ ମାନସିକ ଭିନ୍ନକ୍ଷମ ରୋଗୀଙ୍କୁ ସହାୟତାର ହାତ ବଢ଼ାଇ ମାନବିକତା ଦେଖାଇଛନ୍ତି ଭୁବନ ଡାକ୍ତରଖାନାର କର୍ମଚାରୀ। ସ୍ଥାନୀୟ ବାଟମଙ୍ଗଳା ମନ୍ଦିର ସମ୍ମୁଖରେ ସମ୍ପୃକ୍ତ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଜଣକ ୫ଦିନ ଧରି ପଡ଼ି ରହିଥିଲେ। ଶନିବାର ସକାଳେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଉଦୟନାଥ ରାଉତ, ହିମାଂଶୁ ଭୂଷଣ ତରାଇ, ପୂର୍ଣ୍ଣଚନ୍ଦ୍ର ରାଉତ, ଦିଲୀପ ସାହୁ, ସୁଦର୍ଶନ ଜେନା ପ୍ରମୁଖ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ଆବଶ୍ୟକ ପରୀକ୍ଷା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ କିଡ୍‌ନୀ ଖରାପ ଥିବା ଜଣାପଡ଼ିଛି। ଅଣଓଡ଼ିଆ ତଥା ହିନ୍ଦୀଭାଷାରେ କଥା ହେଉଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଏମାର ମଠ ଉଚ୍ଛେଦ ଜାରି

# ମହନ୍ତ ଅଟଳ, ଅଡୁଆରେ ପ୍ରଶାସନ

ପୁରୀ ଅଫିସ, ୩୧।୮



ବଣିଆପଟିରେ ଦୋକାନ ଘରଗୁଡ଼ିକୁ ଜେସିବି ଦ୍ୱାରା ଭଙ୍ଗା ଯାଉଛି।



ଏମାର ମଠ ମହନ୍ତଙ୍କ ଘରକୁ ପୋଲିସ ଜଗି ରହିଛନ୍ତି ।

- ଭଙ୍ଗାଗଲା ବଣିଆପଟିର ୧୧ ସୁନା ଦୋକାନ
- ମୁଖ୍ୟ କୋଠା ଭଙ୍ଗାକୁ ନେଇ ବଢ଼ୁଛି ଉତ୍କଣ୍ଠା
- ମଠ ଛାଡ଼ିବେନି କି କଣ୍ଟେନରରେ ରହିବେନି ମହନ୍ତ
- ମନାଇବାରେ ବିଫଳ ପ୍ରଶାସନିକ ଅଧିକାରୀ
- ଏମାର ପରେ ବଡ଼ଆଖଡ଼ା ଓ ସାନଛତା ମଠ ପାଳି

ଏମାର ମଠ ଉଚ୍ଛେଦକୁ ନେଇ ଦିନକୁ ଦିନ ରହସ୍ୟ ବଢ଼ୁଛି। ମଠର କୋଠିଘର, ଲାଇବ୍ରେରି ଏବଂ ଏହାର ତଳ ମହଲାରେ ଥିବା ଦୋକାନ ଘର ଭଙ୍ଗା ସରିଥିବାବେଳେ ଶନିବାର ମଠ ପରିସର ବଣିଆପଟିରେ ଥିବା ୧୧ଟି ସୁନା ଦୋକାନ ଭଙ୍ଗାଯାଇଛି। ତେବେ ମୁଖ୍ୟ କୋଠା ଭଙ୍ଗାକୁ ନେଇ ଉତ୍କଣ୍ଠା ଲାଗି ରହିଛି। ସେପଟେ ମଠ ନ ଛାଡ଼ିବାକୁ ମହନ୍ତ ଅଡ଼ି ବସିଥିବାବେଳେ ତାଙ୍କୁ ମନାଇବାକୁ ପ୍ରଶାସନ ଚେଷ୍ଟା ଚଳାଇଛି। ସବୁଠୁ ରୋଚକ ତଥ୍ୟ ହେଉଛି ଉଚ୍ଛେଦରେ ମହନ୍ତଙ୍କ ସହମତି ରହିଥିବା ବାହାରେ ପ୍ରଶାସନିକ ଅଧିକାରୀ କହୁଥିବା ବେଳେ ମଠ ଭିତରେ ଥାଇ ମହନ୍ତ କିନ୍ତୁ ଭିନ୍ନ କଥା କହୁଛନ୍ତି। ସତ କ'ଣ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଶନିବାର ପୁଣି ମହନ୍ତଙ୍କ ବୟାନ ପ୍ରଶାସନକୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ରବିବାର ଓ ସୋମବାର ଛୁଟିଦିନ ଥିବାରୁ ଉଚ୍ଛେଦ କାମ ବନ୍ଦ ରହିବ ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି।

ଶନିବାର ଚତୁର୍ଥ ଦିନରେ ଏମାର ମଠ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ରଘୁନନ୍ଦନ ଲାଇବ୍ରେରିର ଭଗ୍ନାବଶେଷ ସଫା କରାଯାଇ ବୁହାଯାଇଥିଲା। ସେହିପରି ବଣିଆ ପଟିର ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଖାଲି କରିଥିଲେ। ଅପରାହ୍ନରେ ବଣିଆପଟିର ୧୧ଟି ଦୋକାନକୁ ଭଙ୍ଗାଯାଇଥିଲା। ତେବେ ମଠ ମହନ୍ତଙ୍କ ମନ୍ତବ୍ୟକୁ ନେଇ ଦିନତମାମ୍ ଚର୍ଚ୍ଚା ଚାଲିଥିଲା। ମଠ ଭିତରେ ଥାଇ ଫୋନ ଯୋଗେ ଗଣମାଧ୍ୟମକୁ ମହନ୍ତ କହିଥିଲେ, ପ୍ରଶାସନ ଆଲୋଚନାବେଳେ ସେ ରହୁଥିବା ଘର ଓ ଗାଦିଘର ଭଙ୍ଗାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏବେ ବିଭିନ୍ନ ପ୍ରକାର କଥା କହୁଛି। ତେଣୁ ସେ ରହୁଥିବା ବାସଗୃହ ଛାଡ଼ିବେ ନାହିଁ। ତାଙ୍କ ରହିବା ଲାଗି ଅଣାଯାଇଥିବା କଣ୍ଟେନରକୁ ନେଇ ମଧ୍ୟ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଣ୍ଟେନରରେ ରହିବେ ନାହିଁ ବୋଲି ମହନ୍ତ ରାଜଗୋପାଳ ରାମାନୁଜ ଦାସ ରୋକଠୋକ୍ ମନା କରିଛନ୍ତି। ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ସେ ଚଳିବାରେ ହଇରାଣ ହେଉଛନ୍ତି। ଅସୁସ୍ଥ ଅନୁଭବ କରୁଥିବାରୁ ତାଙ୍କର ବିଶ୍ରାମ ଦରକାର ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଏହି ମନ୍ତବ୍ୟ ପରେ ଏମାର ମଠ ମୁଖ୍ୟ କୋଠା ଉଚ୍ଛେଦରେ ଆସିଛି ନୂଆ ମୋଡ଼।

ଗତ ୪ଦିନ ହେଲା ପ୍ରଶାସନିକ ଅଧିକାରୀମାନେ ମହନ୍ତଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି। ଶୁକ୍ରବାର ରାତିରେ ବରିଷ୍ଠ ପୋଲିସ ଅଧିକାରୀ ମଠକୁ ଯାଇ ମହନ୍ତଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କୌଣସି ନିର୍ଯାସ ବାହାରି ପାରି ନ ଥିଲା। ସେହିପରି ମହନ୍ତ ରାତିରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କ ସହ ଉଚ୍ଛେଦ ସମ୍ପର୍କରେ ଆଲୋଚନା କରିବା ଲାଗି ସମୟ ସ୍ଥିର ହୋଇଥିଲା। କିନ୍ତୁ ମହନ୍ତ ମଠରୁ ବାହାରକୁ ବାହାରି ନ ଥିଲେ ।

ପରବର୍ତ୍ତୀ ଉଚ୍ଛେଦ ସମ୍ପର୍କରେ ଜିଲାପାଳ କହିଛନ୍ତି, ରବିବାର ଓ ସୋମବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିରକୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିବେ। ତେଣୁ ଏହି ଦୁଇଦିନ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖାଯିବ। ଏମାର ମଠ ଉଚ୍ଛେଦ ପରେ ଅସୁରକ୍ଷିତ ଥିବା ବଡ଼ଆଖଡା ଓ ସାନଛତା ମଠ ଭଙ୍ଗାଯିବ।

## ଉଚ୍ଛେଦ ପ୍ରକ୍ରିୟାକୁ ପୁରୀ ବିଧାୟକଙ୍କ ବିରୋଧ

# 'ବିକାଶ ନାଁରେ ବିନାଶ ହେଉଛି'



ଖବରଦାତା ସମ୍ମିଳନୀରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ।

ପୁରୀ ଅଫିସ, ୩୧।୮

ଶ୍ରୀମନ୍ଦିରର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ଚାଲିଛି ଉଚ୍ଛେଦ ଅଭିଯାନ। ତେବେ ବର୍ତ୍ତମାନର ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଶନିବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଶ୍ରୀକ୍ଷେତ୍ରରେ ବିକାଶ ନାଁରେ ଏବେ ବିନାଶ ହେଉଛି। ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ସରକାର ପୁରୀ ସହରର କୌଣସି ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିନାହାନ୍ତି। କାହାକୁ ମଧ୍ୟ ବିଶ୍ୱାସକୁ ନେଉନାହାନ୍ତି। ଅସୁରକ୍ଷିତ ଦର୍ଶାଇ ମଠ, ମନ୍ଦିରକୁ ଭାଙ୍ଗି ଦିଆଯାଉଛି। କିନ୍ତୁ ଏହା ଅସୁରକ୍ଷିତ ନୁହେଁ, କାରଣ ଭଙ୍ଗାଯାଉଥିବା ମଠଗୁଡ଼ିକ ଯଦି ଅସୁରକ୍ଷିତ ଥିଲା ତେବେ ରଥଯାତ୍ରା ସମୟରେ ପ୍ରଶାସନିକ ଅଧିକାରୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଏହା ଉପରେ କିପରି ବସୁଥିଲେ ବୋଲି ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ସରକାର ନୀତି ନିୟମରେ କିଛି ବି କରୁନାହାନ୍ତି। ୭୫ ମିଟର କଥା କେଉଁଠୁ ଆସିଲା ଏବଂ ଏହି ନିଷ୍ପତ୍ତି ନେଲା କିଏ ? ଜନଶୁଣାଣି ମାଧ୍ୟମରେ ଏହା ନିଷ୍ପତ୍ତି ନିଆଯାଇ ଥିଲେ କେହି ଏହାକୁ ବିରୋଧ କରି ନ ଥାନ୍ତେ। ପୁରୀର ବିକାଶ ପାଇଁ ସରକାର ଯେଉଁ ପ୍ରକଳ୍ପ ଘୋଷଣା କରିଛନ୍ତି ତାହାକୁ ଆଗ କରି ପରବର୍ତ୍ତୀ ସମୟରେ ଉଚ୍ଛେଦ କରାଯାଇ ପାରିଥାନ୍ତା। କ୍ଷତିଗ୍ରସ୍ତମାନେ ଯଦି ଆଗୁଆ ଥଇଥାନ ହୋଇପାରିଥାନ୍ତେ ତେବେ କେହି ବି ପ୍ରଶ୍ନ ଉଠାଇ ନ ଥାନ୍ତେ। ତରବରିଆ ଭାବେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହାକୁ ଭାଜପା ସମାଲୋଚନା କରୁଛି। ଏ ନେଇ ତାଙ୍କ ସହ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା କରିନାହାନ୍ତି ବୋଲି ବିଧାୟକ କହିଛନ୍ତି। ଉଠାଦୋକାନୀଙ୍କୁ ପ୍ରଥମେ ଥଇଥାନ ଏବଂ ମଠ, ମନ୍ଦିର, ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ କରାଯାଉ। ମଠ ଓ ବ୍ୟକ୍ତିବିଶେଷଙ୍କ ଘରକୁ ଆଇନ ଅନୁସାରେ ଅଧିଗ୍ରହଣ ନ କରି ଏବଂ ଆଗୁଆ କ୍ଷତିପୂରଣ ନ ଦେଇ ଏକଛତ୍ରବାଦୀ ଢଙ୍ଗରେ ଭାଙ୍ଗିବା ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡ଼ା, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ନଗର ସଭାପତି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଧାୟକଙ୍କ ଏହି ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳ ବଲୱନ୍ତ ସିଂଙ୍କୁ ପଚାରିବାରେ କହିଛନ୍ତି, ପୁରୀର ଜନପ୍ରତିନିଧି ଯେପରି କି ଏମ୍‌ପି ଏବଂ ବିଧାୟକଙ୍କ ସହ ପରାମର୍ଶ କରୁଛୁ। ଆଗକୁ ମଧ୍ୟ କରିବୁ । ସେମାନଙ୍କ ପ୍ରସ୍ତାବ ଯାହା ଥିବ ତାହାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଆପଣଙ୍କ ସେବାରେ

**ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ**

ପ୍ରଭୁ କଲ୍ୟାଣ ଦାସ (ଓ.ଆର୍.ଏସ୍.), କାର୍ଯ୍ୟ ନିର୍ବାହୀ ଅଧିକାରୀ — ପୀତାମ୍ବର ସାମଲ ଓ.ପ୍ର.ସେ.(୧), ପ୍ରଶାସକ

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୯ ପାଳନ ଅବସରରେ ଜଗତ୍‌ସିଂହପୁର ପୌର ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

➤ ଟିକସ ଯଥା ସମୟରେ ପୌର ପରିଷଦରେ ପଇଠ କରନ୍ତୁ। ➤ ସରକାରୀ ତଥା ପୌର ପରିଷଦ ଜମି ଓ ଡ୍ରେନ୍‌କୁ ଅବରୋଧ କରନ୍ତୁ ନାହିଁ। ➤ ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ➤ ପୌର ପରିଷଦରେ ଜନ୍ମ ମୃତ୍ୟୁର ପଞ୍ଜୀକରଣ ଯଥା ସମୟରେ କରନ୍ତୁ। ➤ ପୌରାଞ୍ଚଳରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପୌର ପରିଷଦର ଅନୁମତି ନେଇ କରନ୍ତୁ। ➤ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ପ୍ଲାଷ୍ଟିକ ଥଳି ବିକ୍ରି ଓ ବ୍ୟବହାର ବାରଣ କରାଯାଇଅଛି, ଏଣୁ ପ୍ଲାଷ୍ଟିକ ଥଳି ବ୍ୟବହାର କରନ୍ତୁ ନାହିଁ। ➤ ସମସ୍ତ କାର୍ଯ୍ୟ ପାଇଁ ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ବଳଦେବ ବେହେରା, ନିର୍ବାହୀ ଅଧିକାରୀ, ପୌର ପରିଷଦ, ଜଗତ୍‌ସିଂହପୁର — ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଓ.ଏ.ଏସ୍ (ଏସ୍.ଏ.ଜି.), ପ୍ରଶାସକ, ପୌର ପରିଷଦ, ଜଗତ୍‌ସିଂହପୁର

**OFFICE OF THE NOTIFIED AREA COUNCIL, GUDARI** DIST.-RAYAGADA

Letter No.974/NAC — e-Procurement — Dt.29.08.2019

**Tender Reference-GDR_NAC_01/2019, Bid Identification No.2019_ORULB_56015**

1. Name of the work : 14 Nos. Civil Construction works as in the DTCN published in the website., 2. Estimated Cost : Varies from Rs.1.00 lakh to Rs.19.74 lakhs., 3. Period of completion : 30 days to 270 days., 4. Date and time of availability of bid documents : in the portal from 09.00 A.M. on 31.08.2019 to 5.00 P.M. on 13.09.2019., 5. Last date / Time for receipt of bids in the portal : Date: 13.09.2019 upto 5.00 P.M., 6. Bid documents dropping : from 10.00 A.M. on 31.08.2019 to 5.00 P.M. on 13.09.2019 (Except Holidays)., 7. Date and time of opening of bid : Date: 19.09.2019 at 10.00 A.M., 8. Name and address of the officer inviting Bid : Executive Officer, Gudari NAC. Further deatils can be seen from the e-procurement portal "https://tendersorissa.gov.in"

Executive Officer, Gudari NAC

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE GENERAL MANAGER (ELECT), EHT CONSTRUCTION CIRCLE, JAJPUR ROAD, AT: DHABALGIRI, PO: SOBRA-755019, DIST.- JAJPUR Phone No. 06726-222123, Email:-ehtc.cle.jjp@optcl.co.in

Tender Call Notice No.JJP - 02/2019-20

Sealed Tenders in duplicate are invited from the Manufacturers/Authorized dealers/ Registered order suppliers having valid PAN & GST for "for Supply & Installation of 20Nos. of 2.0Ton 3Star Inverter Split A.C. Machines (Make: LG/ Carrier/ Hitachi/ Voltas / Blue star) and 5.0KVA Voltage Stabilizers for 132/33 KV Grid Sub-station, Betanoti*. Cost of Tender Paper Rs. 4000/- +12% GST = Rs. 4,480/- (Non-refundable) and EMD @ 1% of the quoted price including GST is to be submitted in shape of DD drawn in favour of EHT(Construction) Circle, Jajpur Road payable at Jajpur Road. The sale of tender documents is from 05.09.2019 (10.00AM) up to 23.09.2019 (05.30 PM). The Tender paper shall be received up to 01.00 PM of 24.09.2019 and will be opened on the same day at 3.00 PM. For details please visit our website: www.optcl.co.in. Corrigendum if any will be published in the website only.

Sd./- General Manager (Elect.), EHT (Const.) Circle, Jajpur Road

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ** ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ। ଆପଣମାନଙ୍କ ଜୀବନ ସୁଖ ଓ ସମୃଦ୍ଧିମୟ ହେଉ। **(ବାର୍ତ୍ତା)** ୧.ଆମ୍ଭ ସହରକୁ ସଫା ସୁତୁରା ରଖିବା। ୨. ଠିକ୍ ସମୟରେ ପରିଷଦର ଦେୟ ପୈଠ କରି ରିହାତିର ଲାଭ ନେବା। ୩. ପରିମଳ ଜନିତ ପାଇଖାନା ବ୍ୟବହାର କରିବା। ୪. ରାସ୍ତାକଡରେ ଗାଈଗୋରୁ ଛାଡିବା ନାହିଁ। ୫. ସମସ୍ତେ ମିଶି ବୃକ୍ଷ ରୋପଣ କରିବା।

**ଶ୍ରୀମତୀ ଗାୟତ୍ରୀ ଦେବୀ ସାହୁ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ, ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଉପ-ଜିଲ୍ଲାପାଳ, ଗୁଣୁପୁର ତଥା ପ୍ରଶାସକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ**
ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗୁଡାରୀ ସହରବାସୀଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଅଛୁ ।

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

**E-TENDER NOTICE NO.BAM-04/2019-20**

For and on behalf of ODISHA POWER TRANSMISSION CORPORATION LTD. General Manager, EHT (O&M) Circle, Berhampur, invites Tenders from Original Manufacturers Or their Authorized Dealers having I.T. PAN, GST Registration No., HT/MV License & Authorized Dealership Certificate (Required for bidders other than manufacturer) in single part bidding system to **carry out the work of oil arresting in different capacity of transformers at different Grid Sub-Stations under EHT (O&M) Circle, Berhampur**. The interested bidders would be required to enroll themselves on the tender portal www.tenderwlzard.com/OPTCL.Complete set of bidding documents are available at www.tenderwizard.com/OPTCL from 02.09.2019 (10.00 Hrs) up to 30.09.2019 (12.30 Hrs). Interested Bidder may visit OPTCL's official web site http://www.optd.co.in and www.tertderwizard.com/OPTCL for detail specification. N.B:- All subsequent addendums/corrigendum to the tender shall be hosted in the OPTCL's official web site **http://www.optcl.co.in** and **www.tenderwizard.com/OPTCL** only.

*General Manager (Elect.)*

**MCL MAHANADI COALFIELDS LIMITED**
(A Subsidiary of Coal India Limited)
JAGRUTI VIHAR, BURLA-768020, DIST-SAMBALPUR, ODISHA
Ph.(EPABX):0663-2542461 to 469, Website:www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹ 2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in).** Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e- Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. [Contact details: Tel.-**0663-2542264/2542695** (available during office hours only), email-**hlp-eproc.mcl@nic.in**]

R-4933

*Give a missed call on toll free number 1800 200 3004 to get our apps.*

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
**OFFICE OF THE CHIEF LOAD DESPATCHER**
Gridco Colony, P.O. - Mancheswar Railway Colony, Bhubaneswar-17
Fax : 0674-2748509, CIN : U40102OR2004SGC007553

No.-CLD/6-374(PART)/2729 — Dt. 30.08.2019

**TENDER NOTICE NO. CLD-1/2019-20**

Chief Load Despatcher, SLDC invites Tenders from reputed Manufacturers / authorized dealers for Supply & Installation of 16 Nos. of 2.0 Ton Split A.C. Machines on buy back basis with 16 Nos. 5.0 KVA Voltage Stabilizers and 8 nos. of On/Off timer for SLDC, OPTCL, Bhubaneswar duly super scribed on the cover as : **"Tender for supply & installation of Split A.C. Machines with 5.0 KVA Voltage Stabilizers and Timer for SLDC"**. Tender papers can be purchased from Office of the Chief Load Despatcher, SLDC, OPTCL, Bhubaneswar during office hours on working days or can be downloaded from the OPTCL & SLDC website **from dt. 04.09.2019 to 25.09.2019 (Upto 01:00 PM)**. The Tender Document duly filled in shall be received **till 04:00 PM of date 25.09.2019**. The tender will be opened **on dt.26.09.2019 at 11.00AM.** Interested firms may visit SLDC / OPTCL's official website **www.optcl.co.in & www.sldcorissa.org.in** for detail specifications.

CHIEF LOAD DESPATCHER
SLDC, BHUBANESWAR

**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.03/2019-20 — **NOTICE INVITING TENDER**

For and on behalf of OPTCL sealed tenders are invited from Manufacturers/ Suppliers having Authorized Dealership Certificate with valid IT. PAN, GST Registration Certificate for **Supply of reputed Make (Havells/RR Cable/KEI/Polycab) 1100 Volt Grade, 3½ Core x 300 mm² Armoured Aluminium XLPE Power Cable of two pieces having lengths of 350 Mtrs. & 250 Mtrs. for transmission of AC supply from ACDB Panel to Station Transformer No.I and to Station Transformer No. II at 220/132/33 KV Grid Sub-Station, Narendrapur under EHT (O&M) Division, Berhampur**. Commencement of Sale of Tender Paper : From Dated 04.09.2019 to Dated 26.09.2019 up to 5.00PM. Last Date of Submission of Tender Paper : Dated 27.09.2019 up to 02.00 PM. Date of Opening of Tender Paper : Dated 27.09.2019 at 3.00 PM. Cost of Tender Paper : Rs.4,000 + GST @12% = Rs.4,480/-. For details please visit our website **www.optcl.co.in**. Corrigendum if any will be published in the website only.

*General Manager (Elect.)*

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ଭୂବନ, ସଚିବାଳୟ ମାର୍ଗ, ଖାରବେଳ ନଗର, ୟୁନିଟ-୩, ଭୁବନେଶ୍ୱର

ସଂଖ୍ୟା 20512 /ବିଡିଏ, ଭୁବନେଶ୍ୱର — ତା31.08.2019 ରିଖ
ପ୍ଲାନିଂ- ୧୨୦/୧୮

**ସାଧାରଣ ବିଜ୍ଞପ୍ତି**

**ବିଷୟ: ଅନଧିକୃତ ନିର୍ମାଣ ନିୟମିତୀକରଣ ସ୍କିମ୍, ୨୦୧୯**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଅଛି ଯେ, ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଗେଜେଟ ସଂଖ୍ୟା ୧୪୭୫ ତା ୦୬।୦୮।୨୦୧୯ରିଖ ଅନୁଯାୟୀ ଅନଧିକୃତ ନିର୍ମାଣ ନିୟମିତୀକରଣ ସ୍କିମ୍, ୨୦୧୯ ପ୍ରକାଶିତ କରିଅଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତିମାନେ ସ୍କିମ୍‌ର ଫର୍ମ-ଏ ସହିତ ନିର୍ଦ୍ଧାରିତ ପାଉଣା, ନକ୍ସା ଏବଂ ଆବଶ୍ୟକୀୟ କାଗଜପତ୍ର, କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରି ନିୟମ ଅନୁଯାୟୀ ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତୀକରଣ କରିପାରିବେ।

ଏହି ସ୍କିମ୍‌ରେ ବିଭିନ୍ନ ଯୋଜନା ଏବଂ ନିର୍ମାଣ ସମ୍ବନ୍ଧୀୟ ନିୟମ ଯଥା, ଘର ଚତୁଃପାର୍ଶ୍ୱରେ ଛାଡ଼ିବାକୁ ଥିବା ଖୋଲା ଜାଗା, ପ୍ଲଟ୍‌ରେ ନିର୍ମିତ କ୍ଷେତ୍ରଫଳ, ପାର୍କିଂ ଆବଶ୍ୟକତା, ଶିଡ଼ି ଏବଂ କରିଡୋର ସମ୍ବନ୍ଧୀୟ ମାନକ/ ନିୟମ ଇତ୍ୟାଦି କୋହଳ କରାଯାଇଅଛି।

ଏହି ଯୋଜନା ସମ୍ବନ୍ଧରେ ସବିଶେଷ ବିବରଣୀ, ଆବେଦନ ପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍‌ସାଇଟ୍ **www.bda.gov.in**ରେ ଉପଲବ୍ଧ ଅଟେ। ଆବେଦନ ପତ୍ର ସ୍ୱୀକାରର ଅନ୍ତିମ ତାରିଖ ୦୫।୦୨।୨୦୨୦ ଅଟେ ।

ସ୍ୱା./- ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ZILLA SWASTHYA SAMITI, NUAPADA**
**OFFICE OF THE CHIEF DISTRICT MEDICAL OFFICER,NUAPADA**
(CORPUS FUND)
E-mail : nhmnuapada@gmail.com Phone: (06678)-223346
Adv No.2010 /DPMU/NHM/2019, Date:30.08.2019

REQUIREMENT OF SPECIALIST DOCTORS in **O&G /Paediatrics/Medicine/Anaesthesia/ Orthopaedics/Surgery Psychiatry/Skin & VD**

Zilla Swasthya Samiti, Nuapada invites application from interested specialist doctors on Full Time/Part Time/Visiting basis under Corpus Fund. Interested Specialist doctors can download the application format & vacancy details from www.nuapada.nic.in and can send their application along with all certificates to the undersigned by 21.09.2019 through Regd. Post /Speed post/ Courier only. For detailed enquiry interested specialist doctors can contact in 9439989988 / 9439989500. The remuneration for all the above category of post is provisionally fixed as Rs.1,50,000/- which is negotiable. The minimum age for all post is 21 years and maximum age limit is 68 years.

Sd./-
Chief District Medical & Public Health Officer
Cum District Mission Director, NHM, Nuapada

**ସମ୍ବଲପୁର ମହାନଗର ନିଗମ**
କଚେରି ରୋଡ, ସମ୍ବଲପୁର

ପତ୍ର ସଂଖ୍ୟା.3275/ସ.ମ.ନି — ତା: 30.08.2019

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମର ପରିସୀମା ମଧ୍ୟରେ ଗୃହନିର୍ମାଣ ନକ୍ସା ଓ ଭୂମିର ବିଭାଗୀକରଣ ନକ୍ସା ଅନୁମୋଦନ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟଠାରେ ତା: ୦୧।୦୯।୨୦୧୯ରିଖଠାରୁ କାର୍ଯ୍ୟକରାଯିବ। ଏଥିନିମନ୍ତେ ଆବେଦନ କରିବା ପାଇଁ ଜନସାଧାରଣକାରୀ ତା୦୧।୦୯।୨୦୧୯ରିଖଠାରୁ ଉକ୍ତ କାର୍ଯ୍ୟାଳୟରେ ଆବେଦନ ଫର୍ମ ପାଇପାରିବେ।

ଏଣୁ ସମସ୍ତ ଗୃହ ନିର୍ମାଣ ନକ୍ସା ଓ ଭୂମି ବିଭାଗୀକରଣ ନକ୍ସାର ଅନୁମୋଦନ ଏବଂ ଅନଧିକୃତ ନିର୍ମାଣ ବିରୁଦ୍ଧରେ ଆଇନତଃ ମୋକଦ୍ଦମା ତା:୦୧।୦୯।୨୦୧୯ରିଖଠାରୁ ମହାନଗର ନିଗମ କାର୍ଯ୍ୟାଳୟ, ସମ୍ବଲପୁରଙ୍କ ଅଧିନରେ କାର୍ଯ୍ୟକାରୀ କରାଯିବ।

ସ୍ୱା./ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, KEONJHAR- 758001** No.158-C
Ph No.06766-254096, e-Mail : - eephkjr@gmail.com

**NATIONAL COMPETITIVE BIDDING THROUGH e- Procurement.**

Invitation For Bids (IFB) /2019-20 dt.31.08.2019

| | | |
|---|---|---|
| 1. | Name of the Work | 4 Nos. works |
| 2. | Estimated Cost | Rs.102.59 to 280.11 Lakh |
| 3. | Period of completion | 03 Months |
| 4. | Date & Time of Availability of Bid Document in the Portal | 11 hours of dt.11.09.2019 to 17 hours of dt.03.10.2019. |
| 5. | Last date/time of receipt of bids in the portal | 17 hours of dt.03.10.2019. |
| 6. | Date and time of opening of bids | 17 hours of dt.11.10.2019. |
| 7. | Name and address of the Officer Inviting Bid | The Executive Engineer, P.H. Division, Keonjhar. 758001, Odisha. Ph.06766-254096 e-Mail:eephkjr@gmail.com |

Further details can be seen from the website **www.tendersorissa.gov.in**

Sd./-
Executive Engineer,
Public Health Division, Keonjhar

13054/11/0008/1920

**OFFICE OF THE DIRECTOR (OPERATIONS), WATCO**
3rd Floor, Public Health Engineering Office Complex, Near Rajiv Bhawan, Unit-V, Bhubaneswar-751001, Odisha, India, Telefax : +91-674-2391444
E-mail - maildirectorops@watcoodisha.in

**INVITATION FOR BID (IFB)**

Bid Identification No. WATCO (O) – 02 /2019-20
No.157-C Dtd.30.08.2019

| | | |
|---|---|---|
| 1. | Name of the work | 2 Nos. of Work |
| 2. | Estimated cost | Rs. 135.66 Lakh to 189.25 Lakh |
| 3. | Period of completion | 02 (Two) Month. |
| 4. | Date & time of availability of bid document in the portal | From 11.00 AM of 07.09.2019 to 5.00 PM of 23.09.2019. |
| 5. | Last date / time of receipt of bids in the portal | 5.00 PM of 23.09.2019. |
| 6. | Date & time of opening of bids | 12.30 PM of 27.09.2019. |
| 7. | Name and address of the Officer Inviting Bid | Director (Operations), WATCO Telefax: 0674-2391444. |
| | E-Mail : maildirectorops@watcoodisha.in | |
| 8. | The bidders have to participate in ONLINE bidding only. | |

Further details can be seen from the web site **www.tendersodisha.gov.in**

13083/11/0005/1920 — (Director Operations)

**GOVERNMENT OF ODISHA**
**"e'' PROCUREMENT NOTICE**

Bid Identification No.06 of 2019 – 20

No.297-O :- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different blocks under Balangir District.

01. Nature of Work : Construction of Pump House ESR, Laying of rising main, distribution system, single mouth stand post, SV/AV/NRV chamber, including supplying of necessary materials in different villages of Balangir District.
02. Total No of work : 03 Nos.
03. Estimated Cost : Rs. 15.95 Lakh to 46.02 Lakh
04. Eligible Class of Contractor : " C & D ' AND "B & A " Contractor.
05. Period of Completion : Four Month.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 06 of 2019 -20 | Dt. 18.09.2019 At. 11.00 Hrs | Dt. 09.10.2019 upto. 17.00 Hrs |

Further details can be had in the DTCN available in the website **www.tendersorissa.gov.in**

Sd./- Executive Engineer
RWS&S Division, Balangir

25033/11/0004/1920

**OFFICE OF THE COLLECTOR, ANGUL**

**FORM NO.III**
**(See Rule 5C of OGLS Amendment Rules, 1998)**
**PROCLAMATION**
**(Misc. Conversion Case No.117/2009)**

No.1795 / Rev — Dt.26.08.2019

It is hereby informed to the General Public that Smt. Parbati Pradhan, W/o- Bholeswar Pradhan, Pranakrushna Pradhan, Manorama Pradhan, Binodini Pradhan all are S/D/o Bholeswar Pradhan, Caste Chasa of Village : Rajanipal, P.O.- Kukudang, Dist.- Angul have applied for conversion of the following lease hold land to free hold in their favour.

Any body having any objection to such conversion may file objection petition within a period of 15 days from the date of publication of this proclamation to the undersigned.

No objection petition will be entertained after expire of the stipulated period.

**Land schedule**

| Mouza | Khata No. | Plot No. | Area in acre | Kisam |
|---|---|---|---|---|
| Angul Town | 432/334 | 130/2301 | 0.12 | Ghara |
| TOTAL | | | 0.12 | |

By order of the Collector
Sd./- Dy. Collector, Revenue
Collectorate, Angul

**ODISHA BRIDGE & CONSTRUCTION CORPORATION LTD.**
(A Government of Odisha Undertaking)
SETU BHAVAN, NAYAPALLI, BHUBANESWAR-751012
PH.NO. 0674 -2390043, FAX NO. 0674-2396326, E Mail: mdobcc@gmail.com

File No. 3259 — Dt. 31.08.2019
SMT-1606

**EMPANELMENT OF EVENT MANAGEMENT AGENCIES & ARCHITECTURAL FIRMS**

**No. CAD-346:-** The Managing Director, Odisha Bridge & Construction Corporation Limited, Setu Bhavan, Bhubaneswar on behalf of Governor of Odisha invites Expression of Interest (EoI) for empanelment of consulting agencies for Event Management & Architectural Firms for providing comprehensive Architectural Services as detailed in the table below.

| Sl. No. | NAME OF WORK | NON-REFUNDABLE PROCESSING FEE (OFF-LINE SUBMISSION) | ELIGI-BILITY CRITERIA | DURATION OF CONTRACT |
|---|---|---|---|---|
| 1 | 2 | 3 | 4 | 5 |
| 1. | Empanelment of Event Management Agencies | Rs.20,000.00 | AS PER DTCN. | THREE YEARS |
| 2. | Empanelment of Architectural Firms for providing compre-hensive Architectural Services. | Rs.20,000.00 | AS PER DTCN. | THREE YEARS |

N.B: **(Only for Sl.No.2.)** Please note that all Agencies/Firms who are already empanelled (DPR for building projects only) with O.B.& C.C.Ltd. are requested to apply under this EoI, under the appropriate category within a month of publication of this EoI. The earlier empanelment for preparation of DPR for Buildings will cease to exist two months from the publication of this EoI. Please note that in such cases, existing firms/ Agencies who are empanelled already, are exempt from paying the processing fee for this EoI.

1. Bid documents consisting of set of terms and conditions of contract and other necessary documents can be seen in the website: **mdobcc.in.**
2. The Bidder shall deposit offline the Non-refundable Processing fee of the Amount specified in the table col.3 in form of **Demand Draft or Pay Order or Banker's Cheque** in any Nationalized Bank drawn in f**avour of the MD, OB&CC Ltd payable at Bhubaneswar,** to be submitted along with the EOI documents in the O/O- MD,OB&CC Ltd, Setu Bhawan, Nayapalli Bhubaneswar- 751012.
3. The above services will be a continuous process round the year and the period of empanelment shall be for a period of 3(three) financial years including the year of empanelment.
4. Last Date of submission of the above EoI is any date after 01.09.2019.
5. Other details can be seen in the Bid documents.
6. The authority reserves the right to cancel any or all bids without assigning any reason thereof.
7. The addendum/ corrigendum if any will be hoisted in the OB&CC website only.

Sd./- MANAGING DIRECTOR,
O.B. & C.C. LTD., BHUBANESWAR

34106/11/0009/1920

# SUNDAY classifieds




## BRIDE WANTED

Wanted a widow/ divorcee (40 to 45) for a widower (60yr. 50,000 pension / p.m) for rest of the life. Phone No.- 7326037796, 9853151643. D-14100

**Wanted Karana/ Khandayat girl (MSC, BSC, B.com, BA) for 34 age textile Engineer, 6ft., working in reputed textile firm. Contact: 9937571552, 8658811742.** D-14124

Dhoba boy 1990, M.Tech, production Engineer, Bangalore, 30LPA. 9853366347. D-67223

Khandayat boy 1991, 5.8, B.Tech, serving Imfosys, Bangalore, Sunasansar. 9937512659. D-66778

Looking bride for Brahmin son age-29, B.Tech, CET, M.Tech, IIT Guwahati, working at Delhi as Manager, (Caste-no-bar) 7008986005. D-14092

## GROOM WANTED

34 ବୟସ୍କା divorcee ନିଃସନ୍ତାନ SBI PO ଚାକିରୀ କରୁଥିବା ସୁନ୍ଦର Gudia ଝିଅଙ୍କ ପାଇଁ ପୁଅ ଦରକାର। 7381460016. D- 14163

Looking groom for Khandayat girl, B.Tech, NIT Rourkela, MBA, MDI Gurugram working on MNC, at Mumbai. 7008986003. D-14093

Now Matrimonial ads. only on Wednesday & Sunday Book 1 Get 1 FREE




## SALE

A1 Bullet running condition motor cycle model-1992, 350cc, 43,000/-, 12,000kms. 7735821217, 9861657954. D-67221

**White colour Volkswagen Vento 1.6 CR MT-HIGHLINE Car (Diesel) (September 2012) in excellent condition is for sell for INR 6 Lkhs. Navigator, tracking ete are installed. So far ran less than 40K kilometers, Contact: 9437180218.** D-14122




## SALE

**4800 sqft gharabari plot for sale at Pokhariput, Bhubaneswar. Contact Deepak: 9937329999 (Broker excuse).** D-66291

**Gharabari boundary plot Infocity-2 near 100ft. road side. Direct owner- 8144391451.** D-66768

Property Sale: (Area- 5300 sqft. land) At- Madan Mohan Pada, Angul, near Main Bazar, Contact: Shakti Dwibedy, Ph. No: 9350035896. D-14082

Gharabari Plot Balianta 6.5km. from Hanspal NH-5 @ 220/- P.Sqft. 8763499150, 7064994691. D-14123

Selling big patch of land @ low price, Bhubaneswar. 6371090682. D-14101

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

Good Investment/ Residential Govt. approved plots in Vishakhapatnam, Andhra Pradesh Contact Gopala Krishna: 9642406518. D-14102

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

Stithiban plot sale 10 guntha near firestation Nuagada, Jajpur Road. 9348282843, 9437226098. D-66953

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

Ready to move 2BHK flats near (KEC College), Puri bypass road, Bhubaneswar. 9861037729, 9040337729. D-63956

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft- 380/-ରେ plot କିଣନ୍ତୁ। 9348767829. D-66765

**କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

Gharabari plot at Atala near Hanspal square 30' road & plot at AMRI Hospital near Khandagiri square. 9438419823, 9437286655. D-67047

**ଭୁବନେଶ୍ୱର-ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564.** D-66771

2BHK simplex 26,00,000/- finishing Hanspal, Plot- Atala, Rangabazar. Contact: 9556318785. D-67055

**Ready to move 2BHK flat premium construction rate- 35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/-outrightରେ ମିଳୁଅଛି। 9348847649, 8249243709.** D-66772

4BHK duplex with gated community at Balianta (Land 1400 construction 2200 @ 55,00,000/- and 2600 @ 65,00,000/-) Contact Mplanets: 9938219397, 9861022055. D-14113

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66773

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**BDA approved, Housing Board GF flat with garage and 1200 sqft. open space at Chandrasekharpur, BBSR is for sale (200 meters walking distance from main road). Owner: 7978116070.** D-14088

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA plot sqft. 650/-ରେ କିଣନ୍ତୁ। Contact: 6371719107, 9777449397. D-14161

2400 sqft. plot near Apollo Hospital and 4000 sqft. at Sahidnagar for sale. 9439177563. D-14126

**Flat for sale of 2&3BHK flat at Patrapada (Walkable distance from NH), Bhubaneswar. Contact: 9861882233, 9437231479.** D-66185

**1500sqft. gharabari boundarywall plot near Hanspal 12,75,000/- Owner: 7008351926.** D-67054

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

**Fully furnished commercial office space near Ravi Talkies square, main road side, Lewies road. 7978584549.** D-67375

Bhubaneswar new railway station ପାଖରେ 7,00,000/- ରେ ଘରବାରି ପ୍ଲଟ ମିଳୁଛି। M: 8249038833. D-66186

**3000sqft. residential plot sale at Satabdinagar near Unit-8 Boys' High School, Bhubaneswar. Price- 1.80cr. Contact: 9937097791.** D-66777

2BHK flat near Ravi Talkies bus stop towards Lewis road, Bhubaneswar. 8328890345. D-65685

**A high commercial building for sale at Bhubaneswar near Kalpana area, land area 2200 sqft., constructed area 4615sqft. rental income 1.10 lakh per month. Please call: 9437068886.** D-14156

## PURCHASE

Land requires on basis of outright/ sharing/ marketing. 9937816565, 9937568585. D-14121

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




3BHK apartment with garage for family only at Bomikhal, Bhubaneswar: 9238574993. D-14112

**Duplex house 1BHK & 2BHK at Basera Complex, near Palamandap, Dumuduma, Bhubaneswar for office cum Residence/ Residence Contact: 9880105537.** D-66776

For Bank / Office purpose 1700sqft. area, route no- 60, at- Hatisala, Lokanath road, near Teddy Kid Play School, Puri- 752001. Contact No: 6370020695. D-64088

DBHK with all facilities at Gangamandir, Cuttack. Contact: 0671- 2204615. D-14164

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

Studio apartment at Rajendra Enclave, Kumbharapada, Puri. Contact: 7008613550, 9861085302. D-67217

2BHK apartment in Nandan Vihar, near Patia Big bazar. 9437205577. D-62200

3 Bedroom house with drawing, dining, kitchen, balcony, ground floor. Plot: 961/2415, Forest park, Bhubaneswar. Contact: 9437008476. D-67220

Single furnished room for office near BDA, Keshari talkies, plot-5, Bhubaneswar. Contact: 9238579309. D-66187

2000 sqft. each in 1st and 2nd floor, behind Durgamandap, Bomikhal for office/ residence available. Contact: 9437179626. D-66183




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14119




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Newly open Herbal full body massage ladies & gents. 8018246332. D-66948

Ayurvedic full body massage ladies & gents smart therapist. 9040900385. D-66950

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Mostly experienced highly trends male therapist for full body massage. 9938579108, 8480233423. D-67373




Shivam logistic packers movers. Household/ car relocation countrywide. 9777044177, 9338461133. D-13903




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## ନିରୁଦ୍ଦିଷ୍ଟ



ଅନୁଗୋଳ, ତୁରଙ୍ଗ ସ୍ଥିତ ଥିବା ଦୁର୍ଗା ହୋଟେଲ ମେସ୍‌ରେ (କଲିକତା ମେଦିନପୁର, ମଇନା ଗ୍ରାମର) ଭୋଳାନାଥ ଭୂୟାଁ(୨୩) ରହୁଥିଲେ। ସେ ଗତ ୨୮.୦୮.୨୦୧୯ ରାତ୍ରି ୭ ଘଟିକାରୁ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କର ଉଚ୍ଚତା ୫ ଫୁଟ ୩ ଇଞ୍ଚ୍, ରଙ୍ଗ କଳା। ଯେଉଁ ବ୍ୟକ୍ତି ଭୋଳାନାଥଙ୍କ ସମ୍ପର୍କରେ ସୂଚନା ପାଆନ୍ତି ଦୟାକରି ୭୬୮୩୯୫୩୪୦୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୪୧୬୫

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ପଙ୍କଜିନୀ ବେହେରା**
(ବେବି)
ଶ୍ରୀ ଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୪୦୮୯


### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଶ୍ରେୟାଂଶୀ ମହାପାତ୍ର**
(ପ୍ରିୟୁ)
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ପରିବାରବର୍ଗ ଏବଂ ସିଲୁ
ଧ-୬୬୯୫୫

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

### ଜନ୍ମଦିନ ଶୁଭେଚ୍ଛା



**ବଂଶିକା ବିଶ୍ୱଜିତା (ହନି)**
ନୟାଗଡ଼, ପାନନଗର
ତୋର ଏହି ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବାବା, ମାମା, ହିରୋଚାଚୁ, ସୋନୁ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୧୪୧୫୭

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Binu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**AGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobie: 8280196228

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

## ସଂକ୍ଷେପରେ

### ମୋବାଇଲ ୱାଲେଟ କେୱାଇସି
## ୬ ମାସ ସମୟ ବଢ଼ାଇଲା ଆର୍‌ବିଆଇ



**ନୂଆଦିଲ୍ଲୀ,୩୧-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୋବାଇଲ ୱାଲେଟ ଲାଗି କେୱାଇସି(ନୋ ୟୋର କଷ୍ଟମର) ଦାଖଲ କରିବା ସମୟସୀମାକୁ ଆହୁରି ୬ ମାସ ବଢ଼ାଇ ଦେଇଛି। ପୂର୍ବରୁ ଏହା ଚଳିତ ମାସ ୩୧ ଯାଏ ଥିଲା। ଏହାଦ୍ୱାରା ପ୍ରିପେଡ୍ ୱାଲେଟ ଜାରି କରୁଥିବା କମ୍ପାନୀ ଆଶ୍ୱସ୍ତ ହୋଇଛନ୍ତି। ଆର୍‌ବିଆଇ ସମୟସୀମା ବଢ଼ାଇ ନ ଥିଲେ ଲକ୍ଷ ଲକ୍ଷ ମୋବାଇଲ ୱାଲେଟ ଗ୍ରାହକଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଥା'ନ୍ତା। ସେମାନେ ଆଉ ନେଣଦେଣ କରିପାରି ନ ଥାନ୍ତେ। ଆର୍‌ବିଆଇର ଉକ୍ତ ନିଷ୍ପତ୍ତି ଯୋଗୁ ପେଟିଏମ୍, ମୋବିକ୍ୱିକ୍, ଏୟାରଟେଲ ମନି, ଆମାଜନ ପେ, ଓଲା ମନି, ପେୟୁ, ଫୋନ୍‌ପେ, ଆଇସିଆଇସିଆଇ ପକେଟ, ଏଚ୍‌ଡିଏଫ୍‌ସି ପେଜେପ୍,ଗୁଗଲ ପେ ଆଦି ଉପକୃତ ହେବେ। ସୂଚନାଥାଉ କି, ଆର୍‌ବିଆଇ କେୱାଇସି କରିବା ଅବଧିକୁ ଚଳିତବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲା। ପରେ କମ୍ପାନୀଗୁଡ଼ିକର ଅନୁରୋଧ କ୍ରମେ ଏହାକୁ ଅଗଷ୍ଟ ୩୧ ଯାଏ ବଢ଼ାଇଥିଲା। ଅଦ୍ୟାବଧି ୩୦ରୁ ୪୦ ପ୍ରତିଶତ ଗ୍ରାହକ ୱାଲେଟ୍‌ର କେୱାଇସି ଦାଖଲ ସମ୍ପୂର୍ଣ୍ଣ କରିନାହାନ୍ତି।

### ଏୟାର ଇଣ୍ଡିଆରେ ଅର୍ଥ ସଙ୍କଟ
## ତେଲ ନ ଦେବାକୁ ତୈଳ କମ୍ପାନୀଙ୍କ ଧମକ



**ନୂଆଦିଲ୍ଲୀ,୩୧-୮:** ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରେ ଅର୍ଥ ସଙ୍କଟ ଅତ୍ୟନ୍ତ ଗମ୍ଭୀର ହୋଇଛି। ବିମାନ ଇନ୍ଧନ ବାବଦରେ କମ୍ପାନୀ ତୈଳ ମାର୍କେଟିଂ କମ୍ପାନୀ(ଓଏମ୍‌ସି)କୁବକେୟା ବାବଦରେ ଅର୍ଥ ଦେଇ ପାରୁନାହାନ୍ତି। ଏହି କାରଣରୁ ସେମାନେ ସେପ୍ଟେମ୍ବର ୯ରୁ ଆହୁରି ଦୁଇଟି ଏୟାରପୋର୍ଟ ରାୟପୁର ଓ ହାଇଦ୍ରାବାଦ୍‌ରେ ଏୟାର ଇଣ୍ଡିଆ ଗ୍ରୁପ୍‌ର ବିମାନକୁ ଇନ୍ଧନ ଯୋଗାଇବେ ନାହିଁ ବୋଲି ଧକମ ଦେଇଛନ୍ତି। ଏ ସଂକ୍ରାନ୍ତରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଏୟାର ଇଣ୍ଡିଆକୁ ପତ୍ର ଲେଖାଯାଇଛି। ସୂଚନାଥାଉ କି, ତୈଳ କମ୍ପାନୀଗୁଡ଼ିକ ଇତିମଧ୍ୟରେ ୬ ଏୟାରପୋର୍ଟ ପାଟନା, ରାଞ୍ଚି, ପୁଣେ, ମୋହାଲି, ଭାଇଜାଗ ଏବଂ କୋଚିରେ ଏୟାର ଇଣ୍ଡିଆ ବିମାନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଛି। ଏୟାର ଇଣ୍ଡିଆର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କମ୍ପାନୀ ବିମାନ ଇନ୍ଧନ ବାବଦରେ ତୈଳ କମ୍ପାନୀଗୁଡ଼ିକୁ ଦୈନିକ ୧୮ କୋଟି ଟଙ୍କା ପ୍ରଦାନ କରୁଛି। କମ୍ପାନୀ ଉପରେ ଜୁଲାଇ ୩୧ ସୁଦ୍ଧା ତୈଳ କମ୍ପାନୀଙ୍କ ୪୬୦୦ କୋଟି ଟଙ୍କା ବକେୟା ରହିଥିବା ବେଳେ ଅଗଷ୍ଟ ୩୧ ସୁଦ୍ଧା ଏହା ୪୩୦୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ସରକାର ଏୟାର ଇଣ୍ଡିଆକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହି କାରଣରୁ ଏହାକୁ କୌଣସି ଇକ୍ୟୁଟି ଜାରି କରାଯାଇନାହିଁ। ତେବେ ସରକାର ଏୟାର ଇଣ୍ଡିଆର ୨୯ ହଜାର କୋଟି ଟଙ୍କା ବକେୟା ଋଣ ବୋଝକୁ ନିଜ ମୁଣ୍ଡକୁ ନେଇଛନ୍ତି।

> ଅଫ୍‌ଲାଇନ ଷ୍ଟୋର ପ୍ରତିଷ୍ଠା ନ କରି ଦେଶରେ ଅନ୍‌ଲାଇନ କାରବାର କରିବାକୁ ସିଙ୍ଗଲ ବ୍ରାଣ୍ଡ ରିଟେଲରଙ୍କୁ ଅନୁମତି ମିଳିବା ଏହା ବିଶ୍ୱସ୍ତରୀୟ କମ୍ପାନୀଙ୍କ ପାଇଁ ଲାଭଦାୟକ ହେବା
> – ଅନିଲ ତଲ୍‌ରେଜା, ଡେଲଏଟ୍ ଇଣ୍ଡିଆ ପାର୍ଟନର




> ଉପଭୋକ୍ତା ବ୍ୟୟ ଏବଂ ନିବେଶ ଚାହିଦା ହ୍ରାସ ପାଇବାରୁ ଚଳିତ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହାର ୫%କୁ ଖସି ଆସିଛି।
> – ସନ୍ଦୀପ ସୋମାନୀ, ଫିକି ପ୍ରେସିଡେଣ୍ଟ



### ବ୍ୟାଙ୍କ ମହାମିଶ୍ରଣ

# ପ୍ରଯୁକ୍ତି, ମାନବସମ୍ବଳ ପରିଚାଳନା ସବୁଠୁ ବଡ଼ ଆହ୍ୱାନ

ନୂଆଦିଲ୍ଲୀ,୩୧-୮




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମହାମିଶ୍ରଣ ଘୋଷଣା କରିଛନ୍ତି। ନେକ୍ସଟ ଜେନେରେଶନ ବ୍ୟାଙ୍କ ବା ପରବର୍ତ୍ତୀ ପିଢ଼ିର ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କିନ୍ତୁ ମହାମିଶ୍ରଣ କାମରେ ନିୟୋଜିତ ଅଧିକାରୀଙ୍କ ମତରେ ଏହା ଏତେଟା ସହଜ ବ୍ୟାପାର ନୁହେଁ। ପ୍ରଯୁକ୍ତି ଏକୀକରଣ ଏବଂ ମାନବ ସମ୍ବଳ ପରିଚାଳନା ଏ ଦିଗରେ ସବୁଠାରୁ ବଡ଼ ଆହ୍ୱାନ ହୋଇ ଦେଖାଦେବ।

### କର୍ମଚାରୀ ଓ ଗ୍ରାହକଙ୍କ ସମସ୍ୟା ସମାଧାନ

ସହଯୋଗୀ ବ୍ୟାଙ୍କଗୁଡ଼ିକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ମିଶ୍ରଣ ବେଳେ ଏହାର ଅଧକ୍ଷା ଥିଲେ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ। ସେତେବେଳେ ସେ କହିଥିଲେ ଯେ, ଏସ୍‌ବିଆଇ ସହ ସହଯୋଗୀ ବ୍ୟାଙ୍କଗୁଡ଼ିକ ଯୋଡି ହୋଇ ରହିଥିଲେ ସୁଦ୍ଧା ସେମାନଙ୍କର କାର୍ଯ୍ୟ ସଂସ୍କୃତି ଭିନ୍ନ ଥିଲା। ନିଜ ନିଜ ଭିତରେ ୨୪୨ ପ୍ରକାର ପ୍ରଯୁକ୍ତି ବ୍ୟବହାର କରାଯାଉଥିଲା। ଏସବୁକୁ ମିଶାଇବା ଲାଗି ଉଦ୍ୟମ ହୋଇଥିଲା। ଏସ୍‌ବିଆଇ କର୍ମଚାରୀ ସମସ୍ୟାର ସମାଧାନ ଲାଗି ଏକ ପୋର୍ଟାଲ ଆରମ୍ଭ କରିଥିଲା। ଏଥିରେ ଦୈନିକ ପ୍ରାୟ ୨୦୦ ପ୍ରଶ୍ନ ପଚରାଯାଉଥିଲା। ତେବେ ମହାମିଶ୍ରଣ ବେଳେ ଗ୍ରାହକଙ୍କ ସହ ଆଲୋଚନା କରିବା ଜରୁରୀ। କାରଣ ସେମାନଙ୍କ ମନରେ ଥିବା ଭୟକୁ ଦୂର କରାଯିବା ଆବଶ୍ୟକ ଥିଲା ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ବ୍ୟାଙ୍କଗୁଡ଼ିକର ମିଶ୍ରଣର ଫାଇଦା ମିଳିବାରେ ପ୍ରାୟ ୨ ବର୍ଷ ଲାଗିଯିବ। ବ୍ୟାଙ୍କଗୁଡ଼ିକରେ ନୂତନ ପ୍ରଯୁକ୍ତି ଆପଣାଯିବା ଯୋଗୁ ସରକାରଙ୍କ ପକ୍ଷରୁ ଆଇଟି କ୍ଷେତ୍ରରେ ନିବେଶ ବୃଦ୍ଧି ପାଇବ ବୋଲି ଅରୁନ୍ଧତୀ କହିଥିଲେ। ସେହିପରି ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କ ମିଶ୍ରଣକୁ ନେଇ ବ୍ୟାଙ୍କ ଅଫ୍ ବରୋଦା ଏମ୍‌ଡି ପି.ଏସ୍.ଜୟକୁମାର କହିଥିଲେ ଯେ, ବ୍ୟାଙ୍କଗୁଡ଼ିକର ପ୍ରଯୁକ୍ତି ମିଶ୍ରଣରେ ପ୍ରାୟ ୧୨ରୁ ୧୮ ମାସ ସମୟ ଲାଗିବ। ସମସ୍ତ ବ୍ୟାଙ୍କ ଫିନାକଲ(ଇନ୍‌ଫୋସିସ୍‌ର କୋର୍ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ) ବ୍ୟବହାର କରୁଛନ୍ତି। ସମସ୍ତଙ୍କର ଭିନ୍ନ ଭର୍ସନ ରହିଛି। ଏବର ୧୦ ବ୍ୟାଙ୍କ ମହାମିଶ୍ରଣରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ ଶାଖା ପରିଚାଳନା। କେଉଁ ଶାଖା ଚାଲୁ ରହିବ, କେଉଁଟା ବନ୍ଦ ହେବ ସେ ସମ୍ପର୍କରେ ପ୍ରଥମେ ନିଷ୍ପତ୍ତି ନେବାକୁ ହେବ। ଉଦାହରଣ ସ୍ୱରୂପ କାନାରା ବ୍ୟାଙ୍କ ଓ ସିଣ୍ଡିକେଟ ବ୍ୟାଙ୍କକୁ ମିଶାଇ ଦିଆଯିବ। ଏହି ଦୁଇଟି ବ୍ୟାଙ୍କର ମୁଖ୍ୟ ଶାଖା କର୍ଣ୍ଣାଟକରେ ରହିଛି। ସେହି ରାଜ୍ୟରେ ଏହି ଦୁଇ ବ୍ୟାଙ୍କର ଏକାଧିକ ଶାଖା ଗୋଟିଏ ସ୍ଥାନରେ ରହିଛି। ଏଭଳି ସ୍ଥିତିରେ ସେମାନଙ୍କୁ ଅନ୍ୟ ଶାଖାକୁ ସ୍ଥାନାନ୍ତର କରିବା ସହଜ ହେବ ନାହିଁ।

### ଭିନ୍ନ ଭିନ୍ନ କାର୍ଯ୍ୟ ସଂସ୍କୃତି

ବ୍ୟାଙ୍କ ଅଫ୍ ମଦୁରାଇ ଓ ଆଇସିଆଇସିଆଇ ବ୍ୟାଙ୍କକୁ ୨୦୦୦ରେ ମିଶ୍ରଣ କରିଦିଆଯାଇଥିଲା। ଏହି ସମୟରେ ଏମାନଙ୍କ ଭିତରୁ ଗୋଟିଏ ବ୍ୟାଙ୍କରେ କାର୍ଯ୍ୟରତ ଜଣେ କର୍ମଚାରୀ କହିଥିଲେ ଯେ, କାର୍ଯ୍ୟ ସଂସ୍କୃତି ମିଶ୍ରଣ ଏକ ବଡ଼ ଆହ୍ୱାନ ହେବ। ଏହି ସମୟରେ ବ୍ୟାଙ୍କ ଅଫ୍ ମଦୁରାଇରେ ବହୁ ସଂଖ୍ୟାରେ କର୍ମଚାରୀ ରହିଥିଲେ। ତାଙ୍କ ମତରେ ମିଶ୍ରଣ ବେଳେ ଅନେକ ରଣନୀତି ପ୍ରସ୍ତୁତ କରାଯାଇଥାଏ। କିନ୍ତୁ କାର୍ଯ୍ୟ ସଂସ୍କୃତିକୁ ମିଶାଇବା କଠିନ ବ୍ୟାପାର। ଏଥିପାଇଁ ସମୟ ଲାଗିବ ବୋଲି ସେ କହିଥିଲେ।

### ପ୍ରଯୁକ୍ତି ମିଶ୍ରଣ କଷ୍ଟସାଧ୍ୟ

ବ୍ୟାଙ୍କ ମହାମିଶ୍ରଣରେ ବ୍ୟାଙ୍କଗୁଡ଼ିକର ବାଲାନ୍ସ ଶିଟ୍‌କୁ ମିଶାଇବା ସବୁଠୁ ସହଜ କାମ। ଏହାପରେ ଜମା ଅର୍ଥକୁ ଏକାଠି ମିଶାଇବା ଓ ଏଟିଏମ୍ ନେଟ୍‌ୱର୍କକୁ ଏକତ୍ରୀକରଣ କରିବା ସହଜ ହୋଇଯିବ। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଦୁଇଟି ଆଇଟି ପ୍ଲାଟଫର୍ମକୁ ଗୋଟିଏ ନେଟ୍‌ୱର୍କରେ ଯୋଡିବା ଅସମ୍ଭବ ବ୍ୟାପାର ହେବ। ଏହା ବଦଳରେ ନୂଆ ନେଟ୍‌ୱର୍କ ଆପଣାଇବା ବ୍ୟାଙ୍କଗୁଡ଼ିକ ପାଇଁ ସହଜ ଉପାୟ ହେବ। ତେବେ ସରକାରଙ୍କ ପଦକ୍ଷେପରୁ ଏହା ସ୍ପଷ୍ଟ ହେଉଛି ଯେ, ଗୋଟିଏ ପ୍ରକାର ଆଇଟି ପ୍ଲାଟଫର୍ମ ଥିବା ବ୍ୟାଙ୍କଗୁଡ଼ିକୁ ସମ୍ଭବତଃ ମିଶ୍ରଣ ପ୍ରକ୍ରିୟାରେ ସାମିଲ କରାଯାଇଛି।

### ଚାକିରି ଛଟେଇ ଭୟ
# ଆଶ୍ୱାସନା ସତ୍ତ୍ୱେ ବିକ୍ଷୋଭରେ ସାମିଲ ହେଲେ କର୍ମଚାରୀ

ନୂଆଦିଲ୍ଲୀ,୩୧-୮

କେନ୍ଦ୍ର ସରକାର ଶୁକ୍ରବାର ବ୍ୟାଙ୍କିଙ୍ଗ୍ ସେକ୍ଟରରେ ବଡ଼ ଧରଣର ସଂସ୍କାର କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବୃହତ୍ ବ୍ୟାଙ୍କ ଗଠନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରକାଶ କରିଛନ୍ତି। ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ ବୋଲି ସେ କହିଛନ୍ତି। ତେବେ ଏହି ମହାମିଶ୍ରଣ ଯୋଗୁ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅର୍ଥ ସଚିବ ରାଜୀବ କୁମାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିରେ ବ୍ୟାଙ୍କ କର୍ମଚାରୀ ପ୍ରଭାବିତ ହୋଇଥିବା ମନେହେଉନାହିଁ। ଶନିବାର ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ ଆସୋସିଏଶନ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହ ଏଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍ ବ୍ୟାଙ୍କ ମହାମିଶ୍ରଣ ସମ୍ପର୍କରେ ଘୋଷଣା କରିବା ପରେ ଅର୍ଥ ସଚିବ ରାଜୀବ କୁମାର କହିଥିଲେ ଯେ, ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ମହାମିଶ୍ରଣ କରାଯିବା ଦ୍ୱାରା କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ଗତବର୍ଷ ଦେନା ବ୍ୟାଙ୍କ ଏବଂ ବିଜୟ ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦା ସହ ମିଶାଇ ଦିଆଯାଇଥିଲା। ଫଳରେ ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ପ୍ରତିଷ୍ଠା ହୋଇପାରିଛି। ଏହି ମିଶ୍ରଣ ପରେ କୌଣସି କର୍ମଚାରୀଙ୍କୁ ଛଟେଇ କରାଯାଇ ନାହିଁ। ଏହାକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି।

ତେବେ ସରକାରଙ୍କ ପ୍ରତିଶ୍ରୁତିକୁ ବ୍ୟାଙ୍କ କର୍ମଚାରୀମାନେ ସହଜ ଭାବେ ଗ୍ରହଣ କରିପାରିନାହାନ୍ତି। ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ହାତରେ କଳା ବ୍ୟାଜ୍ ପରିଧାନ କରି ବ୍ୟାଙ୍କ ମହାମିଶ୍ରଣକୁ ବିରୋଧ କରିଛନ୍ତି। ସେମାନେ ନିଜ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନିଷ୍ପତ୍ତି ପ୍ରତ୍ୟାହାର କରିନେବା ଲାଗି ଦାବି ଜଣାଇଛନ୍ତି। ଆସୋସିଏଶନ ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ୍ କହିଛନ୍ତି ଯେ, ସରକାରଙ୍କ ପଦକ୍ଷେପ ଅସମୟରେ ହୋଇଛି। ଏଣୁ ଏହାର ପୁନଃସମୀକ୍ଷା ହେବା ଉଚିତ। ଆଗାମୀ ଦିନରେ ଆସୋସିଏଶନ ପକ୍ଷରୁ ଏକ ବିଶାଳ ର୍‍ୟାଲିର ଆୟୋଜନ କରାଯିବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ଯେ, ୬ ବ୍ୟାଙ୍କକୁ ଅନ୍ୟ ୪ ବ୍ୟାଙ୍କ ସହ ମିଶାଇ ଦିଆଯିବା ଅର୍ଥ ସେମାନଙ୍କୁ ବନ୍ଦ କରିଦିଆଯିବ। ତାଙ୍କର କହିବାନୁଯାୟୀ ସରକାର ଏହାକୁ ବ୍ୟାଙ୍କ ମିଶ୍ରଣ କହୁଛନ୍ତି ସତ, କିନ୍ତୁ ଦୀର୍ଘ ବର୍ଷରୁ କାର୍ଯ୍ୟ କରିଆସୁଥିବା ୬ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ସେକ୍ଟରରୁ ଉଭାନ ହୋଇଯିବ। ୨୦୦୮ରେ ସାରା ବିଶ୍ୱରେ ମାନ୍ଦାବସ୍ଥା ଛାଇ ଯାଇଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଯୋଗୁ ଘରୋଇ ବ୍ୟାଙ୍କିଙ୍ଗ୍ ସେକ୍ଟର ଏଥିରୁ ରକ୍ଷା ପାଇଯାଇଥିଲା ବୋଲି ଭେଙ୍କଟଚଲମ୍ କହିଛନ୍ତି। ଆସନ୍ତା ୧୧ରେ ଆସୋସିଏଶନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ବଜାରରେ କନେକ୍ଟ ଗ୍ୟାଜେଟ




ଭୁବନେଶ୍ୱର, ୩୧-୮(ବ୍ୟୁରୋ)

କନେକ୍ଟ ଗ୍ୟାଜେଟ ପକ୍ଷରୁ ଏହାର ପ୍ରଡକ୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଟ୍ରେଡ ପାର୍ଟନରଙ୍କ ସମ୍ମିଳନୀ ଅବସରରେ ପ୍ରଡକ୍ଟଗୁଡ଼ିକୁ ଉନ୍ମୋଚନ କରାଯାଇଛି। ଏହା ଗତ ବର୍ଷ ବଜାରକୁ ଆସିଥିବା ବେଳେ ଗୋଟିଏ ବର୍ଷ ମଧ୍ୟରେ ପ୍ରମୁଖ ମୋବାଇଲ ଆସେସୋରିଜ ବ୍ରାଣ୍ଡ ଭାବେ ବଜାରରେ ଏହା ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ପ୍ରଡକ୍ଟ ଶୃଙ୍ଖଳା ମଧ୍ୟରେ ଉଚ୍ଚ ଗୁଣବତ୍ତାଯୁକ୍ତ ପାୱାର ବ୍ୟାଙ୍କ, ନେକ ବ୍ୟାଣ୍ଡ, ଇୟରଫୋନ କଲେକ୍ସନ, ଚାର୍ଜର, କେବଲ ସହ ବ୍ଲୁ ଟୁଥ୍ କିବୋର୍ଡ ଏବଂ କାର୍ ମାଉଣ୍ଟସ ଭଳି ଲାଇଫ ଷ୍ଟାଇଲ ପ୍ରଡକ୍ଟ ଏହା ମଧ୍ୟରେ ସାମିଲ ରହିଛି। ପ୍ରଡକ୍ଟଗୁଡ଼ିକ ଓଡ଼ିଶା ବଜାରରେ ଭଲ ରେସପନ୍ସ କରିବ ବୋଲି ବିକ୍ରି ବିଭାଗ ଏଜିଏମ୍ ଏମ୍.ଆର୍.ଏଲ୍. କୁମାର କହିଛନ୍ତି। ପ୍ରଡକ୍ଟଗୁଡ଼ିକ ଭଲ ରେସପନ୍ସ ପାଉଥିବାରୁ ଆଗାମୀ ଦିନରେ ନୂଆ ପ୍ରଡକ୍ଟ ଆଣିବାକୁ ଯୋଜନା ରଖାଯାଇଥିବା କୁମାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ଇନାମୁର ରହେମାନ, ବିତରକ ଗର୍ଗ ଆସୋସିଏଟସ୍‌ର ଅଙ୍କିତ ଅଗ୍ରୱାଲ, କମ୍ପାନୀର ରାଜ୍ୟ ମୁଖ୍ୟ ଭବାନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେମିଳିଗୁଡ଼ାରେ ଖୋଲିଲା ରିଲାଏନ୍ସ ସ୍ମାର୍ଟ

Reliance SMART

ଭୁବନେଶ୍ୱର, ୩୧-୮

ରିଲାଏନ୍ସ ସ୍ମାର୍ଟ ପକ୍ଷରୁ କୋରାପୁଟର ସେମିଳିଗୁଡାଠାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ସେମିଳିଗୁଡା ବସଷ୍ଟାଣ୍ଡ ନିକଟସ୍ଥ ବିଶ୍ୱାଳ କମ୍ପ୍ଲେକ୍ସରେ ଏହି ଷ୍ଟୋର ୧୨,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଏଠାରେ ଗ୍ରାହକମାନେ ଗୋଟିଏ ଛାତତଳେ ଗ୍ରୋସରି, ପନିପରିବା, ଫଳ, ଦୁଗ୍ଧ ଜାତୀୟ ସାମଗ୍ରୀଠାରୁ ଆରମ୍ଭ କରି କିଚେନୱେର, ହୋମୱେର ଭଳି ବିସ୍ତୃତ ଶୃଙ୍ଖଳାରେ ସାମଗ୍ରୀ ଲାଭ କରିପାରିବେ। ଏହି ଷ୍ଟୋର ୱାନଷ୍ଟପ ଶପିଂ ଅଭିଜ୍ଞତା ପ୍ରଦାନ କରୁଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ଏମ୍‌ଆର୍‌ପି ସର୍ବନିମ୍ନ ୫% ନିଶ୍ଚିତ ରିହାତି, ୧୪୯୯ ଟଙ୍କାର କ୍ରୟ ଉପରେ ୯ ଟଙ୍କାରେ ୧ କିଲୋ ଚିନି, ଆକର୍ଷଣୀୟ ଅଫର ମଧ୍ୟ ରହିଛି। ନୂଆ ଷ୍ଟୋର ଦ୍ୱାରା ରିଲାଏନ୍ସ ସ୍ମାର୍ଟ ଷ୍ଟୋର ସଂଖ୍ୟା ରାଜ୍ୟରେ ୬ରେ ପହଞ୍ଚିଛି।

# ଆୟୁଷ୍ମାନ ଖୁରାନା ଏସ୍‌ପ୍ଲାନେଡ ୱାନ୍‌ର ହାପିନେସ ଆମ୍ବାସାଡର

ଭୁବନେଶ୍ୱର, ୩୧-୮(ବ୍ୟୁରୋ)



ନେକ୍ସସ ମଲ୍ ପକ୍ଷରୁ ଏହାର ଏସ୍‌ପ୍ଲାନେଡ ୱାନ୍ ମଲ୍ ଏବଂ ଅନ୍ୟାନ୍ୟ ମଲ୍‌ଗୁଡ଼ିକ ଲାଗି ବଲିଉଡ୍ ଷ୍ଟାର ଆୟୁଷ୍ମାନ ଖୁରାନାଙ୍କୁ ହାପିନେସ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପ୍ରଥମ ଭାରତୀୟ ମଲ୍ କମ୍ପାନୀ ଭାବେ ଏହା ବଲିଉଡ ଜଣେ ସେଲିବ୍ରିଟିଙ୍କ ନିଜ ସହ ଯୋଡି ପାରିଛି। ଏହା ଭାରତରେ ପରିଚାଳନାରେ ସଫଳତା ସହ ତୃତୀୟ ବର୍ଷ ପାଳନ କରିଛି। କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ଖୁସିକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। ଆମର ମୂଲ୍ୟବୋଧକୁ ପରିପ୍ରକାଶ କରିବା ଭଳି ଚେହେରା ସନ୍ଧାନରେ ରହିଥିଲା ବେଳେ ଆୟୁଷ୍ମାନଙ୍କୁ ଏଥିଲାଗି ବାଛିଥିବା କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ନିଶଙ୍କ ଯୋଷୀ କହିଛନ୍ତି। ଆମର କାର୍ଯ୍ୟଧାରା ସହ ତାଙ୍କୁ ଜଡିତ କରି ନିଜକୁ ଏକ ନୂତନ ସ୍ତରରେ ପହଞ୍ଚାଇ ପାରିବୁ ବୋଲି ଆଶା ରଖିଥିବା ଯୋଷୀ କହିଛନ୍ତି।

## ଇଣ୍ଡିଆନ୍ ଅଏଲ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୩୧-୮

ଇଣ୍ଡିଆନ୍ ଅଏଲ ପକ୍ଷରୁ ବାଲେଶ୍ୱରସ୍ଥିତ ସୋମନାଥପୁରର ଅଏଲ ଡିପୋ ଏବଂ କୁରୁଡାରେ ଥିବା ଏହାର ବଟଲିଂ ପ୍ଲାଣ୍ଟଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାପାତ୍ର ଏହି ଅବସରରେ ଟ୍ରକ ଚାଳକଙ୍କ ସହ ବାର୍ତ୍ତାଳାପ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପରିବେଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଏବଂ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କାର୍ଯ୍ୟାଳୟର ସିଜିଏମ୍ ଶୁଭଜିତ ଘୋଷ ସ୍ୱଚ୍ଛତା ପ୍ରଥମେ ନିଜଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି କହିଛନ୍ତି। ଏଥିରେ ୨୦୦ରୁ ଅଧିକ ଟ୍ରକ ଚାଳକ ଭାଗ ନେଇଥିଲେ। ଏଥିରେ ଚାରାରୋପଣ କରାଯିବା ସହ ସ୍ୱଚ୍ଛତା ରଥର ଶୁଭାରମ୍ଭ କରାଯାଇଛି।

# ଆଜିଠୁ ଇ-ଟିକେଟରେ ଆଦାୟ ହେବ ସର୍ଭିସ ଚାର୍ଜ

ନୂଆଦିଲ୍ଲୀ,୩୧-୮

### ଅଣ ଏସିରେ ୧୫, ଏସିରେ ୩୦ ଲାଗିବ

ରବିବାରଠାରୁ ଆଇଆର୍‌ସିଟିସିରୁ ଇ-ଟିକେଟ କିଣିବା ମହଙ୍ଗା ହେବ। ସେପ୍ଟେମ୍ବର ପହିଲାରୁ ଇ-ଟିକେଟ ଉପରେ ସର୍ଭିସ ଚାର୍ଜ ଆଦାୟ କରାଯିବ ବୋଲି ରେଲୱେ ପକ୍ଷରୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଛି। ଆଇଆର୍‌ସିଟିସି ପକ୍ଷରୁ ଗତ ୩୦ରେ ଏ ସମ୍ପର୍କରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ତଦନୁଯାୟୀ ଅଣ ଏସି ଶ୍ରେଣୀ ଲାଗି ୧୫ ଓ ଏସି ପାଇଁ ୩୦ ଟଙ୍କା ସର୍ଭିସ ଚାର୍ଜ ଆଦାୟ କରାଯିବ। ଏହା ଉପରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ସ୍ୱତନ୍ତ୍ର ଭାବେ ଆଦାୟ କରାଯିବ। ସୂଚନାଥାଉ କି, ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ଯାଇ ମୋଦି ସରକାର ୩ ବର୍ଷ ପୂର୍ବେ ସର୍ଭିସ ଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ। ପୂର୍ବରୁ ଅଣ ଏସି ଶ୍ରେଣୀରେ ଇ-ଟିକେଟ ଉପରେ ୨୦ ଟଙ୍କା ଓ ସମସ୍ତ ପ୍ରକାର ଏସି ଶ୍ରେଣୀ ପାଇଁ ୪୦ ଟଙ୍କା ଆଦାୟ କରାଯାଉଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କୁହାଯାଇଥିଲା ଯେ, ସର୍ଭିସ ଚାର୍ଜ ପ୍ରତ୍ୟାହାର କରିବା ଅସ୍ଥାୟୀ ନିଷ୍ପତ୍ତି। ଏହାକୁ ଯେକୌଣସି ସମୟରେ ଲାଗୁ କରାଯିବ। ଅଧିକାରୀଙ୍କ କହିବାନୁଯାୟୀ, ସର୍ଭିସ ଚାର୍ଜ ପ୍ରତ୍ୟାହାର କରାଯିବା ପରେ ଆର୍ଥିକ ବର୍ଷ ୨୦୧୬-୧୭ରେ ଆଇଆର୍‌ସିଟିସିର ଇଣ୍ଟରନେଟ ଟିକେଟ ରାଜସ୍ୱ ଆଦାୟ ୨୬% ହ୍ରାସ ପାଇଥିଲା।

# ଫର୍ନିଚର ଗୋଡାଉନ୍‌ର ଏକ୍ସଚେଞ୍ଜ ଅଫର

ଭୁବନେଶ୍ୱର, ୩୧-୮

ପୂର୍ବ ଭାରତର ମୋଷ୍ଟ ପ୍ରମିଜିଂ ତଥା ପ୍ରମୁଖ ଶୋ'ରୁମ୍ ଫର୍ନିଚର ଗୋଡାଉନ ପକ୍ଷରୁ ଏକ୍ସଚେଞ୍ଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଶୋ'ରୁମ ପକ୍ଷରୁ ପ୍ରଥମଥର ଲାଗି ଅବିଶ୍ୱସନୀୟ ଅଫର ପ୍ରଦାନ କରାଯାଉଥିବା ଫର୍ନିଚର ଗୋଡାଉନ ପକ୍ଷରୁ କୁହାଯାଇଛି। ଏହି ସମୟରେ କ୍ରୟ ଉପରେ ଗ୍ରାହକମାନେ ସାଗୁଆନ କାଠର କିଙ୍ଗବେଡ୍ ୨୧,୯୯୯ ଟଙ୍କା ୨.୫ ଲକ୍ଷ ଟଙ୍କା ମଧ୍ୟରେ ପାଇପାରିବେ। ସେହିଭଳି ୫,୬୯୯ ଟଙ୍କାର ଆରମ୍ଭ ମୂଲ୍ୟରେ ବ୍ରାଣ୍ଡେଡ ମ୍ୟାଟ୍ରେସ, ୩,୯୦୦ ଟଙ୍କାରୁ ବ୍ରାଣ୍ଡେଡ ଅଫିସ ଟେବୁଲ, ୧୯,୯୯୯ ଟଙ୍କାରୁ ଡାଇନିଂ ଟେବୁଲ, ୯୯୯୯ ଟଙ୍କାରୁ ୨ ଡୋର ୱାର୍ଡରୋବ ରହିଛି। ସେହିଭଳି ୧୩ ହଜାର ଟଙ୍କାର ଆରମ୍ଭ ମୂଲ୍ୟରୁ ୩ ଡୋର ୱାର୍ଡରୋବ, ୯,୪୯୯ ଟଙ୍କାରେ ଗ୍ରାହକମାନେ ଭାରି ଡ୍ରେସିଂ ଟେବୁଲ ପାଇ ପାରିବେ। ଏଠାରେ ଟିକ୍ ଉଡ୍ ଡିଜାଇନର ବେଡ୍‌ର ଦାମ ୩୫,୦୦୦ ଟଙ୍କା ରହିଛି। ଏଗୁଡ଼ିକ ୧୦୦ଗୁଣ ଅଧିକ ଦୀର୍ଘସ୍ଥାୟୀ। ଫିଟିଂକୁ ଅନେକ ଥର ଖୋଲିଲା ପରେ ଏହା ଦୃଢ଼ତା ହରାଇ ନ ଥାଏ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ସମୟରେ ଗ୍ରାହକ ୭୫ ହଜାର ଟଙ୍କାର ସଦ୍ୟତମ ଡିଜାଇନର ସୋଫା ପାଇପାରିବେ। ଶୋ'ରୁମ ପକ୍ଷରୁ କୁଶଳୀ ସର୍ଭିସ ଟିମ୍‌ଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଏହାବାଦ ସଦ୍ୟତମ ଡିଜାଇନର ଟିକ୍ ୪ ସିଟ୍‌ର ଡାଇନିଂ ୨୫ ହଜାର ଟଙ୍କାରେ ଉପଲବ୍ଧ। ୦% ଫାଇନାନ୍ସ ସୁବିଧା ଉପଲବ୍ଧ ହେଉଛି। ପ୍ରତି କ୍ରୟରେ ବ୍ରାଣ୍ଡେଡ କାର୍ପେଟ ମାଗଣା ଦିଆଯାଉଛି। ଏହି ଅଫର ସୀମିତ ସମୟ ଲାଗି ରହିଛି। ବାପୁଜୀନଗର ଏବଂ ସୌଭାଗ୍ୟ ନଗର ଶୋ'ରୁମ୍‌ରେ ଏହି ଅଫର ଗ୍ରାହକ ଲାଭ କରିପାରିବେ ବୋଲି ଫର୍ନିଚର ଗୋଡାଉନର ସ୍ୱତ୍ୱାଧିକାରୀ ଶଶାଙ୍କ ଆଚାର୍ଯ୍ୟ କହିଛନ୍ତି।

Furniture Godown
East India's most promising brand and biggest showroom

"ସ୍ୱଳ୍ପ ବୟସ୍କା କୋକୋ ଗଫ୍ ହେଉଛନ୍ତି ଟେନିସ୍‌ର ନୂଆ ସୁପର ଷ୍ଟାର। ଇତିମଧ୍ୟରେ ମୁଁ ତାଙ୍କର ଜଣେ ପ୍ରଶଂସକ ପାଲଟିଯାଇଛି ।
– ସେରେନା ୱିଲିୟମ୍ସ, ବିଶିଷ୍ଟ ଟେନିସ ଖେଳାଳି



"ଭବିଷ୍ୟତରେ ଆର୍ଜେଣ୍ଟିନାର ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କ ସହିତ ଏକ ରାତ୍ରି ଭୋଜନ କରିବାର ସୁଯୋଗ ଜୁଟିବ ବୋଲି ମୋର ଆଶା ।
–କ୍ରିଷ୍ଟିଆନୋ ରୋନାଲ୍‌ଡୋ, ପର୍ତ୍ତୁଗିଜ୍ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ଶଶୀ ମୁକୁନ୍ଦ ଫାଇନାଲରେ

**ବାଓଟୋ (ଚାଇନା), ୩୧।୮ (ପି.ଟି.):** ଭାରତୀୟ ଟେନିସ ଖେଳାଳି ଶଶୀ କୁମାର ମୁକୁନ୍ଦ ତାଙ୍କ କ୍ୟାରିୟରରେ ପ୍ରଥମ ଥର ଏକ ଏଟିପି ଚ୍ୟାଲେଞ୍ଜର ଟୁରରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ନିକଟରେ ଭାରତୀୟ ଡେଭିସ୍ କପ୍ ଦଳରେ ଜଣେ ରିଜର୍ଭ ଖେଳାଳି ଭାବେ ସ୍ଥାନ ପାଇଥିବା ମୁକୁନ୍ଦ ଚାଲିଥିବା ୫୪,୧୬୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କ୍ଲେ-କୋର୍ଟ ଇଭେଣ୍ଟରେ ୧୨ତମ ସିଡ୍ ମାନ୍ୟତା ପାଇଛନ୍ତି। ଶନିବାର ଏକ ସେମିଫାଇନାଲରେ ସେ ଟଙ୍ଗ୍ ଲିନ୍ ଉ'ଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଟେନିସ ଖେଳାଳି ପୁରୁଷ ଡବଲ୍ସ ଫାଇନାଲରେ ମଧ ପ୍ରବେଶ କରିଛନ୍ତି। ସେ ଓ ତାଙ୍କ ରୁଷୀୟ ପାର୍ଟନର ତେମୁରାଜ ଗାବାସ୍ୱିଲି ସେମିଫାଇନାଲରେ ଟପ୍ ସିଡ୍ ଗୋନାକାଲୋ ଓଲିଭିରା ଏବଂ ଲ୍ୟୁକ୍ ସାଭିଲେଙ୍କୁ ୬-୩, ୩-୬, ୧୩-୧୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ଇଭେଣ୍ଟରେ ଭାଗ ନେବା ପୂର୍ବରୁ ମୁକୁନ୍ଦ ଚେନ୍ନାଇ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଚଳିତ ସିଜନରେ ୨୧ ବର୍ଷୀୟ ମୁକୁନ୍ଦଙ୍କ ପ୍ରଦର୍ଶନ ଆଭରେଜ ରହିଛି। ଚ୍ୟାଲେଞ୍ଜର ସର୍କିଟରେ ସେ ଦ୍ୱିତୀୟ ରାଉଣ୍ଡ ତଳୁ ବିଦା ହୋଇ ନାହାନ୍ତି।

### ଈଶ୍ୱରନଙ୍କୁ ବେଙ୍ଗଲର ନେତୃତ୍ୱ

**କୋଲକାତା,୩୧।୮:** ଆଗାମୀ ଘରୋଇ କ୍ରିକେଟ ସିଜନରେ ଅଭିମନ୍ୟୁ ଈଶ୍ୱରନ ବେଙ୍ଗଲ ଦଳର ନେତୃତ୍ୱ ନେବେ। ମଙ୍ଗଳବାରଠାରୁ ଜୟପୁରଠାରେ ହେବାକୁ ଥିବା ୫୦ ଓଭର ବିଶିଷ୍ଟ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଲାଗି ଈଶ୍ୱରନଙ୍କ ନେତୃତ୍ୱରେ ୨୧ ଜଣିଆ ବେଙ୍ଗଲ ଦଳ ଘୋଷଣା ହୋଇଛି। ସେ ପୂରା ସିଜନରେ ଦଳର ଅଧିନାୟକତ୍ୱ ସମ୍ଭାଳିବେ ବୋଲି ସ୍ପଷ୍ଟ କରାଯାଇଛି। ସୁଦୀପ ଚାଟାର୍ଜୀ ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ପୂର୍ବତନ ଅଧିନାୟକ ମନୋଜ ତିୱାରୀଙ୍କୁ ଦଳରେ ସ୍ଥାନ ମିଳିଛି। ଆମେ ନେତୃତ୍ୱ ପରିବର୍ତ୍ତନ କରିବା ନେଇ ତିୱାରୀଙ୍କ ସହ ଆଲୋଚନା କରିଥିଲୁ। ଖେଳାଳି ଭାବେ ଦଳୀୟ ପ୍ରଦର୍ଶନରେ ଯୋଗଦାନ କରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ସିନିୟର ଭାବେ ଈଶ୍ୱରନଙ୍କୁ ଗାଇଡ୍ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି ବୋଲି ସିଏବି ଯୁଗ୍ମ ସମ୍ପାଦକ ଅଭିଷେକ ଡାଲମିଆ କହିଛନ୍ତି। ଏବେ ଦୁଲୀପ ଟ୍ରଫି ଖେଳୁଥିବା ଈଶ୍ୱରନ କହିଛନ୍ତି, ଏହା ଏକ ବଡ଼ ଚ୍ୟାଲେଞ୍ଜ। କିନ୍ତୁ ମୋ ଆଡୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବି। ଆସନ୍ତା ୨୪ ତାରିଖରେ ବିଜୟ ହଜାରେ ଟ୍ରଫିରେ ବେଙ୍ଗଲ ତା'ର ପ୍ରଥମ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ।

### ରାଜ୍ୟ ଭାରୋତ୍ତୋଳନ ପାଇଁ ଖୋର୍ଦ୍ଧା ଦଳ ଚୟନ

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ):** ସେପ୍ଟେମ୍ବର ୭ରୁ ଦୁଇଦିନ ଧରି ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ। ଜୁନିୟର ଓ ସବ୍-ଜୁନିୟର ବିଭାଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଖୋର୍ଦ୍ଧା ଦଳ ଚୟନ କରାଯାଇଛି। କିରଣ କୁମାରୀ ଦିଗଲ, ପି. ଧର୍ମାରାଓ, ଚନ୍ଦ୍ରଶେଖର ସାହୁ, ସୌମ୍ୟ ଖୁଣ୍ଟିଆ, କାଜିମ୍, ଦୀନେଶ, ଶୁଭକାନ୍ତ ମଲିଆ, କିରାଣୀ ପାତ୍ର ଏହି ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ ବୋଲି ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। **ଖୋର୍ଦ୍ଧା ବାଳିକା ଦଳ:** ବାସନ୍ତୀ ମାଝି, ଚମ୍ପାରୀ ମୁଣ୍ଡା, ରଞ୍ଜିତା ମାଝି, ଦିବ୍ୟାବତୀ ରାଇକା, ଯସ୍ମିତା ପ୍ରଧାନ, ଅପରାଜିତା ଭୂୟାଁ, ଶଙ୍ଖାଳି ମାଝି, ସୁମିତ୍ରା ମଲ୍ଲିକ, ମୋତି ଜାନୀ, ନିକି ଶ୍ରମ୍ପୁତିକା, ଯୁବତୀ ଦେହୁରୀ, ବୀଣା ସୋରେନ, ଭାରତୀ ପାଡିଆମୀ, ସମ୍ଭାରୀ ଶାମାଦ୍, ଦେବକୀ ଖିଲୋ, ଅଞ୍ଜମାଳା ଗଣ୍ଡ, ସିଲାବତୀ ପଟ୍‌ମାଝି, ରଙ୍ଗିଲା ମାଝି, ସ୍ୱାଗତିକା ବିଶ୍ୱାଳ, ଏମ୍. କ୍ରିତି, ମୋନାଲି ସାହୁ ଓ କେ. ଅଭିସିକ୍ତା। **ଖୋର୍ଦ୍ଧା ବାଳକ ଦଳ:** ରାମ ଟୁଡୁ, ଶିଖର ହାଁସଦା, ବିଭୂତିଭୂଷଣ ସାହୁ, ରାଜେଶ କୁମାର ବେହେରା, ଶୁଭେନ୍ଦୁ କୁମାର ନାୟକ ଓ ପୁନିତ୍ ଚନ୍ଦ୍ର ସାହୁ।

# ବିହାରୀଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ

**କିଙ୍ଗଷ୍ଟନ,୩୧।୮(ପି.ଟି.)**

## ଦ୍ୱିତୀୟ ଟେଷ୍ଟ

ସ୍ଥାନୀୟ ସାବିନା ପାର୍କ ଗ୍ରାଉଣ୍ଡରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ଓପନର ମୟଙ୍କ ଅଗ୍ରୱାଲ, ଅଧିନାୟକ ବିରାଟ କୋହଲି ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ଅର୍ଦ୍ଧଶତକ ସହାୟତାରେ ଭଲ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ରିପୋର୍ଟ ଲେଖାହେବା ବେଳକୁ ୧୧୧ ଓଭରରେ ୭ ଉଇକେଟ ହରାଇ ୩୦୩ ରନ ସଂଗ୍ରହ କରିଛି। ବିହାରୀ ୬୩ ଓ ଇଶାନ୍ତ ଶର୍ମା ବିନା ସ୍କୋରରେ ବ୍ୟାଟିଂ ଜାରି ରଖିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୪/୫ରୁ ଖେଳ ଆରମ୍ଭ କରିଥିଲା ଭାରତ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବିହାରୀ ୪୨ରନରୁ ଖେଳ ଆରମ୍ଭ କରି ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୭ ରନରୁ ବ୍ୟାଟିଂ ଆରମ୍ଭ କରିଥିଲେ ଓ ଆଉ ଅଧିକ ରନ ସଂଗ୍ରହ କରିପାରି ନ ଥିଲେ। ସେ ଦ୍ୱିତୀୟ ଦିନର ପ୍ରଥମ ବଲ୍‌ରେ ଲାଇନ୍ ମିସ୍ କରି ଜାସନ ହୋଲ୍ଡରଙ୍କ ଇନ୍ ସୁଇଙ୍ଗ୍ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଜାଡେଜା ୧୬ ରନ କରିଥିବା ବେଳେ ମିଡ୍‌ଅନ୍‌ରେ ଡାରେନ୍ ବ୍ରାଭୋଙ୍କୁ କ୍ୟାଚ୍ ଦେଇ ଅଫ୍ ସ୍ପିନର ରାଖିମ କର୍ନୱାଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶୁକ୍ରବାର ପ୍ରଥମ ଦିନରେ କୋହଲି ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେ ଜାସନ ହୋଲ୍ଡରଙ୍କ ବଲକୁ ଖେଳିବାକୁ ପ୍ରୟାସ କରିଥିଲେ। ବଲ୍ ବ୍ୟାଟର ଏଜ୍ ନେଇଥିଲା ଓ ସେ ଉଇକେଟକିପର ଜହମାର ହାମିଲଟନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୨୪ ରନ କରିଥିବା ବେଳେ ଇନ୍‌ଫର୍ମ ଅଜିଙ୍କ୍ୟ ରାହାନେ କେମର ରୋଚଙ୍କ ବଲ୍‌ରେ ଉଇକେଟପଛରେ ହାମିଲଟନଙ୍କୁ କ୍ୟାଚ୍ ଦେଇଥିଲେ। ମୟଙ୍କ ୫୫, ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୬ ଓ ଲୋକେଶ ରାହୁଲ ୧୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ହୋଲ୍ଡର ସର୍ବାଧିକ ୪, କର୍ନୱାଲ ୨ ଓ ରୋଚ୍ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।





### ସଂକ୍ଷିପ୍ତ ସ୍କୋର

■ ଭାରତ ପ୍ରଥମ ଇନିଂସ- ୧୧୧ ଓଭରରେ ୩୦୩/୭ (ବିହାରୀ- ୬୩*, କୋହଲି- ୭୬, ଅଗ୍ରୱାଲ- ୫୫, ପନ୍ତ- ୨୭, ରାହାନେ- ୨୪, ହୋଲ୍ଡର- ୪/୫୩, କର୍ନୱାଲ- ୨/୭୫, ରୋଚ୍- ୧/୫୮)

# ୯୮ ବର୍ଷର ରେକର୍ଡ ଭାଙ୍ଗିଲା



ରଖିମ କର୍ନୱାଲ

**କିଙ୍ଗ୍‌ଷ୍ଟନ (ଜାମାଇକା),୩୧।୮**

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଅଫ୍ ସ୍ପିନିଂ ଅଲରାଉଣ୍ଡର ରଖିମ କର୍ନୱାଲ ପଦାର୍ପଣ କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ସବୁଠୁ ଓଜନଦାର କ୍ରିକେଟର ହେବାର ରେକର୍ଡ ସୃଷ୍ଟି କରିଛନ୍ତି। ୬ ଫୁଟ୍ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ କ୍ରିକେଟରଙ୍କ ଓଜନ ୧୪୦ କିଲୋ। ସେ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ୱାର୍ୱିକ ଆର୍ମଷ୍ଟ୍ରଙ୍ଗଙ୍କୁ ଅତିକ୍ରମ କରିଛନ୍ତି। ୧୯୦୨ରୁ ୧୯୨୧ ମଧ୍ୟରେ ୫୦ ଟେଷ୍ଟ ଖେଳିଥିବା ଆର୍ମଷ୍ଟ୍ରଙ୍ଗଙ୍କ ଓଜନ ୧୩୩-୧୩୯ ଥିଲା। ସେ ୧୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିଲେ। ୨୬ ବର୍ଷୀୟ କ୍ରିକେଟର ୫୫ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୨୬୦ ଉଇକେଟ ନେବା ସହ ୨,୨୨୪ ରନ୍ କରିବା ପରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିବାକୁ ସୁଯୋଗ ପାଇଛନ୍ତି। ସେ ପ୍ରଥମ ଟେଷ୍ଟରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ସବିନା ପାର୍କଠାରେ ୨୭ ଓଭର ବୋଲିଂ କରି ଚେତେଶ୍ୱର ପୂଜାରାଙ୍କ ଉଇକେଟ ହାସଲ କରିଛନ୍ତି। ଏଥିସହିତ ଦୁଇ କ୍ୟାଚ୍ ନେଇ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କୁ ଆଉଟ୍ କରିବାରେ ଭୂମିକା ନେଇଛନ୍ତି। ଭାରତୀୟ ଦଳ ପ୍ରଥମ ଦିନ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୨୬୪ ରନ୍ କରିଛି। ହନୁମା ବିହାରୀ ୪୨ ଓ ରିଷଭ ପନ୍ତ ୨୭ ରନ୍ କରି ଅପରାଜିତ ଅଛନ୍ତି।

# ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୩୧।୮(ସ୍ପୋର୍ଟ୍ସ ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ନିଜ ପ୍ରଦର୍ଶନ ବଳରେ ପ୍ରମୋଦ କେବଳ ରାଜ୍ୟ ନୁହଁ ସାରା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି ବୋଲି ସେ କହିଛନ୍ତି। ତାଙ୍କର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଦେଶର ଯୁବସମାଜ ପାଇଁ ପ୍ରେରଣା ଓ ଆଦର୍ଶ ବୋଲି କହିଛନ୍ତି। ପ୍ରମୋଦଙ୍କୁ ତାରକସି କାରୁକାର୍ଯ୍ୟର ଏକ ଉପହାର ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଓ ୯୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଥାଉ କି, ପାରା ବ୍ୟାଡମିଣ୍ଟନରେ ଅସାଧାରଣ ସଫଳତା ପାଇଁ ପ୍ରମୋଦ ଗତ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅର୍ଜୁନ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଗ୍ରହଣ କରିଥିଲେ।

## ୩୦ ଲକ୍ଷ ୯୫ ହଜାର ଟଙ୍କା ପୁରସ୍କାର



ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ପ୍ରଧାନମନ୍ତ୍ରୀଙ୍କ ଭିଜନ ନୂଆ ମୋଟେରା ଷ୍ଟାଡିୟମ

**ମୁମ୍ବାଇ,୩୧।୮**

ଆଉ କିଛି ମାସରେ ଗୁଜରାଟର ଆର୍ଥିକ ରାଜଧାନୀ ଅହମ୍ମଦାବାଦଠାରେ ରାଜ୍ୟର ନୂଆ କ୍ରିକେଟ ଷ୍ଟାଡିୟମ ଉଦ୍‌ଘାଟିତ ହେବ। ୧ ଲକ୍ଷ ୧୦ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଡିସେମ୍ବର ଓ ୨୦୨୦, ଜାନୁୟାରୀ ମଧ୍ୟରେ ଶେଷ ହେବ। ଏହା ୫୦ ହଜାର କ୍ଷମତା ବିଶିଷ୍ଟ ସର୍ଦ୍ଦାର ବଲଭଭାଇ ପଟେଲ ଷ୍ଟାଡିୟମ (୧୯୮୨)ର ସ୍ଥାନ ନେବ। ନୂଆ ବିଶାଳ ଷ୍ଟାଡିୟମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନ ବୋଲି କେନ୍ଦ୍ରମନ୍ତ୍ରୀ ଓ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ଏହା ବିଶ୍ୱର ସବୁଠୁ ବଡ଼ କ୍ରିକେଟ ସୁବିଧା ଥିବା ଷ୍ଟାଡିୟମ ହେବ। ୨୦୧୭ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ଓ ଜିସିଏ ଉପସଭାପତି ପରିମଲ ନାଥୱାନିଙ୍କ ତତ୍ତ୍ୱାବଧାନରେ ଭେନ୍ୟୁର ନିର୍ମାଣ କାର୍ଯ୍ୟ ଚାଲୁଛି। ପ୍ରଥମେ ରାଜ୍ୟର ଷ୍ଟାଡିୟମର ନବୀକରଣ କରିବାକୁ ଯୋଜନା କରିଥିଲୁ। ୩୦ ବର୍ଷ ପରେ ଆମକୁ ପୁଣି ଥରେ ଷ୍ଟାଡିୟମ କାର୍ଯ୍ୟ କରିବାର ଥିଲା। ଆମେ ଏକ ପ୍ରେଜେଣ୍ଟେଶନ ପ୍ରସ୍ତୁତ କରି (୨୦୧୩ ଜିସିଏ ସଭାପତି) ମୋଦିଙ୍କୁ ଦେଖାଇଥିଲୁ। କିନ୍ତୁ ତାଙ୍କ ଉଦ୍ଦେଶ୍ୟ ଭିନ୍ନ ଥିଲା। ସେ ପୂରା ନୂଆ ଷ୍ଟାଡିୟମ ବୃହତ ଆକାରରେ ଚାହୁଁଥିଲେ। ଏହାର ଆକାର ପ୍ରାୟତଃ ଇଂଲଣ୍ଡର ଓଭାଲ ଗ୍ରାଉଣ୍ଡ ଭଳି ହୋଇଛି। ବାଉଣ୍ଡାରି ୧୭୦ ମିଟର। ଏଠାରେ ମୋଟ ୧୧ ପିଚ୍ ରହିଛି। ବିସିସିଆଇର ଗ୍ରାଉଣ୍ଡ ପରାମର୍ଶଦାତା ଦଲିଜିତ ସିଂ ଏଥିସହ ଜଡ଼ିତ ଅଛନ୍ତି। ନୂଆ ଷ୍ଟାଡିୟମର ସ୍ୱତନ୍ତ୍ରତା ହେଲା କୌଣସି ପିଲର ନାହିଁ। ଏଣୁ ଷ୍ଟାଡିୟମର ଯେ କୌଣସି ଅଞ୍ଚଳରୁ ପଡ଼ିଆକୁ ଠିକ୍ ଭାବେ ଦେଖି ହେବ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି) ନିର୍ମାଣ କରିଥିବା ଗ୍ଲୋବାଲ ଡିଜାଇନ ଫାର୍ମ ପପୁଲସ କମ୍ପାନୀକୁ ଷ୍ଟାଡିୟମ୍‌ର କାର୍ଯ୍ୟ ଦିଆଯାଇଛି। ଏହି କମ୍ପାନୀ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡକୁ ନବୀକରଣ କରିବା ସହ ଟୋଟେନହାମ ଦଳର ଷ୍ଟାଡିୟମ, ୱେମ୍ବଲେ ଓ ୨୦୧୨ ଅଲିମ୍ପିକ୍ସ ଭେନ୍ୟୁ ପ୍ରସ୍ତୁତ କରିଥିଲା। ଗତ ୩ ଦଶନ୍ଧିରେ ମୋଟେରା ଗ୍ରାଉଣ୍ଡରେ ଭାରତୀୟ ଦଳର ବହୁ ସ୍ମରଣୀୟ ସ୍ମୃତି ରହିଛି। ୧୯୮୭ରେ ସୁନୀଲ ଗାଭାସ୍କର ଏଠାରେ ଟେଷ୍ଟ କ୍ୟାରିୟରରେ ୧୦ ହଜାର ରନ ପୂରଣ କରିବା ସହ ୧୯୯୩ରେ ରିଚାର୍ଡ ହାର୍ଡଲିଙ୍କୁ ଅତିକ୍ରମ କରି କପିଲ ଦେବ ୪୩୪ ଉଇକେଟ, ୧୯୯୯ରେ ସଚିନ ତେନ୍ଦୁଲକରଙ୍କ ପ୍ରଥମ ଦ୍ୱିଶତକ ଓ ୨୦୧୧ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ କ୍ୱାର୍ଟର ଫାଇନାଲ ବିଜୟ ଭଳି ଅଭୁଲା ସ୍ମୃତି ରହିଛି।



# ଲୋମରରଙ୍କ ଶତକ: ଇଣ୍ଡିଆ ରେଡ୍‌ର ଦୃଢ଼ ଜବାବ

## ଦୁଲୀପ୍ ଟ୍ରଫି

**ବେଙ୍ଗାଲୁରୁ, ୩୧।୮ (ପି.ଟି.):** ଅଲୁରସ୍ଥିତ କର୍ନାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଗ୍ରାଉଣ୍ଡରେ ଚାଲିଥିବା ଇଣ୍ଡିଆ ଗ୍ରୀନ ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମହିପାଲ ଲୋମରରଙ୍କ ଶତକୀୟ ଇନିଂସ ବଳରେ ଦୃଢ଼ ଜବାବ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ ପ୍ରଥମ ଇନିଂସରେ ୧୩୧.୩ ଓଭରରେ ୪୪୦ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ରେଡ୍ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୩୫ ଓଭରରେ ୯ ଉଇକେଟ ହରାଇ ୪୦୪ ରନ ସଂଗ୍ରହ କରିଛି। ହାତରେ ଆଉ ମାତ୍ର ଗୋଟିଏ ଉଇକେଟ ବାକିଥିବା ବେଳେ ରେଡ ୩୬ ରନ ପଛରେ ପଡିଛି। ଇନିଂସ ପଛୁଆ ରହିବାର ସମ୍ଭାବନା ରହିଥିଲେ ମଧ ରେଡ୍ ଦୃଢ଼ ଜବାବ ଦେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଆଭେସ ଖାଁ ୩୪ ଓ ସନ୍ଦୀପ ୱାରିୟର ୨ ରନ କରି ଅପରାଜିତ ରହିଛନ୍ତି। ୧୮ ବଲରୁ ୩୪ରନର ଛୋଟିଆ ଅପରାଜିତ ଇନିଂସରେ ଆଭେସ ଧୂଆଁଧାର ବ୍ୟାଟିଂ କରି ୫ଟି ଛକା ମାରିଥିଲେ ଓ ଦଳର ସ୍କୋରକୁ ଗ୍ରୀନ୍‌ର ନିକଟତର କରାଇଥିଲେ। ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୦/୨ରୁ ରେଡ୍ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ନାୟାର ୭୭ ଓ ଲୋମରର ୨୨ ରନରୁ ଖେଳ ଆରମ୍ଭ କରିଥିଲେ। ଅଭିଜ୍ଞ ନାୟାର ୧୫୪ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ସହ ୯୦ ରନର ଦମ୍‌ଦାର ପାଳି ଖେଳି ଅଙ୍କିତ୍ ରାଜପୁତଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇଥିଲେ। ସେହିପରି ୧୯ ବର୍ଷୀୟ ରାଜସ୍ଥାନ ବ୍ୟାଟ୍ସମ୍ୟାନ ଲୋମରର ୨୭୨ଟି ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୩ ଛକା ସହାୟତାରେ ୧୨୬ ରନର ଶତକୀୟ ପାଳି ଖେଳି ସୌରାଷ୍ଟ୍ର ବାମହାତୀ ସ୍ପିନର ଧର୍ମେନ୍ଦ୍ରସିନ ଜାଡେଜାଙ୍କ ବଲ୍‌ରେ ବଦଳ ଖେଳାଳି ଆକାଶଦୀପ ନାଥଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଗତ ଦୁଇଟି ମ୍ୟାଚ୍‌ରେ ନାୟାର ଦ୍ୱିତୀୟଥର ପାଇଁ ୯୦ ଓ ୧୦୦ ରନ ମଧ୍ୟରେ ଆଉଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ ୨୨, ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ୩୮, ଆଦିତ୍ୟ ସରୱାଟ୍ ୬, ଜୟଦେବ ଉନାଡ୍‌କଟ ୩୦ ଓ ଅକ୍ଷୟ ୱାଖରେ ୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଇଣ୍ଡିଆ ଗ୍ରୀନ୍ ତରଫରୁ ଜାଡେଜା ସର୍ବାଧିକ ୪, ଅଙ୍କିତ ରାଜପୁତ ଓ ତନବୀର ଉଲ ହକ ୨ଟି ଲେଖାଏ, ରାହୁଲ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଆଣ୍ଡରସନ ବାଦ୍

**ଡର୍ବି, ୩୧।୮ (ଏଏଫ୍‌ପି):** ଇଂଲଣ୍ଡର ଜେମ୍ସଆଣ୍ଡରସନ ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଆଶେସ ସିରିଜର ବଳକା ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ମାଂସପେଶୀଜନିତ ଆଘାତ ସମସ୍ୟା ଯୋଗୁ ପ୍ରଥମ ଟେଷ୍ଟରେ ମାତ୍ର ୪ ଓଭର ବୋଲିଂ କରିଥିଲେ।

# ଫେଡରର, ସେରେନା ବିଜୟୀ

**ନ୍ୟୁୟର୍କ, ୩୧।୮**

ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ରେ ରୋଜର ଫେଡରର ଏବଂ ସେରେନା ୱିଲିୟମ୍ସ ସେମାନଙ୍କ ବିଜୟ ଅଭିଯାନ ଜାରି ରଖିଛନ୍ତି। ଫେଡରର ୬-୨, ୬-୨, ୬-୧ ସେଟ୍‌ରେ ଡାନ୍ ଇଭାନ୍ସଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ କାରୋଲିନା ମୁଚୋଭାଙ୍କ ବିପକ୍ଷରେ ସେରେନା ୬-୩, ୬-୨ ସିଧାସଳଖ ସେଟ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ଆଶଲେ ବାର୍ଟିଙ୍କର ମଧ ବିଜୟ ଧାରା ଜାରି ରହିଛି। ଦ୍ୱିତୀୟ ସିଡ୍ ଖେଳାଳି ମାରିଆ ସାକାରିଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ନୋଭାକ ଜୋକୋଭିଚ୍ ଡେନିସ କୁଡଲାଙ୍କୁ ୬-୩, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ୭ମ ସିଡ୍ କେଇ ନିଶିକୋରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ଆଲେକ୍ସ ମିନାଉର ତାଙ୍କୁ ଏକ ୪ ସେଟ୍ ବିଶିଷ୍ଟ ମ୍ୟାଚରେ ୬-୨, ୬-୪, ୨-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। କାରୋଲିନା ପ୍ଲିସକୋଭାଙ୍କୁ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ଲାଗି କିଛିଟା କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ସେ ଓନସ ଜାବେଉରଙ୍କୁ ୬-୧, ୪-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରିଟିଶ ନମ୍ବର ୱାନ ଖେଳାଳି ଜୋହାନ କୋଣ୍ଟା ତାଙ୍କ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି।





ନୋଭାକ ଜୋକୋଭିଚ୍

### ଦ୍ୱିତୀୟ ରାଉଣ୍ଡରେ ବୋପାନ୍ନା-ଡେନିସ

ୟୁଏସ୍ ଓପନରେ ଶୁକ୍ରବାର ଭାରତ ପାଇଁ ମିଶ୍ରିତ ସଫଳତା ମିଳିଛି। ରୋହନ ବୋପାନ୍ନା ଓ ଡେନିସ ଶାପୋଭାଲୋଭଙ୍କ ଯୋଡ଼ି ପୁରୁଷ ଡବଲ୍ସ ବର୍ଗରେ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାବେଳେ ଲିଆଣ୍ଡର ପେସ ବିଦାୟ ନେଇଛନ୍ତି। ବୋପାନ୍ନା ଓ ତାଙ୍କ କାନାଡିଆନ ସାଥୀ ପ୍ରଥମ ରାଉଣ୍ଡରେ ୪ର୍ଥ ସିଡ୍ ଫ୍ରାନ୍ସର ପିଏରେ ହୁଗୁସ ହର୍ବଟ ଓ ନିକୋଲାସ ମାହୁତଙ୍କୁ ୬-୩, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଇଣ୍ଡୋ-କାନାଡିଆନ ଯୋଡ଼ିକୁ ମ୍ୟାଚ୍ ଜିତିବା ପାଇଁ ୫୫ ମିନିଟ ସମୟ ଲାଗିଥିଲା। ଅନ୍ୟପକ୍ଷରେ ପେସ ଓ ଆର୍ଜେଣ୍ଟିନାର ଗୁଇଲେର୍ମୋ ଡୁରାନଙ୍କୁ ୫-୭, ୨-୬ ସେଟ୍‌ରେ ସର୍ବିୟା ମିଓମିର କେମାନୋଭିକ୍ ଓ ନରୱେର କାସପର ରୁଡ ପରାସ୍ତ କରିଛନ୍ତି। ଦିଭିଜ ଶରନ ଓ ମୋନାକୋର ହୁଗୋ ନ୍ୟସ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧ ସେପ୍ଟେମ୍ବର, ୨୦୧୯



❝ ଜାତୀୟ ଦଳକୁ ଫେରିବା ନେଇ ମୁଁ ଚାପରେ ନାହିଁ, କାରଣ ଯେଉଁ ଟିମ୍‌ରୁ ପ୍ରତିନିଧିତ୍ୱ କରେ ଭଲ ପ୍ରଦର୍ଶନ କରି କ୍ରିକେଟର ମଜା ନିଏ ।

–ମୁରଲୀ ବିଜୟ, ଭାରତୀୟ ବ୍ୟାଟ୍ସମ୍ୟାନ



❝ ଆଲେକ୍ସିସ୍ ସାଞ୍ଚେଜ ହୁଏତ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ବିଫଳ ହୋଇପାରନ୍ତି, କିନ୍ତୁ ଇଣ୍ଟର ମିଲାନରେ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ଆଶା ।

–ପେପ୍ ଗର୍ଡିଓଲା, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



# ଲଞ୍ଚ୍ ହେଲା ରାଜ୍ୟର ନିଜ କ୍ଲବ୍ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**


ଭୁବନେଶ୍ୱର,୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)

ହାଇପ୍ରୋଫାଇଲ ଫୁଟବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଥର ନିଜର କ୍ଲବ୍ ଖେଳାଇବ। ଫଳରେ ରାଜ୍ୟର ଫୁଟବଲ ପ୍ରଶଂସକଙ୍କ ପାଇଁ ଏହା ଏକ ଖୁସି ଖବର ସାବ୍ୟସ୍ତ ହୋଇଛି। ରାଜ୍ୟର ଏହି ଫୁଟବଲ କ୍ଲବର ନାମ 'ଓଡ଼ିଶା ଏଫ୍‌ସି' ରଖାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଦିଲ୍ଲୀ ସକର ପ୍ରାଇଭେଟ ଲିମିଟେଡ ମଧ୍ୟରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ନୂଆ ଆଇଏସ୍‌ଏଲ୍ କ୍ଲବ୍ 'ଓଡ଼ିଶା ଏଫ୍‌ସି' ଆନୁଷ୍ଠାନିକ ଭାବେ ଲଞ୍ଚ୍ ହୋଇଛି।

ଏହି ନୂଆ କ୍ଲବ ଓଡ଼ିଶାରେ ପର୍ଯ୍ୟବସିତ ହେବ ଓ ଭୁବନେଶ୍ୱରକୁ ଏହି କ୍ଲବ ତା'ର ଘରୋଇ ସହର ରୂପେ ଗ୍ରହଣ କରିବ। ରାଜ୍ୟ ସରକାର ମଧ୍ୟ କ୍ଲବ୍‌କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବେ। ଭୁବନେଶ୍ୱରରେ ଆଇଏସ୍‌ଏଲ୍‌ରେ ଘରୋଇ ମ୍ୟାଚ୍ ଆୟୋଜନ ପାଇଁ ସରକାର କ୍ଲବ୍‌କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବେ। କେବଳ ସେତିକି ନୁହେଁ, ଅଭ୍ୟାସ ପାଇଁ ଓ କ୍ଲବ୍‌ର ସୁପରିଚାଳନାଲାଗି ମଧ୍ୟ ସବୁ ପ୍ରକାର ସୁବିଧାସୁଯୋଗ ଦିଆଯିବ। ରାଜ୍ୟରେ ଫୁଟବଲର ଉନ୍ନତି, ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ମଧ୍ୟ ସରକାରଙ୍କ ଏହି ପଦକ୍ଷେପ ବେଶ୍ ସହାୟ ହେବ।

ଓଡ଼ିଶା ଏଫ୍‌ସି ଓ ଆଇଏସ୍‌ଏଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ଫୁଟବଲର ବିକାଶ ପାଇଁ ଏହି ବୁଝାମଣା ବେଶ୍ ସହାୟ ହେବ। ଏହା ଦ୍ୱାରା ରାଜ୍ୟର ଫୁଟବଲ ପ୍ରତିଭା ପ୍ରେରଣା ପାଇବେ ଓ ଅଧିକ ଉତ୍ସର୍ଗୀକୃତ ମନୋଭାବ ସହ ଫୁଟବଲ ଖେଳିବାକୁ ଓ ଫୁଟବଲ୍‌କୁ ନେଇ କ୍ୟାରିୟର କରିବାକୁ ଆଗେଇ ଆସିବେ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ନିଜର ଏକ ଫୁଟବଲ କ୍ଲବ୍ ପାଇଥିବାରୁ ଆମେ ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଫୁଟବଲର ବିକାଶକୁ ଆମେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛୁ। ଚଳିତ ସପ୍ତାହ ପ୍ରାରମ୍ଭରେ ଆମେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ୨୦୨୦ର କେତୋଟି ମ୍ୟାଚ୍ ଭୁବନେଶ୍ୱରରେ ଆୟୋଜନ କରିବାକୁ ଅନୁମତି ପାଇଛୁ। ଭାରତ ୧୬ ଓ ୧୯ ବର୍ଷରୁ କମ୍ ଦଳ ପାଇଁ ଭୁବନେଶ୍ୱର ଘରୋଇ ସହରର ମାନ୍ୟତା ପାଇଛି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସହ ଭାଗୀଦାରି କ୍ରମେ ଆମେ ଏହି ଅଧିକାର ହାସଲ କରିଛୁ। ଏହା ଦ୍ୱାରା ରାଜ୍ୟରେ ଫୁଟବଲ ପ୍ରତିଭାର ବିକାଶ ସମ୍ଭବ ହେବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଥାଉ କି, ଓଡ଼ିଶା ପୂର୍ବରୁ ଏଆଇଏଫ୍‌ଏଫ୍ ଓ ଅନ୍ୟ ଫୁଟବଲ କ୍ଲବ୍ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ରହିଆସିଛି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଆଇଏସ୍‌ଏଲ୍ ପାଇଁ ଜାମ୍‌ସେଦପୁର ଏଫ୍‌ସିର ଏକ ଘରୋଇ ମ୍ୟାଚ୍ ମଧ୍ୟ ଆୟୋଜନ ହୋଇଛି। ସେହିପରି ଆଇ- ଲିଗ୍ ପାଇଁ ଇଣ୍ଡିଆନ ଆରୋଜ୍‌ର କେତୋଟି ଘରୋଇ ମ୍ୟାଚ୍ ମଧ୍ୟ ସଫଳତାର ସହ ଏଠାରେ ଆୟୋଜନ ହୋଇଛି। ହିରୋ ସୁପର କପ୍‌ର ଦୁଇଟି ସଂସ୍କରଣ, ଭାରତର ପ୍ରଥମ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ସିନିୟର ଫୁଟବଲ ଟୁର୍ନାମେଣ୍ଟ 'ହିରୋ ଗୋଲ୍ଡ କପ୍' ମଧ୍ୟ ଏଠାରେ ସଫଳତାର ସହ ଆୟୋଜନ ହୋଇଛି। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ପୁରୁଷ ହକି ବିଶ୍ୱକପ୍ ସହ ବିଭିନ୍ନ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ, ଏସିଆନ୍ ଆଥଲେଟିକ ଚାମ୍ପିୟନଶିପ୍ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଆଥଲେଟିକ ଇଭେଣ୍ଟ ମଧ୍ୟ ଏଠାରେ ସଫଳତାର ସହ ଆୟୋଜନ ହୋଇପାରିଛି।



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଦିଲ୍ଲୀ ସକର ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ବୁଝାମଣା।

## ରାଜ୍ୟ ଫୁଟବଲ୍‌ରେ ଏକ ନୂଆ ଯୁଗ ଆରମ୍ଭ

*ନୂଆ କ୍ଲବ୍ ଓଡ଼ିଶା ଏଫ୍‌ସି ମାଲିକ ଅନିଲ ଶର୍ମା ଏହି ବୁଝାମଣା ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଫୁଟବଲ ଓ ଅନ୍ୟ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ଏଫ୍‌ସି ବେଶ୍ ସହାୟ ହେବ। କ୍ରୀଡ଼ା ପ୍ରତି ଅଙ୍ଗୀକାରବଦ୍ଧତାକୁ ଓଡ଼ିଶା ପୁଣି ଥରେ ପ୍ରମାଣ କରିଛି। ରାଜ୍ୟ ନିଜର ଏକ ଫୁଟବଲ କ୍ଲବ ହାସଲ କରିଥିବାରୁ ଆମେ ଗର୍ବିତ। ଦେଶର ଶ୍ରେଷ୍ଠ ଫୁଟବଲ ଲିଗ୍ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ସାମିଲ୍ ହୋଇ ରାଜ୍ୟ ଫୁଟବଲ ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିବ। ଅକୁଣ୍ଠିତ ସାହାଯ୍ୟ ସମର୍ଥନ ପାଇଁ ଆମେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଉଛୁ। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଫୁଟବଲର ଉନ୍ନତି ପାଇଁ ଆମେ କାର୍ଯ୍ୟ କରିବୁ। ଭାରତକୁ ଏକ ବିଶ୍ୱସ୍ତରୀୟ ଫୁଟବଲ ସୁପରପାୱାର କରାଇବାରେ ଓଡ଼ିଶା ଏଫ୍‌ସି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଅନିଲ କହିଛନ୍ତି।*

■ ସିନିୟର ପୁରୁଷ ହକି କ୍ୟାମ୍ପ୍

# ଜାତୀୟ ଶିବିରରେ ୬ ଓଡ଼ିଆ



ବୀରେନ୍ଦ୍ର ଲାକ୍ରା



ଅମିତ୍ ରୋହିଦାସ



ଆଶିଷ କୁମାର ଟପ୍ପୋ



ଦୀପସାନ ତିର୍କୀ



ନୀଲମ ସଞ୍ଜୀପ ଖେସ୍



ଶିଳାନନ୍ଦ ଲାକ୍ରା

ନୂଆଦିଲ୍ଲୀ, ୩୧।୮ (ପି.ଟି.)

ଆଗାମୀ ବେଲ୍‌ଜିୟମ ଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଜାତୀୟ ସିନିୟର ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ୍ ସେପ୍ଟେମ୍ବର ୨ରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପରିସରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୩ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଓଡ଼ିଶାର ୬ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର୍ସ ତଥା ବରିଷ୍ଠ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ, ମିଡ୍‌ଫିଲ୍ଡର ଆଶିଷ କୁମାର ଟପ୍ପୋ ଓ ଫର୍‌ୱାର୍ଡ ଶିଳାନନ୍ଦ ଲାକ୍ରା।

ତିନି ସପ୍ତାହବ୍ୟାପୀ ହେବାକୁ ଥିବା ଏହି କ୍ୟାମ୍ପ୍ ମୁଖ୍ୟ କୋଚ୍ ଗ୍ରାହମ୍ ରେଡ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ନିକଟରେ ଡିଫେଣ୍ଡର ହର୍‌ମନପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅଲିମ୍ପିକ ଟେଷ୍ଟ ଇଭେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। କ୍ୟାମ୍ପରେ ମଧ୍ୟ ଖେଳାଳିମାନେ ସେମାନଙ୍କ ଏହି ପ୍ରଦର୍ଶନ କିଭଳି ବଜାୟ ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ କୋଚ୍ ରେଡ୍ କହିଛନ୍ତି। ଏଫ୍‌ଆଇଏଚ୍ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ସେପ୍ଟେମ୍ବରରେ ହେବାକୁଥିବା ବେଲ୍‌ଜିୟମ ଗସ୍ତ ଦଳର ପ୍ରସ୍ତୁତି ପାଇଁ ଭଲ ହେବ ବୋଲି ସେ ଏହି ଅବସରରେ କହିଛନ୍ତି। ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ହେବ।

**ଭାରତୀୟ ସମ୍ଭାବ୍ୟ ଦଳ:** ପି.ଆର୍. ଶ୍ରୀଜେଶ, ସୁରଜ କେରକେରା, କ୍ରିଷ୍ଣା ବାହାଦୁର ପାଠକ (ସମସ୍ତେ ଗୋଲ୍‌କିପର), ହର୍‌ମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ୍ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ୍ ସିଂ ଖଡଙ୍ଗବାମ, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ୍ ସିଂ ଓ ଦୀପସାନ ତିର୍କୀ (ସମସ୍ତେ ଡିଫେଣ୍ଡର୍ସ), ମନ୍‌ପ୍ରୀତ୍ ସିଂ, ସୁମିତ୍, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ୍ (ସମସ୍ତେ ମିଡ୍‌ଫିଲ୍ଡର), ମନଦୀପ୍ ସିଂ, ଆକାଶଦୀପ୍ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ୍ ସିଂ, ସିମରନଜିତ୍ ସିଂ, ଏସ୍.ଭି. ସୁନୀଲ, ଗୁର୍‌ଜାନ୍ତ ସିଂ, ରମନଦୀପ ସିଂ, ଶମଶେର ସିଂ ଓ ଲଳିତ କୁମାର ଉପାଧ୍ୟାୟ (ସମସ୍ତେ ଫର୍‌ୱାର୍ଡ)।

■ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ

# ଭାରତ ଏ' ୨–୦ରେ ଅଗ୍ରଣୀ

ଥିରୁବନନ୍ତପୁରମ,୩୧।୮ (ପି.ଟି.)

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତ ଏ' ଗୋଟିଏ ଓଭର ବାକି ରଖି ୨ ଉଇକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏ'କୁ ପରାସ୍ତ କରିଛି। ଏଥିସହିତ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୨୧ ଓଭରରେ ୫ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରି ବିଜୟ ହାସଲ କରିଛି। ବର୍ଷା ଯୋଗୁ ମ୍ୟାଚ୍‌ର ଓଭର ସଂଖ୍ୟା କମାଇ ଦିଆଯାଇଥିଲା।

୧୬୩ ରନ ଟାର୍ଗେଟର ପିଛା କରି ଭାରତ ୫୭ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷାନ ୨୪ ବଲରୁ ୫ ଚୌକା ଓ ୪ ଛକା ସହ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନମୋଲପ୍ରୀତ ସିଂ ୧୯ ବଲରୁ ୨ ଚୌକା ଓ ୨ ଛକା ସହ ୩୦, ଶୁବମନ ଗିଲ ୨୪ ବଲରୁ ୧ ଛକା ସହ ୨୧, ଅଧିନାୟକ ମନୀଷ ପାଣ୍ଡେ ୧୩, ଅକ୍ଷର ପଟେଲ ୧୦ ରନ କରି ଆଉଟ ହୋଇଥିବା ବେଳେ କ୍ରୁନାଲ ପାଣ୍ଡ୍ୟା ୧୫ ବଲରୁ ୧ ଛକା ଓ ୧ ଚୌକା ସହ ୨୩ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଜୁନିୟର ଡାଲା ୨, ବର୍ଜର୍ନ ଫର୍ଚ୍ୟୁଇନ୍, ବେଉରାନ ହେଣ୍ଡ୍ରିକ୍ସ, ଅନରିଚ୍ ନୋର୍ଜେ, ଜର୍ଜ ଲିଣ୍ଡେ ଓ ମାର୍କୋ ଜାନେସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଜର୍ଜ ଲିଣ୍ଡେ ୨୫ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୫ ଛକା ସହ ସର୍ବାଧିକ ଅପରାଜିତ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଦେଢ଼ଶହ ପାର କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ହେନରିଚ୍ କ୍ଲାସେନ୍ ୩୧, ଖାୟା ଜୋଣ୍ଡୋ ୨୪, ଅଧିନାୟକ ଟେମ୍ବା ବଭୁମା ୩୩ ବଲରୁ ୬ ଚୌକା ସହ ୪୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଦୀପକ ଚହର, ଖଲିଲ ଅହମ୍ମଦ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଇଶାନ କିଷନ

## ଦୁର୍ଘଟଣାର ସମ୍ମୁଖୀନ ହେଲେ ହାମିଲଟନ

**ସ୍ପା–ଫ୍ରାନ୍‌କରଚାମ୍ପସ, ୩୧।୮ (ଏଏଫ୍‌ପି):** ବେଲଜିୟମ ଫର୍ମୁଲା ୱାନ ଗ୍ରାଁ ପ୍ରି ରେସ୍ ପାଇଁ ପ୍ରାକ୍ଟିସ ସେସନ ବେଳେ ମର୍ସିଡିଜର ଲୁଇସ ହାମିଲଟନଙ୍କ କାର ଦୁର୍ଘଟଣାର ଶିକାର ହୋଇଛି। ଏଥିରେ ସେ କିନ୍ତୁ ଆହତ ହୋଇନାହାନ୍ତି। ରେସ୍‌ର ୩ୟ ପ୍ରାକ୍ଟିସ ସେସନକୁ ବନ୍ଦ କରିବା ପାଇଁ ରେଡ୍ ଫ୍ଲାଗ୍ ଦେଖାଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଭାରତକୁ 'ସାଫ୍' ଟାଇଟଲ





ସାଫ୍ କପ୍ ବିଜୟୀ ଭାରତୀୟ ଦଳର ଖେଳାଳିମାନେ।

**୧୫ ବର୍ଷରୁ କମ୍ ଫୁଟ୍‌ବଲ**

କଲ୍ୟାଣୀ, ୩୧।୮ (ପି.ଟି.)

ନେପାଳକୁ ୭–୦ ଗୋଲରେ ପରାସ୍ତ କରି ଭାରତ ୧୫ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଶନିବାର କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକତରଫା ଫାଇନାଲରେ ଷ୍ଟ୍ରାଇକର ଶ୍ରୀଦାର୍ଥ ନଙ୍ଗ୍‌ମିକାପମ୍ (୫୧ତମ, ୭୬ତମ ଓ ୮୦ତମ) ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମହେସନ ସିଂ (୧୫ତମ), ଅମନଦୀପ (୪୨ତମ), ଶିବଜିତ୍ ସିଂ (୪୫ତମ) ଏବଂ ହିମାଂଶୁ ଜାଙ୍ଗ୍ରା (୬୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ରେକର୍ଡ ତୃତୀୟ ଥର ପାଇଁ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ଦଳ ୨୦୧୩ ଏବଂ ୨୦୧୭ରେ ଚାମ୍ପିୟନ ହୋଇଥିଲା। କୋଚ୍ ବିବିଆନୋ ଫର୍ନାଣ୍ଡିଜଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୫ଟି ମ୍ୟାଚ ଖେଳି ମୋଟ ୨୮ଟି ଗୋଲ ସ୍କୋର କରିଥିବାବେଳେ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲା। ଆମେ ଚାମ୍ପିୟନ ହେବା ଲକ୍ଷ୍ୟ ନେଇ ଏଠାକୁ ଆସିଥିଲୁ ଏବଂ ସଫଳ ହେଲୁ ମଧ୍ୟ। ଏଏଫ୍‌ସି କ୍ୱାଲିଫାୟର୍ସ ପାଇଁ ଏହି ଟୁର୍ନାମେଣ୍ଟ ଆମ ଲାଗି ଏକ ପ୍ରସ୍ତୁତି ଭଳି ଥିଲା। ଆମର ପରବର୍ତ୍ତୀ ନଜର ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ୨୦୨୦ କ୍ୱାଲିଫାୟର୍ସ ଉପରେ ରହିଛି। ଏହା ସେପ୍ଟେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ଏଥିରେ ଉଜ୍‌ବେକିସ୍ତାନ, ବାହାରିନ ଏବଂ ତୁର୍କମେନିସ୍ତାନ ସହ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି।

## ମନେ ପଡ଼ନ୍ତି

**ସ୍ମୃତିରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଅଯୋଧ୍ୟା ମେହେର (୩୭)
(ସ୍ୱାମୀ: ଅଶୋକ ମେହେର)
ଗ୍ରାମ: ଖୁଣ୍ଟୁଲିପାଲି, ପୋଷ୍ଟ: ଦେଶଭଟିଲି, ବ୍ଲକ: ଭେଡ଼େନ, ଜିଲ୍ଲା: ବରଗଡ଼
ଆବିର୍ଭାବ: ୦୫।୦୮।୧୯୮୨
ତିରୋଧାନ: ୨୯।୦୮।୨୦୧୯
ଅଫେରା ବାଟରେ ଯାଉଅଛ ତୁମେ ମୋହମାୟା ସବୁ ତେଜି, ତୁମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ ଆଜି। ଏବେ ଏଇ ତୁମ ଅବର୍ତ୍ତମାନରେ ଆଉକିଛି ଲୋଡ଼ା ନାହିଁ, ସବୁଦିନପରି କରୁଅଛୁ ଅଳି ଆଶୀର୍ବାଦ ଟିକେ ପାଇଁ।
ଶୋକସନ୍ତପ୍ତ:
ପୁତ୍ର: ଅନିଲ ମେହେର, ଝିଅ: ସୀମା ମେହେର, ପ୍ରୀତି, ମାନସ ଓ ପରିବାରବର୍ଗ।
ଧ-୧୪୧୬୨

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରମିଳା ଭୋଳ
(କେତକୀ ପାଟଣା, ପୁରୀ)
ତିରୋଧାନ: ବାଲି ତୃତୀୟା, ୨୦୧୫
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାଆନ୍ତୁ।
ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ ଓ ନାତି
ଧ-୬୫୬୮୪

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ୍ ଅଫିସର)
ଝାଡୁଆପଡା, ସମ୍ବଲପୁର
(୧୯୧୦ – ୧୯୯୭)
ବାଲିତୃତୀୟା
ଦ୍ୱାବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁସ୍ୱଜନ।
ଧ-୧୪୦୨୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦନଗର
ଆବିର୍ଭାବ: ଶ୍ରୀଗୁଣ୍ଡିଚା
ତିରୋଧାନ: ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା
ପ୍ରତି ସମୟରେ ତୋର ଅନୁପସ୍ଥିତିକୁ ଅନୁଭବ କରି ଝୁରି ହେଉଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ:
ବିଚିତ୍ରାନନ୍ଦ, ଆଶିଷ, ପ୍ରଦ୍ୟୁମ୍ନ, ନିଲେଶ୍, ତନୁଶ୍, ବିଜ୍ଞା, ପ୍ରଜ୍ଞା, ସରିତା, ଗୁଗୁଲ୍
ଧ-୧୪୦୦୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୌମେନ୍ଦ୍ର ସାହୁ
(ଦୋରବାଙ୍ଗ)
ଆବିର୍ଭାବ: ୨୦।୦୬।୧୯୮୧
ତିରୋଧାନ: ୨୨।୦୮।୨୦୦୯
(ବାଲିତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୧୪୧୨୫

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



✓ ହରପ୍ରିୟା ମହାନ୍ତି
ସ୍ୱାମୀ: ଶ୍ରୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା
ବ୍ୟାଙ୍କ୍ କଲୋନି, ଟଙ୍କାପାଣିରୋଡ଼, ଭୁବନେଶ୍ୱର
ତିରୋଧାନ : ୧୮.୦୯.୨୦୧୨
(ବାଲିତୃତୀୟା)
ମମି, ଚାହୁଁ ଚାହୁଁ ସାତ ବର୍ଷ ବିତିଗଲା, ତୁ ଆମକୁ ଛାଡ଼ି ଚାଲିଗଲୁ, କିନ୍ତୁ ପ୍ରତି ମୁହୂର୍ତ୍ତରେ ତୋ ଅନୁପସ୍ଥିତି, ସ୍ନେହ, ଶ୍ରଦ୍ଧା ଆମେ ଅନୁଭବ କରୁଛୁ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର
କପ୍ସ (ପୁଅ), ମାମି (ବୋହୂ)
ଗୁଡ଼ି (ଝିଅ), ଜଗନ୍ନାଥ (ଜ୍ୱାଇଁ)
ତୁତୁଲୁ (ନାତି), କୁନ୍‌ମୁନ୍ (ନାତୁଣୀ)
ଧ-୧୪୧୬୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସରୋଜ କୁମାର ସୁବୁଦ୍ଧି
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ, କନ୍ଦରପୁର ମହାବିଦ୍ୟାଳୟ, କଟକ ସଦର
ତିରୋଧାନ: ୨୨।୦୮।୨୦୧୯
ତୁମେ ଚାଲିଗଲା ପରେ ଏକ ବିରାଟ ଶୂନ୍ୟତା, ତୁମର ସେ ଭାବଗମ୍ଭୀର ସ୍ୱର, ସ୍ନେହ ମମତାର ମାନ ସରୋବର ଆଜି ଆମେ ଖୋଜୁଛୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ। ଆଉତ ଫେରିବନି, ଯେଉଁଠି ଥାଅ, ଶାନ୍ତିରେ ଥାଅ। ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏହାହିଁ କାମନା।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, କନ୍ଦରପୁର ମହାବିଦ୍ୟାଳୟ।
ଧ-୧୪୫୬୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଡ଼ଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୬୬୨୧୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ସେପ୍ଟେମ୍ବର ୧ /୨୦୧୯ Dhenkanal, Sunday, September 1 / 2019




■ପୌରପାଳିକାରେ ଖୋଲିଲା ୨୩ ୱାର୍ଡ ଅଫିସ

# ଏଣିକି ସମସ୍ୟା ବୁଝିବେ ୱାର୍ଡ ଅଫିସର



ହୁଲୁରିସିଂହା ୱାର୍ଡ ଅଫିସରେ ତାଲା ପଡ଼ିଛି।



ଜୟଦୁର୍ଗା କ୍ଲବରେ ଖୋଲିଥିବା ନୂତନ ୱାର୍ଡ ଅଫିସ।

**ଅନୁଗୋଳ ଅଫିସ, ୩୧।୮**

ଅନୁଗୋଳ ଲୋକଙ୍କ ସମସ୍ୟା ବୁଝିବ ପୌର ପ୍ରଶାସନ। ଏଥିପାଇଁ ଶନିବାର ପୌରପାଳିକା ଅଧୀନରେ ଥିବା ୨୩ଟି ୱାର୍ଡ଼ରେ ଖୋଲା ଯାଇଛି ୱାର୍ଡ଼ ଅଫିସ। ଏଣିକି ଲୋକେ ସମସ୍ୟା ଧରି ପୌର କାର୍ଯ୍ୟାଳୟ ଆସିବା ପରିବର୍ତ୍ତେ ନିଜ ନିଜ ୱାର୍ଡ ଅଫିସ୍‌କୁ ଯିବେ। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶରେ ଏହି ୱାର୍ଡ ଅଫିସ୍ ଖୋଲାଯିବା ଫଳରେ ସରକାରଙ୍କ ସୁଶାସନ ସବୁ ଲୋକଙ୍କ ନିକଟରେ ପହଞ୍ଚିପାରିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।

ପ୍ରତିଦିନ ସକାଳ ୧୦ଟାରୁ ଦୁଇ ଘଣ୍ଟା ପାଇଁ ସବୁ ୱାର୍ଡ଼ରେ ଏହି ୱାର୍ଡ଼ ଅଫିସ ଖୋଲିବ। ଜଳଯୋଗାଣଠାରୁ ଆରମ୍ଭ କରି ପରିମଳ, ବିଦ୍ୟୁତ ଆଦି ସମସ୍ତ ସମସ୍ୟାର ଏଠାରେ ଦୈନିକ ଶୁଣାଣି ହେବ। ଏଥିପାଇଁ ପୌରପାଳିକାର କର୍ମଚାରୀଙ୍କୁ ୱାର୍ଡ଼ ଅଫିସର ଦାୟିତ୍ୱ ପ୍ରଦାନ କରାଯାଇଛି। ୱାର୍ଡ ସମ୍ପର୍କରେ ସମସ୍ତ ଜ୍ଞାନ, ଅଭିଜ୍ଞତା ଓ ୱାର୍ଡକୁ ବୁଝିଲା ଭଳି ଦକ୍ଷତା ଥିବା କର୍ମଚାରୀଙ୍କୁ ବଛାଯାଇଛି। ତେଣୁ ୱାର୍ଡ଼ରେ କୌଣସି ସମସ୍ୟା ଲାଗି ରହିଥିଲେ ଏଥିପାଇଁ ୱାର୍ଡ ଅଫିସର ଦାୟୀ ରହିବେ। ଅନୁଗୋଳରେ ୱାର୍ଡ ଅଫିସ ଖୋଲିବା ପରେ ବିଭିନ୍ନ ସ୍ଥାନରେ କିଛି ଅଭିଯୋଗ ୱାର୍ଡ଼ ଅଫିସରଙ୍କ ପାଖକୁ ଆସିଛି। ଅନ୍ୟପକ୍ଷରେ ୱାର୍ଡ ଅଫିସ୍ ଖୋଲା ଯିବାପରେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଥମ ଦିନରୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ୱାର୍ଡ ଅଫିସ୍ ପାଇଁ ନିୟୋଜିତ ହୋଇଥିବା ୱାର୍ଡ଼ ଅଫିସରଙ୍କ ନିମନ୍ତେ କେତେକ ସ୍ଥାନରେ ଚୌକି ନ ଥିବାରୁ ଅସୁବିଧା ଉପୁଜିଥିଲା। ସେହିପରି ହୁଲୁରିସିଂହା ନେତାଜୀ କ୍ଲବରେ ଖୋଲିଥିବା ୱାର୍ଡ଼ ଅଫିସ ପ୍ରଥମ ଦିନରେ କାର୍ଯ୍ୟକାରୀ ହୋଇପାରି ନାହିଁ। କ୍ଲବରେ ଚାବି ପଡିଥିବାରୁ ୱାର୍ଡ ଅଫିସର ଗଛ ତଳେ ବସିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି ଯେ, ପ୍ରଥମ ଦିନ ହୋଇଥିବାରୁ କିଛି ସ୍ଥାନରେ ବିଭ୍ରାଟ ଦେଖାଦେଇଥିଲା। ଭୁଲ୍‌ବଶତଃ ହୁଲୁରିସିଂହାରେ କ୍ଲବ ଚାବି ଧରି ଜଣେ ଅନ୍ୟତ୍ର ଚାଲିଯାଇଥିଲେ। ଆଗକୁ ଏପରି ହେବ ନାହିଁ। ପ୍ରଥମ ଦିନରୁ ହିଁ ୱାର୍ଡ ଅଫିସରଙ୍କ ନିକଟକୁ ପ୍ରାୟ ୪୦ ସହରବାସୀ ସେମାନଙ୍କ ଅଞ୍ଚଳର ସମସ୍ୟା ନେଇ ଆସିଥିଲେ।

- ■ପ୍ରତିଦିନ ୨ ଘଣ୍ଟା ପାଇଁ ଖୋଲିବ
- ■ପ୍ରଥମ ଦିନରୁ ଅବ୍ୟବସ୍ଥା
- ■କାର୍ଯ୍ୟକାରୀ ହୋଇପାରିଲାନି ହୁଲୁରିସିଂହା ଅଫିସ୍

## କେଉଁ ୱାର୍ଡରେ କାହାକୁ ଦାୟିତ୍ୱ

ପୌରପାଳିକାର ୧ ନମ୍ବର ୱାର୍ଡ଼ ଅଫିସ ବାସନ୍ତୀ କଲୋନୀ କ୍ଲବ ହାଉସ୍‌ଠାରେ ଖୋଲିଛି। ଏଠାରେ ୱାର୍ଡ ଅଫିସର ଭାବେ ଚିତ୍ତରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ରାଜକିଶୋରପଡାର ଅଙ୍ଗନୱାଡି କେନ୍ଦ୍ରରେ ୨ ନମ୍ବର ୱାର୍ଡ ଅଧିକାରୀ ଭାବେ ସୁବାଶିଷ ମିଶ୍ର, ନାଖରାସାହି ଗୋଷ୍ଠୀକେନ୍ଦ୍ରରେ ୩ ନମ୍ବର ୱାର୍ଡ ପାଇଁ ପଦ୍ମନାଭ ପଣ୍ଡା, କଂଗ୍ରେସ ଭବନ ଲେନ୍ ଗୋଷ୍ଠୀ କେନ୍ଦ୍ରରେ ୪ ନମ୍ବର ୱାର୍ଡ ପାଇଁ କୁଳମଣି ନାୟକ, ମାରୱାଡ଼ି ଧର୍ମଶାଳାରେ ୫ ନମ୍ବର ୱାର୍ଡ଼ରେ ଦୁର୍ଗାପ୍ରସାଦ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ନେତାଜୀ କ୍ଲବ ହୁଲୁରିସିଂହାରେ ୬ ନମ୍ବର ୱାର୍ଡରେ ନିର୍ମଳ କୁମାର ବେହେରା, ନେହରୁ କ୍ଲବ ହୁଲୁରିସିଂହାରେ ୭ ନମ୍ବର ୱାର୍ଡ଼ ଅଫିସର ଭାବେ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ହୁଲୁରିସିଂହା ଗୋଷ୍ଠୀକେନ୍ଦ୍ରରେ ୮ ନମ୍ବର ୱାର୍ଡ଼ ପାଇଁ ପ୍ରଶାନ୍ତ କୁମାର ସାହୁ, ମାଉସୀ ମା ଗୋଷ୍ଠୀକେନ୍ଦ୍ର ହୁଲୁରିସିଂହାରେ ୯ ନମ୍ବର ୱାର୍ଡ ପାଇଁ ଅଟଳବିହାରୀ ଦେବତା, ଉତ୍କଳ କେଶରୀ ଗୋଷ୍ଠୀକେନ୍ଦ୍ର ହୁଲୁରିସିଂହାରେ ୧୦ ନମ୍ବର ୱାର୍ଡର ଜଗମୋହନ ମିଶ୍ର, ପୌରପାଳିକା କଲ୍ୟାଣମଣ୍ଡପ ଲକିଟାଇପ୍ ଛକରେ ୧୧ ନମ୍ବର ୱାର୍ଡ଼ ପାଇଁ ସଂଘମିତ୍ରା ବଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହାକିମ୍‌ପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ୧୨ ନମ୍ବର ୱାର୍ଡ଼ ଅଧିକାରୀ ଭାବେ ପ୍ରକାଶ ପାଳ, କେନାଲ ହୁଡ଼ା କାର୍ବନ୍ ଫ୍ୟାକ୍ଟ୍ରି ଗୋଷ୍ଠୀକେନ୍ଦ୍ରରେ ୧୩ ନମ୍ବର ୱାର୍ଡ଼ ଅଫିସର ଭାବେ ବିଭୂତି ଭୂଷଣ ମହାରଣା, ଇଲାଇଟ୍ କ୍ଲବ ସତ୍‌ସଙ୍ଗ ବିହାରରେ ୧୪ ନମ୍ବର ୱାର୍ଡର ସତ୍ୟପ୍ରକାଶ ତ୍ରିପାଠୀ, ରାଧାରମଣପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ୧୫ ନମ୍ବର ୱାର୍ଡ଼ର ବିନୋଦ ଗୋଛାୟତ, ନନ୍ଦିନୀ ପାଠାଗାର ଶିମିଳିପଡ଼ାରେ ୧୬ ନମ୍ବର ୱାର୍ଡ଼ର ପ୍ରଦୀପ କୁମାର ସାହୁ, ଦୁର୍ଗାମଣ୍ଡପ ଗୋଷ୍ଠୀକେନ୍ଦ୍ର ଶିମିଳିପଡ଼ାରେ ୧୭ ନମ୍ବର ୱାର୍ଡ଼ର ସାଗରିକା ପ୍ରିୟଦର୍ଶିନୀ, ଜୟଦୁର୍ଗା କ୍ଲବ ଅମଲାପଡ଼ାରେ ୧୮ ନମ୍ବର ୱାର୍ଡର ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୋଷ୍ଠୀକେନ୍ଦ୍ର ମୋଚିସାହିରେ ୧୯ ନମ୍ବର ୱାର୍ଡ ଦାୟିତ୍ୱ ଗୌରୀଶଙ୍କର ପ୍ରଧାନଙ୍କୁ ମିଳିଛି। ସେହିପରି ମଙ୍ଗଳ ଗୋଷ୍ଠୀକେନ୍ଦ୍ରରେ ୨୦ ନମ୍ବର ୱାର୍ଡ଼ର ଶିବପ୍ରସାଦ ଦାଶ, ଅମଲାପଡ଼ା ଗୋଷ୍ଠୀକେନ୍ଦ୍ରରେ ୨୧ ନମ୍ବର ୱାର୍ଡର ଯୁଧିଷ୍ଠିର ବେହେରା, ନୃତ୍ୟ ସଙ୍ଗୀତ ଭାରତୀ ଶ୍ରେଣୀ କକ୍ଷରେ ୨୨ ନମ୍ବର ୱାର୍ଡ ପାଇଁ ରାଧାନାଥ ନାଏକ ଓ ମହିଳା ମହାବିଦ୍ୟାଳୟ ନିକଟ ଗୋଷ୍ଠୀକେନ୍ଦ୍ରରେ ୨୩ ନମ୍ବର ୱାର୍ଡ ପାଇଁ ଶ୍ରୀଧର କୁମାର ଭୁକ୍ତା ଦାୟିତ୍ୱ ଗ୍ରହଣ କରିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ